# ଧରିତ୍ରୀ
DHARITRI

ପୃଷ୍ଠା–୧୬+୪

ଭୁବନେଶ୍ୱର, ରବିବାର, ମେ ୫/୨୦୨୪ (୧୬+୪=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 5/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 160 ମୂଲ୍ୟ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: You Tube

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ମେ ୫/୨୦୨୪ Bhubaneswar, Sunday, May 5/2024





# ଏପଟେ ଧମକ, ସେପଟେ ଆକ୍ରମଣ

**ପାଲାମ୍/ଭୁବନେଶ୍ୱର/ପୁଞ୍ଛ,୪।୫**

ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ଶନିବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ବଡ଼ଧରଣର ଆକ୍ରମଣ କରିଛନ୍ତି। ଏଥିରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ୫ ଯବାନ ଆହତ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ଅତର୍କିତ ଆକ୍ରମଣରେ କେତେଜଣ ନିହତ ହୋଇଛନ୍ତି, ସେନେଇ ସୁରକ୍ଷା ବଳ ସବୁ ଥର ଭଳି ଏଥର ମଧ୍ୟ କୌଣସି ସୂଚନା ଦେଇନାହିଁ। ଏହି ଆକ୍ରମଣର କିଛି ସମୟ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡ଼ଖଣ୍ଡର ପାଲାମ୍‌ରେ କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ସମାଲୋଚନା କରିଥିଲେ। ପୂର୍ବ ସରକାର ଅମଳରେ ପାକିସ୍ତାନ ଭାରତକୁ ଅଧିକ ଆତଙ୍କବାଦୀ ପଠାଉଥିଲା। ଆତଙ୍କବାଦୀମାନେ ଭାରତରେ ସରକାରୀ କର୍ମଚାରୀମାନଙ୍କୁ ହତ୍ୟା କରୁଥିବାବେଳେ ସରକାର



ଜମ୍ମୁ-କଶ୍ମୀର ପୁଞ୍ଛ ଜିଲାର ଶଶୀଧରରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ କ୍ଷତିଗ୍ରସ୍ତ ବାୟୁସେନା ଭ୍ୟାନ୍। ଏହି ଆକ୍ରମଣରେ ୫ ଯବାନ ଆହତ ହୋଇଥିବା ସୂଚନା ମିଳିଛି।

ପାକିସ୍ତାନକୁ ପ୍ରେମପତ୍ର ପଠାଉଥିଲେ। କିନ୍ତୁ ଆଜିର 'ନ୍ୟୁ ଇଣ୍ଡିଆ' ପାକିସ୍ତାନରେ ଘରେ ପଶି ମାରୁଛି। ସେହିପରି ୨ ଦିନିଆ ପ୍ରଚାରରେ ଭୁବନେଶ୍ୱର ଗସ୍ତରେ ଆସିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଖବରଦାତାମାନଙ୍କୁ କହିଛନ୍ତି, ମୋଦି କ୍ଷମତାକୁ ଆସିବା ପର୍ଯ୍ୟନ୍ତ ଆମେ ସବୁକିଛି ସହି ଅପେକ୍ଷା କରିଥିଲୁ। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନର ସୀମାପାର ଆତଙ୍କବାଦକୁ ଉପଯୁକ୍ତ ଜବାବ ଦିଆଯାଉଛି ଏବଂ ଆଗକୁ ମଧ୍ୟ ଦିଆଯିବ। ଏହି ଅବସରରେ ଜୟଶଙ୍କର ଉରି ଓ ବାଲାକୋଟ ଆକ୍ରମଣରେ ଆତଙ୍କବାଦୀଙ୍କୁ କିପରି କଡ଼ା ଜବାବ ଦିଆଯାଇଥିଲା ତା'ର ଅବତାରଣା କରିଛନ୍ତି।

ତେବେ ମୋଦି ଓ ଜୟଶଙ୍କରଙ୍କ ଧମକ ପରେ ଆତଙ୍କବାଦୀମାନେ ଭାରତରେ ଅନୁପ୍ରବେଶ କରି ଏହି ଆକ୍ରମଣ କରିଥିବା ଆଶଙ୍କା କରାଯାଉଛି। ନିର୍ବାଚନ ପ୍ରଚାରବେଳେ ପ୍ରଧାନମନ୍ତ୍ରୀ, ତାଙ୍କ କ୍ୟାବିନେଟ ସହଯୋଗୀ ଓ ଭାଜପା ନେତାମାନେ ବେକାରି ଏବଂ ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗକୁ ଛାଡ଼ି ମଇଦାନକୁ ପାକିସ୍ତାନକୁ ଟାଣିବା ଦେଶକୁ ବିପଦ ଡାକିଆଣିବା ସଦୃଶ ବୋଲି ମନେକରାଯାଉଛି। କାରଣ କଶ୍ମୀର ଉପତ୍ୟକାରେ ଜାନୁଆରୀ ପରେ ଏହା ହେଉଛି ଆତଙ୍କବାଦୀଙ୍କ ଦ୍ୱିତୀୟ ବଡ଼ ଆକ୍ରମଣ।

ଅନନ୍ତନାଗ-ରାଜୌରି ସଂସଦୀୟ ଆସନରେ ଷଷ୍ଠ ପର୍ଯ୍ୟାୟରେ ମେ' ୨୫ରେ ନିର୍ବାଚନ ହେବ। ୨୦୦୩ରେ ଏହି ଅଞ୍ଚଳ ଏକପ୍ରକାର ଆତଙ୍କବାଦମୁକ୍ତ ଓ ଶାନ୍ତିପୂର୍ଣ୍ଣ କ୍ଷେତ୍ର ରୂପେ ପରିଗଣିତ ହେଉଥିଲା। ଶନିବାର ସନ୍ଧ୍ୟା ୬ଟାରେ ଭାରତୀୟ ବାୟୁସେନାର ୨ଟି ଗାଡ଼ିରେ ଯବାନମାନେ ପୁଞ୍ଛର ଶଶୀଧର ଦେଇ ଯାଉଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଏକେ-୪୭ରେ ଅତର୍କିତ ଆକ୍ରମଣ କରି ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ସେମାନଙ୍କ ଆଖିବୁଜା ଗୁଳିମାଡ଼ରେ ଦୁଇଟିଯାକ ସୁରକ୍ଷା ଭ୍ୟାନ୍ କ୍ଷତିଗ୍ରସ୍ତ ହୋଇଛି। ଗାଡ଼ି ଭିତରକୁ ଗୁଳି ପଶି ଯବାନଙ୍କ ଦେହରେ ବାଜିଛି। ଏନେଇ ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି, ୫ ଆହତ ଯବାନଙ୍କୁ ଏକ ସାମରିକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚାଲିଥିବା ଆଇଏଏଫ୍ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ୨୦୨୩ ମେ' ୫ରେ ସେନା ଯବାନମାନେ ଆତଙ୍କବାଦ ନିରୋଧୀ ଅଭିଯାନରେ ଯାଉଥିବାବେଳେ ପାକିସ୍ତାନୀ ☞ପୃଷ୍ଠା-୧୧

## ୨୦ ପରେ ସିବିଏସ୍‌ଇ ପରୀକ୍ଷାଫଳ

**ଭୁବନେଶ୍ୱର, ୪।୫ (ଅସମାପିକା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ଆସନ୍ତା ୨୦ ତାରିଖ ପରେ ପ୍ରକାଶ ପାଇବ। ଏ ନେଇ ବୋର୍ଡ ପକ୍ଷରୁ ଶନିବାର ନିଜ ଅଫିସିଆଲ ୱେବ୍‌ସାଇଟ୍ cbseresults.nic.in ଏବଂ results.cbse.gov.inରେ ସୂଚନା ଦିଆଯାଇଛି। ଦଶମ ପରୀକ୍ଷା ଫେବୃଆରୀ ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଚାଲିଥିଲା। ସେହିପରି ଦ୍ୱାଦଶ ପରୀକ୍ଷା ଫେବୃଆରୀ ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୨ରେ ଶେଷ ହୋଇଥିଲା। ଚଳିତବର୍ଷ ଭାରତ ସମେତ ୨୬ଟି ଦେଶରେ ୩୯ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦଶମ ଓ ଦ୍ୱାଦଶ ପରୀକ୍ଷା ଦେଇଛନ୍ତି।

**ଆଜିର ସମ୍ପାଦକୀୟ** **ଆଇନରୁ ଆଭାସ**

**ଆଜିର ମନ୍ତବ୍ୟ**

"କେନ୍ଦ୍ରର ଭାଜପା ସରକାର ବଡ଼ ଶିଳ୍ପପତିମାନଙ୍କ ପାଇଁ ୧୬ ହଜାର କୋଟି ଟଙ୍କାର ଋଣଛାଡ଼ କରି ଚାଷୀଙ୍କୁ ଠକିଛି। ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଆମେ ପ୍ରଥମେ କୃଷକଙ୍କ ଋଣଛାଡ଼ କରିବୁ। - **ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ପୁଷ୍ପମାଲ୍ୟାର୍ପଣ, ସ୍ଥାନ: ଇଏସ୍‌ଆଇ ହସ୍ପିଟାଲ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ୧୬୦ତମ ଜୟନ୍ତୀ, ସ୍ଥାନ: ଓଡ଼ିଶା ବିଧାନସଭା ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ 'ଇଲେକ୍ଟୋରାଲ ବଣ୍ଡ୍ ଆଣ୍ଡ ଆୱାର ରାଇଟ୍ ଟୁ ଇନଫରମେଶନ' ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ଏନଭାଇରନମେଣ୍ଟାଲ ସୋସାଇଟି(ଓଇଏସ୍) ପକ୍ଷରୁ କର୍ମଶାଳା, ସ୍ଥାନ: ଓଇଏସ୍ ପରିସର, ଏନ୍‌ଡି ୪, ଭିଆଇପି ଏରିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନକଲି ଅନୁସୂଚିତ ପ୍ରାର୍ଥୀଙ୍କୁ ଭୋଟ ବର୍ଜନ କରିବା ସମ୍ପର୍କରେ ସାଧାରଣ ବୈଠକ, ସ୍ଥାନ: ହୋଟେଲ କେଶରୀ, ଷ୍ଟେଶନ ବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକୋତ୍ସବ, ସ୍ଥାନ: ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ସମୟ: ସନ୍ଧ୍ୟା ୬ଟା।
- ଭଗବତ ମେଳଣ ଉପଲକ୍ଷେ ଫି ସେଲ୍‌ରେ ଅପେରା ପାର୍ଟି ଦ୍ୱାରା ନାଟକ ପରିବେଷଣ, ସ୍ଥାନ: ପାହାଳ ହାଟ ଛକ ନିକଟ ପଡ଼ିଆ, ରାତି: ୧୧ଟା ୩୦।
- ରାମଲୀଳାର ମଞ୍ଚସ୍ଥ ନାଟକ 'ଲକ୍ଷ୍ମଣ ଶକ୍ତିଭେଦ', ସ୍ଥାନ: ରାମଲୀଳା ପଡ଼ିଆ ବେଣ୍ଣୁପୁର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦। ନାଟକ 'ରାବଣ ବଧ', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ପରିସର, ଗୋତଲିନ୍ଧା, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।

## କଟକ

- ଭାଜପା କଟକ ନଗର ପକ୍ଷରୁ ବୃତ୍ତିଜୀବି ସମ୍ମିଳନୀ, ସ୍ଥାନ: କଟକ ଲିଙ୍କ୍‌ରୋଡସ୍ଥିତ ନିଶାମଣୀ କନ୍‌ଭେନ୍‌ସନ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୫୦।
- ଦି ୟୁନିଭର୍ସ ପକ୍ଷରୁ ଜଳବାୟୁ ପରିବର୍ତ୍ତନଜନିତ ସ୍ୱାସ୍ଥ୍ୟ ସମସ୍ୟା, ସ୍ଥାନ: ଦି ୟୁନିଭର୍ସ ସମ୍ମିଳନୀ କକ୍ଷ, ମୈତ୍ରୀ ସରଣୀ, କଟକ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ନବକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ ଅବସରରେ ତୀର୍ଥାବାହାନ, ମଣ୍ଡଳ କରଣ, ସୂର୍ଯ୍ୟ ପୂଜା, ସ୍ଥାନ: ଦକ୍ଷିଣକାଳୀ ପୀଠ, ବୀରଗୋବିନ୍ଦପୁର ଶାସନ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଲିଗ୍ ଅଫ୍ ରାଡିକାଲ ରିଫର୍ମ ପକ୍ଷରୁ ବୈଠକ, ସ୍ଥାନ: କୁଳମଣି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନୀଳାଚଳ ତତ୍ତ୍ୱ ସନ୍ଧାନ ପକ୍ଷରୁ ମାସିକ ଆଲୋଚନାଚକ୍ର, ସ୍ଥାନ: ଜଗନ୍ନାଥ ବଲ୍ଲଭ ମଠ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରଥଯାତ୍ରା ସେବା ଶିବିରର ପ୍ରସ୍ତୁତି ବୈଠକ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଭାରତ ବିକାଶ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ହଲିଡେ ରେଶର୍ଟ, ସମୟ: ଅପରାହ୍ନ ୫ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବୈଠକ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ସଙ୍କୀର୍ତ୍ତନ ମେଳା, ସ୍ଥାନ: ଭାଗବତ ଗୋସ୍ୱାମୀଙ୍କ ମନ୍ଦିର ପ୍ରାଙ୍ଗଣ, ଝିମ୍ପିପାଟଣା, ବୋଲଗଡ଼, ସମୟ: ପ୍ରାତଃ ୫ଟା।
- ଖୋର୍ଦ୍ଧା ଜିଲା ସ୍କାଉଟ୍‌ସ ଓ ଗାଇଡ୍‌ସ ପକ୍ଷରୁ ଜଳଛତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଡିଇଓ ଅଫିସ ପାର୍ଶ୍ୱ, ନୟାଗଡ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶିରିଡି ସାଇବାବାଙ୍କ ୧୭ତମ ବାର୍ଷିକ ମହୋତ୍ସବ ପୂର୍ଣ୍ଣାହୁତି, ସ୍ଥାନ : ଟ୍ରାଫିକ କଲୋନୀସ୍ଥିତ ମନ୍ଦିର ପ୍ରାଙ୍ଗଣ, ଜଟଣୀ, ସମୟ : ମଧ୍ୟାହ୍ନ ୧୨ଟା।
- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନୃସିଂହ ଦେବଙ୍କ ପୀଠ, ପଣ୍ଡାଲମ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମା' ଭଗବତୀଙ୍କ ବାର୍ଷିକ ପୂଜା, ସ୍ଥାନ: ଚୌଧୁରୀକୁଦ ଗ୍ରାମ ପୂଜାମଣ୍ଡପ, ବାଲିଆପାଳ, ସମୟ: ସକାଳ ୭ଟା।
- ଭାଜପାର ଡୋର ଟୁ ଡୋର କ୍ୟାମ୍ପେନିଂ, ସ୍ଥାନ:୨୭ନମ୍ବର ୱାର୍ଡର ମଣିଖମ୍ବ, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ସମୂହ ବ୍ରତୋପନୟନ, ସ୍ଥାନ: ସାଇମନ୍ଦିର, ବଡ଼ବଜାର, ଜଳେଶ୍ୱର, ସମୟ: ସକାଳ ୮ଟା।
- ନାୟକ ରାମଚନ୍ଦ୍ର ଏକାଡେମୀ ଶିକ୍ଷକ ସମୂହ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନିମପଦା, କୁଣ୍ଡୁଳି, ବାଲିଆପାଳ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ଆଦର୍ଶ ପରିବାରର ବାର୍ଷିକ ବନ୍ଧୁମିଳନ ଉତ୍ସବ–୨୦୨୪, ସ୍ଥାନ: ହୋଟେଲ ଜାଇନା ଇଣ୍ଟରନ୍ୟାଶନାଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ବିଶାଳ ରାଲି ଓ ସାଧାରଣ ସଭା, ସ୍ଥାନ: ବସ୍ତା ନିର୍ବାଚନମଣ୍ଡଳୀ ଲଙ୍ଗଳେଶ୍ୱର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୃଦଙ୍ଗ ବାଦ୍ୟ ଓ ନୃତ୍ୟ ପରିବେଷଣ, ସ୍ଥାନ: ଉତ୍କଳା ମୁକ୍ତମଞ୍ଚ, ନୋସି କଲଚ୍ୟୁରାଲ ଏକାଡେମୀ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ହାସ୍ୟ ଦିବସ, ସ୍ଥାନ: ଷ୍ଟେଶନ କ୍ଲବ ସଭାଗୃହ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଭାଜପାର କର୍ମୀ ସମାବେଶ, ସ୍ଥାନ: ବେତଡ଼ା, ବାସୁଦେବପୁର, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ରୋଡ୍ ସୋ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ନେରଡ଼ା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୩୦।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ତାଳପଦା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଭାଜପା ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ଚାନ୍ଦିମାଳ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ପାଟୁଳୀ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ସନ୍ଧ୍ୟା ୭ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ରାତି ୮ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ମୌସୁଧା, ଚାନ୍ଦବାଲି, ସମୟ: ରାତି ୮ଟା।
- ଭାଜପାର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଚଡ଼ଦିଆ, ଚାନ୍ଦବାଲି, ସମୟ: ରାତି ୯ଟା।

## କେନ୍ଦୁଝର

- ବିପ୍ଳବୀ ଧରଣୀ ଜୟନ୍ତୀ, ସ୍ଥାନ: ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସର, ସମୟ : ସକାଳ ୮ ଟା।

## ମୟୂରଭଞ୍ଜ

- ଆଜସୁ ପାର୍ଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଚିତ୍ରଡ଼ା କଲ୍ୟାଣ ମଣ୍ଡପ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ସମାବେଶ, ସ୍ଥାନ: ପାଟପୁର ଖେଳପଡ଼ିଆ, ଉଦଳା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ବ୍ରହ୍ମପୁର ହସ କ୍ଲବ ପକ୍ଷରୁ ବିଶ୍ୱ ହସ ଦିବସ,ସ୍ଥାନ: ଆରବିଭି ଆଣ୍ଡ ଏନ ମୁଖ୍ୟଯନ୍ତ୍ରୀଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଇନଜୀବୀ ସମ୍ମିଳନୀ,ସ୍ଥାନ: ଏସ–୩ ଗଳି, ଆମ୍ବପୁଆ କାଳୀ ମନ୍ଦିର ପାଖ, ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅର୍ଜୁନ ହସ କ୍ଲବ ପକ୍ଷରୁ ବିଶ୍ୱ ହସ ଦିବସ,ସ୍ଥାନ: ଜେବି ପ୍ରାଙ୍ଗଣ, ବାବାଜିତୋଟା ସାହି, ବ୍ରହ୍ମପୁର,ସମୟ: ପୂର୍ବାହ୍ନ ୧୧ଟା।
- ସ୍ରୋତସ୍ୱିନୀ ସାହିତ୍ୟ ସଂସଦର ସାହିତ୍ୟ ଆସର, ସ୍ଥାନ: ଶଙ୍କର ଭବନ, ରାମଲିଙ୍ଗମ ପାର୍କ ନିକଟ, ସମୟ: ଆପରାହ୍ନ ୪ଟା ୩୦ ମି।

## ଗଞ୍ଜାମ

- ମା' ଖମ୍ଭେଶ୍ୱରୀ ଠାକୁରାଣୀଙ୍କ ବୈଶାଖୀ ଯାତ୍ରା, ସ୍ଥାନ: ଖମ୍ଭେଶ୍ୱରୀ ପାଟଣା ଆସିକା, ସମୟ: ସକାଳ ୬ଟା।
- ହସେ ଦୁର୍ଯ୍ୟୋଧନ କାନ୍ଦେ ଦ୍ରୋପଦୀ, ନାଟକ ଉଦ୍‌ଘାଟନ, ସ୍ଥାନ:ବୁଗୁଡା, ଆଦିପୁର,ସମୟ:ସନ୍ଧ୍ୟା ୭ଟା।

## କନ୍ଧମାଳ

- ଠାକୁରାଣୀ ଯାତ୍ରାରେ ଘଟ ପରିକ୍ରମାର ଶେଷ ଦିନ,ସ୍ଥାନ: ଲୋହରା ସାହି ଗ୍ରାମ,ସମୟ ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ସମର ଫେଷ୍ଟ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ୬ଟା।
- ଇସ୍କନ ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।

ବିଜେଡି ଲିଗାଲ ଫ୍ରଣ୍ଟ ବୈଠକ, ସ୍ଥାନ: କମଲେସ କଣ୍ଟିନେଣ୍ଟାଲ, ସମୟ:ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବିଜେଡି ତରଫରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ, ସ୍ଥାନ: ମା' ନାୟକାନି ପୀଠ, ଦଣ୍ଡିଲୋ ଗ୍ରାମ, ଶଡ଼େଇଶାସନ ପଞ୍ଚାୟତ, ବିରିଡି ବ୍ଲକ, ସମୟ: ଅପରାହ୍ନ ୩ଟା।
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଗ୍ରୀଷ୍ମ କବିତା ଆସର, ସ୍ଥାନ: ସାକ୍ଷରତା ସମିତି ସଭାଗୃହ,ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଭାଜପାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ, ସ୍ଥାନ: ଏରଡ଼ା ଗ୍ରାମ, ଗଳଧାରୀ ପଞ୍ଚାୟତ, ନାଉଗାଁ ବ୍ଲକ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ପାଳିମୀ, ଆଳି, ସମୟ:ଅପରାହ୍ନ ୪ଟା।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ:ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜୟ ରାଷ୍ଟ୍ର ପକ୍ଷରୁ ମତଦାତା ସଚେତନତା ସଭା, ସ୍ଥାନ:ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡା ସହର, ସମୟ:ଅପରାହ୍ନ ୫ଟା।

## ଯାଜପୁର

- ବିଜେଡିର ବାଇକ ଶୋଭାଯାତ୍ରା,ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ୧୧ ନମ୍ବର ଜୋନର କବାଟବନ୍ଧ, ସମୟ: ସକାଳ ୭ଟା।
- ଯାଜପୁର ଜିଲା ହସ୍ତଶିଳ୍ପ ଓ ବୁଣାକାରଙ୍କ ସମାବେଶ,ସ୍ଥାନ: ରସୁଲପୁର ବ୍ଲକ୍‌ର ଗୋପାଳପୁର, ସମୟ: ସକାଳ ୮ଟା।
- ଧର୍ମଶାଳା କଂଗ୍ରେସ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ ବୈଠକ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କୁମାରୀସ୍ଥିତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ବିଜେଡି ନେତା ଶ୍ରୀକାନ୍ତ ସାହୁଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକର ମଙ୍ଗଳପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଜାରକାସ୍ଥିତ କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ପାଚିକା ସଂଘ ତରଫରୁ ସମାବେଶ, ସ୍ଥାନ: ରସୁଲପୁର ବ୍ଲକ୍‌ର ବାରବାଟୀ ବଜାର, ସମୟ: ଅପରାହ୍ନ ୫ଟା।
- ଧର୍ମଶାଳା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକ୍ ଶାନ୍ତିବଜାରସ୍ଥିତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଖଣ୍ଡପଡ଼ା ରାମଲୀଳାର ତ୍ରୟୋଦଶ ଦିବସ, ସ୍ଥାନ:ଖଣ୍ଡପଡ଼ା ଗଡଭିତର ସାହି, ସମୟ: ରାତି ୯ଟା।
- କଣ୍ଟିଲୋ ରାମଳୀଳା ୩ୟ ଦିବସ, ସ୍ଥାନ:କଣ୍ଟେଶ୍ୱର ପାଟଣା ରଘୁନାଥ ଜୀଉ ପୀଠ , ସମୟ: ରାତି ୧୦ଟା।
- ମା'ଶୁଳିଆ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଣିଆ ପଞ୍ଚାୟତ ଗୋପୀନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଇଭିଏମ୍‌କୁ ପ୍ରାଧିକୃତ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଏକଲାବ୍ୟ ବିଦ୍ୟାଳୟ, ଜିସିଡି ହାଇସ୍କୁଲ ସମୟ: ସକାଳ ୭ଟା।
- ବିଜେଡିର ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: କୋଲନରା ମାର୍କେଟ ଛକ, ସମୟ: ସକାଳ ୮ ଟା।
- ଭାଜପା କର୍ମୀ ସମିଳନୀ ଏବଂ ସାଧାରଣ ସଭା, ସ୍ଥାନ: ରାୟଗଡ଼ା ବ୍ଲକ ପିପିଲିଗୁଡ଼ା ମଣ୍ଡଳ ବଡ ଆଲୁବାଡ଼ିରେ, ସମୟ: ସକାଳ ୧୦ ଟା।
- ଭାଜପା ଲୋକ ସଭା ପ୍ରାର୍ଥୀ, ରାୟଗଡ଼ା ବିଧାନସଭା ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକ ପିପଲଗୁଡ଼ା ପଞ୍ଚାୟତ କାର୍ଯ୍ୟକ୍ରମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତ୍ରିପୁରା ରାଜ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବଙ୍କ ସାଧାରଣ ସଭା, ସ୍ଥାନ: କାଶୀପୁର ବ୍ଲକ ଡ଼ଙ୍ଗାସିଲ, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର

- ହୋମ ଭୋଟିଂ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକର ବିଭିନ୍ନ ଗ୍ରାମ, ସମୟ: ସକାଳ ୭ଟାରୁ।

## କୋରାପୁଟ

- ନିର୍ବାଚନ ପରିଚାଳନା ନେଇ ଅଧିକାରୀ, କର୍ମଚାରୀଙ୍କୁ ତାଲିମ, ସ୍ଥାନ: କୋରାପୁଟ କନିଷ୍ଠ ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୭ଟା।
- କୋରାପୁଟରେ ମତଦାନ ସଚେତନତା ସୃଷ୍ଟି ନେଇ ମିନି ମାରାଥନ। ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।

## ସମ୍ବଲପୁର

- ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ହଷ୍ଟେଲ ସମସ୍ୟାକୁ ନେଇ ସଚେତନତା ରଥ, ସ୍ଥନ : ଜିଲା ସ୍କୁଲ ଛକ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ : ମାଳିପଡା କଟରଧୁଆ, ସମୟ : ସକାଳ ୮ଟା।
- ଭାରତୀ ସମାଜ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ : ଗୁରୁପଦ୍ମ ସମ୍ଭବ ମନ୍ଦିର, ସମୟ : ସକାଳ ୯ଟା।
- ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା।
- ସମ୍ବଲପୁର ନାଗରିକ ପରିଷଦ କକ୍ଷରୁ ମିଶନ ଫର ନେସନ କାର୍ଯ୍ୟକ୍ରମ, ସ୍ଥାନ : ରିଭର ଇନ ସଭାକକ୍ଷ, ସମୟ : ସନ୍ଧ୍ୟା ୫ଟା୩୦।
- ଶଙ୍କର ଜ୍ୟୋତି ମାତୃସଂଘ ଓ ଭତରା ଗ୍ରାମବାସୀ ଆୟୋଜିତ ଶ୍ରୀମଦ ଭାଗବତ ମହାପୁରାଣ ତାତ୍ତ୍ୱିକ ପ୍ରବଚନ, ସ୍ଥାନ : ଭତରା ଶଙ୍କର ମଠ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ୨୯ତମ ବାର୍ଷିକ ଉତ୍ସବ, ସ୍ଥାନ: ରେନ୍‌ବୋ ମ୍ୟାରେଜ୍ ପ୍ୟାଲେସ୍, ସୁଦପଡା ଓଭରବ୍ରିଜ୍ ପାଖ,ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।
- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ,ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- ବୀରମହାରାଜପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ଉଲୁଣ୍ଡା ବ୍ଲକ କଇରାଖୁଲି ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ବିନିକା ବ୍ଲକ ସିଆଲି ଯାତ୍ରା ପଡିଆ, ସମୟ: ପୂର୍ବାହ୍ନ ୧୧ଟା୩୦।
- ତରଭା ବ୍ଲକ ସରଗଜ ପଞ୍ଚାୟତର ତେନ୍ତୁଲିଆମୁଣ୍ଡାରେ ବୈଠକ କୀର୍ତ୍ତନ୍ୟ, ସ୍ଥାନ: ଭାଗବତ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଅଂଶୁଘାତ ସଚେତନତା ଶିବିର,ସ୍ଥାନ: ଖଡିଆପଡ଼ା ବସ୍ତି, ସମୟ: ସକାଳ ସାଢ଼େ ୫ଟା।
- ରଘୁନାଥପାଲି ବିଧାୟିକା ପ୍ରାର୍ଥୀନୀଙ୍କ ପ୍ରଚାର, ସ୍ଥାନ: ସେକ୍ଟର ୧୮ ମାର୍କେଟ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ବରଗଡ଼

- ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ କଳସଯାତ୍ରା, ସ୍ଥାନ: ପିପିଲିପାଲି, ସୋହେଲା, ସମୟ: ସକାଳ ୮ଟା।
- ଅବଧୂତ ବାବା ମନ୍ଦିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ, ସ୍ଥାନ: ରେଙ୍ଗାଲିପାଲି, ଅତାବିରା, ସମୟ: ସକାଳ ୮ଟା।
- ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ, ସ୍ଥାନ: ନଦୀପଡ଼ା, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।
- ସିବିଏସ୍‌ସି ଏବଂ ସିଏଚ୍‌ଏସ୍‌ସି ସମର କୋର୍ସ ଛାତ୍ରୀଛାତ୍ରଙ୍କ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିରାଟ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ଗୋଡ଼ଭଗା, ଅତାବିରା, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତର ବେଲଗାଁ, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ବାଲିପାର୍ଟିଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: କୋମନା ବରପଦରପଡ଼ା, ସମୟ: ସକାଳ ୮ଟା ୩୦।

## ବୌଦ୍ଧ

- ନାରାୟଣପ୍ରସାଦ ପଞ୍ଚାୟତର ସିଲେଟପଡା ଶ୍ରୀ ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ୨୪ ପ୍ରହର ନାମଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ସିଲେଟପଟା ପୂଜା ମଣ୍ଡପ, କଣ୍ଟାମାଳ, ସମୟ: ଅହୋରାତ୍ର।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାରେ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ, ସ୍ଥାନ: ଶ୍ରୀରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୭ ଟା।

## ଦେବଗଡ଼

- ନିଖିଳ ଉତ୍କଳ ବାଇଶିପାଲି ପ୍ରଗଣା ୫୫୦ କୁଣ୍ଢାଁ ସମାଜର ପ୍ରଗଣାସ୍ତରୀୟ ୧୪ତମ ବାର୍ଷିକ ବୈଠକ, ସ୍ଥାନ: ବାରକୋଟ ବ୍ଲକ ଗୌଡନାଲି ଗ୍ରାମ, ସମୟ: ସକାଳ ୮ଟା।
- ବିଜେଡି ପ୍ରାର୍ଥୀପତ୍ର ଦାଖଲ ପାଇଁ କର୍ମୀଙ୍କ ବୈଠକ, ସ୍ଥାନ: ବିଜେଡି କାର୍ଯ୍ୟାଳୟ , କଲେଜ ରୋଡ, ପୁରୁଣାଗଡ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ଭ୍ରାତୃବର୍ଗ କିମ୍ବା ଆତ୍ମୀୟଙ୍କ ସହ ବିରୋଧଭାବ ଉଦ୍ରେକ କରିବାର ସୂଚନା ଜାଣିପାରିବେ। କୃତ୍ତିକା ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ହେତୁ ମାନସିକ ଅସ୍ଥିରତା ଦୂର ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବ।

**ବୃଷ** ଆନୁଷ୍ଠାନିକ କାମରେ ବିଳମ୍ବଜନିତ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ର ସ୍ତ୍ରୀଙ୍କ ସହଯୋଗ, ବାଣିଜ୍ୟ, ଯାତ୍ରା ଅନୁକୂଳ ରହିବ। ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ କିଛିଟା ଖର୍ଚ୍ଚାନ୍ତ କରାଇ କାମ ହାସଲରେ ସହାୟକ ହେବ। ବହୁତ ଦିନରୁ ଇଚ୍ଛାକରି ମଧ ଆଣିପାରି ନ ଥିବା ଜିନିଷଟି ଆଜି ଆଣିପାରନ୍ତି।

**ମିଥୁନ** ପରିବାରରେ ଭୁଲ୍ ନିଷ୍ପତ୍ତି ପରିସ୍ଥିତିକୁ ଓଲଟାଇଦେବାର ସୂଚନା ରହିଛି। ଆପଣଙ୍କୁ ନିଜ ଘର କାମ ସାଙ୍ଗକୁ ବନ୍ଧୁ ମାନଙ୍କ କାମକୁ ମଧ ଅଗ୍ରାଧିକାର ଭିତ୍ତିରେ କରିବାକୁ ପଡ଼ିବ। ମୃଗଶିରା ନକ୍ଷତ୍ର ଅଫିସ କାମରେ ବିଭିନ୍ନ ଦିଗରୁ ଆଲୋଚନା କରିବାକୁ ପଡ଼ିପାରେ। ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ରର ଅର୍ଥହାନି, ତତ୍‌ସମ୍ପର୍କିତ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ମଧ୍ୟରେ ମାନସିକ ଅଶାନ୍ତି ସୃଷ୍ଟିକରିବ। ନୂତନ ସ୍ଥାନ ପରିଦର୍ଶନ, ନୂଆ କାମର ପରିକଳ୍ପନା, ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ।

**ସିଂହ** ଦୃଢ଼ ମନୋବଳ ସାଙ୍ଗକୁ ଧୈର୍ଯ୍ୟ, ଯୁକ୍ତିଯୁକ୍ତ କଥା ପରିସ୍ଥିତିକୁ ସମ୍ଭାଳିବାରେ ସାହାଯ୍ୟ କରିବ। ଉତ୍ତରା ଫାଲଗୁନୀ ନକ୍ଷତ୍ର ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହେବେ। ଘରୋଇ କଥାକୁ କେନ୍ଦ୍ରକରି ସମସ୍ୟା ଆସିପାରେ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାର୍ଯ୍ୟ ଓ ଯାତ୍ରା ସନ୍ତୋଷଜନକ ରହିବ।

**କନ୍ୟା** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ବନ୍ଧୁ ଗହଣରେ ଯାହା ବିଷୟରେ ଆଲୋଚନା କରୁଥିବେ ତାହାକୁ ହଠାତ୍ ଅତି ନିକଟରେ ଦେଖି ହଡ଼ବଡ଼େଇ ଯାଇପାରନ୍ତି। ଚିତ୍ରା ନକ୍ଷତ୍ର ଆଇନ ଅଦାଲତ, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ପାଇବେ।

**ତୁଳା** ସ୍ୱାସ୍ଥ୍ୟ, ଲୋକସମ୍ପର୍କ, ଅର୍ଥନୀତି, ଗୁପ୍ତ ମନ୍ତ୍ରଣା କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ପର୍ଯ୍ୟଟନ, ସତ୍‌ସଙ୍ଗ ଦିଗକୁ ଆକୃଷ୍ଟ ହୋଇପାରନ୍ତି। ସ୍ୱାତୀ ନକ୍ଷତ୍ର ରାଜନୀତି, ନିର୍ମାଣ ଓ କଳା, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନକରି ଖୁସି ରହିବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବିଛା** ଆଜି ବିବାଦୀୟ ପରିସ୍ଥିତିରେ ଆରକ୍ଷୀ ସମ୍ପର୍କକୁ ନେଇ ଟେନ୍‌ସନ ଲାଗିରହିବ। ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକପ୍ରକାର ଖୁସି ରହିବ। ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱ କର୍ମକ୍ଷେତ୍ରକୁ କେତେକାଂଶରେ ପ୍ରଭାବିତ କରିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜି ଋଣ ସୂତ୍ରରେ ଅର୍ଥଲାଭ କରିବାର ଯୋଗ ରହିଛି। ମାଲି ମକଦ୍ଦମା, ବାଣିଜ୍ୟ, ସାହିତ୍ୟ କ୍ଷେତ୍ର ଉନ୍ନତ ରହିବ।

**ମକର** ଆପଣଙ୍କ ଉଦାର ମନୋଭାବ କାରଣରୁ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ସୁସମ୍ପର୍କ ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ର ଅଧସ୍ତନ କର୍ମଚାରୀଙ୍କ ଆନୁଗତ୍ୟ, ବିଶ୍ୱସନୀୟ କାର୍ଯ୍ୟକଳାପରୁ ସନ୍ତୋଷ ପ୍ରକାଶ କରିପାରନ୍ତି। ପ୍ରାପ୍ୟ ଧନ ପାଇଁ ପ୍ରତିବନ୍ଧକଜନିତ ମାନସିକ ସ୍ଥିତି ଉତ୍ତେଜନାପ୍ରବଣ ରହିପାରେ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ଲାଗିରହିଥିବା ଅସନ୍ତୋଷ ମାନସିକ ସ୍ଥିତିକୁ କଳୁଷିତ କରିବ। ରାଜନୀତି, କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ। ଶତଭିଷା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ପରିବହନ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନେ ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** ଆଜି ବ୍ୟୟବୃଦ୍ଧି, ବିଭିନ୍ନ ସମସ୍ୟା ସମାଧାନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ ଏବଂ ବନ୍ଧୁଙ୍କ ପ୍ରେରଣା ଲାଭଦାୟକ ହୋଇପାରେ। ରେବତୀ ନକ୍ଷତ୍ର କଳା, ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ ହେବେ। ପ୍ରିୟଜନଙ୍କ ଆହ୍ୱାନରେ ଭ୍ରମଣପ୍ରିୟ ହେବେ ଏବଂ ନୂତନ ଜିନିଷ କିଣିବାକୁ ମନ ବଳାଇପାରନ୍ତି।

ଆଜି ମେ' ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ବିଶ୍ୱ ହାସ୍ୟ ଦିବସ, ବିପ୍ଳବୀ ଧରଣୀଧର ନାୟକଙ୍କ ଜନ୍ମଦିବସ, ବୈଶାଖ କୃଷ୍ଣ ଦ୍ୱାଦଶୀ ରବିବାର, ରାଶି ନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୯ମି. ଗତେ ଘ.୦୯।୩୫ମି. ମଧ୍ୟେ, ଘ.୦୧।୧୯ମି. ଗତେ ଘ.୦୧।୫୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୦୪।୩୧ମି. ଗତେ ଘ.୦୬।୦୭ମି. ମଧ୍ୟେ ରାହୁକାଳ ॥

ରାଜ୍ୟ ଖବର

# ଭଡାଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୪।୫ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର କମିଶନରେଟ ପୋଲିସର ଭରତପୁର ଥାନା ଅନ୍ତର୍ଗତ ହନୁମାନ ବସ୍ତିରେ ଏକ ଘରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତ ଯୁବତୀ ହେଲେ ବିଷ୍ଣୁପ୍ରିୟା ରାଉତ (୨୨)। ତାଙ୍କ ପରିବାର ଖଣ୍ଡଗିରି ଥାନା ଅନ୍ତର୍ଗତ ଫାୟାର ଷ୍ଟେଶନ ବସ୍ତିରେ ରହୁଥିବାବେଳେ ସେ ଏଠାରେ ଘରଭଡ଼ା ନେଇ ରହୁଥିଲେ। ତେବେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ ମଧ ଥାନାରେ ରିପୋର୍ଟ କରି ନ ଥିବା ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ଏହାଏକ ଆତ୍ମହତ୍ୟା ଘଟଣା ବୋଲି ଜଣାପଡୁଛି। ଡାକ୍ତରଙ୍କ ପିଏମ୍‌ସି ରିପୋର୍ଟ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ଫ୍ୟାଶନ ପ୍ରତି ରୁଚି ରଖୁଥିବା ବିଷ୍ଣୁପ୍ରିୟା ରଜକୁଇନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହାକୁ ନେଇ ନାନା ଆଲୋଚନା ଚାଲିଛି। ହସ୍ତଗତ ସୂଚନାନୁସାରେ, ବିଷ୍ଣୁପ୍ରିୟା ଓ ତାଙ୍କ ସାଙ୍ଗ ସୁମିତ୍ରା ଦାସ ପରସ୍ପରକୁ ବହୁତ ଭଲ ପାଆନ୍ତି। ଫଳରେ ବିଷ୍ଣୁପ୍ରିୟା ୩ମାସ ତଳେ ଘର ଛାଡି ସୁମିତ୍ରାଙ୍କ ସହ ଉକ୍ତ ହନୁମାନ ବସ୍ତିରେ ଭଡାରେ ରହୁଥିଲେ। ସୁମିତ୍ରା



ବିଷ୍ଣୁପ୍ରିୟା ରାଉତ

### ୩ମାସ ହେବ ଘର ଛାଡ଼ି ସାଙ୍ଗଙ୍କ ସହ ରହୁଥିଲେ

ଶୁକ୍ରବାର କୌଣସି କାମରେ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ପରେ ସୁମିତ୍ରା ଘର ଭିତରପଟୁ ବନ୍ଦ ଥିବା ଦେଖି ବିଷ୍ଣୁପ୍ରିୟାଙ୍କୁ ଫୋନ୍ କରିବା ସହ କବାଟ ବାଡେଇଥିଲେ। ହେଲେ ବିଷ୍ଣୁପ୍ରିୟା କୌଣସି ଉତ୍ତର ଦେଇ ନ ଥିଲେ। ଏହାପରେ ସୁମିତ୍ରା ଝରକା ବାଟେ ଡାକିବାବେଳେ ବିଷ୍ଣୁପ୍ରିୟା ଘର ଆଜ୍‌ବେଷ୍ଟସ୍ ଛପର ପାଇଁ ବ୍ୟବହୃତ ଲୁହା ପାଇପ୍‌ରେ ଲୁଙ୍ଗି ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସୁମିତ୍ରା ଆଖପାଖରେ ଥିବା ଲୋକଙ୍କୁ ଡାକି ଜଣାଇବା ସହ ବିଷ୍ଣୁପ୍ରିୟାଙ୍କ ପରିବାର ଲୋକ ଓ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଷ୍ଣୁପ୍ରିୟାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଘର ଭାଙ୍ଗି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ଡାକ୍ତର ବିଷ୍ଣୁପ୍ରିୟାଙ୍କୁ ମୃତ ଘୋଷଣା କରିଥିଲେ।

# ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ ଏନ୍‌ଏସ୍‌ଆଇସିର ପ୍ରଥମ ଓଡ଼ିଆ ଅଧ୍ୟକ୍ଷ ନିଯୁକ୍ତ

**ଭୁବନେଶ୍ୱର, ୪।୫(ଅସମାପିକା ସାହୁ)**

ଭାରତ ସରକାରଙ୍କର କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଥିବା ରାଷ୍ଟ୍ରୀୟ ଲଘୁ ଉଦ୍ୟୋଗ ନିଗମ(ଏନ୍‌ଏସ୍‌ଆଇସି)ର ଅଧ୍ୟକ୍ଷ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ଭାବେ ଓଡ଼ିଶାର ଡ. ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ ନିଯୁକ୍ତି ପାଇଛନ୍ତି। ଗତ ଗୁରୁବାର ନିଗମର ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀରେ କାର୍ଯ୍ୟଭାର ଗ୍ରହଣ କରିବାରେ ଆଚାର୍ଯ୍ୟ ହେଉଛନ୍ତି ପ୍ରଥମ ଓଡ଼ିଆ। ଏହା ପୂର୍ବରୁ ସେ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ୍‌ର ମୁଖ୍ୟ ମହାପ୍ରବନ୍ଧକ ଭାବେ ଦିଲ୍ଲୀରେ କାର୍ଯ୍ୟରତ ଥିଲେ। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ତାଙ୍କର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ବିତ୍ତ ପୋଷଣ, ଉନ୍ନୟନ, ମାଇକ୍ରୋ କ୍ରେଡିଟ୍, ଷ୍ଟାର୍ଟ ଅପ୍ ଇନୋଭେଶନ, ଏସ୍‌ଏମ୍‌ଇ ରେଟିଂ ଆଦିରେ ବିଶେଷ ଅଭିଜ୍ଞତା ରହିଛି। ଯାଜପୁର ଜିଲା ବଡ଼ଚଣା ଗ୍ରାମ ପଞ୍ଚାୟତ ନୂଆଶାସନ ଗ୍ରାମରେ ଜନ୍ମିତ ଡ. ଆଚାର୍ଯ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ, ଯାଦବପୁର ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ



ଡିଗ୍ରୀ ଏବଂ କିଟ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ବ୍ରିଟିଶ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ସେ ଚେଭେନିଙ୍ଗ ସ୍କଲାରଶିପ ହାସଲ କରି ବ୍ରିଟେନର ବ୍ରାଡ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ସଷ୍ଟେନେବଲ୍ ଡେଭଲପମେଣ୍ଟ ଉପରେ ଅଧ୍ୟୟନ କରିଛନ୍ତି। ଡ. ଆଚାର୍ଯ୍ୟ କଟକ ମହାନଦୀବିହାର ନିବାସୀ ବୈକୁଣ୍ଠ ନାଥ ଆଚାର୍ଯ୍ୟ ଓ କୁସୁମ ଲତା ଆଚାର୍ଯ୍ୟଙ୍କର ଜ୍ୟେଷ୍ଠ ପୁତ୍ର। ତାଙ୍କ ସ୍ତ୍ରୀ ଡ. ମନୀଷା ଆଚାର୍ଯ୍ୟ ରାଷ୍ଟ୍ରୀୟ ସଂସ୍ଥା ଇୱାଇର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଷ୍ଟାର୍ଟ ଅପ୍ ଓଡ଼ିଶା ପାଇଁ କାର୍ଯ୍ୟରତ ଅଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ସସ୍ମିତା



@ ସୁବ୍ରତ



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ କଡ଼ାକଡ଼ି ଉପରେ ଗୁରୁତ୍ୱ

## ନିର୍ବାଚନ ଖର୍ଚ୍ଚ ପରିଚାଳନା ସମୀକ୍ଷା

ସୋନପୁର,୪।୫(ମୃତ୍ୟୁଞ୍ଜୟ ଶତପଥୀ)

ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନିର୍ବାଚନ ଖର୍ଚ୍ଚ ପରିଚାଳନାକୁ ନିରପେକ୍ଷ, ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ବଲାଙ୍ଗୀର ଲୋକ ସଭା ସଂସଦୀୟ କ୍ଷେତ୍ର ସହ ସୁବର୍ଣ୍ଣପୁର ଜିଲାର ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ କ୍ଷେତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ସ୍ୱପ୍ନିଲଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ଖର୍ଚ୍ଚ ପରିଚାଳନା ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୋଲିସ ପର୍ଯ୍ୟବେକ୍ଷକ ଶୈଳେନ୍ଦ୍ର କୁମାର ସିହ୍ନା ଓ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀ ଖର୍ଚ୍ଚପର୍ଯ୍ୟବେକ୍ଷକ ପ୍ରମୋଦ ପି.ଶାହାକର ଉପସ୍ଥିତ ଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜିଲା ପାଇଁ ନିୟୋଜିତ ବିଭିନ୍ନ କମିଟି ନୋଡାଲ ଅଧିକାରୀ ତଥା ସଦସ୍ୟା ସଦସ୍ୟଙ୍କ ସହ ଖର୍ଚ୍ଚ ପରିଚାଳନା ଉପରେ ଆଲୋଚନା କରିବା ସହ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ ନିର୍ବାଚନ ସୁପରିଚାଳନା ନିମନ୍ତେ ନିଆଯାଇଥିବା ବିଧିବ୍ୟବସ୍ଥା ତଥା ପ୍ରସ୍ତୁତି ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମାପନ ନିମନ୍ତେ ନିଆଯାଇଥିବା ବ୍ୟବସ୍ଥା ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଅଞ୍ଜଳିନା ପ୍ରଧାନ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ନିର୍ବାଚନର ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।ସଂସଦୀୟ କ୍ଷେତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିର୍ବାଚନ ପରିଚାଳନାରେ ସମ୍ପୃକ୍ତ ବିଭିନ୍ନ ନୋଡାଲ ଅଧିକାରୀ, ଫ୍ଲାଇଂସ୍କ୍ୱାଡ, ସି-ଭିଜିଲ, ପୋଲିସ, ଅବକାରୀ, ଆୟକର, ବିକ୍ରିକର, ଅତିରିକ୍ତ ଖର୍ଚ୍ଚ ସହ ଗଣମାଧ୍ୟମ ନିରୀକ୍ଷଣ, ପେଡନ୍ୟୁଜ ଇତ୍ୟାଦି ଉପରେ ସମୀକ୍ଷା କରିଥିଲେ। ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ କଡ଼ାକଡ଼ି କରିବା ସହ ଶୂନ୍ୟ ପକ୍ଷପାତିତାରେ ନିର୍ବାଚନ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନରେ ନିଶା କାରବାର ଓ ଟଙ୍କାର ବେଆଇନ ବ୍ୟବହାର ରୋକିବାକୁ ବିଭିନ୍ନ ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବାରିକେଡିଂ କରି ମିଳିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିର୍ବାଚନରେ ଖର୍ଚ୍ଚ ପରିଚାଳନାର ସମୀକ୍ଷା କରୁଛନ୍ତି।

## ସବୁ ନାଗରିକ ଭୋଟଦାନ କରିବାକୁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସଚେତନତା

ବୌଦ୍ଧ,୪।୫( ଅଜିତ କୁମାର ବାରିକ)

ଶତ ପ୍ରତିଶତ ଭୋଟଦାନ କରିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ନିକଟରେ ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏହି ବାର୍ତ୍ତା ନେଇ ବୌଦ୍ଧ ଏନଏସି ଅଞ୍ଚଳର ସମସ୍ତ ଭୋଟର ଆଗାମୀ ସାଧାରଣ ନିର୍ବାଚନରେ ମତାଧିକାର ସାବ୍ୟସ୍ତ କରିବାକୁ ସଚେତନ କରାଯାଇଛି। ଜିଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ସମ୍ମୁଖରୁ ସଭାପତି ଶଶାଙ୍କ ଶେଖର ମିଶ୍ର ଓ ସଂପାଦକ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ହାତରେ ଭୋଟର ସଚେତନତା ପ୍ଲାକାର୍ଡ ନେଇ ସାମ୍ବାଦିକମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ପୋଷ୍ଟଅଫିସ ଛକ, ଗାନ୍ଧୀ ଛକ, ଭୈରବୀ ଛକ, ଦୈନିକ ବଜାର, ପୁରୁଣା ବ୍ଲକ ଛକ, ମୁଖ୍ୟ ଡାକ୍ତରଖାନା, ବାଘଗୁଡା ଛକ, ହାତୀଶାଳ ଛକ, ବୁଟୁପାଲି ଦେଇ ଜିଲା ସଂଗ୍ରହାଳୟ ସମ୍ମୁଖରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ଜିଲା ସାମ୍ବାଦିକ ସଂଘର ସଦସ୍ୟମାନଙ୍କ ସହିତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଯୁବ ରେଡକ୍ରସର ସମ୍ପାଦକ ତଥା ଅଧ୍ୟାପକ ଡ. ପ୍ରବୀର କୁମାର ଦାସ, କେନ୍ଦ୍ରୀୟ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ପ୍ରଶାନ୍ତ କୁମାର ଭାଇନା, ଗେହ୍ଲା ମା’ କଳାନିକେତନର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ନାୟକ, ଶତ୍ରୁଜିତ ମହାପାତ୍ରଙ୍କ ସମେତ ଅନେକ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ।

# ରାମପୁରରୁ ପ୍ରଚାର ଆରମ୍ଭ କଲେ ସୋନାଲି

ସୋନପୁର,୪।୫(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ଚର୍ଚ୍ଚାରେ ଅଛନ୍ତି ଉଚ୍ଚ ଶିକ୍ଷିତା ସୋନାଲି ବିଶି। ସେ ଡୁଙ୍ଗୁରିପାଲି ବ୍ଲକର ରାମପୁରରୁ ଶନିବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରୁ ଏକ ପଦଯାତ୍ରାରେ ବାହାରି ସେ ଗାଁ ଓ ରାମପୁର ବଜାର ପରିକ୍ରମା କରିଥିଲେ। ଏହି ପଦଯାତ୍ରାରେ ଶତାଧିକ ମହିଳା, ପୁରୁଷ, ଚାଷୀ ଓ ଯୁବତୀ ଯୁବକ ସାମିଲ ହୋଇ ଜୟ କୋସଲ ଓ ଜୟ କିଷାନ ଚାଷୀ ସରକାର ସ୍ଲୋଗାନ୍ ଦେଇଥିଲେ। ପଥପ୍ରାନ୍ତ ସଭା ଜରିଆରେ ଆଗାମୀ ଦିନରେ ଚାଷୀ ସ୍ୱାର୍ଥ ଓ ଅଧିକାର ପାଇଁ ଜୋରଦାର ଲଢେଇ ହେବ ବୋଲି ସୋନାଲି କହିଥିଲେ। ସେ ଆହୁରି କହିଥିଲେ ନବୀନଙ୍କ ୨୪ ବର୍ଷର ସ୍ଥିର ସରକାରରେ ସୋନପୁର ନିର୍ବାଚନମଣ୍ଡଳୀରେ ଆଖିଦୃଶିଆ ବିକାଶ ହୋଇପାରିନି। ଶାସକ ଓ ବିରୋଧୀ ସେମାନଙ୍କ ଭୂମିକା ଠିକ୍ ଭାବେ ନିର୍ବାହ କରିନାହାନ୍ତି। ତେଣୁ ଅଞ୍ଚଳର ଚାଷୀମାନେ ଏକ ହେବାକୁ ସେ ଆହ୍ୱାନ ଦେଇଥିଲେ। ଚଳିତ ଥର ପାର୍ଟି ସରକାରକୁ ପ୍ରତ୍ୟାଖ୍ୟାନ କରି ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ କଇଁଚି ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଏହି ଅବସରରେ ସେ ନିବେଦନ କରିଥିଲେ।



ରାମପୁରରେ ସୋନାଲି ବିଶି ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାର କରୁଛନ୍ତି।

## ବରିଷ୍ଠ କଳାକାର ନେପାଳ ମହାକୁରଙ୍କ ପରଲୋକ

ଅମରପାଲି, ୪।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଙ୍ଗରିଆପାଲି ପଞ୍ଚାୟତ ଅନ୍ତର୍ଗତ ପୁଲେଶ୍ୱର ଗ୍ରାମର ବରିଷ୍ଠ କଳାକାର ନେପାଳ ଚନ୍ଦ୍ର ମହାକୁର (୬୬)ଙ୍କ ପରଲୋକ ଘଟିଛି। ସେ ଜଣେ ପାଲା କଳାକାର, ଦଣ୍ଡ ଓ ରାମଲୀଳା କଳାକାର ତଥା ଲେଖକ ଥିଲେ। ସେ ପୂର୍ବରୁ ଗ୍ରାମ୍ୟ କମିଟି ସଭାପତି ରହିଥିଲେ। କେନ୍ଦୁପତ୍ର ବିଭାଗରେ ଜଣେ ସାମୟିକ କର୍ମଚାରୀ ଭାବେ ମଧ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କର ସ୍ତ୍ରୀ କୌଶଲ୍ୟା ମହାକୁର ଓ ଏକମାତ୍ର ଝିଅ ଅରୁନ୍ଧତୀ ଅଛନ୍ତି। ନିକଟସ୍ଥ ହରିହର ଯୋର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତୁରା ସତ୍ୟନାରାୟଣ ମହାକୁର ମୁଖାଗ୍ନି ଦେଇଥିଲେ।

भारतीय समुद्री विश्वविद्यालय
INDIAN MARITIME UNIVERSITY
(A Central University under the Ministry of Ports, Shipping and Waterways, Govt. of India)
Established by an Act of the Parliament in 2008
Extension of IMU-CET 2024 Registration Date
The Last date for registration of IMU-CET 2024 is extended to 10-05-2024. There is no change in IMU-CET 2024 date.
To register
Please Scan the below QR Code
Please visit: www.imu.edu.in for further details.

# ଝାରସୁଗୁଡ଼ା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଝାରସୁଗୁଡା,୪।୫ (ସଞ୍ଜୟ ମାଲି)

ଝାରସୁଗୁଡା ପୋଲିସ ପକ୍ଷରୁ ଶନିବାର ସହର ଭିତରେ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ସାଧାରଣ ଜନତାଙ୍କ ସହ ପୋଲିସ ସଦାସର୍ବଦା ରହିଛି ବୋଲି ସୂଚନା ଦେବା ସହ ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଝାରସୁଗୁଡା ଜିଲା ଆରକ୍ଷୀ ଅଧୀକ୍ଷକ ସ୍ମିଥ ପି. ପରମାରଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡା ଟାଉନ ଥାନା ଅଧିନ ବୁରୋମାଲ, ମଙ୍ଗଳ ବଜାର, ପୁରାଣ ବସ୍ତି, ବାବୁପଡ଼ା ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଝାରସୁଗୁଡା ଏସ୍‌ଡିପିଓ ଉମାଶଙ୍କର ସିଂ ଓ ଝାରସୁଗୁଡା ଟାଉନ ଥାନା ଅଧିକାରୀ ରଞ୍ଜନ କୁମାର ବରିହାଙ୍କ ନେତୃତ୍ୱରେ ଟାଉନ ଥାନା ଅଞ୍ଚଳରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଯଥା ସହରାଞ୍ଚଳରେ ଥିବା ବୁଥ ଗୁଡ଼ିକରେ ଭୋଟରମାନେ କୌଣସି ଭାବେ ପ୍ରଭାବିତ ନ ହୁଅନ୍ତି ତାହା ଉପରେ ପୋଲିସ ପକ୍ଷରୁ ନଜର ରଖାଯାଇଛି। ଆଗାମୀ ଦିନରେ କୌଣସି ପ୍ରକାର ଘଟଣା ନ ଘଟେ, ସେଥିପାଇଁ ଅସାମାଜିକ ବ୍ୟକ୍ତିମାନଙ୍କ ଉପରେ କଡା ନଜର ରଖିବା ପାଇଁ ଝାରସୁଗୁଡା ଏସ୍‌ପି ପୋଲିସ ଅଧିକାରୀମାନଙ୍କୁ ସୂଚନା ଦେଇଛନ୍ତି। ଏହି ଫ୍ଲାଗମାର୍ଚ୍ଚରେ ୩ ପ୍ଲାଟୁନ ସିଆର୍‌ପିଏଫ୍ ସହ ଟାଉନ ଥାନାରେ କାର୍ଯ୍ୟରତ ସମସ୍ତ ପୋଲିସ କର୍ମଚାରୀ ଯୋଗଦେଇଥିଲେ।



ଝାରସୁଗୁଡାରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

# ୮ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ, ୧ ନାକଚ୍

## ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ

ସୋନପୁର,୪।୫(ମୃତ୍ୟୁଞ୍ଜୟ ଶତପଥୀ)

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିବା ପରେ ଶନିବାର ପ୍ରାର୍ଥୀପତ୍ରଗୁଡିକୁ ଯାଞ୍ଚ କରାଯାଇଥିଲା। ଏହିକ୍ରମରେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୯ ପ୍ରାର୍ଥୀଙ୍କ ମୋଟ ୧୯ ସେଟ୍ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଜାରୀ, ଭାଜପା ପ୍ରାର୍ଥୀ ପ୍ରମୋଦ ମହାପାତ୍ର, ଜାତୀୟ କଂଗ୍ରେସ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ସ୍ୱାଧୀନ ପ୍ରାର୍ଥିନୀ ସୋନାଲି ବିଶି, ଜାତୀୟ ଆପନି ପାର୍ଟିରୁ ଶଶୀଭୂଷଣ ପଧାନ, ବିଏସ୍‌ପିରୁ ମନ୍ଦୋଦରୀ ଛତ୍ରିଆ, ଆମ୍ବେଡକ୍ରାଇଟ୍ ପାର୍ଟି ଅଫ ଇଣ୍ଡିଆରୁ ସୁରଜ କୁଶଳ ଓ ସ୍ୱାଧୀନ ପ୍ରାର୍ଥୀ ଉତ୍ତମ ଆଡବାଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ତେବେ ବିଏସ୍‌ପିର ଦଳୀୟ ଟିକେଟ୍ ଦାଖଲ କରି ନ ପାରିବାରୁ ବିମ୍ବାଧର ବାଗ୍‌ଙ୍କ ପ୍ରାର୍ଥିପତ୍ର ନାକଚ୍ ହୋଇଥିବା ସୋନପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସୁରଜ କୁମାର ପଟ୍ଟନାୟକ କହିଛନ୍ତି। ୬ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୭ ତାରିଖରେ ବୃତାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି।

# ଅସହ୍ୟ ତାତି, ଜନଜୀବନ ଅସ୍ତବ୍ୟସ୍ତ



ଶନିବାର ମଧ୍ୟାହ୍ନରେ ଡୁଙ୍ଗୁରିପାଲି ସହର ଶୂନଶାନ ହୋଇଯାଇଛି।

ଡୁଙ୍ଗୁରିପାଲି, ୪।୫(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଅଗ୍ନିବର୍ଷା ହେଲା ପରି ଲାଗୁଛି। ମୁଣ୍ଡଫଟା ଖରା ସହ ଝାଞ୍ଜି ପବନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପୂର୍ବାହ୍ନ ୧୦ଟା ପରେ ରାସ୍ତା ଶୂନଶାନ ହୋଇଯାଉଛି। ଡୁଙ୍ଗୁରିପାଲି ସହରକୁ ବାହାରୁ ଆସୁଥିବା ଲୋକଙ୍କ ପାଇଁ ସହର ତଥା ଛକଗୁଡିକରେ କୌଣସି ବିଶ୍ରାମ ଗୃହ ନ ଥିବାରୁ ଲୋକେ ଖରାରେ ଡହଳବିକଳ ହେଉଛନ୍ତି। ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ଗଛ ସବୁ କଟା ଯାଇଥିବାରୁ ଛାଇ ମିଳୁନାହିଁ। ଆରଏମ୍‌ସି ଛକ, ସହଲା କେନାଲ ଛକ, ବସ୍‌ଷ୍ଟାଣ୍ଡ, ଚାରିଛକ, ଡେଲି ମାର୍କେଟ, ହସ୍ପିଟାଲ ପ୍ରମୁଖ ଗହଳି ସ୍ଥାନଗୁଡିକ ଲୋକଶୂନ୍ୟ ଦେଖାଯାଉଛି। ଶନିବାର ଡୁଙ୍ଗୁରିପାଲି ସହରର ତାପମାତ୍ରା ବେସରକାରୀ ଭାବେ ୪୩ ଡିଗ୍ରୀ ରେକର୍ଡ କରାଯାଇଛି। ରବିବାର ତାତି ଆହୁରି ବଢିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରୁଛି। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

AMFI
MUTUAL FUND KYC Aasaan Hai!
STEPS TO CHECK YOUR KYC STATUS
1 Visit any Mutual Fund's or Registrar & Transfer Agent's (RTA) Website where you have an investment.
2 Check for "KYC Status" link.
3 Enter your 10-digit PAN.
4 Your KYC Status will be displayed as 'Validated / Registered / On-Hold / Rejected'.
WHAT DOES EACH KYC STATUS IMPLY?
KYC VALIDATED
- Relax! You have to do nothing at all!
- You can do any transaction in any Mutual Fund, anytime.
KYC REGISTERED
- You can continue making transactions (like Purchases, Redemptions, Switches, SIPs, etc.) in all your existing Mutual Fund investments without any hassle.
- Only if you want to invest in a Mutual Fund where you don't have any investment already, you will have to do your KYC once again.
- You can get your KYC status changed to 'KYC Validated' by doing the KYC Update / KYC Modification process using PAN and Aadhaar from XML, Digi-locker or M-Aadhaar.
- Once your KYC status changes to Validated you can invest in any Mutual Fund of your choice without any requirement of re-KYC.
KYC ON-HOLD/REJECTED
- The KYC status on the Mutual Fund / RTA website, will show the reason for 'KYC On-Hold' / 'Rejected' status; it could be: Mobile or Email not validated / PAN is not linked with Aadhaar / Deficiency in the KYC documents, etc.
- You simply have to remediate the reason for KYC On-Hold / Rejected by following the steps given on the Mutual Fund Website. Once your KYC status changes to Registered / Validated you will be all set to start transacting, as per the KYC status.
The steps to resolve any KYC issues are easy and can be done from the comfort of your home in just a few minutes. In case of any difficulties, feel free to contact your Mutual Fund Distributor or the Mutual Fund's office / helpline (available on respective Mutual Fund's website) for further assistance.
MUTUAL FUNDS Sahi Hai
Mutual Fund investments are subject to market risks, read all scheme related documents carefully.

ଆଧ୍ୟାତ୍ମିକ ଚିନ୍ତାରେ ଓ ଅନୁଭବରେ ସବୁପ୍ରକାର ନୀଚତା, ସଂକୀର୍ଣ୍ଣତା ଓ ବହିର୍ମୁଖତା ପରିତ୍ୟାଗ କରିବ। ବିଶାଳତମ ଦିଗ୍‌ବଳୟ ଅପେକ୍ଷା ବିଶାଳ ହେବ। ଉଚ୍ଚତମ କାଞ୍ଚନଜଂଘା ଅପେକ୍ଷା ସମୁଚ୍ଚ ହେବ। ଗଭୀରତମ ମହାସାଗର ଅପେକ୍ଷା ମଧ୍ୟ ଗଭୀର ହେବ। —ଶ୍ରୀଅରବିନ୍ଦ

# ଆଇନରୁ ଆଭାସ



ଆକାର ପଟେଲ

ସଂସଦର ପ୍ରାଥମିକ କାର୍ଯ୍ୟ ହେଉଛି ଆଇନ ଗଢ଼ିବା। କିଏ ଆଇନ ଗଢ଼ିବେ ଏବଂ ପାସ୍ କରିବେ ତାହା ବିଚାରକରି ଆମେ ଲୋକ ସଭାକୁ ପ୍ରାର୍ଥୀଙ୍କୁ ଚୟନକରୁ। କିନ୍ତୁ ଏବେ ଭାରତରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ବିନା ବିତର୍କରେ ଆଇନ ପାସ୍ କରାଯାଉଛି। ଅର୍ଥାତ୍ ବିଚାରଧାରା ସମ୍ପନ୍ନ ଦଳଗୁଡ଼ିକ ବିନା ବାଧାରେ ନିଜ ଇଚ୍ଛାରେ ଆଇନ କରିପାରୁଛନ୍ତି। ଯେହେତୁ ଆମେ ଆଗାମୀ ୫ ବର୍ଷ ପାଇଁ ଲୋକପ୍ରତିନିଧି ବାଛିବାକୁ ଯାଉଛୁ ସେଥିପାଇଁ ପୂର୍ବ ଦଶନ୍ଧିରେ ଅଣାଯାଇଥିବା ଅନେକ ଆଇନ ଏବଂ ସଂଶୋଧନ ବିଷୟରେ ବିଚାରକରିବା ଦରକାର। ୧. ସୂଚନା ଅଧିକାର (ସଂଶୋଧନ) ଆଇନ, ୨୦୧୯: ଏହି ସଂଶୋଧିତ ଆଇନ କେନ୍ଦ୍ର ଏବଂ ରାଜ୍ୟରେ ସୂଚନା କମିଶନରଙ୍କ ଦରମା ଏବଂ ସେବା ସର୍ତ୍ତ ସ୍ଥିର କରିବାର କ୍ଷମତା ପ୍ରଦାନ କରେ। ସ୍ଥିରୀକୃତ ସର୍ତ୍ତାବଳୀ ବଦଳରେ ବର୍ତ୍ତମାନ କମିଶନରଙ୍କୁ ମନମୁଖି ସର୍ତ୍ତ ଏବଂ ବେତନରେ ନିଯୁକ୍ତ କରାଯାଇପାରୁଛି। ୨୦୧୪ରେ ବିଶ୍ୱ ଆର୍‌ଟିଆଇ ମୂଲ୍ୟାୟନରେ ଭାରତ ଦ୍ୱିତୀୟ ସ୍ଥାନରେ ଥିଲା ଓ ଏବେ ୯ମ ସ୍ଥାନକୁ ଖସିଛି। ୨. ବେଆଇନ କାର୍ଯ୍ୟକଳାପ (ନିରୋଧୀ) ସଂଶୋଧନ ଅଧିନିୟମ(ୟୁଏପିଏ), ୨୦୧୯: ସଂଶୋଧନ ପୂର୍ବରୁ ୟୁଏପିଏ କେବଳ ସଙ୍ଗଠନଗୁଡ଼ିକୁ 'ଆତଙ୍କବାଦୀ' ଶ୍ରେଣୀଭୁକ୍ତ କରିବାକୁ ଅନୁମତି ଦେଇଥିଲା। କିନ୍ତୁ ଏବେ ରାଜ୍ୟ ଯେକୌଣସି ବ୍ୟକ୍ତିବିଶେଷଙ୍କୁ 'ଆତଙ୍କବାଦୀ' ଭାବେ ଶ୍ରେଣୀଭୁକ୍ତ କରିପାରିବ। ଏହି ବ୍ୟକ୍ତିବିଶେଷଙ୍କୁ ଆଇନରେ ଉଲ୍ଲେଖ କରାଯାଇଥିବା ୩୬ଟି ଆତଙ୍କବାଦୀ ସଙ୍ଗଠନ ସହ କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଆତଙ୍କବାଦୀ ଭାବରେ ବର୍ଗୀକୃତକରି ଜେଲରେ ରଖାଯାଉଛି। ୩. କର୍ନାଟକ ଶିକ୍ଷା ଆଇନ (୧୯୮୩) ୨୦୨୨: କର୍ନାଟକ ୨୦୨୨ରେ ମୁସଲମାନ ମହିଳା ଓ ବାଳିକାଙ୍କୁ ୟୁନିଫର୍ମ ଥିବା ସ୍କୁଲ ଏବଂ କଲେଜଗୁଡ଼ିକରେ ହିଜାବ ନିଷେଧ କରିଥିଲା। ଏପରିକି କଲେଜଗୁଡ଼ିକରେ ନିର୍ଦ୍ଦିଷ୍ଟ ୟୁନିଫର୍ମ ନ ଥିଲେ ବି ସେଠାରେ ମୁସଲମାନ ଛାତ୍ରୀଙ୍କୁ ହିଜାବ ବାରଣ କରାଯାଇଥିଲା। ଅପରପକ୍ଷରେ ଶିଖମାନଙ୍କୁ ଏହି ଆଦେଶରୁ ବାଦ୍ ଦିଆଯାଇଥିଲା।

୪. ମହାରାଷ୍ଟ୍ର ପ୍ରାଣୀ ସୁରକ୍ଷା (ସଂଶୋଧନ) ଆଇନ, ୨୦୧୫: ପ୍ରଧାନମନ୍ତ୍ରୀଙ୍କ 'ଗୋଲାପୀ ବିପ୍ଳବ' ଭାଷଣ ପରେ ଗୋମାଂସ ଅଧିକାରକୁ ଅପରାଧୀକରଣ କରାଗଲା। ଏହି ଆଇନରେ ଯେ କେହି ଗୋମାଂସ ସାଣ୍ଡୱିଚ୍ ରଖିଥିବା ଅଭିଯୋଗ ହେଲେ ସେହି ବ୍ୟକ୍ତିଙ୍କୁ ୫ ବର୍ଷ ଜେଲଦଣ୍ଡ ଦିଆଯାଇପାରେ। ୫. ହରିୟାଣା ଗୋବଂଶ ସୁରକ୍ଷା ଏବଂ ଗୌସମ୍ବର୍ଦ୍ଧନ ଆଇନ, ୨୦୧୫: ଗୋମାଂସ ରଖିଲେ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯିବାର ଏହି ଆଇନରେ ପ୍ରାବଧାନ ରହିଛି। ଏପରିକି ଅଭିଯୁକ୍ତ କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାକୁ ହେବ। ୬. ଗୁଜରାଟ ପ୍ରାଣୀ ସୁରକ୍ଷା (ସଂଶୋଧନ) ଆଇନ, ୨୦୧୭: ଏହି ଆଇନରେ ଗୋହତ୍ୟାକାରୀକୁ ଆଜୀବନ କାରାଦଣ୍ଡର ପ୍ରାବଧାନ ଅଛି। ଅନ୍ୟ କୌଣସି ଆର୍ଥିକ ଅପରାଧରେ ଏଭଳି ଆଜୀବନ କାରାଦଣ୍ଡ ନାହିଁ। ୭. ଉତ୍ତରପ୍ରଦେଶ ସାର୍ବଜନୀନ ତଥା ବେସରକାରୀ ସମ୍ପତ୍ତି କ୍ଷୟକ୍ଷତିର ପୁନରୁଦ୍ଧାର ନିୟମ ୨୦୨୦: ଏହି ଆଇନ ସରକାରଙ୍କୁ ଦଙ୍ଗା, ପ୍ରତିବାଦ, ବନ୍ଦ, ବିରୋଧ କିମ୍ବା ଜନସମାବେଶ ଯୋଗୁ ହେଉଥିବା ସରକାରୀ କିମ୍ବା ବେସରକାରୀ ସମ୍ପତ୍ତିର କ୍ଷତି ଆକଳନ କରିବାକୁ ଟ୍ରିବ୍ୟୁନାଲ ଗଠନ ପାଇଁ କ୍ଷମତା ପ୍ରଦାନ କରେ। ଟ୍ରିବ୍ୟୁନାଲର ସମସ୍ତ ନିର୍ଦ୍ଦେଶ ଚୂଡ଼ାନ୍ତ ହେବ ଏବଂ ଆଇନର ଧାରା ୨୨ ଅନୁଯାୟୀ କୌଣସି କୋର୍ଟରେ ଏହା ବିରୋଧରେ ଆବେଦନ କରାଯାଇପାରିବ ନାହିଁ। ୮. ଉତ୍ତରାଖଣ୍ଡ ଧର୍ମ ସ୍ୱାଧୀନତା ଆଇନ, ୨୦୧୮: ଭାଜପା ଶାସିତ ୭ଟି ରାଜ୍ୟ ମଧ୍ୟରେ ଉତ୍ତରାଖଣ୍ଡ 'ପ୍ରେମ ଜିହାଦ'କୁ ନେଇ ପ୍ରଥମେ ଏହି ଆଇନ ପ୍ରଣୟନ କରିଥିଲା। ଧର୍ମାନ୍ତରୀକରଣ ହୋଇଥିଲେ ଏହା ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ବିବାହକୁ ଅପରାଧୀକରଣ କରିଥାଏ। ଯେଉଁମାନେ ନିର୍ଦ୍ଦିଷ୍ଟ ଧାରାରେ ସରକାରଙ୍କ ନିକଟରେ ଆବେଦନ ନ କରି ଏବଂ ପୋଲିସର ତଦନ୍ତ ପରେ ସରକାରଙ୍କ ସହମତି ବିନା ସେମାନଙ୍କର ଧର୍ମ ପରିବର୍ତ୍ତନ କରୁଛନ୍ତି ସେମାନେ ଏହି ଆଇନ ଅନୁଯାୟୀ ଜେଲଦଣ୍ଡ ଭୋଗୁଛନ୍ତି। ୯. ହିମାଚଳ ପ୍ରଦେଶ ଧର୍ମ ସ୍ୱାଧୀନତା ଆଇନ, ୨୦୧୯: ଏହି ଆଇନରେ ଧର୍ମ ପ୍ରଚାର (ଧାରା ୨୫ ଅନୁଯାୟୀ ଏକ ମୌଳିକ ଅଧିକାର) ପାଇଁ ୭ ବର୍ଷ ଜେଲଦଣ୍ଡ ରଖାଯାଇଛି। ୧୦. ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ପରିବର୍ତ୍ତନ ପ୍ରତିଷେଧ ଅଧ୍ୟାଦେଶ, ୨୦୨୦: ଏହା ସରକାରୀ ଅନୁମତି ଏବଂ ୬୦ ଦିନର ନୋଟିସ ବିନା ଧର୍ମ ପରିବର୍ତ୍ତନକୁ ନିଷେଧ କରେ। ଏହି ପ୍ରକାର ଆଇନ ମଧ୍ୟପ୍ରଦେଶ (ମଧ୍ୟପ୍ରଦେଶ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ, ୨୦୨୧), ଗୁଜରାଟ (ଗୁଜରାଟ ଫ୍ରିଡମ୍ ଅଫ୍ ରିଲିଜିଅନ (ସଂଶୋଧନ) ଆକ୍ଟ, ୨୦୨୧), କର୍ନାଟକ (କର୍ନାଟକ ପ୍ରୋଟେକ୍‌ସନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ, ୨୦୨୨) ଏବଂ ହରିୟାଣା (ହରିୟାଣା ପ୍ରିଭେନ୍‌ସନ ଅଫ୍ ଅନ୍‌ଲଫୁଲ କନ୍‌ଭର୍ସନ ଅଫ୍ ରିଲିଜିଅନ ଆକ୍ଟ, ୨୦୨୨)ରେ ପାସ୍ କରାଯାଇଥିଲା। ୧୧. ଟେମ୍ପୋରାରି ସସ୍‌ପେନ୍‌ସନ ଅଫ୍ ଟେଲିକମ୍ ସର୍ଭିସ୍(ପବ୍ଲିକ ଏମର୍ଜେନ୍ସି /ପବ୍ଲିକ ସେଫ୍ଟି ରୁଲ୍ସ, ୨୦୧୭: ଏହି ଆଇନ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମୋବାଇଲ ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ କ୍ଷମତା ଦେଇଛି। ଇଣ୍ଟରନେଟ୍ ବନ୍ଦରେ ଭାରତ ହେଉଛି ବିଶ୍ୱର ଅଗ୍ରଣୀ ଦେଶ। ୧୨. ୨୦୧୯ରେ ଗୁଜରାଟରେ ଅସ୍ଥାବର ସମ୍ପତ୍ତି ହସ୍ତାନ୍ତର ଉପରେ ନିଷେଧାଦେଶ ପାଇଁ ଏକ ସଂଶୋଧିତ ଆଇନ ଅଣାଯାଇଥିଲା। ଏହି ନିୟମ ହିନ୍ଦୁ ଏବଂ ମୁସଲମାନଙ୍କୁ ସରକାରଙ୍କ ଅନୁମତି ବିନା ପରସ୍ପରଠାରୁ ସମ୍ପତ୍ତି କ୍ରୟ କିମ୍ବା ଭଡ଼ାରେ ଦେବାକୁ ବାରଣ କରିଛି।

ଉଲ୍ଲେଖନୀୟ, ଗୋଟିଏ ରାଜ୍ୟରେ ଆଇନ ପ୍ରଣୟନ କରିଥିବା ଦଳ କ୍ଷମତାଚ୍ୟୁତ ହେଲା ପରେ ମଧ୍ୟ ସେହି ଆଇନଗୁଡ଼ିକ ମଧ୍ୟରୁ କେତେକ ଏବେ ବି ରହିଛି। ଏହି ଆଇନଗୁଡ଼ିକର ଦୀର୍ଘମିଆଦୀ ପ୍ରଭାବ ରହିଛି ଏବଂ ଆମ ସମାଜ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଚିନ୍ତା କରିବା ଲାଗି ପୋଲିସ, ଅମଲାତନ୍ତ୍ର ଏବଂ ନ୍ୟାୟପାଳିକାକୁ ପ୍ରଭାବିତ କରିଛି। ଭାରତ କେଉଁ ପ୍ରକାର ଦେଶ ତାହା ଏହିସବୁ ଆଇନ ପ୍ରତିଫଳିତ କରିଛି ଏବଂ ଚଳିତ ନିର୍ବାଚନ ପରେ ଆଗକୁ ଆମେ କ'ଣ ଆଶା କରିପାରିବା, ସେ ବିଷୟରେ ଏକ ଆଭାସ ମିଳୁଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | 6 | 4 | 1 | |
| | | | | | | | | |
| | | 2 | 8 | 1 | | 3 | | |
| | 3 | 5 | | 2 | | | | |
| 2 | 7 | | 1 | 5 | | | | |
| | | | | 6 | 7 | | | |
| 6 | | | | | | 5 | 7 | |
| 9 | | | | | | | | |
| | | | | | 4 | 6 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 4 | 2 | 7 | 9 | 5 | 8 | 1 |
| 1 | 7 | 5 | 8 | 3 | 6 | 4 | 9 | 2 |
| 8 | 9 | 2 | 1 | 4 | 5 | 3 | 7 | 6 |
| 4 | 8 | 7 | 5 | 9 | 2 | 6 | 1 | 3 |
| 2 | 1 | 9 | 4 | 6 | 3 | 8 | 5 | 7 |
| 5 | 6 | 3 | 7 | 1 | 8 | 2 | 4 | 9 |
| 9 | 5 | 8 | 6 | 2 | 1 | 7 | 3 | 4 |
| 7 | 2 | 1 | 3 | 5 | 4 | 9 | 6 | 8 |
| 3 | 4 | 6 | 9 | 8 | 7 | 1 | 2 | 5 |

ଗତକାଲିର ଉତ୍ତର

# ମନ୍ତ୍ରଶକ୍ତିର ପ୍ରଭାବ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବୈଦିକ ଋଷିମାନଙ୍କୁ ମନ୍ତ୍ରଦ୍ରଷ୍ଟା କୁହାଯାଏ। ଦାର୍ଶନାର୍ଥକ ଦୃଶ୍ ଧାତୁରୁ ଦ' କାର ଲୋପ ହୋଇ ଋଷି ଶବ୍ଦ ଗଠିତ। ନିରୁକ୍ତାଚାର୍ଯ୍ୟ ଯାସ୍କଙ୍କ ମତରେ ଯିଏ ଦର୍ଶନ କରନ୍ତି ସେ ଋଷି। ଋଷିମାନେ ତପସ୍ୟା ଓ ଧ୍ୟାନ କରୁ କରୁ ମନ୍ତ୍ରଦ୍ରଷ୍ଟା ହେଉଥିଲେ। ମାତ୍ର ବେଦମନ୍ତ୍ରର ଦର୍ଶନ ସହ ଅର୍ଥ ଦର୍ଶନ ହିଁ ଋଷିତ୍ୱ (ନିରୁକ୍ତ) –୨:୧୧। ଏଥିରୁ ସ୍ୱଷ୍ଟ ମନେହୁଏ ଯେ, ଋଷି ବେଦମନ୍ତ୍ରର ସ୍ରଷ୍ଟା ନୁହନ୍ତି, ଦ୍ରଷ୍ଟା ମାତ୍ର। ଦର୍ଶନ ପୂର୍ବରୁ ଦୃଶ୍ୟବସ୍ତୁର ଅସ୍ତିତ୍ୱ ଥିବା ଭଳି ଋଷି ବେଦମନ୍ତ୍ରର ଦର୍ଶନ କରିବା ପୂର୍ବରୁ ବେଦମନ୍ତ୍ରର ଅସ୍ତିତ୍ୱ ଥାଏ। ଋଷି ତପ ଓ ସ୍ୱାଧ୍ୟାୟ ବଳରେ ତା'ର ଆତ୍ମାନୁଭବ କରନ୍ତି। ନିରୁକ୍ତକାର କହିଛନ୍ତି ''ମନ୍ତ୍ର ମନନାତ୍'' (୭,୧୨) ଅର୍ଥାତ୍ ମନନ କରିବା ହେତୁ ସେଗୁଡ଼ିର ନାମ ମନ୍ତ୍ର। ଋଷିମାନଙ୍କ ଗଭୀର ଚିନ୍ତନ ପରେ ସେମାନଙ୍କ ମୁଖରୁ ମନ୍ତ୍ରଗୁଡ଼ିକ ନିଃସୃତ ହେଉଥିଲା। ମନ୍ତ୍ର ହେଉଛି ଧ୍ୱନି ସହ ଏକ ନିର୍ଦ୍ଦିଷ୍ଟ ଅର୍ଥର ସଂଯୋଗ। ତା'ର ଉଚ୍ଚାରଣ ହୃଦୟରେ ଏକ ଅଲୌକିକ ସ୍ପନ୍ଦନ ଓ ବାତାବରଣରେ ଏକ ଆଧିଭୌତିକ ପ୍ରଭାବ ସୃଷ୍ଟିକରେ। ଶ୍ରୀ ଅରବିନ୍ଦଙ୍କ ଭାଷାରେ, ''ମନ୍ତ୍ରର ତତ୍ତ୍ୱ ହେଲା ଏହା ଆମର ଗୋପନ ଅନ୍ତର୍ଦେଶରୁ ଉତ୍ସାରିତ ଶକ୍ତିମୟ ଶବ୍ଦ। ସେ ଅନ୍ତର୍ଦେଶରେ ମନଠାରୁ ଗଭୀର ଏକ ଚେତନା ତାହା ଉପରେ ଏକାଗ୍ର ହୋଇଛି ; ହୃଦୟରେ ତା'ର ରୂପାୟନ ଘଟିଛି– ତାହା ବୁଦ୍ଧି ପ୍ରସୂତ ନୁହେଁ– ମନ ତାକୁ ଧାରଣ କରିଛି, ସଚେତ ମନ ପୁଣି ତା' ଉପରେ ଧ୍ୟାନ ନିବଦ୍ଧ କରିଛି ଓ ତା'ପରେ ତାହା ନିଃସୃତ ହୋଇଛି ନୀରବରେ ବା ଶବ୍ଦ ଯୋଗେ'' (ଅନୁବାଦ ମନୋଜ ଦାସ)। ମୂଳତଃ ସାଧକ ପାଇଁ ଉଚ୍ଚତର ଚେତନାକୁ ମାର୍ଗ ନିର୍ଦ୍ଦେଶ କରିବା ଓ ମହତ୍ତର ଉପଲବ୍ଧି ଆଣିଦେବା ହେଲା ମନ୍ତ୍ରର ଆଭିମୁଖ୍ୟ।

ମନ୍ତ୍ରରେ ଦେବତ୍ୱର ପ୍ରାଣସ୍ପନ୍ଦନ ମିଳିତ ଥାଏ ବୋଲି ତାହା ପ୍ରଭାବ ପକାଇପାରେ। ଯଦି ମନ୍ତ୍ର ସହ ସାଧକ ସ୍ୱୀୟ ଦେବତ୍ୱକୁ ବିକଶିତ କରି ସଂଯୁକ୍ତ କରିବାରେ ଅସଫଳ ହୁଏ, ସେହି ଶବ୍ଦପୁଞ୍ଜରୁ ସେହି ଧରଣର ପ୍ରଭାବ ଉତ୍ପନ୍ନ ହୋଇପାରେନାହିଁ। ମନ୍ତ୍ର–ସାଧକକୁ ନିଜ ବ୍ୟକ୍ତିତ୍ୱର ସ୍ତରକୁ ଏପରି ଟେକିବାକୁ ହୁଏ ଯେ ଜିହ୍ୱାରୁ ଉଚ୍ଚାରିତ ମନ୍ତ୍ର କେବଳ ମାତ୍ର ଧ୍ୱନି ନ ରହି ବାକ୍‌ଶକ୍ତି ରୂପେ ପ୍ରକଟିତ ହୁଏ। ତା'ର ପ୍ରକଟମାତ୍ରକେ ସୂକ୍ଷ୍ମ ଜଗତରେ ଏକ ସ୍ପନ୍ଦନ ଓ ମନ୍ତ୍ରର ଉଦ୍ଦେଶ୍ୟ ଅନୁରୂପ ବାତାବରଣ ସୃଷ୍ଟିହୁଏ। ମନ୍ତ୍ରର ଚମତ୍କାର କ୍ଷମତା ଯେଉଁ ଉଚ୍ଚାରଣ ଉପରେ ନିର୍ଭର କରେ ତାକୁ ବାକ୍ କୁହାଯାଏ। ଏଥିରେ ଶବ୍ଦର ଯେତିକି ପ୍ରଭାବ ଥାଏ ତା'ଠାରୁ ବହୁଗୁଣ ପ୍ରଭାବ ସାଧକର ବ୍ୟକ୍ତିତ୍ୱରେ ସନ୍ନିହିତ ଥାଏ। ଏହି ଆଧାର ଉପରେ ମନ୍ତ୍ରର ବିଶେଷତ୍ୱ ପ୍ରମାଣିତ ହୁଏ। ମନ୍ତ୍ର ମାଇକ୍ରୋଫୋନ୍ ବା ମୋବାଇଲ୍ ସେଟ୍ ଭଳି ଯନ୍ତ୍ର ମାଧ୍ୟମରେ ପରିବେଷିତ ହେବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ମୁଖରେ ଉଚ୍ଚାରିତ ହେବା ପାଇଁ ଉଦ୍ଦିଷ୍ଟ। ମନ୍ତ୍ର ସାଧକ ଓ ଈଶ୍ୱରଙ୍କ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟକରେ। ଉଦାହରଣ ସ୍ୱରୂପ, 'ଓମ୍' ଏକାକ୍ଷରୀ ମନ୍ତ୍ର ଭାବେ ବିଦିତ ଓ ଜଗନ୍ନାଥ ଦାସଙ୍କ ଭାଷାରେ ''ସକଳ ମନ୍ତ୍ର ମଧ୍ୟେ ସାର''। ଏଣୁ ସାଧୁସନ୍ଥମାନେ ଦୀର୍ଘ ମନ୍ତ୍ର ସାଧନା ନ କରି ଓଁକାର ସାଧନା କରନ୍ତି। ମୁଣ୍ଡକ ଉପନିଷଦରେ କୁହାଯାଇଛି ଯେ,''ଓମ୍'' ହେଉଛି ଧନୁ, ଜୀବାତ୍ମା ହେଉଛି ବାଣ ଓ ବ୍ରହ୍ମ ତା'ର ଲକ୍ଷ୍ୟ। ସାଧକ ପ୍ରମାଦରହିତ ହୋଇ ଶରବିଦ୍ଧ କରିବା ଉଚିତ ଓ ଲକ୍ଷ୍ୟପ୍ରାପ୍ତି ପାଇଁ ବାଣ ଭଳି ତନ୍ମୟ ହେବା ଉଚିତ। ରେକର୍ଡ ନିର୍ଗତ ''ଓମ୍'' ଧ୍ୱନି ମନ୍ତ୍ରୋଚ୍ଚାରଣର ଉଦ୍ଦେଶ୍ୟକୁ ସଫଳ କରେନାହିଁ।

ସଂପ୍ରତି ଯେଉଁମାନେ ବୈଦିକ ମନ୍ତ୍ରକୁ ଶ୍ରୁତିମଧୁର ସଙ୍ଗୀତ ଭଳି ସ୍ୱର ସଂଯୋଜନା କରୁଛନ୍ତି ସେମାନେ ମନେରଖିବା ଉଚିତ ଯେ ପ୍ରତ୍ୟେକ ମନ୍ତ୍ରର ଏକ ନିର୍ଦ୍ଦିଷ୍ଟ ଛନ୍ଦ ଥାଏ ଓ ସେହି ଛନ୍ଦର ନିର୍ଦ୍ଦିଷ୍ଟ ସ୍ୱର, ତାଳ ଓ ଲୟ ଥାଏ। ସେ ସବୁର ଠିକ୍ ଉପଯୋଗ ନ ହେଲେ ମନ୍ତ୍ର ତା'ର ପ୍ରକୃତ ପ୍ରଭାବ ସୃଷ୍ଟି କରିପାରେନାହିଁ। 'ଶତପଥ ବ୍ରାହ୍ମଣ' ଗ୍ରନ୍ଥରେ ଯରୁଚ ଦେବ ଓ ନୃମେଧ ଋଷିଙ୍କ ବିବାଦ ସମ୍ପର୍କରେ ଏକ ଉପାଖ୍ୟାନ ଅଛି। ଉଭୟେ ନିଜକୁ ସଫଳ ମାନ୍ତ୍ରିକ ଭାବରେ ପ୍ରମାଣିତ କରିବାକୁ ଚାହିଁଲେ। ଯରୁଚ ଦେବ ମନ୍ତ୍ରୋଚ୍ଚାରଣ କରି ଅଗ୍ନି ଉତ୍ପନ୍ନ କଲେ ଓ କଞ୍ଚାକାଠକୁ ଜାଳିଦେଲେ, ମାତ୍ର ନୃମେଧଙ୍କ ଉଚ୍ଚାରିତ ମନ୍ତ୍ର କେବଳ ଧୂଆଁ ସୃଷ୍ଟିକଲା। ଯରୁଚ ଦେବ ନୃମେଧଙ୍କୁ କହିଲେ, ''ଆପଣ କେବଳ ମନ୍ତ୍ରୋଚ୍ଚାରଣ କରି ଜାଣନ୍ତି, ମାତ୍ର ମୁଁ ତା'ର ଆତ୍ମାର ସାକ୍ଷାତ୍ ଲଭିଛି।'' ଏ କଥାର ତାତ୍ପର୍ଯ୍ୟ ହେଉଛି ଯେ ମନ୍ତ୍ରସ୍ଥ ଭାବକୁ ଅନୁଭବ ପର୍ଯ୍ୟାୟକୁ ନ ଆଣି କେବଳ ଉଚ୍ଚାରଣ କରିଦେଲେ ଏକ ପବିତ୍ର ବାତାବରଣ ସୃଷ୍ଟି ହୁଏନାହିଁ କି ମନ୍ତ୍ର ଉପଯୁକ୍ତ



ପ୍ରଭାବ ସୃଷ୍ଟି କରିପାରେ ନାହିଁ। ମନ୍ତ୍ରୋଚ୍ଚାରଣର ସଫଳତା ନିର୍ଭର କରେ ନିର୍ଭୁଲ ଉଚ୍ଚାରଣ, ଏକାଗ୍ର ଚିତ୍ତ ଓ ଅର୍ଥର ଉପଲବ୍ଧି ଉପରେ।

ଏହି ପ୍ରସଙ୍ଗରେ ଏକ କ୍ଷୁଦ୍ରଗଳ୍ପ ପ୍ରଣିଧାନଯୋଗ୍ୟ ମନେହୁଏ। ଥିଲା ଜଣେ ଅଳ୍ପବୁଦ୍ଧି ବାଳକ। ତା'ର ବୁଦ୍ଧିର ଉପଯୁକ୍ତ ବିକାଶ ହେଉ ନ ଥିବାରୁ ତା' ବାପା ଅତ୍ୟନ୍ତ ଚିନ୍ତିତ ରହୁଥିଲେ। ଅଦୂରରେ ଜଣେ ପଣ୍ଡିତ ଖୋଲିଥାନ୍ତି ଏକ ଚାଟଶାଳୀ। ଦିନେ ବାପା ପିଲାଟିକୁ ଧରି ଚାଟଶାଳୀରେ ପହଞ୍ଚିଲେ ଓ ତାଙ୍କ ପିଲାକୁ ଶିଷ୍ୟ ଭାବେ ଗ୍ରହଣକରି ପାଠ ପଢ଼ାଇବା ପାଇଁ ପଣ୍ଡିତଙ୍କୁ ଅନୁରୋଧ କଲେ। ପିଲାଟି ପଣ୍ଡିତଙ୍କ ଚାଟଶାଳୀରେ ରହିଲା। ଦିନେ ପଣ୍ଡିତ ତାକୁ କହିଲେ ''ମୁଁ ତୋତେ ଏକ ମନ୍ତ୍ର ଦେଉଛି। ତାକୁ ପ୍ରତ୍ୟହ ଆବୃତ୍ତି କରିବୁ। ମନ୍ତ୍ରଟି ହେଲା 'ଅହମ୍ ବ୍ରହ୍ମାସ୍ମି'। ଘରକୁ ଆସି ସେ ମନ୍ତ୍ରଟିକୁ ବାରମ୍ବାର ଉଚ୍ଚାରଣ କରନ୍ତେ ବାପା ତାକୁ ମନ୍ତ୍ରର ଅର୍ଥ ପଚାରିଲେ। ପିଲାଟି ସେହି ମନ୍ତ୍ରର ଅର୍ଥ କିଛି ବୁଝି ନ ଥିଲା। ମନ୍ତ୍ରର ଯେ ଅର୍ଥଟିଏ ଥିବ ଏ କଥା ତା' ମୁଣ୍ଡରେ ପଶି ନ ଥିଲା। ବାପା ତାକୁ ବୁଝାଇ କହିଲେ, ''ପୁଅ! ଏହାର ଅର୍ଥ ହେଉଛି 'ମୁଁ ବ୍ରହ୍ମ'।'' ପିଲାଟି ଅର୍ଥଟି ଜାଣି ଖୁସିହେଲା। ତା' ପରଦିନ ସେ ଗଲା ମାମୁଘରକୁ। ସେଠାରେ ସେ ଆବୃତ୍ତି କରୁଥାଏ ''ଅହମ୍ ବ୍ରହ୍ମାସ୍ମି'' ଅର୍ଥାତ୍ ବାପା ହେଲେ ବ୍ରହ୍ମ''। ମାମୁ ତା'ର ଭୁଲ୍ ସଂଶୋଧନ କରି କହିଲେ ''ଭଣଜା! ତା'ର ଅର୍ଥ, ବାପା ହେଲେ ବ୍ରହ୍ମ ନୁହେଁ, 'ମୁଁ ବ୍ରହ୍ମ'।'' ପିଲାଟି ଭାବିଲା ବୋଧହୁଏ ବାପା ଠିକ୍ ଅର୍ଥ ଜାଣି ନ ଥିଲେ। ମାମୁ ଠିକ୍ କହୁଛନ୍ତି। କିଛିଦିନ ପରେ ଗାଁକୁ ଫେରିଲା। ଦିନେ ଗାଁ ଉପକଣ୍ଠରେ ବସି ସେ ଉଚ୍ଚାରଣ କରୁଥାଏ 'ଅହମ୍ ବ୍ରହ୍ମାସ୍ମି, ଅର୍ଥାତ୍ ମାମୁ ହେଲେ ବ୍ରହ୍ମ।' ଗାଁ ମୁଖିଆ ଏକଥା ଶୁଣି ତାକୁ କହିଲା, ''ବାବୁ! ମାମୁ ହେଲେ ବ୍ରହ୍ମ ନୁହେଁ, 'ମୁଁ ବ୍ରହ୍ମ'।'' ପିଲାଟି ବିଚଳିତ ହୋଇପଡ଼ିଲା। ମନ୍ତ୍ରଟି ବିଷୟରେ ମନନ କଲା। ବାପା, ମାମୁ, ଗାଁ ମୁଖିଆ ସମସ୍ତେ କହିଲେ 'ମୁଁ ବ୍ରହ୍ମ', ଅର୍ଥାତ୍ ସମସ୍ତେ ବ୍ରହ୍ମ। ତା'ହେଲେ ମୁଁ ନିଜେ ବି ବ୍ରହ୍ମ। ଏବେ ମନ୍ତ୍ରର ଅର୍ଥକୁ ଠିକ୍ ବୁଝିପାରିଲା। ସେ ଏକାଗ୍ର ଚିତ୍ତରେ ଜପ କଲା ''ଅହମ୍ ବ୍ରହ୍ମାସ୍ମି''। ଗଭୀର ଧ୍ୟାନ ମଧ୍ୟରେ ସେ ନିଜ ଭିତରେ ଅନୁଭବ କଲା ଏକ ଚୈତ୍ୟସତ୍ତା।

ମନ୍ତ୍ର ଉଚ୍ଚାରଣ କଲେ ତା'ର ଧ୍ୱନି ବାତାବରଣରେ ଏକ ତରଙ୍ଗ ସୃଷ୍ଟି କରିପାରେ, ମାତ୍ର ତା'ର ଅର୍ଥ ହୃଦୟଙ୍ଗମ ନ କଲେ ଓ ତା' ଉପରେ ଏକାଗ୍ରଚିତ୍ତ ନ ହେଲେ ବ୍ୟକ୍ତିତ୍ୱ ଉପରେ ତା'ର କୌଣସି ପ୍ରଭାବ ପଡ଼େନାହିଁ। ପୁନଶ୍ଚ ନିର୍ଦ୍ଦିଷ୍ଟ ଛନ୍ଦ, ସ୍ୱର, ତାଳ, ଲୟ ସହ ମନ୍ତ୍ରୋଚ୍ଚାରଣ ନ କଲେ ତାହା ଆମୋଦପ୍ରମୋଦ ପାଇଁ ଗାନ କରାଯାଉଥିବା ସାଧାରଣ ସଂଗୀତଠାରୁ କୌଣସି ଗୁଣରେ ଭିନ୍ନ ହୁଏନାହିଁ। ଏଣୁ ମନ୍ତ୍ର ଭିତରେ ଥିବା ଶକ୍ତିକୁ ଆୟତ୍ତ କରିବାକୁ ହେଲେ ଆମକୁ ତା' ଉପରେ ଏକାଗ୍ର ହୋଇ ମନନ କରି ଅନୁଭବ ସ୍ତରକୁ ଆଣିବାକୁ ହେବ। ତେବେ ମନ୍ତ୍ର ତା'ର ପ୍ରକୃତ ପ୍ରଭାବ ସୃଷ୍ଟି କରିପାରିବ।

ମୋ:୯୪୩୭୩୨୯୨୬୩

# ପ୍ଲାଷ୍ଟିକ୍ : ଏକ କ୍ଷୁଦ୍ର ପ୍ରବନ୍ଧ



ଶୈଳେନ୍ଦ୍ର ଦ୍ୱିବେଦୀ

ଆନ୍ତର୍ଜାତିକ ସ୍ତରରେ ପ୍ଲାଷ୍ଟିକ୍ ବର୍ଜ୍ୟ ଏବଂ ତଜ୍ଜନିତ ପ୍ରଦୂଷଣ ରୋକିବା ପାଇଁ ବିଶ୍ୱସ୍ତରରେ ରାଜିନାମା କଥା ଗୁରୁତ୍ୱର ସହ ଚିନ୍ତା କରାଯାଉଥିବାବେଳେ ପ୍ଲାଷ୍ଟିକ୍ ପ୍ରଦୂଷଣ ଏବଂ ଏହାର ପ୍ରଭାବ ବାବଦରେ ଦିନକୁ ଦିନ ନୂଆ ଖବର ଆସୁଛି। ପର୍ଯ୍ୟବେକ୍ଷକମାନଙ୍କ ମତ ଏଯାଏ ଆମର ସକଳ ଉଦ୍ୟମ ସତ୍ତ୍ୱେ ନା ହ୍ରାସ ପାଉଛି ପ୍ଲାଷ୍ଟିକ୍ ପ୍ରଦୂଷଣ ନା ଉତ୍ପାଦନ। ଏଣେ ସଭ୍ୟମାନଙ୍କ ମଧ୍ୟରେ ସହମତି ନାହିଁ ଯେ ରାଜିନାମା ଅବିକଳ କ'ଣ ହେବ ? କୁହାଯାଉଛି ପ୍ଲାଷ୍ଟିକ୍‌ର ସୁନାମି ଆରମ୍ଭ ହୋଇସାରିଛି, ଯାହାକୁ ରୋକିବା ସହଜସାଧ୍ୟ ନୁହେଁ। ଏଇଠି କହିରଖେ, ରାଜିନାମା ପ୍ରକ୍ରିୟା ୨୦୨୨ରୁ ଆରମ୍ଭ ହୋଇସାରିଛି ଏବଂ ଆଶା ରହିଛି ଏଇ ବର୍ଷ (୨୦୨୪) ଭିତରେ ଏହି ପ୍ରକ୍ରିୟା ଶେଷ ହେବ। ଗବେଷକମାନେ ଆଶାବାଦୀ ଯେ ରାଜିନାମା ପ୍ଲାଷ୍ଟିକ୍ ଉତ୍ପାଦନଠୁ ଆରମ୍ଭକରି ଏହାର ଶେଷ ପ୍ରକ୍ରିୟାକରଣ ପର୍ଯ୍ୟନ୍ତ ସବୁ ଦିଗକୁ ବିଚାରକୁ ନେବ।

ନିକଟରେ ନେଚର ପ୍ରକାଶିତ ଏକ ନିବନ୍ଧରେ ଦର୍ଶାଯାଇଛି ଯେ, ଏହି ରାଜିନାମା ପ୍ରକୃତରେ ଅଭିପ୍ରେତ ପ୍ଲାଷ୍ଟିକ୍ ପ୍ରଦୂଷଣର ଅନ୍ତ ପାଇଁ। ୨୦୪୦ ମସିହା ସୁଦ୍ଧା ପ୍ଲାଷ୍ଟିକ୍ ବର୍ଜ୍ୟକୁ ଶୂନ୍ୟସ୍ତରରେ ପହଞ୍ଚାଇବା ପାଇଁ ଏହାର ଉଦ୍ଦେଶ୍ୟ। ପାଠକମାନେ ଜାଣନ୍ତି, ବିଶୃଙ୍ଖଳିତ ପରିଚାଳନାରେ ପ୍ଲାଷ୍ଟିକ୍ ବର୍ଜ୍ୟର ପୁନଃ ପ୍ରକ୍ରିୟାକରଣ ହୁଏନାହିଁ, ଅପରନ୍ତୁ ଏମିତି ପ୍ଲାଷ୍ଟିକ୍ ବିକ୍ଷିପ୍ତ ହୋଇ ପଡ଼ିରହିବା ସହିତ ବିପଜ୍ଜନକ ପ୍ରଦୂଷଣର କାରଣ ପାଲଟିଥାଏ। ତଥ୍ୟ ଅନୁସାରେ, ୧୯୫୦ରେ ସାରା ପୃଥିବୀରେ ପ୍ଲାଷ୍ଟିକ୍ ଉତ୍ପାଦନ ଦୁଇ ନିୟୁତ ଟନ୍ ଥିବାବେଳେ ୨୦୧୯ ସୁଦ୍ଧା ଏହା ବୃଦ୍ଧି ପାଇଛି ୪୬୦ ନିୟୁତ ଟନ୍‌କୁ ଏବଂ ଆକଳନ ହେଉଛି ୨୦୬୦ ସୁଦ୍ଧା ଏହି ବୃଦ୍ଧି ତିନିଗୁଣ ହେବ। ବିଶେଷକରି ୨୦୫୦ ସୁଦ୍ଧା ବିଶୃଙ୍ଖଳିତ ଉତ୍ପାଦନ ପ୍ରକ୍ରିୟାରେ ପ୍ରସ୍ତୁତ ହେଉଥିବା ପ୍ଲାଷ୍ଟିକ୍ ହେବ ୧୨୨ ନିୟୁତ ଟନ୍। ତଥାପି ଆଶା ରହିଛି ଏକ ମିଳିତ ଏବଂ ପ୍ରଗତିଶୀଳ ରାଜିନାମା ପ୍ଲାଷ୍ଟିକ୍ ଉତ୍ପାଦନ ଉପରେ ଅଙ୍କୁଶ ଲଗାଇପାରିବ।

ଜଣେ ଗବେଷିକା ଏବଂ ତାଙ୍କ ସାଥୀମାନେ ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ, ଯଦି ପ୍ଲାଷ୍ଟିକ୍ ଉତ୍ପାଦନ ବର୍ଷକୁ ୪ ପ୍ରତିଶତ ହାରରେ ବଢ଼େ ତେବେ ୨୦୫୦ ଏହି କାରଣରୁ ପ୍ରଦୂଷଣ/ବିଷାକ୍ତ ବର୍ଜ୍ୟ ଉତ୍ସର୍ଜନ ୬.୭୮ ଜିଗାଟନ୍‌ରେ ପହଞ୍ଚିବ। ଏହାର ଅର୍ଥ ଆସନ୍ତା ୨୫ ବର୍ଷ ଭିତରେ କେବଳ ପ୍ଲାଷ୍ଟିକ୍ ଉତ୍ପାଦନ ଯୋଗୁ କାର୍ବନ ଉତ୍ସର୍ଜନ ସର୍ବାଧିକ ହେବ ଏବଂ ଯଦି ପ୍ୟାରିସ୍ ରାଜିନାମା ଅନୁସାରେ ତାପମାତ୍ରା ବୃଦ୍ଧିକୁ ଆମେ ପ୍ରାକ୍ ଶିଳ୍ପ ଉତ୍ପାଦନ ସ୍ତରଠୁ ୧.୫ ସେଲ୍‌ସିୟସ୍‌ରେ ସୀମିତ ରଖିବା ତେବେ ପ୍ଲାଷ୍ଟିକ୍ ଉତ୍ପାଦନକୁ ଏବଂ ସେଇ କାରଣରୁ ଉତ୍ପନ୍ନ ହେଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ।

କୁହାଯାଉଛି ଆଗାମୀ ଆନ୍ତର୍ଜାତିକ ପ୍ଲାଷ୍ଟିକ୍ ରାଜିନାମାରେ ସାମିଲ କରିବା ପାଇଁ ୧୧ଟି ନୀତି ଧାର୍ଯ୍ୟ ହୋଇଛି, ଯାହା ୨୦୫୦ ସୁଦ୍ଧା ପ୍ରଦୂଷଣକୁ ୨୬ ପ୍ରତିଶତ ହ୍ରାସ କରିବ। ପାଠକମାନଙ୍କୁ ଏଇଠି କହିରଖେ ଯେ, ଆମେ ବ୍ୟବହାର କରୁଥିବା



ପ୍ଲାଷ୍ଟିକ୍ ଶହ ଶହ ବିଷାକ୍ତ ରାସାୟନିକ କଣିକାଙ୍କୁ ଧାରଣ କରିଛି। ଗତମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, (ନରୱେ ଗବେଷଣା ପରିଷଦ ଆନୁକୂଲ୍ୟରେ ପ୍ରସ୍ତୁତ) ପ୍ଲାଷ୍ଟିକ୍‌ରେ ୧୬,୦୦୦ ରାସାୟନିକ ରହିଛି, ଯେଉଁଥିରୁ ୪୨୦୦ ମଣିଷ ପାଇଁ କ୍ଷତିକାରକ। ପ୍ଲାଷ୍ଟିକ୍ ଏବଂ ଆମ ସ୍ୱାସ୍ଥ୍ୟ ଉପରେ ପ୍ରକାଶିତ ୨୦୨୩ର ଅନ୍ୟ ଏକ ରିପୋର୍ଟ ଅନୁସାରେ, ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ୨୦୧୫ରେ ଏକା ଯୁକ୍ତରାଷ୍ଟ୍ରରେ ଚିକିତ୍ସା ଖର୍ଚ୍ଚ ୯୨୦ ଡଲାର ଛୁଇଁଥିଲା (ମୁଣ୍ଡପିଛା)। ପ୍ରାୟ ୨୫୦ ବ୍ୟକ୍ତିଙ୍କ ହୃଦ୍‌ଘାତ, ଷ୍ଟ୍ରୋକ୍ ଏବଂ ମୃତ୍ୟୁ ସେମାନଙ୍କ ଧମନୀରେ ମାଇକ୍ରୋପ୍ଲାଷ୍ଟିକ୍ ଅବରୋଧ କରିଥିବା ଯୋଗୁ ଘଟିଥିଲା। ଏଣେ କୁହାଯାଉଛି ଅର୍ଥନୀତି, ଧର୍ମ, ଜାତି ଏବଂ ରାଜନୀତି ଊର୍ଦ୍ଧ୍ୱରେ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ଜନସ୍ୱାସ୍ଥ୍ୟ।

ପାଠକେ, ବିଶ୍ୱସ୍ତରରେ ପ୍ଲାଷ୍ଟିକ୍ ବର୍ଜ୍ୟକୁ ଭାରତର ଅବଦାନ ୫.୫ ନିୟୁତ ଟନ୍, ଯାହା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ବ୍ୟବହାର ପରେ ଫିଙ୍ଗିଦିଆଯାଇଥିବା ପ୍ଲାଷ୍ଟିକ୍ ସାମଗ୍ରୀ। ଆମର ମୁଣ୍ଡପିଛା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବର୍ଷକୁ ୪ କିଲୋଗ୍ରାମ। ଅନ୍ୟ ଏକ ସୂତ୍ର ଅନୁଯାୟୀ ଭାରତ ପ୍ରତିଦିନ ୨୬,୦୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ନିମନ୍ତେ ଦାୟୀ ଏବଂ କେବଳ ସେତିକି ନୁହେଁ, ଏହି ବର୍ଜ୍ୟରୁ ୯୮.୫୫ ପ୍ରତିଶତ ବର୍ଜ୍ୟର ଠିକ୍ ପରିଚାଳନା ହେଉନାହିଁ। ୨୦୧୯–୨୦ ତଥ୍ୟ ଅନୁସାରେ ରାଜ୍ୟରେ ବାର୍ଷିକ ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପାଦନ ଥିଲା ୪୫,୩୯୯.୪୦ ଟନ୍।

ଏଇଠି କହିରଖେ ପ୍ରତିବର୍ଷ ହାରାହାରି ୮ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ମିଶୁଛି ସମୁଦ୍ରରେ, ଯାହା ସାମୁଦ୍ରିକ ପରିବେଶକୁ କ୍ଷତି ପହଞ୍ଚାଇବା ସହିତ ଅଧିକ କ୍ଷତି କରୁଛି ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ। ବିଶେଷଜ୍ଞମାନଙ୍କ ମତ, ଏସିଆ ଏବଂ ଆଫ୍ରିକୀୟ ଦେଶଗୁଡ଼ିକରେ ପ୍ଲାଷ୍ଟିକ୍ ପ୍ରଦୂଷଣ ସର୍ବାଧିକ, କାରଣ ଏସବୁ ଅଞ୍ଚଳରେ ବର୍ଜ୍ୟ ସଂଗ୍ରହ ଏବଂ ପରିଚାଳନା ଅତି ଦୁର୍ବଳ। ସବୁଠୁ ବିସ୍ମୟକର ହେଉଛି ଜୀବାଶ୍ମ ଜାଳେଣିରୁ ପ୍ରସ୍ତୁତ ପ୍ଲାଷ୍ଟିକ୍ ମାତ୍ର ୧୦୦ ବର୍ଷ ପୁରୁଣା ଓ ପ୍ଲାଷ୍ଟିକ୍ ଉତ୍ପାଦନକୁ ଏକ ଉଲ୍ଲେଖନୀୟ ମୋଡ଼ ଦେବାରେ ଏବଂ ଆଧୁନିକ ଜୀବନଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଅଂଶରେ ପରିଣତ କରିବାରେ ସକ୍ରିୟ ଭୂମିକା ନେଇଥିଲା ୨ୟ ବିଶ୍ୱଯୁଦ୍ଧ। ଏବେ ଏମିତି କିଛି ସାମଗ୍ରୀ ନାହିଁ, ଯାହାର ପ୍ରସ୍ତୁତିରେ ପ୍ଲାଷ୍ଟିକ୍ କାମରେ ନ ଲାଗୁଛି। ସ୍ୱାସ୍ଥ୍ୟସେବାଠୁ ମହାକାଶ ଯାତ୍ରା ପର୍ଯ୍ୟନ୍ତ। ତେବେ ପର୍ଯ୍ୟବେକ୍ଷକମାନେ କୁହନ୍ତି, ପ୍ଲାଷ୍ଟିକ୍‌ର ଏକ ଅନ୍ଧାର ଦିଗ ମଧ୍ୟ ରହିଛି। ବିଶେଷକରି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍, ଯାହା ଏହାର କେଇ ମିନିଟ୍‌ର ଜୀବନ ଭିତରେ ପର୍ଯ୍ୟାବରଣକୁ ସ୍ଥାୟୀ କ୍ଷତି ପହଞ୍ଚାଇଥାଏ। ପାଠକେ, ପୃଥିବୀରେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ସମସ୍ତ ପ୍ଲାଷ୍ଟିକ୍‌ର ୫୦ ଭାଗ କେବଳ ଗତ ୨୦ ବର୍ଷ ଭିତରେ ପ୍ରସ୍ତୁତ ହୋଇଛି। ତଥ୍ୟ ଅନୁସାରେ ପ୍ଲାଷ୍ଟିକ୍ ଉତ୍ପାଦନ ୧୯୫୦ରେ ୨.୩ ନିୟୁତ ଟନ୍ ଥିବାବେଳେ ଏହା ନାଟକୀୟ ଭାବେ ବୃଦ୍ଧି ପାଇଥିଲା ୪୪୮ ନିୟୁତ ଟନ୍‌କୁ। ବୈଜ୍ଞାନିକମାନେ କହନ୍ତି ପ୍ଲାଷ୍ଟିକ୍‌ର ବର୍ଜ୍ୟକୁ ଠାବ କରାଯାଇଛି ମାରିଆନା ଟ୍ରେଞ୍ଚ(ଗଭୀରତମ)ଠୁ ମାଉଣ୍ଟ ଏଭରେଷ୍ଟ (ଉଚ୍ଚତମ) ପର୍ଯ୍ୟନ୍ତ। ମାଇକ୍ରୋପ୍ଲାଷ୍ଟିକ୍ ବେଶ୍ କିଛିବର୍ଷ ଧରି ଠାବ କରାଗଲାଣି ଆମ ରକ୍ତରେ, ଫୁସ୍‌ଫୁସ୍‌ରେ ଏବଂ ଅନ୍ୟାନ୍ୟ ଅଂଶରେ। ପ୍ରାୟ ୭୦୦ରୁ ଅଧିକ ପ୍ରଜାତି କ୍ଷତିଗ୍ରସ୍ତ ହୋଇଛନ୍ତି ଖାଦ୍ୟରେ ମାଇକ୍ରୋପ୍ଲାଷ୍ଟିକ୍ ଗ୍ରହଣ କରିବା ଯୋଗୁ, ଯେଉଁଥିରେ ଅନ୍ତର୍ଭୁକ୍ତ ଅନ୍ତତଃ ୧୦୦ ପ୍ରଜାତିର ଜଳଜ। ଏଣେ ହାତୀ, ବାଘ, ସିନ୍ଧୁଘୋଟକ ଓ ଓଟ ପରି ବୃହତ୍ ସ୍ତନ୍ୟପାୟୀଙ୍କର ଅକାଳ ମୃତ୍ୟୁ ଘଟୁଛି ଖାଦ୍ୟରେ ପ୍ଲାଷ୍ଟିକ୍/ମାଇକ୍ରୋପ୍ଲାଷ୍ଟିକ୍ ଥିବାରୁ। ଆପଣ ଚିନ୍ତା କରିପାରନ୍ତି।

ମୋ: ୯୪୩୭୧୩୭୦୬୦

## ଏଇ ଭାରତରେ

ଟେକ୍ସଟାଇଲ ଶିଳ୍ପରୁ ବର୍ଜ୍ୟ କପଡ଼ା ସଂଗ୍ରହ କରି ସେଥିରୁ ଷ୍ଟେସନେରି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ସୁରଟର ରାଶି ଅଗ୍ରୱାଲା। ସେ ବର୍ଜ୍ୟରୁ ଡାଏରି, ଜର୍ନାଲ, ପ୍ଲାନର, ସ୍କେଚ୍‌ବୁକ ଏବଂ କ୍ୟାଲେଣ୍ଡର ଆଦି ତିଆରି କରୁଛନ୍ତି। ଅଗ୍ରୱାଲା 'ରୋହାନି ରଙ୍ଗ' ଷ୍ଟେସନେରି ବିଜ୍‌ନେସ ଆରମ୍ଭ କରିଛନ୍ତି ଓ ଉତ୍ପାଦଗୁଡ଼ିକୁ ବିକ୍ରି କରୁଛନ୍ତି। ସେ ଏଯାବତ୍ ୯୦୦୦ କେ.ଜି.ରୁ ଊର୍ଦ୍ଧ୍ୱ ବର୍ଜ୍ୟ କପଡ଼ାର ପୁନଃ ଉପଯୋଗ କରିସାରିଛନ୍ତି। ବର୍ଜ୍ୟ କପଡ଼ାରୁ ପ୍ରଥମେ ପେପର ତିଆରି କରାଯାଉଛି, ଯାହା ସମ୍ପୂର୍ଣ୍ଣ ରସାୟନ ମୁକ୍ତ। ଏହି ପେପରରୁ ତିଆରି ବିଭିନ୍ନ ଷ୍ଟେସନେରି ଉତ୍ପାଦଗୁଡ଼ିକ ଉପରେ ବିଭିନ୍ନ କଳାକୃତିକୁ ସ୍ଥାନିତ କରାଯାଉଛି। ଏବେ ସୁଦ୍ଧା ୧,୫୦୦ ରିମ୍ କାଗଜ ବ୍ୟବହାର କରି ୧୫,୦୦୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଅଗ୍ରୱାଲା ଜୟପୁର, ପୁଡୁଚେରୀ ଓ କଚ୍ଛରୁ ୫୦ରୁ ଅଧିକ କାରିଗରଙ୍କୁ ନିଯୁକ୍ତ କରିଛନ୍ତି। ସେ ପ୍ରଥମରୁ ୫,୦୦୦ ଟଙ୍କା ବିଜ୍‌ନେସରେ ନିବେଶ କରି ଡାଏରି ତିଆରି କରିଥିଲେ। ପରେ ଅନ୍ୟସବୁ ଉତ୍ପାଦ ବିଜ୍‌ନେସରେ ସାମିଲ କରିଚାଲିଛନ୍ତି। ସେ ବର୍ଜ୍ୟ କପଡ଼ାରୁ କାଗଜ ତିଆରି କରି ୧୦୦ଟି ବଡ଼ ଗଛ କାଟିବାକୁ ରୋକିପାରିଛନ୍ତି ଓ ପରିବେଶ ସୁରକ୍ଷା ପାଇଁ ଏହା ଉପାଦେୟ ସାବ୍ୟସ୍ତ ହୋଇପାରିଛି ବୋଲି କୁହନ୍ତି ଅଗ୍ରୱାଲା।

## ୫୦ ବର୍ଷ ତଳର ଧରିତ୍ରୀ

୫ ମେ ୧୯୭୫

- ଜମ୍ମୁ ଓ କଶ୍ମୀରର ରାଜସ୍ୱମନ୍ତ୍ରୀଙ୍କଠାରୁ ପୂର୍ବରୁ ଅନୁମତି ନ ପାଇ କୃଷି ଜମିକୁ ଫଳ ବଗିଚାରେ ପରିଣତ କରାଯାଇ ପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରେସ୍ ନୋଟ୍‌ରେ ଘୋଷଣା।
- ପଞ୍ଚମ ଯୋଜନା କାଳରେ ଡେରାଡୁନଠାରେ ଚକ୍ଷୁହୀନ ବ୍ୟକ୍ତିଙ୍କ ପାଇଁ ଏକ ଜାତୀୟ ପ୍ରତିଷ୍ଠାନ ସ୍ଥାପନ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।
- ଦକ୍ଷିଣାଞ୍ଚଳ କମାଣ୍ଡର ମୁଖ୍ୟ ମେଜର ଜେନେରାଲ କୁନ୍ଦନ ସିଂହଙ୍କୁ ସେନାବାହିନୀ ମୁଖ୍ୟ କାର୍ଯ୍ୟାଳୟରେ ସାମରିକ ସେକ୍ରେଟାରୀ ରୂପେ ନିଯୁକ୍ତି ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଲୋକଙ୍କୁ ସାମରିକ ଶିକ୍ଷା ଦିଆଯାଉ

ମହାଶୟ,

ସାଧାରଣ ଜନତାଙ୍କୁ ସାମରିକ ତାଲିମ ଦେବା ଭବିଷ୍ୟତରେ ଭାରତ ପାଇଁ ବରଦାନ ସଦୃଶ ହୋଇପାରେ। ଭାରତର ଚାରିପଟୁ ବଢୁଥିବା ବିପଦ ସହିତ ଆଭ୍ୟନ୍ତରୀୟ ଶାନ୍ତି ରକ୍ଷା ଦିଗରେ ସାଧାରଣ ନାଗରିକଙ୍କୁ କିଛିମାତ୍ରାରେ ସାମରିକ ଶିକ୍ଷା ଦେଇ ପ୍ରସ୍ତୁତି କରାଯାଇପାରିବ। ଏହା ଦେଶର ସାର୍ବଭୌମତ୍ୱକୁ ଆହୁରି ସଶକ୍ତ କରାଇବ। ସାମରିକ କ୍ଷେତ୍ରରେ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଅକସ୍ମାତ୍ ପରିସ୍ଥିତିକୁ ଏଡ଼ାଇ ହେବନାହିଁ। ବିଶ୍ୱ ବାତାବରଣ ଏବେ ସେତେଟା ସନ୍ତୁଳିତ ନୁହେଁ। ଭବିଷ୍ୟତ ପିଢ଼ିଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଇବାକୁ ହେଲେ ସାମରିକ ପ୍ରଶିକ୍ଷଣ ବ୍ୟବସ୍ଥା ସରକାରଙ୍କୁ କରିବାକୁ ପଡ଼ିବ। ଏ ସଂକ୍ରାନ୍ତରେ ବିଚାରବିମର୍ଶ କରାଯାଉ।

– ସତ୍ୟସିଂହ ଶତପଥୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ଚିରନ୍ତନୀ

ପଉଷ ପଥ ଉତ୍ତରା ହେ
ଉତ୍ତରୀୟ ତବ
ଉଡ଼ାଇ ଦେଲେ ଅଖିଳ ପ୍ରାଣେ
ଲଗାଅ ଅନୁଭବ।

(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

## ପ୍ରଧାନଶିକ୍ଷକ ନିଲମ୍ବିତ

### ଭାଜପା ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ସାମିଲ ହେବା ମହଙ୍ଗା ପଡିଲା

ରିଆମାଳ,୪।୫(ଶଶାଙ୍କ ଶେଖର ଝାଙ୍କର)

ଦଳୀୟ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେବଗଡ଼ ଜିଲା ରିଆମାଳ ବ୍ଲକ ବେଗୁନିଆନାଳି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ନାୟକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ପ୍ରଧାନଶିକ୍ଷକ ନାୟକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ ଏବଂ ଉପଜିଲାପାଳ ପରିକ୍ଷିତ ସାହୁଙ୍କ ନିର୍ଦ୍ଦେଶରେ ରିଆମାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ ତାଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପ୍ରଧାନଶିକ୍ଷକ ନାୟକ ଗତ ୩୦ ତାରିଖରେ ଦେବଗଡ଼ ବିଧାୟକ ତଥା ଭାଜପା ବିଧାନସଭା ପ୍ରାର୍ଥୀ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ମନୋନୟନପତ୍ର ଦାଖଲ ଶୋଭା ଯାତ୍ରାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବିଜେଡି ପଞ୍ଚାୟତ ପର୍ଯ୍ୟବେକ୍ଷକଙ୍କୁ ଆକ୍ରମଣ, ୪ ଗିରଫ

ବାସୁଦେବପୁର,୪।୫(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତରେ ଶୁକ୍ରବାର ରାତିରେ ରାଜନୈତିକ ହିଂସା ଘଟିଛି। ବିଜେଡିର ପଞ୍ଚାୟତ ପର୍ଯ୍ୟବେକ୍ଷକ ଗୌତମ ସେଠୀଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ସେ ଗୁରୁତର ଆହତ ହୋଇଥିବା ବେଳେ ବାସୁଦେବପୁର ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଇଛି। ଏନେଇ ଗୌତମଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୩୧୩/୨୪) ରୁଜୁ କରାଯାଇଛି। କଂଗ୍ରେସ ସମର୍ଥକମାନେ ତାଙ୍କୁ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଶନିବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଦର୍ଶନପୁର ଗ୍ରାମର ମାର୍କଣ୍ଡ ନାୟକ, ଉଦ୍ଧବ ନାୟକ, ଶଙ୍କର୍ଷଣ ନାୟକ ଓ ସତ୍ୟଜିତ୍ ପ୍ରଧାନ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ୬ ନଂ. ୱାର୍ଡରେ ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ଭାବେ ଆର୍ଡୁ ଗ୍ରାମର ବିଜେଡି ନେତା ଗୌତମ ବୈଠକରେ ଯୋଗ ଦେଇଥିଲେ। ବୈଠକ ସାରି ସେ ଆର୍ଡୁଙ୍କୁ ଫେରୁଥିବା ବେଳେ ତାଙ୍କୁ ଲୁହାରଡ଼ରେ ଆକ୍ରମଣ କରାଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଧାୟକ ପ୍ରତିନିଧି ଅସିତ ଦାସ, ଯୁବନେତା ମାନସ ସାହୁ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଗୌତମଙ୍କୁ ସମବେଦନା ଜଣାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ନିର୍ବାଚନ ପୂର୍ବରୁ ବାସୁଦେବପୁରରେ ହିଂସା ରାଜନୈତିକ ପାଣିପାଗକୁ ଉଷ୍ମ କରିଛି।

# ଦୁଲ୍‌ଦୁଲି, ଘଣ୍ଟବାଦ୍ୟ ଓ ଆତସବାଜିରେ କମ୍ପିଲା ସହର

### ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ଉଦ୍‌ଯାପିତ

ବୌଦ୍ଧ,୪।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ନାଟ୍ୟସଂସଦ ପକ୍ଷରୁ ସ୍ଥାନୀୟ ମାରୁତିମଣ୍ଡପଠାରେ ଦୀର୍ଘ ୧୮ ଦିନ ଧରି ଚାଲି ଆସୁଥିବା ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରା ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିନରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା। ଏହି ଯାତ୍ରାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଲୀଳାକୁ ପର୍ଯ୍ୟାୟ କ୍ରମେ ରାମଜନ୍ମ ଠାରୁ ରାବଣ ବଧ ପର୍ଯ୍ୟନ୍ତ ନାଟକ ପରିବେଷଣ କରାଯାଇଥିଲା। ୧୮ ଦିନ ଧରି ଅନୁଷ୍ଠାନର ଛୋଟ ବଡ କଳାକାରମାନେ କାଷ୍ଠା ଓ ନିଷ୍ଠାର ସହ ରହି ପ୍ରତ୍ୟେକ ମଣିଷକୁ ଆଧ୍ୟାତ୍ମିକ ମାର୍ଗଦର୍ଶନ କରାଇଥାନ୍ତି। ଚଳିତବର୍ଷ ରାବଣ ବଧ ଯାତ୍ରା ଖୁବ ଜାକଜମକରେ ପାଳିତ ହୋଇଛି। ଯାହାକୁ ନେଇ ସହର ଉତ୍ସବମୁଖର ହୋଇ ଉଠିଥିଲା।

ଜିଲାର ବିଭିନ୍ନ ପଞ୍ଚାୟତର କାଶଲପୁର, ଧୁତ୍ତୁରବାହାଲ, ପୋଲାମ, ଆନନ୍ଦପୁର, ସରସରା, ବାମଣ୍ଡା, ବିରିଗଡ, କେଳକଟା, କମ୍ପରା ଅଞ୍ଚଳରୁ ନଅ ଗୋଟି ସୁସଜ୍ଜିତ ରାବଣ ରଥ ବିରାଟ ପଟୁଆରରେ ଆସି ବୁଢୁପାଲିଠାରେ ଥିବା ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ବୌଦ୍ଧର ମୁଖ୍ୟ ରାବଣ ରଥ ସହ ଏକତ୍ରିତ ହୋଇ ସମସ୍ତ ରଥ ଏକା ସଙ୍ଗରେ ଏକ ବିରାଟ ପଟୁଆରରେ ବାହାରିଥିଲେ। ସେଠାରୁ ସମସ୍ତ ରାବଣ ରଥ ଏକତ୍ରିତ ହୋଇ ଯୁଦ୍ଧ ବାଦ୍ୟ ଓ ବିଭିନ୍ନ ସୁଆଙ୍ଗ ନୃତ୍ୟ ସହ ଯୁଦ୍ଧ ଯାତ୍ରା ଆରମ୍ଭ କରିଥିଲେ । ସମସ୍ତ ରାବଣରଥ ସେଠାରୁ ବୁଢୁପାଲି, ହାତୀଶାଳ ଛକ ଦେଇ ଜିଲା ଷ୍ଟାଡିୟମଠାରେ ପହଞ୍ଚି ଥିଲା। ସେହିପରି ଶ୍ରୀରାମଚନ୍ଦ୍ରଙ୍କ ରଥ ସହ ବାନର ସେନା ରାମେଶ୍ୱର ମନ୍ଦିରଠାରୁ ବାହାରି ପୁରୁଣା ବ୍ଲକ ଛକ, ଡେଲିମାର୍କେଟ, ପୋଡାପୋଡା, ନୂଆସାହି ଦେଇ ଜିଲା ଷ୍ଟାଡିୟମଠାରେ ପହଞ୍ଚିଥିଲା। ସେଠାରେ ମୁକ୍ତ ଆକାଶ ରଙ୍ଗମଞ୍ଚରେ ପ୍ରଭୁ ଶ୍ରୀରାମ ଓ ତାଙ୍କର ବାନର ସେନା ସହିତ ଦଶଗୋଟି ରାବଣ ମଧ୍ୟରେ ପ୍ରଥମ ସମର ହୋଇଥିଲା। ଏହାସାଙ୍ଗକୁ ସେଠାରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଷ୍ଟାଡିୟମ ଠାରେ ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସେଠାରୁ ଉଭୟ ରଥ ସହରର ଅଲଗା ଅଲଗା ରାସ୍ତା ଦେଇ ବାଘଗୁଡା ଛକ ଠାରେ ପହଞ୍ଚି ଥିଲା। ସେଠାରେ ଉଭୟ ସେନା ମଧ୍ୟରେ ଦ୍ୱିତୀୟ ମହାସମର ଅନୁଷ୍ଠିତ ହୋଇଥିଲା। ଏହାଛଡା ସେଠାରେ ଆତସବାଜି ଓ ସମ୍ବଲପୁର ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା । ସେଠାରୁ ଉଭୟ ରାମଚନ୍ଦ୍ରଙ୍କ ରଥ ଓ ରାବଣ ରଥ ଯାତ୍ରା ପଡିଆରେ ପହଞ୍ଚି ଥିଲେ। ସେଠାରୁ ସମସ୍ତ ରାବଣ ସହିତ ଶ୍ରୀରାମଙ୍କ ଯୁଦ୍ଧ ହୋଇଥିଲା। ସେଠାରେ ବିଭିନ୍ନ ରଙ୍ଗବେରଙ୍ଗର ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଗଦାଧର ବାରିକ ଯୋଗ ଦେଇଥିଲେ। ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ରାଜେନ୍ଦ୍ର ମିଶ୍ର ଓ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପରେ ରବଣ ବଧ ନାଟକ ପରିବେଷଣ ହୋଇଥିଲା ଓ ଶେଷରେ ରାବଣ ବଧ ହୋଇଥିଲା। ଏହି ଅବସରରେ ଯାତ୍ରା ପଡିଆରେ ଏକ ୩୦ ଫୁଟ ଉଚ୍ଚତା ବିଶିଷ୍ଟ ଦଶମୁଣ୍ଡିଆ ରାବଣ ପ୍ରତିମୂର୍ତ୍ତିକୁ ଅଗ୍ନି ସଂଯୋଗ କରାଯାଇ ରାବଣ ପୋଡି କରାଯାଇଥିଲା । ବୌଦ୍ଧ ବସଷ୍ଟାଣ୍ଡ ଓ ଜିଲା ଷ୍ଟାଡିୟମ ଠାରେ ମେଲୋଡି ହୋଇଥିଲା। ସମର ଶୋଭାଯାତ୍ରାରେ କୁଚିଣ୍ଡା ଓ ବିନିକାର ଘଣ୍ଟବାଦ୍ୟ, ଦୁଲଦୁଲି, ଗଞ୍ଜାମ ଜିଲାର ବାଘନୃତ୍ୟ, ଦଶବତାର, ରଣପା, ପଶୁମୁଖା, ନବଦୁର୍ଗା, ବୌଦ୍ଧ ଜିଲାର ଦୁଲଦୁଲି.ଝାଲିଆ ଶବର ଓ ବିଭିନ୍ନ ଅଞ୍ଚଳର ନାମସଂକୀର୍ତ୍ତନ ମଣ୍ଡଳୀ ସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଯୋଗଦେଇଥିଲେ। ସେହିପରି କଚେରୀ ପଡିଆ ଠାରେ ମୀନାବଜାର ଚାଲିଥିବା ବେଳେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଯାତ୍ରାର ଜନଗହଳିକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଏହି ଯୁଦ୍ଧ ଦେଖିବାକୁ ଜିଲା ଓ ଜିଲା ବାହାରୁ ଆସିଥିବା ଲୋକଙ୍କ ଭିଡ ଜମିଥିଲା।ରବିବାର ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ରାମଲୀଳା ଅବସରରେ ରାବଣର ଯୁଦ୍ଧ ଅଭିଯାନ।

# ଆଜି ଆସିବେ ମୋଦି, ନଡ୍ଡା

- ଭାଜପା ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିବେ ନଡ୍ଡା
- ବ୍ରହ୍ମପୁର, ନବରଙ୍ଗପୁର ଜନସଭାରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ
- ୧୦ରେ ପୁଣି ୨ଦିନିଆ ଗସ୍ତରେ ଆସିବେ ମୋଦି

ଭୁବନେଶ୍ୱର,୪।୫(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ଭାଜପା କେନ୍ଦ୍ରୀୟ ନେତାମାନଙ୍କ ଘନ ଘନ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭକରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରମ୍ବାର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନିର୍ବାଚନୀ ପ୍ରଚାର ଲାଗି ରବିବାର ବିଳମ୍ବିତ ସନ୍ଧ୍ୟାରେ ଆସି ଭୁବନେଶ୍ୱରଠାରେ ପହଞ୍ଚିବେ। ଏହାପରେ ସେ ରାଜଭବନରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି। ୬ ତାରିଖ ସକାଳେ ବ୍ରହ୍ମପୁର ଅଭିମୁଖେ ପ୍ରଧାନମନ୍ତ୍ରୀ ଗସ୍ତ କରିବେ। ପ୍ରଥମେ ବ୍ରହ୍ମପୁରରେ ବିଶାଳ ସମାବେଶରେ ସେ ଯୋଗଦେବେ। ଏହାପରେ ନବରଙ୍ଗପୁରଠାରେ ଆୟୋଜିତ ଏକ ବଡ଼ ଜନସଭାରେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ନିର୍ବାଚନୀ ତାରିଖ ଘୋଷଣା ହେବା ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ପ୍ରଚାର ମଇଦାନକୁ ଓହ୍ଲାଉଛନ୍ତି। ସେ ତାଙ୍କ ଉଦ୍‌ବୋଧନରେ କ'ଣ କହିବେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ଆସନ୍ତା ୧୦ ତାରିଖରେ ପୁଣି ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ୧୦ରେ ସେ ଭୁବନେଶ୍ୱରଠାରେ ରୋଡ୍ ଶୋ' କରିବାକୁ ଥିବାବେଳେ ୧୧ ତାରିଖରେ ବଲାଙ୍ଗୀରଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ ବୋଲି ଜଣାପଡ଼ିଛି। ନିର୍ବାଚନ ଭିତରେ ମୋଦି ୫ରୁ ୬ ଥର ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିବା ଜଣାପଡିଛି। ମୋଦିଙ୍କ ଗସ୍ତ ନେଇ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜଭବନରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୩ ଜଣ ଡିସିପି, ୧୦ ଜଣ ଏସିପି, ୧୭ ଜଣ ଆଇଆଇସି, ୯୦ ଏସ୍‌ଆଇ/ଏଏସ୍‌ଆଇ ଅଛନ୍ତି। ଏହାସହ ସିଆଇଏସ୍‌ଏଫ୍‌ଙ୍କ ସହ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରବିବାର ଅପରାହ୍ନ ୩ଟାରେ ଭୁବନେଶ୍ୱର ଠାରେ ପହଞ୍ଚିବେ। ନଡ୍ଡା ରାଜ୍ୟ ଭାଜପାର ନିର୍ବାଚନୀ ଇସ୍ତାହାର ଉନ୍ମୋଚନକରିବା କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଦଳର ବରିଷ୍ଠ ନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ସନ୍ଧ୍ୟାରେ କଟକଠାରେ ଏକ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୨ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ଭୁବନେଶ୍ୱର ଠାରେ ପହଞ୍ଚିବା ପରେ ଏଡିଟର୍ସ ମିଟ୍ କରିଛନ୍ତି। ଏହା ସହ ଜୟଶଙ୍କର ବୁଦ୍ଧିଜୀବୀଙ୍କୁ ଭେଟିବା ସହ ଏକ ଖବରଦାତା ସମ୍ମିଳନୀ ମଧ୍ୟ କରିଛନ୍ତି। ଜୟଶଙ୍କରଙ୍କ ଏହି ୨ଦିନର ଗସ୍ତ ବେଳେ ଭୁବନେଶ୍ୱର, କଟକ ଓ ସମ୍ବଲପୁରରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

## ଭୋଟ ବର୍ଜନ ନିଷ୍ପତ୍ତି ପରେ ଗାଁରେ ପହଞ୍ଚିଲା ପ୍ରଶାସନ

ଥୁଆମୂଳ ରାମପୁର, ୪।୫(ଦୁର୍ଗା କୀର୍ତ୍ତି)

ମୌଳିକ ସୁବିଧାରୁ ବଞ୍ଚିତ ହୋଇ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଡେଙ୍ଗଫାର୍ସି ଗ୍ରାମବାସୀ ଚଳିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଗୁରୁବାର ନିଷ୍ପତ୍ତି ନେଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାସ୍ତା, ବିଦ୍ୟୁତ୍ ଓ ପାନୀୟଜଳ ଏଠାକାର ମୁଖ୍ୟ ସମସ୍ୟା। ଇନ୍ଦିରା ଆବାସ କିମ୍ବା ବିଜୁ ପକ୍କା ଘର ସାତସପନ ହୋଇଥିବାବେଳେ ଶିଶୁଙ୍କ ପାଇଁ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ନାହିଁ। ଏ ନେଇ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇ ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶନିବାର ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଏଇଇ ଦିଲୀପ କୁମାର ପଟେଲ, ଜିପିଇଓ ଗ୍ୟରଞ୍ଜନ ଭୋଇ, ଜଳ ଯୋଗାଣ ବିଭାଗର ଏଇଇ ମନ୍ମଥ ମୁର୍ମୁ, ଜେଇ ମଳୟ ଶତପଥୀ ପ୍ରମୁଖ ଗାଁରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ସମସ୍ତ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସମସ୍ତଙ୍କୁ ଭୋଟ ଦେବାପାଇଁ ସଚେତନ କରିଥିଲେ। ଗ୍ରାମବାସୀ ଏଥିରେ ରାଜି ହୋଇଥିବା ଦେଖିବାକୁ ମିଳିଥିଲା।

## ଉପକୂଳରୁ ହଟିଲା ଗ୍ରୀଷ୍ମପ୍ରବାହ ସ୍ଥିତି

ଭୁବନେଶ୍ୱର, ୪।୫ (ଅସମାପିକା ସାହୁ)

ରାଜ୍ୟରେ ଏବେ ବି ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲେ ମଧ୍ୟ ପାରଦ କ୍ରମଶଃ ତଳମୁହାଁ ହେବା ଆରମ୍ଭ ହୋଇଛି। ଶନିବାର ୨୫ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ୪୪ ଡିଗ୍ରୀ ସହ ବୌଦ୍ଧ ଏବଂ ନୂଆପଡ଼ା ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ହେଲେ ଦ୍ୱୈତ ନଗରୀରେ ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସିଛି। ଭୁବନେଶ୍ୱରରେ ୩୯.୭ ଡିଗ୍ରୀ ଥିବାବେଳେ କଟକରେ ୩୯ ଡିଗ୍ରୀ ତାପମାତ୍ରା ରହିଥିଲା। ତେଣୁ ଉପକୂଳରୁ ଗ୍ରୀଷ୍ମ ପ୍ରବାହ ସ୍ଥିତି ହଟିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେବେ ଆଗାମୀ ଦୁଇଦିନ ପରେ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ୩ରୁ ୫ଡିଗ୍ରୀ ଯାଏ ତାପମାତ୍ରା ହ୍ରାସ ଘଟିବାର ସମ୍ଭାବନା ରହିଛି। ଫଳରେ ଦିନ ତାତି କମିବା ସହିତ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ଆସନ୍ତା ୨୪ ଘଣ୍ଟା ଉପକୂଳ ସମେତ କିଛି ପାର୍ଶ୍ୱବର୍ତ୍ତୀ ଜିଲାରେ କାଳବୈଶାଖୀ ହେବାର ଆଶଙ୍କା ରହିଛି। ଅପରପକ୍ଷେ ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ମଧ୍ୟ କେତେକ ସୂଚନା ପ୍ରଦାନ କରିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ତାତି ଅନୁକୂଳ ହେବ। ବିସ୍ତାରିତ ପରିସର ଆକଳନ ଅନୁଯାୟୀ, ଆସନ୍ତା ୯ ରୁ ୧୫ତାରିଖ ମଧ୍ୟରେ ତାପମାତ୍ରା ବିଚ୍ୟୁତି (ସ୍ୱାଭାବିକଠାରୁ ତାପମାତ୍ରା ବ୍ୟବଧାନ) କମ୍ ରହିବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି।

## ମୁଢ଼ି ବିକାଳିଙ୍କୁ ମରଣାନ୍ତକ ଆକ୍ରମଣ

ଘଣ୍ଟାପଡ଼ା/ଖୁଣ୍ଟିଗୋରା, ୪।୫ (ପ୍ରଭାତ କୁମାର ସାହ/ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦେଢେଣମାଲ ଗ୍ରାମରେ ଜଣେ ମୁଢି ବିକାଳିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ପ୍ରତିଦିନ ସକାଳୁ ଗାଁ ଗାଁ ବୁଲି ମୁଢି ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଗ୍ରାମର ଅଭେଲ ବିଶି। ଶନିବାର ସକାଳେ ସେ ନିଜ ଗାଡିରେ ମୁଢି ଧରି ବିକିବା ପାଇଁ ନିକଟସ୍ଥ ଆମ୍ବଗାଁ ପଞ୍ଚାୟତର ଦେଢେଣମାଲ ଗ୍ରାମରେ ପହଞ୍ଚି ଥିଲେ। ହେଲେ ତାଙ୍କର ମୁଢି ମୁଢି ଡାକ ଶୁଣି ସେଠାରେ ମୁଢି ଭାଜି ବିକ୍ରି କରୁଥିବା ତ୍ରିଲୋଚନ ମାଝୀ (୩୬) ନାମକ ଜଣେ ଯୁବକ ହଠାତ୍ ହାତରେ ଏକ ଟାଙ୍ଗିଆ ଧରି ମୋ ଗାଁକୁ କାହିଁକି ମୁଢି ବିକ୍ରି କରିବାକୁ ଆଣିଛୁ କହି ଅଭେଲଙ୍କ ମୁଣ୍ଡ, ପିଠି ଓ ବାମପଟ କାଖ ତଳକୁ ଚୋଟ ପକାଇ ଥିଲେ । ଆକ୍ରମଣରେ ଅଭେଲ ଗୁରୁତର ହେବା ସହ ଅଚେତ ହୋଇ ପଡ଼ିଥିଲେ। ପରେ ଗ୍ରାମର କେତେଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସରେ ଅଭେଲଙ୍କୁ ନିକଟସ୍ଥ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଣ୍ଟାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ତ୍ରିଲୋଚନ ଘଣ୍ଟାପଡ଼ା ଥାନାରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ଏନେଇ ଗୁରୁତର ଅଭେଲଙ୍କ ସ୍ତ୍ରୀ ଉପାସି ବିଶି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ନଂ.୭୩/୨୪ ରେ ମାମଲା ରୁଜୁ କରିଛି । ଅଭିଯୁକ୍ତ ତ୍ରିଲୋଚନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କ ଠାରୁ ପ୍ରକାଶ।



**ROURKELA DEVELOPMENT AUTHORITY**
**UDITNAGAR : ROURKELA - 769012**

RDA

No. 378 / RDA., Dated : 04.05.2024

**PROCLAMATION**

No.CAD-94: It is hereby informed to the General public that, Smt. Urmila Goud @ Nirmala Goud, W/o - Late Chaitan Goud, has applied for mutation of House No. C3LI-56 under Gopabandhunagar, Chhend Rourkela-15 in her favour consequent upon death of his/ her Husband Late Chaitan Goud. If anybody has got objection to the proposed mutation, He/She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
Rourkela Development Authority

OIPR-13250/11/0001/2425



ରାଜଧାନୀ ଭୁବନେଶ୍ୱରରେ ଶନିବାର ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହୋଇଥିବାବେଳେ ମହିଳାମାନେ ଖରାରୁ ରକ୍ଷା ପାଇବା ପାଇଁ ଟୋପି ପିନ୍ଧି, ମୁହଁକୁ ଚୁନିରେ ଘୋଡ଼ାଇ ଯାଉଛନ୍ତି।

# ଅବକାରୀ ଚଢ଼ାଉବେଳେ ଆକ୍ରମଣ, ୫ ଗିରଫ

କୁଚିଣ୍ଡା,୪।୫(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ବାରଗାଡ଼ ଗ୍ରାମରେ ଅବକାରୀ ଚଢ଼ାଉ ସମୟରେ ଅବକାରୀ ଓ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରି ୫ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ଥାନା ବାରଗାଡ଼ ଗ୍ରାମର ତରୁଣ ଗୋପାଳ, ତାଙ୍କ ବାପା ଲକ୍ଷ୍ମୀ ଗୋପାଳ, ଭାଇ ବଳରାମ ଗୋପାଳ ଓରଫ ବିକାଶ, ଗଣ ଗୋପାଳ ଓ ଠଣସୁନ୍ଦର ଗୋପାଳ। ଗୋବିନ୍ଦପୁର ଅବକାରୀ ବିଭାଗ ଏଏସ୍‌ଆଇ ସମୀର କୁମାର ସ୍ୱାଇଁଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ଗୋବିନ୍ଦପୁର ଥାନାରେ ଆଇପିସି ଧାରା ୩୪୧, ୨୯୪, ୩୨୩, ୩୫୩, ୪୨୭, ୩୦୭/୩୪ରେ ଏକ ମାମଲା (ନଂ.୮୦/୨୪) ରୁଜୁ ହୋଇଥିଲା। ଶନିବାର ଅଭିଯୁକ୍ତମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବାଉଁଶଲଗା ପଞ୍ଚାୟତ ବାରଗାଡ଼ ଗ୍ରାମର ତରୁଣ ଗୋପାଳ ବେଆଇନ ମଦ ମହଜୁଦ ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ପୋଲିସ ଟିମ୍ ସହାୟତାରେ ଅବକାରୀ ବିଭାଗ ଶନିବାର ସକାଳେ ତରୁଣଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ତରୁଣଙ୍କ ସମେତ ତାଙ୍କ ବାପା, ଭାଇ ଓ ଅନ୍ୟ ଦୁଇ ଜଣ ପୋଲିସ ଏବଂ ଅବକାରୀ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ଚଢ଼ାଉରେ ବ୍ୟବହୃତ ଅବକାରୀ ବିଭାଗ ବୋଲେରୋକୁ ସେମାନେ ଭଙ୍ଗାରୁଜା କରିଥିଲେ। ଜୀବନ ବଞ୍ଚାଇ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀମାନେ କୌଣସିମତେ ସେଠାରୁ ଖସି ଆସିଥିଲେ।

## ପ୍ରେସ୍ ଇସ୍ତାହାର

ଏତଦ୍ୱାରା ଗଞ୍ଜାମ ଜିଲା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ନିମ୍ନଲିଖିତ ପର୍ଯ୍ୟବେକ୍ଷକଗଣ ଗଞ୍ଜାମ ଜିଲାରେ ଉପସ୍ଥିତ ଅଛନ୍ତି। ୧୯ – ଆସ୍କା ଲୋକସଭା, ୧୨୪ – ପୋଲସରା ବିଧାନସଭା, ୧୨୫ – କବିସୂର୍ଯ୍ୟନଗର ବିଧାନସଭା, ୧୨୬ – ଖଲ୍ଲିକୋଟ ବିଧାନସଭା, ୧୩୧ – ହିଞ୍ଜିଳି ବିଧାନସଭା, ୧୨୮ – ଆସ୍କା ବିଧାନସଭା, ୧୨୯ – ସୋରଡ଼ା ବିଧାନସଭା, ୧୩୦ – ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ନିମନ୍ତେ ତଳଲିଖିତ ମୋବାଇଲ୍ ନମ୍ବର କିମ୍ବା ସେମାନଙ୍କ ମେଲ୍‌କୁ ଯୋଗାଯୋଗ କରିପାରିବେ।

| SL. NO. | NAME OF THE OBSERVER | LOCAL ADDRESS | CONTACT NO | Email ID |
|---|---|---|---|---|
| 01 | **GENERAL OBSERVER MR. HARI MOHAN MEENA, IAS** 19-ASKA P.C. 128-ASKA A.C. 129-SURADA A.C. 130-SANAKHEMUNDI A.C. | Special Circuit House, Near Conference Hall, Berhampur 760002 | 7008507206 | generaloberveraska@gmail.com |
| 02 | **GENERAL OBSERVER DR. (MS.) AARTHI M, IAS,** 19- ASKA P.C. 124- POLASARA A.C. 125- KABISURYANAGAR A.C. 126- KHALLIKOTE A.C. 131- HINJILI A.C. | Suite No-01 "A"- Class Circuit House, Gopalpur-on-Sea 761002 | 8249712465 | go19askapc1@gmail.com |
| 03 | **POLICE OBSERVER MRS. RAGSUDHA R, IPS** 19- ASKA P.C. | Suite No-03 "A"- Class Circuit House, Gopalpur-on-Sea 761002 | 7008512306 | ragasudha.1990@gmail.com |
| 04 | **EXPENDITURE OBSERVER SRI G. ELAMURUGU, IRS** 19-ASKA P.C. | Room No 1 Dune Delight, The High Court Guest House, Gopalpur-on-Sea | 9692529642 | expobserver.askapc@gmail.com |
| 05 | **EXPENDITURE OBSERVER SRI MANEESH DUDPURI, IRS (C&CE)** 19-ASKA P.C. 124-POLASARA A.C. 125-K.S.NAGAR A.C. 126-KHALLIKOTE A.C. 131-HINJILI A.C. | Room No 11 IAS Circuit House, Gopalpur on Sea | 9692545997 | m.dudpuri@gov.in |
| 06 | **EXPENDITURE OBSERVER SRI SUNIL KISHAN AGAWANE, IRS** 19-ASKA P.C. 128-ASKA A.C. 129-SURADA A.C. 130-SANAKHEMUNDI A.C. | Room No 14 IAS Circuit House, Gopalpur- on-Sea | 9692542739 | eogangam@gmail.com |

ଜିଲ୍ଲାପାଳ ତଥା – ଜିଲ୍ଲା ନିର୍ବାଚନ ଅଧିକାରୀ
ଗଞ୍ଜାମ

# ଲୋକ ମହୋତ୍ସବରେ ସାଂସ୍କୃତିକ କଳା ପ୍ରଦର୍ଶନ



ରେଙ୍ଗାଲିପାଲି ଲୋକ ମହୋତ୍ସବରେ କଳାକାରମାନଙ୍କୁ ଗ୍ରାମ୍ୟ କମିଟି ପକ୍ଷରୁ ସମ୍ମାନିତ କରାଯାଉଛି।

## ଶ୍ରୀଶ୍ରୀ ଅବଧୂତ ବାବା ମନ୍ଦିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ

ସରଣ୍ଡା,୪।୫(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଏନ୍ଏସି ଅନ୍ତର୍ଗତ ରେଙ୍ଗାଲିପାଲି ଗ୍ରାମରେ ବାବା ଅବଧୂତ ମନ୍ଦିରର ତିନିଦିନିଆଁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ହୃଷିକେଶ ଭୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମା'ସମଲେଇଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାମନ୍ତ୍ରୀ ନନ୍ଦିଘୋଷ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶ୍ରୀଶ୍ରୀ ଅବଧୂତ ବାବା ମନ୍ଦିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କମିଟିର ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦଘାଟନୀ ମହୋତ୍ସବରେ ସଭାପତି ଶମ୍ଭୁ ନାରାୟଣ ପ୍ରଧାନ, ସମ୍ପାଦକ ସୁବ୍ରତ କୁମାର ସାହୁ, ସୁବାଷ ପ୍ରଧାନ ପ୍ରମୁଖ ଯୋଗ ଦେଇ ମଞ୍ଚାସୀନ ଥିଲେ। ଗ୍ରାମ୍ୟକମିଟି ପକ୍ଷରୁ ସୁବ୍ରତ କୁମାର ସାହୁଙ୍କ ସମ୍ପାଦିତ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକାକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ସକାଳେ ଶତାଧିକ ମହିଳା ପୂର୍ଣ୍ଣ କଳସ ଗ୍ରାମ ପୋଖରୀରୁ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ସ୍ୱତନ୍ତ୍ର ପୂଜାପାଠ ସହ ବାବାଙ୍କ ଦର୍ଶନ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ଝିଅବୋହୂଙ୍କୁ ଏକ ଚାରା ଓ ଉପଢୌକନ ଦେଇ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାତ୍ରିରେ ଲୋକ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭେଡେନର ଝୁମକୁ ଝୁମା କଳା ପରିଷଦ, ସୋହେଲାର ଚେତନା କଳା ପରିଷଦ ଓ ଲସ୍ତଳାର ସୁରୁଜ ମୁଖି ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ସାଂସ୍କୃତିକ କଳା ପ୍ରଦର୍ଶନ କରିଥିଲେ। ଏହାକୁ ନିରଞ୍ଜନ କୁମାର ପଶାୟତ ଓ ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ଉପସ୍ଥାପନା କରିଥିଲେ। ଅନ୍ୟ ପଟେ ମହାରାଜ କଂସ ହୃଷିକେଶ ଭୋଇ ଓ ମହାମନ୍ତ୍ରୀ ନନ୍ଦିଘୋଷ ମହାପାତ୍ରଙ୍କ ଧନୁଯାତ୍ରାର ଏକ ସଂଳାପ ଅଭିନୟରେ ହଜାର ହଜାର ଦର୍ଶକ ମନମୁଗ୍ଧ ହୋଇପଡ଼ିଥିଲେ। ଶେଷରେ ସମସ୍ତ କଳାକାରଙ୍କୁ ରେଙ୍ଗାଲିପାଲି ଗ୍ରାମ୍ୟ କମିଟି ପକ୍ଷରୁ ଟ୍ରଫି ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ପଦ୍ମପୁରରେ ବଢୁଛି ଟ୍ରାଫିକ ସମସ୍ୟା

ପଦ୍ମପୁର, ୪।୫ (ପ୍ରଦୀପ୍ତ ଦାଶ)

ପଦ୍ମପୁର ସହରର ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜନସାଧାରଣ ଯିବା ଆସିବା କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବ୍ୟବସ୍ଥିତ କରିବା ପାଇଁ ପଦ୍ମପୁର ଭେଉଁରିଆ ଛକରେ ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ଛକରେ ଅନେକ ଉଠା ଦୋକାନୀ ଓ ବିଭିନ୍ନ ଦୋକାନମାନଙ୍କ ସମ୍ମୁଖରେ ଲୋକେ ମୋଟର ସାଇକେଲ,ଚାରିଚକିଆ ଯାନ ରଖିଦେଉଥିବାରୁ ଲୋକେ ଠିକ ଭାବରେ ରାସ୍ତା ପାରି ହୋଇପାରୁ ନାହାଁନ୍ତି। ତାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ମୁତୟନ ଥିଲେ ମଧ୍ୟ ନିୟନ୍ତ୍ରଣ କରି ପାରୁନାହାନ୍ତି। ଟ୍ରାଫିକ ସିଗନାଲ ମଧ୍ୟ ନମାନି ରାସ୍ତା ପାର ହେଉଛନ୍ତ। ଏହି ଛକକୁ ପ୍ରଶସ୍ତ କରିବା ସହିତ ରାସ୍ତାରେ ରଖୁଥିବା ଗାଡି ଚାଳକ ଉପରେ ଅଙ୍କୁଶ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

## ବିଜେଡିର ବାଇକ୍ ରାଲି ସହ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


କନସିଂହାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ନେତା, କର୍ମୀ।

ପଦ୍ମପୁର,୪।୫(ପ୍ରଦୀପ୍ତଦାଶ)

ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନସିଂହା ପଞ୍ଚାୟତରେ ବିଜେଡିର ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ନାରାୟଣ ବେହେରା, ବାବୁଲୁ ସାହୁ, ମୋହନ ସାହୁ, ଯାଦବ ସାହୁ, ଯାଦବ ବରିହା, ନିଳାମ୍ବର ଡନସନା, ମାନଭଞ୍ଜନ ହୋତା, ଅଶ୍ୱିନୀ ଶତପଥୀ, ହୃଦମଣୀ ବେହେରା, ସୁଦାମ ମହାନନ୍ଦ ସୂର୍ଯ୍ୟ ସୁନା ସମସ୍ତ ଗ୍ରାମର କର୍ମୀ ବାଇକ୍ ରାଲିରେ ବାହାରି ସମସ୍ତ ଗ୍ରାମ ବୁଲି ଘରେ ଘରେ ଶଙ୍ଖ ଏବଂ ଅଞ୍ଚଳର ବିକାଶ ପାଇଁ ପୁଣି ଥରେ ବର୍ଷା ସିଂ ବରିହାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ।

# ବରଗଡ଼ରେ ବିଜେଡିର ମିଶ୍ରଣ ପର୍ବ


ବରଗଡ଼ ବିଧାୟକଙ୍କ ଗହଣରେ ବିଜେଡିରେ ମିଶିଥିବା ନେତା, କର୍ମୀବୃନ୍ଦ ।

ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶନିବାର ସନ୍ଧ୍ୟାରେ ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଜେଡି ଟାଉନ ସଭାପତି କିଶୋର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତିରେ ବରିଷ୍ଠ ଆଡ଼ଭୋକେଟ୍ ତଥା ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଜିଲା ସଭାପତି ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ହେମନ୍ତ ପୁରୋହିତ, ଆଡ଼ଭୋକେଟ୍ ସୁଶିଲ କୁମାର ଶତପଥୀ, ସୁମିତ କୁମାର ଦାଶ, ବିଜୟ ଶତପଥୀ, ରାଜେନ୍ଦ୍ର ମହାନ୍ତି, ଅମିୟ ଶତପଥୀ, ରୋହିତ ସିଂ, ମନୋଜ ନାୟକ, ଭୀମ ଆର୍ମିର ଆଶିଷ ଗୌତମ ପ୍ରମୁଖ ବିଜେଡିରେ ମିଶିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଏବଂ ବିଧାୟକ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣୀତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଦ୍ୱାରୀ ଗ୍ରାମରେ ରହିଥିବା ଏକ ପୋଖରୀ ପାଣିରେ ବୁଡ଼ି ଯାଇ ଶନିବାର ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁଜଣକ ହେଲେ, ଉକ୍ତ ଗ୍ରାମର ଦିବ୍ୟାଂଶୀ ରୋହିଦାସ(୬) । ସେ ତାଙ୍କ ମା' ସୁନୀତାଙ୍କ ସହିତ ଦିନ ୧୧ଟାରେ ଗାଧୋଇବାକୁ ଯାଇଥିବାବେଳେ ପୋଖରୀ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମ୍ବାଭୋନା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

## ରାସ୍ତାରେ ଜଳିଗଲା କାର୍



ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼-ଭେଡ଼େନ ରାସ୍ତାର ମିଶନ ହସପିଟାଲ ନିକଟରେ ଶନିବାର ଏକ ଚଳନ୍ତା କାର୍‌ରେ ନିଆଁ ଲାଗି ଯାଇଥିଲା । ତେବେ ନିଆଁ ଲାଗିବା ଜାଣିବା ପରେ କାର୍‌ରେ ବସିଥିବା ଯାତ୍ରୀମାନେ ସେଠାରୁ ଓହ୍ଲାଇ ଯାଇଥିଲେ। ଫଳରେ ସେମାନଙ୍କ ଜୀବନ ରକ୍ଷା ହୋଇ ଯାଇଥିଲା। ନିଆଁ ଲାଗିବାରୁ କାର୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଛି। ତେବେ କିଭଳି ପରିସ୍ଥିତିରେ କାର୍‌ରେ ନିଆଁ ଲାଗିଲା, ତାହା ଜଣାପଡ଼ି ନାହିଁ।

# ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଗାଁକୁ ଚାଲ


ରାଜବୋଡାସମ୍ବର କୃଷକ ସଙ୍ଗଠନର ବୈଠକ ଓ ପ୍ରକାଶିତ ପୋଷ୍ଟର ପ୍ରଦର୍ଶିତ।

ପଦ୍ମପୁର,୪।୫(ପ୍ରଦୀପ୍ତଦାଶ )

ରାଜବୋଡା ସମ୍ବର କୃଷକ ସଙ୍ଗଠନ ପଦ୍ମପୁରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଗାଁକୁ ଚାଲ ବୋଲି ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୋଡା ସମ୍ବର କୃଷକ ସଙ୍ଗଠନ ପଦ୍ମପୁରର ନେତୃତ୍ୱରେ ବିଭିନ୍ନ ଦାବିନେଇ ଦୀର୍ଘ ୫୫୫ ଦିନ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହୋଇଥିଲା। ତନ୍ମଧ୍ୟରୁ ବରଗଡ ଜିଲା ପାଇଁ ସର୍ବାଧିକ ୪୦୦ କୋଟିର ଫସଲ ବୀମା ରାଶି ମିଳିଛି। ରାଜବୋଡା ସମ୍ବର କୃଷକ ସଙ୍ଗଠନର ଆନ୍ଦୋଳନ ଯୋଗୁ ବରଗଡ ଜିଲାରେ ବରଗଡ ସହ ସମାନ ଭାବେ ପଦ୍ମପୁର ଉପଖଣ୍ଡର ଧାନମଣ୍ଡି ଖୋଲିଥିଲା, ଅନେକ ମଣ୍ଡିରେ ଛାଉଣୀ ଓ ପିଣ୍ଡି ତିଆରି ହୋଇଛି। କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିଲା। ୩୨ ଗୋଟି ନୁଆଁ ସମବାୟ ସମିତି ଖୋଲିଲା। ଆହୁରି ୧୨୫ କୋଟି ଟଙ୍କାରେ ଫସଲ ବୀମା ମିଳିନାହିଁ ଫଳରେ କୃଷକ ସଙ୍ଗଠନ କୋର୍ଟର ଦ୍ୱାରସ୍ଥ ହୋଇଛି। ଆଗାମୀ ୮ ତାରିଖରେ ସଂଯୁକ୍ତକୃଷକ ମୋର୍ଚ୍ଚାର ବରଗଡ ଉପଖଣ୍ଡରେ ହେବାକୁ ଥିବା ବାଇକ ରାଲିରେ ରାଜବୋଡା ସମ୍ବର କୃଷକ ସଙ୍ଗଠନ ସାମିଲ ହେବା ନିଷ୍ପତ୍ତି ହୋଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କୃଷକ ସଙ୍ଗଠନ ପ୍ରତ୍ୟେକ ଗାଁକୁ ଯାଇ ଚାଷୀ ସମସ୍ୟା ଓ ସରକାରଙ୍କ ଉଦାସୀନତାକୁ ଆଲୋଚନା କରି ଦୃଢ଼ ନିଷ୍ପତ୍ତି ନେବା ପାଇଁ 'ଗାଁ କୁ ଚାଲ' କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚାଷୀମାନଙ୍କ ୧୨ଟି ସମସ୍ୟା ଥିବା ପୋଷ୍ଟର ବାହାର କରାଯାଇଛି । ଯେଉଁଥିରେ ସବୁ ଚାଷୀଙ୍କ ଋଣ ଛାଡ଼, ଧାନ କୁଇଣ୍ଟାଲ ୪ ହଜାର, ଯେତେ ଦିନ ପର୍ଯ୍ୟନ୍ତ ଧାନ ଦର ବୃଦ୍ଧି ନ ହୋଇଛି ହଜାର ଟଙ୍କା ବୋନସ, ବିସ୍ଥାପନ ବିହୀନ ଜଳ ସେଚନ, ବିଦ୍ୟୁତ୍ ବିଲ୍ ଛାଡ଼ ଆଦିକୁ ନିର୍ବାଚନୀ ପ୍ରସଙ୍ଗ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚାଷୀଙ୍କ କେତେ ସମସ୍ୟା ଅଛି ଓ କେତେ ସମାଧାନ କରିଛନ୍ତି ଗାଁ ଗାଁରେ ଆଲୋଚନା ହେବ ଏବଂ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ରମେଶ ମହାପାତ୍ର, ଅଶୋକ ସାହୁ, ଅଜିତ ଶତପଥି, ମୀନକେତନ ବିଶ୍ୱାଳ, କୁଳମଣି ବାରିକ, ଲିଙ୍ଗରାଜ ପ୍ରଧାନ, ପ୍ରକାଶ ଦାସ, ବିରେନ ପ୍ରଧାନ, କୈଳାସ ବାରିକ, ରୋହିତ ପଧାନ, ଯୋଗେନ୍ଦ୍ର ମେହେର, ନବୀନ ବେହେରା, ଚିତ୍ତ ପାଣ୍ଡେ, ବିଜୟ ସାହୁ,, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସୁବାସ ବରିହା, ରୁକ୍ମଣ, ସାନନ୍ଦ ବେହେରାଙ୍କ ସମେତ ଅନେକ ଚାଷୀ ସାମିଲ ହୋଇଥିଲେ ।

## ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମ

ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲରେ ଚାଲିଥିବା ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଛି। ସିଆରସିସି ପାର୍ବତୀ ସାହୁଙ୍କ ତତ୍ତ୍ୱାବଧାନରେ ୨ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୨ସ୍କୁଲର ଶିକ୍ଷୟିତ୍ରୀମାନେ ଯୋଗଦେଇ ଟିଏଲଏମ ନିର୍ମାଣରେ ଖେଳଣା ପ୍ରସ୍ତୁତ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ସ୍ଥିତି ସମୀକ୍ଷାକଲେ ସାଧାରଣ ପର୍ଯ୍ୟବେକ୍ଷକ

ଝାରସୁଗୁଡା, ୪।୫ (ସଞ୍ଜୟ ମାଲି)

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ପାଇଁ ନିୟୋଜିତ ସାଧାରଣ ପର୍ଯ୍ୟବେକ୍ଷକ ଜେ. ମଞ୍ଜୁନାଥ ଓ ପୋଲିସ ପର୍ଯ୍ୟବେକ୍ଷକ ମୋଦକ ରାଜେଶ ଡି. ରାଓ ଶନିବାର ଜିଲାରେ ନିର୍ବାଚନ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସକାଳେ ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍ ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆବୋଲୀ ସୁନୀଲ ନରୱଣେ ଓ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାରଙ୍କ ଉପସ୍ଥିତିରେ ନିର୍ବାଚନ ନେଇ ବିଭିନ୍ନ ତଥ୍ୟ ସମ୍ପର୍କରେ ଉଭୟ ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ। ଜିଲାର ମୋଟ ବୁଥ ସଂଖ୍ୟା, ସମ୍ବେଦନଶୀଳ ବୁଥ, ବୁଥରେ ଆନୁସଙ୍ଗିକ ବ୍ୟବସ୍ଥା, ପୋଲିଂ ପାର୍ଟିର ଯାତାୟତ ବ୍ୟବସ୍ଥା, ଇଭିଏମ ମେଶିନର ସୁରକ୍ଷିତ ନେବା ଆଣିବା ବ୍ୟବସ୍ଥା, ଜିପିଏସ ଟ୍ରାକିଂ, ଟଙ୍କା ଓ ମାଦକ ଦ୍ରବ୍ୟର ଜବତ ଓ ନାକା ବ୍ୟବସ୍ଥା, ପୋଲିସ ମୁତୟନ, ଆନ୍ତଃ ରାଜ୍ୟ ସୀମାରେ ଆନୁସଙ୍ଗିକ ବ୍ୟବସ୍ଥା, ସମ୍ଭାବ୍ୟ ରୌଦ୍ରତାପ ଓ କାଳବୈଶାଖୀକୁ ଦୃଷ୍ଟିରେ ରଖି ଆନୁସଙ୍ଗିକ ପଦକ୍ଷେପ ନେବା, ପୋଲିସ ପ୍ରଶିକ୍ଷଣ ଆଦି ବିଭିନ୍ନ ବିଷୟରେ ଉଭୟ ପର୍ଯ୍ୟବେକ୍ଷକ ଆଲୋଚନା କରିଥିଲେ। ଏଥିସହିତ ପର୍ଯ୍ୟବେକ୍ଷକମାନେ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ ପୂର୍ବକ ଭୋଟ ଗ୍ରହଣ ସକାଶେ ଉର୍ଦ୍ଦିଷ୍ଟ ସାମଗ୍ରୀର ସଫଳ ବିତରଣ ପାଇଁ ଗୃହୀତ ବ୍ୟବସ୍ଥା, ଷ୍ଟ୍ରଙ୍ଗ ରୁମ ଓ ଭୋଟ ଗଣତି, ନିର୍ବାଚନରେ ମୁତୟନ ହେବାକୁ ଥିବା ଯାନବାହନର ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଜିଲା କାର୍ଯ୍ୟାଳୟରେ ନିର୍ବାଚନୀ କାର୍ଯ୍ୟରେ ସମ୍ପୃକ୍ତ ବିଭିନ୍ନ ଟିମ୍ ସହ ପର୍ଯ୍ୟବେକ୍ଷକ ଆଲୋଚନା କରି ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ନିର୍ବାଚନ ପ୍ରସନ୍ନ ପଟେଲ, ଲିଆସନିଂ ଅଧିକାରୀ ସୁନନ୍ଦ ମହାରଣା, ହିମାଂଶୁ ଦୁବେ ଓ ଯୁବରାଜ ସାହୁ ପ୍ରମୁଖ ପର୍ଯ୍ୟବେକ୍ଷକଙ୍କ ପରିଦର୍ଶନ ଓ ସମୀକ୍ଷା ସମୟରେ ଉପସ୍ଥିତ ଥିଲେ।


ସାଧାରଣ ପର୍ଯ୍ୟବେକ୍ଷକ ଓ ପୋଲିସ ପର୍ଯ୍ୟବେକ୍ଷକ ନିର୍ବାଚନ ସ୍ଥିତି ସମୀକ୍ଷା କରୁଛନ୍ତି।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷାକଲେ ପର୍ଯ୍ୟବେକ୍ଷକ

ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)


ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତା ୨୦ତାରିଖ ବରଗଡ଼ ସଂସଦୀୟ କ୍ଷେତ୍ରରେ ମତଦାନ ଗ୍ରହଣ ହେବ। ମତଦାନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଏବଂ ଶୃଙ୍ଖଳିତଭାବେ ସମାପନ କରିବାକୁ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ପର୍ଯ୍ୟବେକ୍ଷକମାନେ ବରଗଡ଼ ପହଞ୍ଚିଛନ୍ତି । ସ୍ଥାନୀୟ ସର୍କିଟ୍ ହାଉସରେ ସେମାନେ ଅବସ୍ଥାନ କରୁଛନ୍ତି । ସେମାନଙ୍କ ମଧ୍ୟରେ ଗିରିୱାର ଦୟାଲ ସିଂ(ଆଇଏଏସ) ପଦ୍ମପୁର, ବିଜେପୁର ଏବଂ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକଭାବେ ରହିଛନ୍ତି। ଜେ. ମଞ୍ଜୁନାଥ(ଆଇଏଏସ) ଅତାବିରା, ଭଟଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛନ୍ତି ।

ଅନୁରୂପଭାବେ ମୋଦକ ରାଜେଶ ଡି. ରାଓ(ଆଇପିଏସ) ବରଗଡ଼ ସଂସଦୀୟ କ୍ଷେତ୍ରର ପୋଲିସ ପର୍ଯ୍ୟବେକ୍ଷକ ଅଛନ୍ତି। ସେହିପରି ବରଗଡ଼ ସଂସଦୀୟ କ୍ଷେତ୍ର ପାଇଁ ଶଶୀକାନ୍ତ ସିଂ(ଆଇଆରଏସ) ସି ଏବଂ ସିଇ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରହିଥିବାବେଳେ ଗୌତମ ମହାକୁଳ(ଆଇସିଏଏସ୍) ପଦ୍ମପୁର, ବିଜେପୁର, ବରଗଡ଼ ଏବଂ କ୍ରିଷ୍ଣା ମୂର୍ତ୍ତି(ଆଇଆରଏସ୍) ଅତାବିରା, ଭଟଲି, ବ୍ରଜରାଜନଗର ଏବଂ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛନ୍ତି। ଶନିବାର ସମସ୍ତ ପର୍ଯ୍ୟବେକ୍ଷକ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ନିର୍ବାଚନୀ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ନୋଡ଼ାଲ ଅଫିସରଙ୍କଠାରୁ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଥିଲେ।

ଲୋକଙ୍କ ଅଭିଯୋଗ ଶୁଣାଣି ନିମନ୍ତେ ପର୍ଯ୍ୟବେକ୍ଷକମାନେ ନିଜ ମୋବାଇଲ ନମ୍ବର ଜାରି କରିଛନ୍ତି। ନିର୍ବାଚନ ଶେଷ ପର୍ଯ୍ୟନ୍ତ ଜିଲାର ନିର୍ବାଚନ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ତଥା ନିର୍ବାଚନୀ ଖର୍ଚ୍ଚ ବାବଦରେ କୌଣସି ଅଭିଯୋଗ ତାଙ୍କ ମୋବାଇଲ ନମ୍ବର କିମ୍ବା ନିର୍ଦ୍ଧାରିତ ସ୍ଥାନ ଏବଂ ସମୟରେ ସିଧାସଳଖ ଜଣାଇ ପାରିବେ। ଏତଦବ୍ୟତୀତ ନିର୍ବାଚନ କଣ୍ଟ୍ରୋଲ ରୁମ ଟୋଲ ଫ୍ରି ନମ୍ବର ୧୯୫୦କୁ ଫୋନ କରି ନିଜ ଅଭିଯୋଗ ଦାଖଲ କରିପାରିବେ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟଲ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ: ଲୋକେ ହନ୍ତସନ୍ତ

ବାଉଁଶୁଣୀ,୪।୫ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ହେବ ବୌଦ୍ଧ ଜିଲାରେ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି। ଏଭଳି ସମୟରେ ଲୋ ଭୋଲଟେଜ ସମସ୍ୟା ସହ ଅଘୋଷିତ ବିଦ୍ୟୁତ କାଟ ଜନଜୀବନ ଅସ୍ତବ୍ୟସ୍ତ କରି ପକାଉଛି। ଲୋ ଭୋଲଟେଜ ଯୋଗୁ ପଙ୍ଖା ଚାଲୁନାହିଁ। ଥରେ ବିଦ୍ୟୁତ କାଟ ହେଲେ ୧ ଘଣ୍ଟା ପର୍ଯ୍ୟନ୍ତ ଆସୁ ନାହିଁ । ବାଉଁଶୁଣୀ ଷ୍ଟକଚରରୁ ବାରମ୍ବାର ବିଦ୍ୟୁତ କାଟ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଦେଓଗାଁ,୪।୫(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ଦୁଇ କଲେଜରେ ଗ୍ରନ୍ଥାଗାରିକ ପ୍ରଦୀପ କୁମାର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ପରିଚାଳନା ତଥା କଲେଜର ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପ୍ରାଧ୍ୟାପକ ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ଦୁର୍ବାଦଳ ଘିବେଲା ପ୍ରମୁଖ ଯୋଗଦେଇ ଗ୍ରନ୍ଥାଗାରିକ ମହାନ୍ତିଙ୍କ ଚାକିରୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କ କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରିଥିଲେ। ପରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଶୁଭଶ୍ରୀ ସାହୁ, ଅଧ୍ୟାପକ ମୁକେଶ ପଟ୍ଟନାୟକ,ପ୍ରଶାନ୍ତ କୁମାର ଥନାପତିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବୀରମହାରାଜପୁର: କାଏମ ରହିଲା ସମସ୍ତଙ୍କ ପ୍ରାର୍ଥିପତ୍ର

ଅମରପାଲି, ୪।୫(ପୀତାମ୍ବର ସାହୁ)

ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ଦାଖଲ ହୋଇଥିବା ସମସ୍ତଙ୍କ ପ୍ରାର୍ଥିପତ୍ର ଯାଞ୍ଚ ପରେ କାଏମ ରହିଛି। ବୀରମହାରାଜପୁର ବିଧାନସଭା ସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଆସନ୍ତା ୨୦ ତାରିଖରେ ଏଠାରେ ମତଦାନ ହେବ। ଶୁକ୍ରବାର ଶେଷ ଦିନ ନାମାଙ୍କନ ଥିଲା। ଏହି ନିର୍ବାଚନ ମଣ୍ଡଳୀ ପାଇଁ ସମୁଦାୟ ୭ ଜଣ ନାମାଙ୍କନ ଦାଖଲ କରିଥିଲେ। ବିଜେଡିରୁ ବିଧାୟକ ପଦ୍ମନଭ ବେହେରା, ଭାଜପାରୁ ଇଂ.ରଘୁନାଥ ଜଗଦଲା, କଂଗ୍ରେସରୁ ପ୍ରଦୀପ ସେଠୀ, ଜାତୀୟ ଆପନା ପାର୍ଟିରୁ ପୁରନ ଲୁହା, ବିଏସ୍‌ପିରୁ ରାଧାକାନ୍ତ ତାଣ୍ଡି, ସ୍ୱାଧୀନ ପ୍ରାର୍ଥୀ ଭାବେ ଆଶ୍ରୟ ମହାନନ୍ଦ ଓ ଦୟାସାଗର ମହାନନ୍ଦ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ନାମାଙ୍କନ ଯାଞ୍ଚ ପରେ ସମସ୍ତଙ୍କ ପ୍ରାର୍ଥିପତ୍ର କାଏମ ରହଛି।

### ବ୍ୟକ୍ତିତ୍ୱ ଓ ସମ୍ପର୍କ କୌଶଳ ପାଠ୍ୟକ୍ରମ ଉଦ୍‌ଯାପିତ

ଝାରସୁଗୁଡା,୪।୫(ସଞ୍ଜୟ ମାଲି)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ୟକ୍ତିତ୍ୱ ବିକାଶ ତଥା ସମ୍ପର୍କ କୌଶଳ ପ୍ରଶିକ୍ଷଣ ଉପରେ ଗତ ଫେବୃଆରୀରୁ ତିନିମାସ ଧରି ସ୍ୱତନ୍ତ୍ର ଶିକ୍ଷାଦାନ ଝାରସୁଗୁଡା ଏଲଏନ କଲେଜ ପରିସରରେ ଚାଲିଥିଲା। ସେହି ପାଠ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପାଠ୍ୟକ୍ରମରେ ସ୍ୱତନ୍ତ୍ର ଭାବରେ ବ୍ୟକ୍ତିତ୍ୱ ବିକାଶ ସହ ଇଂରାଜୀ ଭାଷାରେ ଦକ୍ଷତା ତଥା ସାମୂହିକ ଆଲୋଚନା ତର୍କ ବିତର୍କ, ପ୍ରବନ୍ଧ, ବ୍ୟାକରଣ ଆଦି ଉପରେ ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକମାନେ ଶିକ୍ଷାଦାନ କରିଥିଲେ। ଏହି ସ୍ୱଳ୍ପକାଳୀନ ପାଠ୍ୟକ୍ରମରେ ଭାଗ ନେଇଥିବା ୨୮ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଇଂରାଜୀ ଅଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସଂଯୋଜନାରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ତପନ କୁମାର ବାରିକ, ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ, ଇଂରାଜୀ ବିଭାଗ ମୁଖ୍ୟ ପୂର୍ଣ୍ଣିମାମୟୀ ଦାଶ, ସୁକୃତି ତନୟା ଗିରି, ରୋହନି ବକ୍ସଲା, ଅଧ୍ୟାପିକା ଡ. ଶୁଭଲକ୍ଷ୍ମୀ ବାରିକ ତଥା ଛାତ୍ରୀଛାତ୍ର ନିଜସ୍ୱ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

# ଶାସନରେ ପରିବର୍ତ୍ତନ ଆବଶ୍ୟକ ରହିଛି: ଧର୍ମେନ୍ଦ୍ର

ଲୋଇସିଂହା,୪।୫(ସୁଶାନ୍ତ ବାରିକ)



ପରିବର୍ତ୍ତନ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ।

**ଆଗଲପୁରରେ ଭାଜପାର ପରିବର୍ତ୍ତନ ସମାବେଶ**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ମିନି ଷ୍ଟାଡିୟମରେ ଭାଜପାର ପରିବର୍ତ୍ତନ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ଓଡିଶାରେ ଡବଲ ଇଞ୍ଜିନ ସରକାର ହେଲେ ବିକଶିତ ଭାରତରେ ଓଡିଶାକୁ ୧ ନଂ କରିବୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର ଓଡିଶାକୁ ୧୦ ହଜାର କୋଟି ଦେଇଛନ୍ତି। ହେଲେ ଲୋକଙ୍କୁ ପାଇପ ଜଳ ମିଳୁନି, ଜଳସେଚନ ସୁବିଧା ନାହିଁ, ଚାଷ କ୍ଷତିଗ୍ରସ୍ତ ହେଉଛି, ଡାକ୍ତରଖାନାରେ ଡାକ୍ତର ଅଭାବ ଲାଗି ରହିଥିବା ବେଳେ ସ୍କୁଲରେ ଶିକ୍ଷକ ନାହାନ୍ତି। ରୋଜଗାର ନ ମିଳିବାରୁ ଯୁବକମାନେ ବାହାରକୁ ଦାଦନ ଖଟି ଯାଉଛନ୍ତି । ଏହା କ'ଣ ୨୪ ବର୍ଷ ସ୍ଥିର ସରକାର ବୋଲି ସେ ପ୍ରଶ୍ନ କରିଥିଲେ।

ଏହି ଦୃଷ୍ଟିରୁ ଶାସନରେ ପରିବର୍ତ୍ତନ ଆବଶ୍ୟକ ରହିଥିବା ପ୍ରଧାନ କହିଥିଲେ। ଏହି ଅବସରରେ ନେତା ଓଡିଆ ହେବ ନା ବାହାରିଆ ଲୋକ ହେବା ଆବଶ୍ୟକ ବୋଲି କହିଥିଲେ। ଭାଜପାର ଏମ୍‌ପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଏବଂ ଲୋଇସିଂହା ବିଧାନସଭା ପ୍ରାର୍ଥୀ ମୁକେଶ ମହାଲିଙ୍ଗଙ୍କୁ ଆଶୀର୍ବାଦ କଲେ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ ହେବ ବୋଲି କହିଥିଲେ। ଏମ୍‌ପି ପ୍ରାର୍ଥୀ ସିଂଦେଓ ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ ଏବଂ ୪ ଶହ ପାର ପାଇଁ ଆଶୀର୍ବାଦ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ୨୦୧୯ରେ ବଲାଙ୍ଗୀରରେ ବଟଲିଂ ପ୍ଲାଣ୍ଟ ଲୋକାର୍ପଣ କରିଥିଲେ। ନିକଟରେ ପ୍ରଧାନମନ୍ତ୍ରୀ କଟାବାଞ୍ଜିରେ ଏକ ରେଲ ୱାଗନ ମରାମତି କାରଖାନା ଭେଟି ଦେଇଛନ୍ତି। ଫଳରେ ଏଠାକାର କେତେଜଣ ଲୋକଙ୍କ ଦାଦନ ସମସ୍ୟା ଦୂର ହୋଇ ପାରିବ ଓ ରୋଜଗାର ପାଇ ପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ଆଗାମୀ ୫ ବର୍ଷ ପାଇଁ ରହିଥିବା ସଂକଳ୍ପ ପତ୍ରକୁ ଖୁବଶୀଘ୍ର ଲୋକାର୍ପଣ କରିବେ ବୋଲି ସେ କହିଥିଲେ । ଏଥର ବିଧାୟକ ଭାବେ ମୁକେଶ ମହାଲିଙ୍ଗ ଓ ଏମ୍‌ପି ଭାବେ ତାଙ୍କୁ ଆର୍ଶୀବାଦ କରିବାକୁ ନିବେଦନ କରିଥିଲେ। ଏହି ସମାବେଶରେ ବିଧାୟକ ମହାଲିଙ୍ଗଙ୍କ ତତ୍ତ୍ୱାବଧାନରେ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବହୁ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ମିଶିଥିଲେ। ଡୁଡୁକା ମଣ୍ଡଳ ସଭାପତି ପୀତାମ୍ବର କଣ୍ଟା ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସମାବେଶରେ ବରିଷ୍ଠ କାର୍ଯ୍ୟକର୍ତ୍ତା, ମଣ୍ଡଳ ସଭାପତି ଓ ଜନସାଧାରଣ ଉପସ୍ଥିତ ଥିଲେ।

# ବୌଦ୍ଧ ପାଇଁ ୬ ଓ କନ୍ଧମାଳ ପାଇଁ ୬ ପ୍ରାର୍ଥିପତ୍ର କାଏମ

ବୌଦ୍ଧ,୪।୫(ଅଜିତ କୁମାର ବାରିକ)

- ସରିଲା ନାମାଙ୍କନ ପତ୍ର ଯାଞ୍ଚ
- ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ

ବୌଦ୍ଧ ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ବୌଦ୍ଧ ଓ କନ୍ଧମାଳ ପାଇଁ ଶନିବାର ଦିନ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ନାମାଙ୍କନ ପତ୍ର ଯାଞ୍ଚ ପରେ କନ୍ଧମାଳ ନିର୍ବାଚନମଣ୍ଡଳୀରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ସମୟରେ ନାକଚ ହୋଇଥିବା ଜଣାପଡଛି। ବୌଦ୍ଧ ପାଇଁ ୬ ଓ କନ୍ଧମାଳ ପାଇଁ ୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ଜଣାପଡିଛି। କନ୍ଧମାଳ ନିର୍ବାଚନମଣ୍ଡଳୀ ପାଇଁ ପ୍ରମୁଖ ତିନି ରାଜନୈତିକ ଦଳ ସହ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ୭ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପତ୍ର ଯାଞ୍ଚରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ କରିଥିବା ପ୍ରଫୁଲ୍ଲ ମଲିକଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି। ଫଳରେ କନ୍ଧମାଳ ନିର୍ବାଚନମଣ୍ଡଳୀ ପାଇଁ ୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ବେଳେ ସେମାନେ ହେଲେ ଭାଜପାର କହ୍ନାଇ ଚରଣ ଡାଙ୍ଗ, ବିଜେଡିର ମହୀଧର ରଣା, କଂଗ୍ରେସର ସରୋଜ ପ୍ରଧାନ ଓ ସ୍ୱାଧୀନ ପ୍ରାର୍ଥୀ ହେଲେ କୁଞ୍ଜବିହାରୀ ସିଂ, ସତ୍ୟବ୍ରତ ସାହୁ ଓ ସୁଧାଂଶୁ ଡାଙ୍ଗ । ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରମୁଖ ତିନି ରାଜନୈତିକ ଦଳ ସହ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ୬ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। । ଯାଞ୍ଚ ପରେ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ସେମାନେ ହେଲେ ବିଜେଡିର ପ୍ରଦୀପ କୁମାର ଅମାତ, ଭାଜପାର ସରୋଜ କୁମାର ପ୍ରଧାନ, କଂଗ୍ରେସର ନବ କୁମାର ମିଶ୍ର , ଇଣ୍ଡିଆନ ସିଟିଜେନ ପାର୍ଟିର ଷଷ୍ଠ କୁମାର ପୁରୋହିତ, ସ୍ୱାଧୀନ ପ୍ରାର୍ଥୀ ହେଲେ ସୋମନାଥ ପୁରୋହିତ ଓ ପ୍ରଦୀପ ସାହୁ। ଆସନ୍ତା ୬ ତାରିଖ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିବସ ରହିଥିବା ବେଳେ କେଉଁ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରୁଛନ୍ତି ନା ସମସ୍ତ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ ତାହା ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ ଜଣାପଡିବ । କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଓ ବୌଦ୍ଧ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତ ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲେ ।

# ବଲାଙ୍ଗୀର ସହରରେ କଳିକେଶଙ୍କ ନିର୍ବାଚନୀ ପ୍ରଚାର



ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ପ୍ରଚାର କରୁଛନ୍ତି।

ବଲାଙ୍ଗୀର,୪।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ତେଲିଗୋଠପଡା ଓ ବେତ୍ରାପଡା ଅଞ୍ଚଳରେ ବଲାଙ୍ଗୀର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଘର ଯାଇ ନିର୍ବାଚନୀ ପ୍ରଚାର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର କିଭଳି ଗତ ୨୪ ବର୍ଷ ଭିତରେ ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି ସେ ଉପରେ ଲୋକଙ୍କୁ କହିଥିଲେ। ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଜଳସେଚନ, ଖାଦ୍ୟ ସୁରକ୍ଷା ଏବଂ ମିଶନ ଶକ୍ତି ଭଳି ଯୋଜନାରେ ଉନ୍ନତି ହୋଇଛି ବୋଲି କହିଥିଲେ। ବଲାଙ୍ଗୀର ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ବିଜେଡି ପ୍ରାର୍ଥୀ ଭାବେ ବିପୁଳ ଭୋଟ୍‌ରେ ତାଙ୍କୁ ବିଜୟୀ କରିବାକୁ ସେ ଭୋଟରଙ୍କୁ ନିବେଦନ କରିଥିଲେ। ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରରେ ଦେବଦର୍ଶନ କରି ପଡାବାସୀଙ୍କ ସହ ଆଲୋଚନା କରିଥିଲେ। ବେତ୍ରାପଡାର ଜନସାଧାରଣଙ୍କ ସହ ଆଲୋଚନା କରି ସେଠାରେ କିଭଳି ଉନ୍ନୟନ କାର୍ଯ୍ୟ କରାଯାଇପାରିବ ସେ ଉପରେ କହିଥିଲେ। ପ୍ରାର୍ଥୀ କଳିକେଶଙ୍କ ସହ ପୌରାଧକ୍ଷା ଲିକା ସାହୁ, କାଉନସିଲର ସନ୍ତୋଷିନୀ କୁଅଁର, ଧୀରୁ ବନ୍ଛୋର, ଆଡଭୋକେଟ ଅମରେଶ ତ୍ରିପାଠୀ, ରଞ୍ଜନ କୁମାର ତ୍ରିପାଠୀ, ବିଧୁଭୂଷଣ ତ୍ରିପାଠୀ, ରାଧେଶ୍ୟାମ ମେହେର, ଲଳିତ ମେହେର, ଭକ୍ତପ୍ରସାଦ ଖମାରୀ, ରାମଶରଣ ହୋତା, ବୁଲୁ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆଇନ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,୪।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ଶୁକ୍ରବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ସମ୍ବଲପୁର ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟରଙ୍କ ଭୂମିକା ସମ୍ପର୍କରେ ବୁଝାଇଥିଲେ। ଯେଉଁ ରାଷ୍ଟ୍ରର ଲୋକେ ନିଜ ମତଦାନର ଅଧିକାର ପ୍ରତି ଯେତେ ସଚେତନ ସେଇ ରାଷ୍ଟ୍ର ସେତେ ଉନ୍ନତ ଏବଂ ମଜଭୁତ ବୋଲି କହିଥିଲେ। ଏଣୁ ରାଷ୍ଟ୍ର ହିତ ଦୃଷ୍ଟିରୁ ପ୍ରତ୍ୟେକ ଭୋଟର ନିଜ ନିଜର ବହୁମୂଲ୍ୟ ମତଦାନକୁ ସାବ୍ୟସ୍ତ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆସନ୍ତା ୨୦ ତାରିଖରେ ସାଧାରଣ ନିର୍ବାଚନ ବଲାଙ୍ଗୀରରେ ଅନୁଷ୍ଠିତ ହେବ। ଏଣୁ ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଷ୍ଟାଫ ଓ ଷଷ୍ଠ ସେମିଷ୍ଟରର ଆଇନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶେଷରେ ସହକାରୀ ଅଧ୍ୟାପକ ଚଣ୍ଡୀ ପ୍ରସାଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ବାଚନ ପ୍ରଚାର କଲେ ବିଜେଡି ବିଧାୟକ ପ୍ରାର୍ଥିନୀ



କୁମ୍ଭାରପଦର ଗ୍ରାମରେ ବିଧାୟକ ପ୍ରାର୍ଥିନୀ ଟୁକୁନୀ ସାହୁ ମହିଳା ମାନଙ୍କ ସହ ଆଲୋଚନା କରୁଛନ୍ତି।

ଗୁଡଭେଲା,୪।୫(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ତିନୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶନିବାର ବିଜେଡି ବିଧାୟକ ପ୍ରାର୍ଥିନୀ ଟୁକୁନୀ ସାହୁ ନିର୍ବାଚନ ପ୍ରଚାର କରିଥିଲେ। ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଭୋଟ ଭିକ୍ଷା କରିଥିଲେ। ଘୁନା ଗ୍ରାମ ପଞ୍ଚାୟତର କୁମ୍ଭାରପଦର, କୁଲକୁସମ, ରାଣିମାଳ, ରାଜକେଳ, ସିନ୍ଧୁରମୁଣ୍ଡା, ଘୁନା, ଗୁଡଭେଲା ଗ୍ରାମ ପଞ୍ଚାୟତର ଡୁଙ୍ଗିବାହାଲ, ଗୁଣିମୁଣ୍ଡା, ହେରଣାପାଲି, ଦୁଲିକନା, ଆମ୍ବଗାଁ ଓ ଗୁଡଭେଲା ଆଦି ଗ୍ରାମରେ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ପ୍ରାର୍ଥିନୀ ସାହୁ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରିବା ସହ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ବିକାଶ ଧାରା ଦ୍ୱିଗୁଣିତ ହୋଇ ପାରିବ ବୋଲି କହିଥିଲେ । ଏଣୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସାହୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଡୁଙ୍ଗୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲ, ଜିଲା ପରିଷଦ ସଭ୍ୟ ରାମନିବାସ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସମିତି ସଭ୍ୟ ସଞ୍ଜୁ ମାଝୀ, ସରପଞ୍ଚ ସନ୍ତୋଷିନୀ ମହାପାତ୍ର, ସମିତି ସଭ୍ୟା ପ୍ରମିଳା ରଣାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ବସ୍‌ଷ୍ଟାଣ୍ଡରେ ନୂତନ ଶୌଚାଳୟ ଉଦ୍‌ଘାଟିତ

ବେଲପଡ଼ା,୪।୫(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ାରେ ଜନସାଧାରଣଙ୍କ ପାଇଁ ବସଷ୍ଟାଣ୍ଡ ନିକଟରେ ଏକ ନୂତନ ଶୌଚାଳୟ ସାମାଜିକ କର୍ମୀ ମାଟୁ ମେହେରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିତେଶ ବୁଦେକ,ପ୍ରଶାନ୍ତ ବୁଦେକ, ସୁଦର୍ଶନ ପାତ୍ର,ହରେକୃଷ୍ଣ ନାୟକ,ଧୋବା ମେହେରଙ୍କ ସମେତ ଜନସାଧାରଣ ଉପସ୍ଥିତ ରହିଥିଲେ। ଶୌଚାଳୟର ରକ୍ଷଣା ବେକ୍ଷଣ ଦାୟିତ୍ୱ ଗ୍ରାମ ପଞ୍ଚାୟତକୁ ଦିଆଯାଇଥିବା ବେଳେ ଏହା ଦେୟଯୁକ୍ତ ବୋଲି ପଞ୍ଚାୟତ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଶୌଚାଳୟ ୧୦ ବର୍ଷରୁ ଅଧିକ ଦିନ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିଲା।

# ଅଙ୍ଗନୱାଡ଼ିରେ ଶିଶୁ ସଂଖ୍ୟା କମୁଛି

ଲାଠୋର,୪।୫(ଭୁବନେଶ୍ୱର ବାରିକ)

**ତୁରେକେଲା ବ୍ଲକ**

ରାଜ୍ୟ ସରକାର ପ୍ରଚଣ୍ଡ ରୌଦ୍ରତାପକୁ ଲକ୍ଷ୍ୟ କରି ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟ ଗୁଡିକୁ ଆଗୁଆ ଭାବେ ୨୫ ଏପ୍ରିଲରୁ ଛୁଟି ଘୋଷଣା କରିଛନ୍ତି । କିନ୍ତୁ ଅଙ୍ଗନୱାଡ଼ିକୁ ଆସୁଥିବା ଶିଶୁମାନଙ୍କ ପାଇଁ ଛୁଟି ଘୋଷଣା କରି ନ ଥିବା ହେତୁ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଞ୍ଚଳରେ ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଭିଭାବକମାନେ ପ୍ରବଳ ଗରମ ହେତୁ ସେମାନଙ୍କ ଶିଶୁମାନଙ୍କୁ ଛାଡ଼ିବା ପାଇଁ ଅମଙ୍ଗ ହେଉଥିବା ଦେଖାଯାଉଛି। ଫଳରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ଶିଶୁଙ୍କ ସଂଖ୍ୟା କମିବାରେ ଲାଗିଛି। ଏହି ବ୍ଲକ ଅଞ୍ଚଳରେ ରହିଥିବା ସମୁଦାୟ ୧୭୩ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସହସ୍ରାଧିକ ୩ ରୁ ୬ ବର୍ଷର ଶିଶୁ ପାଠ ପଢୁଛନ୍ତି। ସକାଳ ୬ରୁ ୯ ଟା ପର୍ଯ୍ୟନ୍ତ କେନ୍ଦ୍ରଗୁଡିକ ଚାଲୁଛି। କିନ୍ତୁ ପ୍ରବଳ ଗରମ ଯୋଗୁ ଶିଶୁମାନେ ଆଉଟ ପାଉଟ ହୋଇ ପଡୁଛନ୍ତି। ଯେଉଁ କେନ୍ଦ୍ରଗୁଡିକର ନିଜସ୍ୱ ଗୃହ ନାହିଁ ସେମାନେ ଗ୍ରାମ୍ୟ ବେଦୀ ମଣ୍ଡପ ଏବଂ ଗୋଷ୍ଠୀ କେନ୍ଦ୍ରଗୁଡିକରେ ଶିଶୁମାନଙ୍କୁ ବସାଇଲା ବେଳକୁ ପରିସ୍ଥିତି ଆହୁରି ସଙ୍ଗୀନ ହୋଇ ପଡୁଛି। ତାତି ଯୋଗୁ ଧିରେ ଧିରେ କେନ୍ଦ୍ରଗୁଡିକରେ ଶିଶୁଙ୍କ ସଂଖ୍ୟା କମିବାରେ ଲାଗିଛି। ଅଙ୍ଗନୱାଡ଼ିରେ ଶିଶୁମାନଙ୍କୁ ପୁଷ୍ଟିକର ଆହାର ଦେବା ସହ ତାର ମାନସିକ,ଶାରୀରିକ ଏବଂ ବୌଦ୍ଧିକ ବିକାଶ ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରାଯାଉଛି। ଗୋଟେ ଶିଶୁ ଅଙ୍ଗନୱାଡ଼ିରେ ନିଜକୁ ବ୍ୟବସ୍ଥିତ କରି ପାରିଲେ ତା'ର ବିକାଶ ଘଟିଥାଏ। ହେଲେ ଏବେ ଏମିତି ସ୍ଥିତି ସୃଷ୍ଟି ହୋଇଛି ଯେ ଅଙ୍ଗନୱାଡ଼ିକୁ ଆସୁଥିବା ଶିଶୁମାନେ ତାତି ଯୋଗୁ ନିଜକୁ ଖାପ ଖୁଆଇ ଚଳଚଞ୍ଚଳ ରହୁନାହାନ୍ତି। ଦୈନନ୍ଦିନ କାର୍ଯ୍ୟକ୍ରମରେ ଅଧିକାଂଶ ଶିଶୁ ନିଜକୁ ସାମିଲ କରି ପାରୁନାହାନ୍ତି। ଏପରି ସ୍ଥିତି ଲାଗି ରହିଲେ ଆଗକୁ ଶିଶୁମାନେ ଅସୁସ୍ଥ ହେବାର ଆଶଙ୍କା ସୃଷ୍ଟି ହୋଇଛି। କୋଭିଡ଼ ସମୟରେ ଯେପରି ଶିଶୁମାନଙ୍କୁ ଶୁଖିଲା ଖାଦ୍ୟ ଦେଇ କାର୍ଯ୍ୟକ୍ରମ ପରିଚାଳନା କରାଯାଉଥିଲା ସେପରି କରାଗଲେ ଶିଶୁମାନଙ୍କ ପାଇଁ ଉଚିତ ପଦକ୍ଷେପ ହୁଅନ୍ତା ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଉଛି। ଏନେଇ ତୁରେକେଲା ସିଡ଼ିପିଓ ରତ୍ନାମଣି ବରାଳଙ୍କୁ ପଚାରିବାରେ ସରକାରୀ ଗାଇଡ଼ ଲାଇନ ଅନୁସାରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି। ଏ ନେଇ ଉପରିସ୍ଥ ଅଧିକାରୀ ଯାହା ବ୍ୟବସ୍ଥା କରିବେ ବୋଲି କହିଥିଲେ। ବଲାଙ୍ଗୀର ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମଜଭୁତ ହେଉଛି ବିଜେଡି, କଂଗ୍ରେସର ସ୍ଥିତି ଜାହିର ପାଇଁ ଉଦ୍ୟମ



ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ବଡବନ୍ଧ ପଞ୍ଚାୟତର ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

**ଦେଓଗାଁ ବ୍ଲକରେ ରାଜନୀତି ସରଗରମ**

ଦେଓଗାଁ,୪।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୨୬ଟି ପଞ୍ଚାୟତକୁ ନେଇ ଗଠିତ। ଏଣୁ ବଲାଙ୍ଗୀର ରାଜନୀତିରେ ଦେଓଗାଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ବଲାଙ୍ଗୀର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ବ୍ଲକ ଉପରେ ତିନି ପ୍ରମୁଖ ଦଳର ସ୍ୱତନ୍ତ୍ର ନଜର ରହିଛି। ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବା ପରେ ଦଳୀୟ ପ୍ରଚାରକୁ ଏବେ ଦ୍ୱିଗୁଣିତ କରିଛନ୍ତି। ଏହି କ୍ରମରେ ଦେଓଗାଁ ବ୍ଲକର ୧୨ ଓ ୧୩ ଉଭୟ ଜୋନରେ ତିନି ଦଳର ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହେଉଛନ୍ତି। ପୂର୍ବ ନିର୍ବାଚନ ଭଳି ଗାଁଦାଣ୍ଡଗୁଡିକରେ ସେତେଟା ପୋଷ୍ଟର ବ୍ୟାନର ଦଳୀୟ ପତାକା ଆଦି ଏଥର ନଜରକୁ ଆସିନାହିଁ। ନିର୍ବାଚନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ବ୍ଲକ ସ୍ତରରେ ଏକ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ପୋଲିସ ପ୍ରଶାସନ ତତ୍ପରତାର ସହ ବିଭିନ୍ନ ଛକରେ ଯାଞ୍ଚ ସହ ପାଟ୍ରୋଲିଂ ଜାରି ରଖିଛି। ଜିଲାର କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବା ପରେ ଏହାର ପ୍ରଭାବ ଦେଓଗାଁ ବ୍ଲକରେ ପଡିଥିବା ନଜରକୁ ଆସିଛି। ଏଠାରେ ଦିନକୁ ଦିନ ବିଜେଡି ମଜବୁତ ସ୍ଥିତିକୁ ଯାଉଥିବା ବେଳେ କଂଗ୍ରେସ ଦଳ ମଧ୍ୟ ହେଭିୱେଟ ନେତା ନରସିଂହ ମିଶ୍ରଙ୍କ ଦ୍ୱାରା ହୋଇଥିବା ବିକାଶଧାରାକୁ ନେଇ ନିଜ ସ୍ଥିତି ଜାହିର କରିବା ପାଇଁ ଉଦ୍ୟମ ଜାରି ରଖିଛି । ତେବେ ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲହର ଆଶାରେ ରହିଥିବା ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି। ବିଜେଡି ପକ୍ଷରୁ ବଲାଙ୍ଗୀର ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀ ଭାବେ କଳିକେଶ ନାରାୟଣ ସିଂଦେଓ ନାମାଙ୍କନ ଦାଖଲ କରିଥିବା ବେଳେ କଂଗ୍ରେସ ତରଫରୁ ସମରେନ୍ଦ୍ର ମିଶ୍ର ଓ ଭାଜପାରୁ ଗୋପାଳଜୀ ପାଣିଗ୍ରାହୀ ପ୍ରାର୍ଥୀ ହୋଇଛନ୍ତି। ତେବେ ଏହି ବ୍ଲକରେ ବିଜେଡିର ପତିଆରା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଏହାମଧ୍ୟରେ ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ବ୍ଲକର ବଡବନ୍ଧ ଓ ସିକୁଆଁ ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ଲୋକଙ୍କୁ ଭେଟିଛନ୍ତି। ବିଭାଗୀୟ ସୂଚନାନୁସାରେ, ଦେଓଗାଁ ବ୍ଲକର ୧୨୭ଟି ଗାଁରେ ହାରାହାରି ୭୭ ହଜାର ୮୧୫ ଭୋଟର ରହିଥିବା ବେଳେ ୩୯ ହଜାର ୬୩୫ ପୁରୁଷ ଭୋଟର ଓ ୩୮ହଜାର ୧୬୮ ମହିଳା ଭୋଟର ରହିଛନ୍ତି। ତେବେ ମହିଳା ଭୋଟ ଉପରେ ସବୁ ଦଳର ପ୍ରାର୍ଥୀଙ୍କ ନଜର ରହିଥିବା ଦେଖିବାକୁ ମିଳିଛି। ବ୍ଲକରେ ମୋଟ ୧୦୩ଟି ବୁଥ କରାଯାଇଥିବା ବେଳେ ୧୦ଟି ପିଙ୍କ ବୁଥ ଓ ହାତିସରାରେ ଗୋଟିଏ ୟଙ୍ଗ ବୁଥ କରାଯାଇଛି। ଏଥିପାଇଁ ବ୍ଲକ ତରଫରୁ ୧୦ ଜଣ ସେକ୍ଟର ଅଫିସର ନିଯୁକ୍ତ କରାଯାଇଥିବା ଜଣାପଡିଛି।

# ଭାଜପା ନେତା ମିଛ କହୁଛନ୍ତି: ନବୀନ




ରାୟଗଡ଼ା ଜିଲା ଟିକିରି ମୁସୁରୀପଦରଠାରେ ଆୟୋଜିତ ଜନସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍, କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକକା, ରାୟଗଡା ବିଧାୟକ ପ୍ରାର୍ଥୀ ଅନସୂୟା ମାଝି, ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା ଓ ଗୁଣପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ।

ଭୁବନେଶ୍ୱର/କୋରାପୁଟ/ନବରଙ୍ଗପୁର/ରାୟଗଡ଼ା, ୪।୫(ଅନିଲ ଦାସ/ଅମିତାଭ ବେହେରା/ସଦାଶିବ ପ୍ରହରାଜ/ଆଶିଷ ରଞ୍ଜନ ପଣ୍ଡା)

## ରୂପାନ୍ତରଣକୁ ଆଗକୁ ନେବା ପାଇଁ ନବୀନଙ୍କ ହାତମୁଠାକୁ ଟାଣ କରିବାକୁ ପାଣ୍ଡିଆନଙ୍କ ନିବେଦନ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ାରେ ନିର୍ବାଚନ ପ୍ରଚାର କରିଛନ୍ତି। ନବରଙ୍ଗପୁରର ମାଝିଗୁଡ଼ାଠାରେ ଆୟୋଜିତ ପ୍ରଚାର ସଭାରେ ଯୋଗ ଦେଇ ସେ ପ୍ରଥମେ ପଚାରିଥିଲେ, ଆପଣମାନେ ଭଲ ଅଛନ୍ତି ତ? ଏହି ଗୋଟିଏ ପ୍ରଶ୍ନରେ ଉପସ୍ଥିତ ଜନତା ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିରୋଧୀ ଭାଜପା ନେତା ମିଛ କଥା କହୁଛନ୍ତି, ଅପପ୍ରଚାର କରୁଛନ୍ତି। ଆପଣମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଲୋକ ସଭା ଓ ବିଧାନସଭାର ଦଳୀୟ ପ୍ରାର୍ଥୀମାନଙ୍କୁ ଜିତାନ୍ତୁ। ଜନସଭାରେ ଅସଂଖ୍ୟ ଲୋକଙ୍କ ଭିଡ଼ ଦେଖି ମୁଖ୍ୟମନ୍ତ୍ରୀ ଅନେକ ପ୍ରଶ୍ନ ପଚାରିଥିଲେ। ଆମର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ନୂଆ-ଓ ସ୍କଲାରଶିପ୍, କାଳିଆ ଯୋଜନା, ପୁରୀ ପରିକ୍ରମା ପ୍ରକଳ୍ପ, ଟଙ୍କିକିଆ ଚାଉଳ, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତର ଆଦି ସବୁ କାମ ଭଲ ଚାଲିଛି କି ବୋଲି ମୁଖ୍ୟମନ୍ତ୍ରୀ ପଚାରିଥିଲେ। ପ୍ରତି ପ୍ରଶ୍ନରେ ଜନତାଙ୍କ ଉତ୍ତର 'ହଁ ବହୁତ ଭଲ ଚାଲିଛି' ଶୁଣିବାକୁ ମିଳିଥିଲା। ସମସ୍ତେ ବହୁତ ଖୁସି ଓ ଉତ୍ସାହିତ ଥିବା ଲକ୍ଷ୍ୟ କରାଯାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ପଚାରିଥିଲେ, ନବୀନ ପଟ୍ଟନାୟକ ଭଲ କି ? ଏହାପରେ ଭାବବିହ୍ୱଳ ଜନତା ଏକ ସ୍ୱରରେ କହିଥିଲେ 'ହଁ'। ଦୀର୍ଘ ସମୟ ଧରି ଏହି 'ହଁ' ର ଗୁଞ୍ଜରଣ ସଭାସ୍ଥଳରେ ପ୍ରତିଧ୍ୱନିତ ହେଉଥିଲା।

ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଜନସଭାକୁ ସମ୍ବୋଧନ କରି କହିଛନ୍ତି ଯେ ଓଡ଼ିଶାର ରୂପାନ୍ତରକୁ ଆହୁରି ଆଗେଇ ନେବା ପାଇଁ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରନ୍ତୁ। ସେ ମଧ୍ୟ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ପ୍ରଶ୍ନ ପଚାରି ଲୋକଙ୍କ ମତାମତ ନେଇଥିଲେ। ନବରଙ୍ଗପୁର ନୂଆ ସରକାରୀ କଲେଜ କିଏ କରିଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ କିଏ କରିଛି। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଅଲେଖ ମହିମା ପୀଠ ଆଦିର ରୂପାନ୍ତର କିଏ କରିଛି । ବଡ଼ ବଡ଼ ସେତୁ, ନୂଆ-ଓ ସ୍କଲାରଶିପ, ମିଶନ ଶକ୍ତି, କାଳିଆ, ମମତା ଆଦି ଯୋଜନା କିଏ କରିଛି? ସବୁର ଉତ୍ତର ଆସିଥିଲା ନବୀନ ପଟ୍ଟନାୟକ। ଏହାପରେ ପାଣ୍ଡିଆନ କହିଥିଲେ, ନବୀନ ପଟ୍ଟନାୟକ ଆପଣଙ୍କ ପାଇଁ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି, ଆପଣମାନେ ତାଙ୍କୁ ଆଶୀର୍ବାଦ କରନ୍ତୁ।

ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ମାଝି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆଜି ନବରଙ୍ଗପୁରରେ ବିଜୁଳି, ସଡ଼କ, ପାଣି ସୁବ୍ୟବସ୍ଥିତ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆସିଛି। ଭାଜପା ଏ ଅଞ୍ଚଳରେ ମିଥ୍ୟା ପ୍ରଚାର ଓ ପ୍ରତିଶ୍ରୁତିରେ ଲୋକଙ୍କୁ ପୋତି ପକାଇଛି। ସମସ୍ତେ ଜାଣି ରଖିବା ଉଚିତ ଯେ ପୁରୀ ପରିକ୍ରମା ପ୍ରକଳ୍ପକୁ ଭାଜପା ନେତା ବିରୋଧ କରିଥିଲେ। ପରିକ୍ରମା ପ୍ରକଳ୍ପକୁ ବିରୋଧ ହେଉଛି ଓଡ଼ିଆ ଅସ୍ମିତା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିରୋଧ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉମରକୋଟ ବିଧାନସଭା ଆସନ ପ୍ରାର୍ଥୀ ନବୀନା ନାୟକ, ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ, ଝରିଗାଁ ବିଧାନସଭା ପ୍ରାର୍ଥୀ ରମେଶ ମାଝି ପ୍ରମୁଖ ନିର୍ବାଚନ ପ୍ରଚାର କରି ସେମାନଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ ।

ଏହାପରେ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲା ଟିକିରିସ୍ଥିତ ମୁସୁରୀପଦରଠାରେ ଆୟୋଜିତ ଜନସମାବେଶରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓ, ରାୟଗଡ଼ା ବିଧାନସଭା ଆସନ ପ୍ରାର୍ଥୀ ଅନସୂୟା ମାଝି, ଗୁଣପୁର ବିଧାନସଭା ପ୍ରାର୍ଥୀ ରଘୁନାଥ ଗମାଙ୍ଗ, ବିଷମକଟକ ବିଧାନସଭା ପ୍ରାର୍ଥୀ ଜଗନ୍ନାଥ ସାରକା ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଶାର ନେତୃତ୍ୱ ଓଡ଼ିଆ ନେବ ନା' ବାହାର ଲୋକ

ବଲାଙ୍ଗୀର/ଟିଟିଲାଗଡ଼, ୪।୫ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

- ଏହା ହିଁ ଏଥରର ପ୍ରସଙ୍ଗ: ଧର୍ମେନ୍ଦ୍ର
- ବିଜେଡି, କଂଗ୍ରେସ ଦଳ ଛାଡ଼ି ଭାଜପାରେ ମିଶିଲେ ସହସ୍ରାଧିକ ନେତା, ସମର୍ଥକ

ଓଡ଼ିଶାରେ ଏବେ ଏକ ବଡ଼ ପରିବର୍ତ୍ତନର ଲହର ଦେଖାଦେଇଛି। ୨୪ ବର୍ଷର ସରକାରକୁ ବଦଳାଇ ଦେବାକୁ ଲୋକେ ଏଥର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ବିରୋଧୀ ଶକ୍ତି ଦଳେ ଭଡ଼ାଟିଆ ଲୋକ ମୁଖ୍ୟମନ୍ତ୍ରୀଙ୍କୁ କବ୍‌ଜା କରିନେଇଛନ୍ତି। ସେମାନେ ଓଡ଼ିଶାର ସଂସ୍କୃତି, ଓଡ଼ିଆ ଭାଷା, ଓଡିଆ ପିଲାଙ୍କ ଭବିଷ୍ୟତ, ଓଡ଼ିଆ ଚାଷୀର କଲ୍ୟାଣ, ଓଡ଼ିଆ ଆଦିବାସୀଙ୍କ ଅଧିକାର ସହ ସାଲିସ କରୁଛନ୍ତି। ଯେଉଁମାନେ ବାହାର ଲୋକ ସେମାନେ ଓଡ଼ିଶାର ନେତୃତ୍ୱ ନେବେ ନା ଏଠିକାର ଲୋକ ନେତୃତ୍ୱ ନେବେ, ତାହା ଏଥର ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସେ ପୁଣି କହିଛନ୍ତି, କଣ୍ଟାବାଞ୍ଜିରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢ଼ିବାର ଅର୍ଥ ସେ ବାହାରିଆ ଗୁମାସ୍ତାକୁ ବାଟ ଛାଡ଼ିବେ। ବଲାଙ୍ଗୀରର ସ୍ୱାଭିମାନୀ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ଧର୍ମେନ୍ଦ୍ର ଶନିବାର ଟିଟିଲାଗଡ ହାଇସ୍କୁଲପଡ଼ାଠାରେ ଆୟୋଜିତ ବଡ଼ଧରଣର ମିଶ୍ରଣ ସଭାରେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ବଲାଙ୍ଗୀର ଲୋକ ସଭା ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଓ ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ନବୀନ ଜୈନଙ୍କ ସମେତ ବହୁ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତି ଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡିର ବରିଷ୍ଠ ସଙ୍ଗଠକ ତଥା ଜଣାଶୁଣା ନେତା ପ୍ରମୋଦ ପ୍ରଧାନ, ରାଜ୍ୟ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ବିଜେଡି ନେତ୍ରୀ ରଞ୍ଜୁ ରାଇମନ୍‌ଙ୍କ ସମେତ ଶତାଧିକ ନେତା ଓ କର୍ମୀ ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ଭାଜପାରେ ଯୋଗଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସମସ୍ତଙ୍କୁ ଭାଜପାକୁ ସ୍ୱାଗତ କରିବା ସହ ଲୋକସଭା ପ୍ରାର୍ଥୀ ସଙ୍ଗୀତା ଦେବୀ ଏବଂ ବିଧାୟକ ପ୍ରାର୍ଥୀ ନବୀନ ଜୈନଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରୁ ଟିଟିଲାଗଡରେ ଏକ ବିରାଟ ଶୋଭାଯାତ୍ରାରେ ସହସ୍ରାଧିକ ନେତା ଓ କର୍ମୀ ସହର ପରିକ୍ରମା କରି ହାଇସ୍କୁଲପଡା ଭାଜପା କାର୍ଯ୍ୟାଳୟ ସମ୍ମୁଖ ପଡିଆ ସଭାସ୍ଥଳକୁ ପହଞ୍ଚିଥିଲେ। ସଭାରେ ମନ୍ତ୍ରୀ ପ୍ରଧାନ ଟିଟିଲାଗଡରେ ମନ୍ତ୍ରୀ ତଥା ବିଜେଡି ପ୍ରାର୍ଥୀ ଟୁକୁନି ସାହୁଙ୍କୁ ଟାର୍ଗେଟ କରି ସମାଲୋଚନା କରିଥିଲେ। ଦୁଇଟି ଫୁଲ ଭାରି ଭଲ ନାରା ଦେଇ ଏଥର ଉଭୟ ଲୋକ ସଭା ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ କହିଥିଲେ।

ନବୀନ ସରକାରକୁ କଡା ସମାଲୋଚନା କରି ମନ୍ତ୍ରୀ ପ୍ରଧାନ ଗତ ୨୪ ବର୍ଷରେ ଟିଟିଲାଗଡ, କଣ୍ଟାବାଞ୍ଜି ଓ ବଲାଙ୍ଗୀରର ଯୁବକ କେବଳ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଯାଇଛି । ଏହାର ଉଚିତ୍ ଜବାବ ଦେବେ ବୋଲି କହିଥିଲେ। ସଭାରେ ଏମପି ପ୍ରାର୍ଥୀ ସଙ୍ଗୀତା ଦେବୀ ବକ୍ତବ୍ୟ ରଖି ବଲାଙ୍ଗୀରରେ ମୋଦି ସରକାରଙ୍କ ନେତୃତ୍ୱରେ ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି କହି ଭୋଟ୍ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀ ନବୀନ ଜୈନ ଟିଟିଲାଗଡ ବିକାଶ ପାଇଁ ମାଟି ଧରି ଶପଥ କରୁଛି କହି ଲୋକଙ୍କୁ ମଞ୍ଚରେ ମୁଣ୍ଡିଆ ମାରି ଭୋଟ ନିବେଦନ କରିଥିଲେ। ବିଜେଡି ସଙ୍ଗଠକ ପ୍ରମୋଦ ପ୍ରଧାନ ଓ ରାଜ୍ୟ ସରପଞ୍ଚ ସଂଘ ସଭାପତି ବୀରବର ସାହୁଙ୍କ ଯୋଗଦାନ ଭାଜପାକୁ ସଶକ୍ତ କରିଛି ବୋଲି ମନ୍ତ୍ରୀ କହିଥିଲେ। ସଭାରେ ଅଶୋକ ଦୋରା, ମହେନ୍ଦ୍ର ଠାକୁର, ନରସିଂହ ସିଂ, ପ୍ରଦୀପ ସାହୁ, ପ୍ରେମୋଦ ସରାଫ, ଚେୟାରମେନ୍ ବାଗ, ପୌରାଧକ୍ଷା ମମତା ଦେବୀ ଜୈନ୍, ଶୁଭ୍ରାଂଶୁ ଦାସ ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ସଭାକୁ ଶ୍ରୀବତ୍ସ ବେହେରା ସଂଯୋଜନା କରିଥିଲେ। ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଏବଂ ଆଗଲପୁର ଠାରେ ଭାଜପା ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦାନ କରି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।



ଟିଟିଲାଗଡଠାରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭାଜପା ପ୍ରାର୍ଥୀ ଏବଂ ଦଳରେ ଯୋଗଦେଇଥିବା ନେତ୍ରୀ, ନେତାମାନେ।

# ମୋଦିଙ୍କ ସୁରକ୍ଷା ପାଇଁ ୨୦ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର,୪।୫ (ସୂର୍ଯ୍ୟକାନ୍ତ ବେହେରା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସ୍ୱତନ୍ତ୍ର ବିମାନରେ ଆସି ରାତି ସାଢେ ୯ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିବେ। ୬ ତାରିଖ ସକାଳେ ବ୍ରହ୍ମପୁର ଓ ନବରଙ୍ଗପୁର ଯାଇ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ମୋଦିଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୩ଜଣ ଡିସିପି, ୬ଜଣ ଅତିରିକ୍ତ ଡିସିପି, ୧୦ ଏସିପି, ୧୭ ଆଇଆଇସି, ୯୦ ଏସ୍‌ଆଇ/ଏଏସ୍‌ଆଇଙ୍କ ସହ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ସେହିପରି ଏହି ସମୟରେ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିମାନବନ୍ଦରରୁ ରାଜଭବନ ରାସ୍ତାକୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଥିବାବେଳେ ରାଜଭବନରେ ମଧ୍ୟ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେହିପରି ବିମାନବନ୍ଦରରେ ସୁରକ୍ଷା ନେଇ ଏସ୍‌ପିଜି ସହ ଆଲୋଚନା କରାଯାଇଛି। ସିଆଇଏସ୍‌ଏଫ ଓ ପୋଲିସ ମୁତୟନ ହେବେ। ମୋଦିଙ୍କ ଗସ୍ତ ବେଳେ ପୂରା ଅଞ୍ଚଳକୁ ନୋ ଡ୍ରୋନ୍ ଫ୍ଲାଇଂ ଜୋନ୍ କରାଯିବ। ରାସ୍ତାରେ ବ୍ୟାରିକେଡ୍ ନିର୍ମାଣ କରାଯାଇଥିବାବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଗାଡିଗୁଡିକୁ କଡାକଡି ଯାଞ୍ଚ କରାଯିବ। ଏହାସହ ସମ୍ବେଦନଶୀଳ ଜାଗା ଉପରେ ନଜର ରଖାଯାଇଛି। ଶନିବାର କାର୍‌କେଡ୍ ରିହର୍ସାଲ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଜୟପୁରରେ ଜୋର ଧରିଲାଣି ପ୍ରଚାର

ଜୟପୁର,୪।୫(ପବନ ପାଣିଗ୍ରାହୀ)

ଦକ୍ଷିଣ ଓଡିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ମେ ୧୩ରେ ଅନୁଷ୍ଠିତ ହେବ। କୋରାପୁଟ ଜିଲାରେ ପଟ୍ଟାଙ୍ଗି, ଲକ୍ଷ୍ମୀପୁର, କୋରାପୁଟ, କୋଟପାଡ ଓ ଜୟପୁର ୫ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୪ ନିର୍ବାଚନମଣ୍ଡଳୀ ସଂରକ୍ଷିତ ଥିବା ବେଳେ ଜୟପୁର କ୍ଷେତ୍ର ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ଜୟପୁର ସହର, ଜୟପୁର ବ୍ଲକ ଓ ବୋରିଗୁମ୍ମା ବ୍ଲକକୁ ନେଇ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀ।

କଂଗ୍ରେସ, ବିଜେଡି ଓ ଭାଜପା ପକ୍ଷରୁ ଏଠାରେ ପ୍ରଚାର ଜମିଲାଣି। ଏଠାରେ କଂଗ୍ରେସ ତାରାପ୍ରସାଦ ବାହିନୀପତିଙ୍କୁ ବିଧାୟକ ଟିକେଟ ଦେଇଥିବା ବେଳେ ବିଜେଡି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ଟିକେଟ ଦେଇଛି। ଭାଜପା ଗୌତମ ସାମନ୍ତରାୟଙ୍କ ଉପରେ ଭରସା କରିଛି। ଜୟପୁରରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ୨୦୧୪ ନିର୍ବାଚନରେ ଜୟପୁର ବିଧାନସଭା କ୍ଷେତ୍ରରୁ ତତ୍କାଳୀନ ଗଣଶିକ୍ଷା ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ୮,୩୮୮ ଭୋଟରେ ପଛରେ ପକାଇ ବିଜୟୀ ହୋଇଥିଲେ। ୨୦୧୯ରେ ବିଜେଡି ପ୍ରାର୍ଥୀ ରବି ନାରାୟଣ ନନ୍ଦ ଓ କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୫ହଜାର ୪୩୯ ଭୋଟରେ ସେତେବେଳେ ରବି ନନ୍ଦଙ୍କୁ ବାହିନୀପତି ହରାଇ ବିଜୟୀ ହୋଇଥିଲେ।

ଜୟପୁର ନିର୍ବାଚନମଣ୍ଡଳୀ କେବଳ କୋରାପୁଟ ନୁହେଁ, ଅବିଭକ୍ତ କୋରାପୁଟ ଜିଲାର ୧୪ଟି ଆସନରୁ ଗୋଟିଏ ମାତ୍ର ଅସଂରକ୍ଷିତ ଆସନ। ଏହି କ୍ରମରେ ଏଠାରୁ ଯିଏ ନିର୍ବାଚିତ ହୁଅନ୍ତି ସେ ରାଜ୍ୟ ରାଜନୀତିରେ ବେଶ୍ ଗୁରୁତ୍ୱ ବହନ କରିଥାଆନ୍ତି। ପୂର୍ବରୁ ଏଠାରୁ ବିଧାନସଭାକୁ କଂଗ୍ରେସର ସ୍ୱର୍ଗତ ରଘୁନାଥ ପଟ୍ଟନାୟକ ନିର୍ବାଚିତ ହୋଇ ଅର୍ଥ ଓ ଆଇନମନ୍ତ୍ରୀ ଥିଲେ। ୨୦୦୦ରୁ ତାଙ୍କୁ ପରାସ୍ତ କରି ବିଜେଡିରୁ ରବି ନାରାୟଣ ନନ୍ଦ ୨୦୧୪ ଯାଏ ତିନି ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ମାତ୍ର ୨୦୧୪ ଓ ୨୦୧୯ ନିର୍ବାଚନରେ ନନ୍ଦଙ୍କୁ କଂଗ୍ରେସ ପ୍ରାର୍ଥୀ ବାହିନୀପତି ପରାସ୍ତ କରିଥିଲେ। ୨୦୨୪ ନିର୍ବାଚନରେ ବାହିନୀପତିଙ୍କର ଇନ୍ଦିରାଙ୍କ ସହ ଲଢ଼େଇ ହେବ ବୋଲି କୁହାଯାଉଛି। ଇତିମଧ୍ୟରେ କଂଗ୍ରେସ ଓ ବିଜେଡି ପ୍ରଚାରକୁ ଜୋରଦାର କରିବା ସହ ମିଶ୍ରଣ ପର୍ବ ଜାରି ରଖିଥିବା ଦେଖିବାକୁ ମିଳୁଛି। ଭାଜପା ମଧ୍ୟ ଏଠାରୁ ବିଜୟ ହେବା ଲାଗି ରଣନୀତି ପ୍ରସ୍ତୁତ କରିଚାଲିଛି।

# ସାରଦାଙ୍କ ନାମାଙ୍କନ ଦାଖଲ ରଦ୍ଦ ଦାବି



ରିଟର୍ନିଂ ଅଧିକାରୀଙ୍କ ସମ୍ମୁଖରେ ହାଇକୋର୍ଟ ଓକିଲ ଦସ୍ତାବିଜ ଦାଖଲ କରୁଛନ୍ତି।

- ନାମାଙ୍କନରେ ଜରୁରୀ ତଥ୍ୟ ଉଲ୍ଲେଖ ନ ଥିବା ଭାଜପା ଆଣିଲା ଅଭିଯୋଗ

ରାଉରକେଲା,୪।୫ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସାରଦାପ୍ରସାଦ ନାୟକଙ୍କ ନାମାଙ୍କନ ରଦ୍ଦ ପାଇଁ ପାନପୋଷ ରିଟର୍ନିଂ ଅଧିକାରୀଙ୍କ ନିକଟରେ ଶନିବାର ଭାଜପା ଅଭିଯୋଗ କରିଛି। ଏହି ଘଟଣା ରାଉରକେଲା ରାଜନୈତିକ ପାଣିପାଗକୁ ସରଗରମ କରିଦେଇଛି। ବୁଧବାର ଶ୍ରମ ଦିବସରେ ସାରଦା ନାମାଙ୍କନ ପତ୍ର ଦାଖଲ କରିଥିଲେ। ସାରଦା ଦାଖଲ କରିଥିବା ନାମାଙ୍କନରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ ନ ଥିବାରୁ ତାଙ୍କ ନାମାଙ୍କନକୁ ରଦ୍ଦ କରିବାକୁ ନିର୍ବାଚନ ରିଟର୍ନିଂ ଅଧିକାରୀ ତଥା ପାନପୋଷ ସବ୍-ଡିଭିଜନାଲ ମାଜିଷ୍ଟ୍ରେଟ ବିଜୟ ନାୟକଙ୍କ ନିକଟରେ ଭାଜପା ପକ୍ଷରୁ ଦାବି କରାଯାଇଛି। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ତରଫରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ରିଟର୍ନିଂ ଅଧିକାରୀଙ୍କ ନିକଟରେ ଏହି ଅଭିଯୋଗ ଆଣିଛନ୍ତି। ଆଇନଜୀବୀ ଆଚାର୍ଯ୍ୟ ନାମାଙ୍କନ ରଦ୍ଦ ସଂକ୍ରାନ୍ତୀୟ ପ୍ରଥମ ଆପତ୍ତିରେ ସାରଦାଙ୍କ ନାଁରେ ବିଚାରାଧୀନ ଏକ ଗୁରୁତର ଆପରାଧିକ ମାମଲା ବାବଦରେ ଫର୍ମ-୨୬ରେ ଉଲ୍ଲେଖ ନ ରହିବା ଉପସ୍ଥାପନା କରିବା ସହିତ ଦ୍ୱିତୀୟ ଆପତ୍ତିରେ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀ-୧୨ ନମ୍ବର ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ଦାଖଲ କରିଥିବା ନାମାଙ୍କନ ପତ୍ରରେ ତାଙ୍କର ଗ୍ରାମ ସାଙ୍କିଲୋ, କଟକରେ ଥିବା ସ୍ଥାବରଅସ୍ଥାବର ସମ୍ପତ୍ତି ତାଲିକା ଉଲ୍ଲେଖ ନ ଥିବା ଉପସ୍ଥାପନା କରିଥିଲେ। ଭାରତ ନିର୍ବାଚନ ଆୟୋଗ ଆଇନଧାରା ୩୨୪ ଅନୁଯାୟୀ ତଥ୍ୟବିହୀନ ନାମାଙ୍କନ ପତ୍ର ପ୍ରାର୍ଥିତ୍ୱ ରଦ୍ଦ କରେ। ତେଣୁ ସାରଦାଙ୍କ ନାମାଙ୍କନକୁ ଖାରଜ କରିବା ଆଇନ ବିଧେୟ ବୋଲି ପୀତାମ୍ବର ଆଚାର୍ଯ୍ୟ ଶନିବାର ରିଟର୍ନିଂ ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଭାଜପା ଓ ବିଜେଡିରେ ବାକ୍ ଯୁଦ୍ଧ ଆରମ୍ଭ ହୋଇ ଯାଇଥିବାବେଳେ ସାରଦାଙ୍କ ଓକିଲ ମଧ୍ୟ ପୀତାମ୍ବର ଆଚାର୍ଯ୍ୟଙ୍କୁ ଘେରିଛନ୍ତି। ପ୍ରସଙ୍ଗଟି ସହରବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି।

# ସମୀର ସମର୍ଥକଙ୍କ ସମୂହ ଇସ୍ତଫା

ନିମାପଡ଼ା,୪।୫(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଧାନସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଭୁଲ୍ ନିଷ୍ପତ୍ତିକୁ ବିରୋଧ କରି ଦଳର ବହୁ କାର୍ଯ୍ୟକର୍ତ୍ତା, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ସଙ୍ଗଠନର ସଭାପତି ଶନିବାର ସମୂହ ଇସ୍ତଫା ଦେଇଛନ୍ତି। ସେମାନେ ସେମାନଙ୍କ ଇସ୍ତଫା ପତ୍ର ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ଦେଇ ନବୀନଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ନିମାପଡ଼ା ଓ ଗୋପ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଶହୀଦ ଭବନ ପଡ଼ିଆଠାରେ ଏକ ସାମୂହିକ ଇସ୍ତଫା ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଜେଡି ନେତୃତ୍ୱ ପ୍ରାର୍ଥୀ ଚୟନରେ ପୁନର୍ବିଚାର କରିବା ଦାବିରେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ବରିଷ୍ଠ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇଙ୍କ ସମେତ ନିମାପଡ଼ା ନିର୍ବାଚନମଣ୍ଡଳୀର ୫୮ ଜଣ ନିର୍ବାଚିତ ପ୍ରତିନିଧି, ଦଳୀୟ ସମର୍ଥିତ ୨୮ଜଣ ସରପଞ୍ଚ, ୨୮ଜଣ ସମିତି ସଭ୍ୟ, ୬ଜଣ ଏନ୍‌ଏସି କାଉନସିଲର, ଏନ୍‌ଏସି ଉପାଧ୍ୟକ୍ଷ, ୪୬ ପଞ୍ଚାୟତର ବିଜେଡି ସଭାପତି, ୪୬ ପଞ୍ଚାୟତର ବିଜେଡି ମହିଳା ସଭାପତି, ୪୬ ପଞ୍ଚାୟତର ଯୁବ ସଭାପତି, ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡର ଦଳୀୟ ୱାର୍ଡ ସଭାପତି, ୪୧ ଜଣ ସମବାୟ ସମିତି ସଭାପତି ଦଳର ପ୍ରମୁଖ ନେତୃବୃନ୍ଦ ସମାରୋହରେ ସାମୂହିକ ଇସ୍ତଫା ପ୍ରଦାନ କରିଛନ୍ତି। ଏହି ଇସ୍ତଫା ପତ୍ର ଦଳର ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ସମୀର ଦାଶଙ୍କୁ ପ୍ରଦାନ କରାଯାଇଛି। ସମାରୋହରେ ଅତିଥି ଭାବେ ବିଧାୟକ ଦାଶ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୋଇ, ଉପଧ୍ୟକ୍ଷା ମହାନ୍ତି, ନଗର ବିଜେଡି ସଭାପତି ମହାପାତ୍ର, ବ୍ଲକ ବିଜେଡି ସଭାପତି ସାହୁ, ଜିଲା ପରିଷଦ ସଭ୍ୟ ଖଟୋଇ, ବିଜେଡି ସଭାପତି ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଇସ୍ତଫା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପଟେ ସମୀର ବାରମ୍ବାର ବୈଠକ କରି କର୍ମୀଙ୍କ ଉପରେ ଚାପ ପକାଉଥିବା, ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ଗୋଷ୍ଠୀ କନ୍ଦଳକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ନିମାପଡ଼ା ବ୍ଲକ ବିଜେଡି ଓ ନଗର ବିଜେଡି ଅଭିଯୋଗ କରିଛି। ଶନିବାର ଦଳୀୟ କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟ କୁଞ୍ଜଲତା ସାମଲ ଏକ ଖବରଦାତା ସମ୍ମିଳନୀରେ ଦଳ ବିରୋଧୀଙ୍କ ଉପରେ ଦଳ ସଭାପତି ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।




ଇସ୍ତଫା ଦେଇଥିବା ନିମାପଡ଼ା ବିଧାୟକଙ୍କ ସମର୍ଥକମାନେ।

# ସର୍ଭେ ନାମରେ ହିତାଧିକାରୀ ଆଧାରିତ ଯୋଜନା ବନ୍ଦ କରିବାକୁ ନିର୍ଦ୍ଦେଶ

## ଆଦର୍ଶ ଆଚରଣ ବିଧି ଅନୁପାଳନକୁ ନେଇ ନିର୍ବାଚନ କମିଶନଙ୍କ କଡ଼ା ଆଭିମୁଖ୍ୟ

## ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୪।୫(ଅନିଲ ଦାସ)

ଚଳିତ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ କରିବା ପାଇଁ ଭାରତ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧିର ଅନୁପାଳନ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାରେ ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଆଧାରିତ କଲ୍ୟାଣକାରୀ ଯୋଜନା ଘୋଷଣା, ନୂଆ ପ୍ରକଳ୍ପ କିମ୍ବା କାର୍ଯ୍ୟକ୍ରମ ଘୋଷଣା, କୌଣସି ପ୍ରକାର ଆର୍ଥିକ ଅନୁଦାନ କିମ୍ବା ରିହାତି ଘୋଷଣା, ଭିତ୍ତିପ୍ରସ୍ତର ସ୍ଥାପନ ଭଳି କାର୍ଯ୍ୟକୁ ନିଷିଦ୍ଧ କରାଯାଇଛି। ଏ ପ୍ରକାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ସମସ୍ତ ରାଜନୈତିକ ଦଳକୁ ସର୍ଭେ ନାମରେ ହିତାଧିକାରୀ ଆଧାରିତ ଯୋଜନା ପାଇଁ ଭୋଟର ନାମଲେଖା/ପଞ୍ଜୀକରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରସ୍ତାବିତ ହିତାଧିକାରୀ ଯୋଜନା ପାଇଁ ବିଭିନ୍ନ ସର୍ଭେ ନାମରେ ଭୋଟରଙ୍କ ସବିଶେଷ ତଥ୍ୟ ସଂଗ୍ରହ କରୁଥିବା ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ କାର୍ଯ୍ୟକଳାପ ଉପରେ ନିର୍ବାଚନ କମିଶନ ସତର୍କ ଦୃଷ୍ଟି ଦେଇଛନ୍ତି। ଲୋକପ୍ରତିନିଧି ଅଧିନିୟମର ଧାରା ୧୨୩(୧) ଅନୁଯାୟୀ ଏହା ଏକପ୍ରକାର ପ୍ରରୋଚନା, ଯାହା ଦୁର୍ନୀତି ଅନ୍ତର୍ଭୁକ୍ତ। ସମସ୍ତ ଜାତୀୟ ତଥା ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ଭାରତ ନିର୍ବାଚନ କମିଶନ କୌଣସି ବିଜ୍ଞାପନ, ସର୍ଭେ, ଆପ୍ ମାଧ୍ୟମରେ ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଆଧାରିତ ଯୋଜନା ପାଇଁ ପଞ୍ଜୀକରଣ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଆଇନଗତ ସର୍ବେକ୍ଷଣ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ପ୍ରୟାସ ମଧ୍ୟରେ ସୀମାକୁ ଅସ୍ପଷ୍ଟ କରୁଥିବା କାର୍ଯ୍ୟକଳାପଗୁଡ଼ିକୁ କମିଶନ ଧ୍ୟାନକୁ ନେଇଛନ୍ତି, ଯାହା ଛଦ୍ମ ଭାବରେ ଆଇନଗତ ସର୍ଭେ ମାଧ୍ୟମରେ ନିର୍ବାଚନରେ ଲାଭ ହାସଲ ପାଇଁ କରାଯାଉଛି। ଏଣୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଭୋଟରଙ୍କୁ ଯୋଜନାର ଲାଭ ଉଠାଇବା ପାଇଁ ପଞ୍ଜୀକରଣ କରିବାକୁ ମିସ୍ କଲ୍ କିମ୍ବା ଫୋନ୍ କଲ୍ କରିବାକୁ କୁହାଯିବା, ଏକ ଗ୍ୟାରେଣ୍ଟି/କାର୍ଡକୁ ସୂଚନାପତ୍ର ଭାବେ ପ୍ରଦାନ କରି ଭୋଟର ବିବରଣୀ ସଂଗ୍ରହ(ବ୍ୟକ୍ତିଗତ ବିବରଣୀ, ବୁଥ୍ ନଂ, ନିର୍ବାଚନ କ୍ଷେତ୍ର ନଂ. ଇତ୍ୟାଦି) କରାଯିବା, ସାମାଜିକ-ଅର୍ଥନୈତିକ ସର୍ଭେ ନାମରେ ଚାଲୁଥିବା ସରକାରୀ ଯୋଜନାର ଲାଭ ବିସ୍ତାର କରିବାକୁ ଯାଇ ଫର୍ମ ବଣ୍ଟନ କରାଯିବା ଏବଂ ଭୋଟର ବିବରଣୀ ସଂଗ୍ରହ କରାଯିବା, ରାଜନୈତିକ ଦଳମାନେ ଭୋଟରଙ୍କ ସବିଶେଷ ସୂଚନା ପାଇବାକୁ ପ୍ରାର୍ଥୀମାନେ ୱେବ୍ ପ୍ଲାଟଫର୍ମ/ ଆପସ୍କୁ ପ୍ରୋତ୍ସାହିତ କରିବା(ବ୍ୟକ୍ତିଗତ ଫାଇଦା କିମ୍ବା ଭୋଟରଙ୍କ ପସନ୍ଦ ପ୍ରକାଶ କରିବା ପାଇଁ ଏଥିରେ ବିକଳ୍ପ ଥାଇପାରେ କିମ୍ବା ନ ଥାଇପାରେ), ଖବରକାଗଜ ବିଜ୍ଞାପନ/ ଲିଖିତ ଫର୍ମ ମାଧ୍ୟମରେ ସାମ୍ପ୍ରତିକ ଲାଭ ଯୋଜନାରେ ପଞ୍ଜୀକରଣ ପାଇଁ ଭୋଟର ବିବରଣୀ ସଂଗ୍ରହ କରାଯିବାକୁ କମିଶନ ପକ୍ଷରୁ ବାରଣ କରାଯାଇଛି।

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ଉପରୋକ୍ତ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଭାରତ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କୁ ଆଦର୍ଶ ଆଚରଣ ବିଧିର ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି କ୍ଷେତ୍ରରେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ ହୁଏ ତେବେ ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ଏହା ଉପରେ ବିଧି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

# ପ୍ରକାଶ ପାଇଲା କଂଗ୍ରେସର ୪୦ ଷ୍ଟାର୍ କ୍ୟାମ୍ପେନର ତାଲିକା

## ଓଡ଼ିଶାରେ ପ୍ରଚାର କରିବେ ରାହୁଲ, ସୋନିଆ, ପ୍ରିୟଙ୍କା

ଭୁବନେଶ୍ୱର,୪।୫(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ଲାଗି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ସାଧାରଣ ସମ୍ପାଦକ ମୁକୁଲ ୱାସ୍ନିକଙ୍କ ଦସ୍ତଖତରେ ଶନିବାର ଓଡ଼ିଶା ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରକାଶ ପାଇଛି। ଏହି ତାଲିକାକୁ ନିର୍ବାଚନ କମିଶନ ଅନୁମୋଦନ କରିଛନ୍ତି। ନିର୍ବାଚନ ସମୟରେ ଷ୍ଟାର ପ୍ରଚାରକମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବା ସହ ଭୋଟ ନିମନ୍ତେ ନିବେଦନ କରିବେ। ଏହି ତାଲିକାରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଦଳର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ, ପୂର୍ବତନ ଏଆଇସିସି ସଭାପତି ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା , ଓଡ଼ିଶା ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡି, ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ, ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭାଟି ବିକ୍ରମାର୍କାଙ୍କ ସମେତ ଅଲକା ଲାମ୍ବା, କହ୍ନେୟା କୁମାର, ମୀନାକ୍ଷୀ ନଟରାଜନ, ହର୍ଷବର୍ଦ୍ଧନ ସପକଲ, ଗିରିଧର ଗମାଙ୍ଗ, କିଶୋର ପଟେଲ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ଭକ୍ତଚରଣ ଦାସ, ସୁଶୀଳା ତିରିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ବିଜୟ କୁମାର ପଟ୍ଟନାୟକ, କାୱାସି ଲକ୍ଷ୍ମା, ମୋହନ ମାର୍କମ, ଲକ୍ଷେଶ୍ୱର ବଘେଲ, ସନ୍ଦୀପ ସାହୁ, ଦନସରି ଅନସୂୟା (ସିଥକା), ଶିବାନନ୍ଦ ରାୟ, ବିଶ୍ୱରଞ୍ଜନ ମହାନ୍ତି, ମୀନାକ୍ଷୀ ବାହିନୀପତି, ରଞ୍ଜିତ ପାତ୍ର, ଜୟରାମ ପାଙ୍ଗୀ, ଖ୍ରିଷ୍ଟଫର ତିଳକ ଓ ଶାହନୱାଜ ଚୌଧୁରୀ ପ୍ରମୁଖ ରହିଛନ୍ତି। ତେବେ ବିଜେଡି ଏବଂ ଭାଜପା କିଛିଦିନ ତଳେ ନିଜର ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିସାରିଛନ୍ତି।

# ବିଜେଡିରେ ଆଠମଲ୍ଲିକ ଭାଜପା ନେତା, ଧର୍ମଗଡ଼ ପୂର୍ବତନ ବିଧାୟକ ପ୍ରାର୍ଥୀ



ଭୁବନେଶ୍ୱର,୪।୫(ଅନିଲ ଦାସ)

ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଭାଜପା ନେତା ସଂଗ୍ରାମ ମହାପାତ୍ରଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶନିବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏବଂ ଆଠମଲ୍ଲିକ ଓ ଅନୁଗୋଳ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ନବାଗତମାନଙ୍କୁ ଉଭୟ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ ଓ ଚିନ୍ମୟ କହିଛନ୍ତି। ଏହି ମିଶ୍ରଣ ପର୍ବରେ ରଜକ ଖାନ୍, ନବାବ ଖାନ୍, ହଜରତ ଖାନ୍, ବିଦେଶୀ ନାଏକ, ଅନିଲ ବଡ଼ମାଳି, ପ୍ରମୋଦ ଭୋଇ, ଦାନର ଭୋଇ, ଅମିୟ ପ୍ରଧାନ, ଧନଞ୍ଜୟ ପ୍ରଧାନଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି କଳାହାଣ୍ଡି ଜିଲା ଅନ୍ତର୍ଗତ ଧର୍ମଗଡ ନିର୍ବାଚନମଣ୍ଡଳୀର ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ପାଟଯୋଶୀଙ୍କ ସହ ଶତାଧିକ ଭାଜପା କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶନିବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ସସ୍ମିତ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀମାନଙ୍କ ଯୋଗଦାନ ଫଳରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ କହିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ସମିତି ସଭ୍ୟ ବିଷ୍ଣୁପ୍ରସାଦ ବୈଶାଳ, ପୂର୍ବତନ ଜୋନ ସଭାପତି ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ଭାଜପା ଉପସଭାପତି ଖୁସୀରାମ ରାଉତ ଓ କ୍ଷୀରସିନ୍ଧୁ ପ୍ରଧାନୀଙ୍କ ସମେତ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଉଭୟ ନେତା ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବେ। ଦଳରେ ଗ୍ରହଣ କରାଯାଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଓଡ଼ିଶାରେ ସମ୍ପଦ ଅନୁସାରେ ବିକାଶ ହୋଇନାହିଁ: ଜୟଶଙ୍କର

ଭୁବନେଶ୍ୱର, ୪।୫(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ପ୍ରତିଭାରେ ଭରପୂର ରହିଛି। ଓଡ଼ିଶାରେ କ'ଣ ନାହିଁ କହିହେବ ନାହିଁ। କିନ୍ତୁ ଓଡ଼ିଶା ସେହି ଅନୁପାତରେ ବିକଶିତ ହୋଇଛି କି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରଶ୍ନ କରିଛନ୍ତି। ଶନିବାରଠାରୁ ୨ଦିନିଆ ଓଡ଼ିଶା ଗସ୍ତରେ ଆସି ଜୟଶଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ସେ ରାଜ୍ୟରେ ପହଞ୍ଚିବା ପରେ ପ୍ରଥମେ ଗଣମାଧ୍ୟମ ସମ୍ପାଦକମାନଙ୍କ ବୈଠକ (ଏଡିଟର୍ସ ମିଟସ୍) କରିଛନ୍ତି। ଏହାପରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ବର୍ତ୍ତମାନର ଓଡ଼ିଶାକୁ ଦେଖିଲେ ବିକାଶ ହୋଇଥିଲା ଭଳି ଲାଗୁନାହିଁ। ଓଡ଼ିଶାର କଳା ଓ ସଂସ୍କୃତି କେତେ ସମୃଦ୍ଧ, ତାହା କହିବା ଅନାବଶ୍ୟକ। ଭାରତ ନିକଟରେ ଜି-୨୦ ସମ୍ମିଳନୀରେ ଅଧ୍ୟକ୍ଷତା କରୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁ ଚିନ୍ତା କରି ଜି-୨୦ରେ କୋଣାର୍କ ଚକ୍ରକୁ ଜି-୨୦ ସମ୍ମିଳନୀରେ ବ୍ରାଣ୍ଡିଂ କଲେ। ଏହି ଚକ୍ର ଓଡ଼ିଶାର ସଂସ୍କୃତି, କଳା କ'ଣ ତାହା ଦର୍ଶାଉଛି। ଏ ରାଜ୍ୟର ଲୋକମାନଙ୍କର ବହୁ ଦକ୍ଷତା ରହିଛି। ହେଲେ ଓଡ଼ିଶାରେ ଥିବା ସମ୍ପଦ ତୁଳନାରେ ରାଜ୍ୟର ବିକାଶ ହୋଇନାହିଁ। ତେଣୁ ଏଠାରେ ଏମିତି ସରକାର ଆସୁ ଯିଏ ମୋଦି ଶାସନରେ ପାର୍ଟନର ହୋଇପାରିବ। ଓଡ଼ିଶାର ଜନତା ଦେଶରେ ମୋଦି ସରକାର ଗଠନ କରିବାରେ ସହାୟକ ହେବା ସହ ରାଜ୍ୟରେ ସରକାର କରିବାରେ ସହଯୋଗ କରିବେ। ତେବେ ଯାଇ ରାଜ୍ୟରେ ବିକାଶ ସେମିତି ହୋଇପାରିବ ବୋଲି ଜୟଶଙ୍କର କହିଛନ୍ତି।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର

ସୀମା ପାର ଆତଙ୍କବାଦକୁ ନେଇ ଜୟଶଙ୍କର କହିଛନ୍ତି, ପାକିସ୍ତାନ ପଟୁ ଆସୁଥିବା ସୀମାପାର ଆତଙ୍କର ସମୁଚିତ ଜବାବ ଦିଆଯାଉଛି। ଚାଇନା ସୀମାରେ ଆମ ଯବାନମାନେ ସଜାଗ ରହିଛନ୍ତି। ଦେଶ ସୁରକ୍ଷା ନେଇ ମୋଦି ସରକାର କୌଣସି ସାଲିସ କରିବ ନାହିଁ। ମୋଦି ସରକାର ପାଇଁ ଦେଶ ଏବଂ ଏହାର ସୁରକ୍ଷା ପ୍ରଥମ ବୋଲି ଜୟଶଙ୍କର କହିଛନ୍ତି। କେହି ଭାରତୀୟ ବାହାର ଦେଶରେ ଫସିଲେ ସେମାନଙ୍କୁ ଉଦ୍ଧାର କରାଯାଉଛି। ୟୁକ୍ରେନ୍, ସୁଦାନ, ଇସ୍ରାଏଲରୁ ଓଡ଼ିଶା ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିରେ ଓଡ଼ିଶାର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ରରୁ ଓଡ଼ିଶାକୁ ଅନେକ ସହଯୋଗ ମିଳିଛି। ୨୦୧୪ରୁ ବର୍ତ୍ତମାନ ମଧ୍ୟରେ ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଦିଆଯାଇଛି। ସାଗରମାଳା ପ୍ରକଳ୍ପରେ ୫୪ ହଜାର କୋଟିର ଅନୁଦାନ ମିଳିଛି। ପ୍ରତ୍ୟେକ ଦିନ ୩୦ କି.ମି.ର ଜାତୀୟ ରାଜପଥ ଏବଂ ୧୫ କି.ମି.ର ରେଳପଥ କାର୍ଯ୍ୟ ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ୨ ଲକ୍ଷ ୭୦ ହଜାର ଘର ଦିଆଯାଇଛି। ମୋଦିଙ୍କ କାର୍ଯ୍ୟକାଳରେ ୨୦ ପାସ୍‌ପୋର୍ଟ ସପୋର୍ଟ କେନ୍ଦ୍ର ଖୋଲିଛି। ୫୩ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ମିଳିଛି। ସ୍ୱନିଧି ଯୋଜନାରେ ୫୪ ହଜାର ଉପଭୋକ୍ତା ଓଡ଼ିଶାର ଅଛନ୍ତି। ମୋଦିଙ୍କ ବିକାଶକୁ ଆଗେଇ ନେଲା ଭଳି ସରକାର ଏଠି ହେବା ଉଚିତ। ଓଡ଼ିଶା ସହଯୋଗରେ ସଂସଦରେ ୪ ଶହ ପାର୍ ହେବ ବୋଲି ବିଶ୍ୱାସ ରହିଛି। ଚଳିତ ନିର୍ବାଚନରେ ଓଡ଼ିଶାର ଲୋକେ ମୋଦିଙ୍କୁ ସଶକ୍ତ କରିବେ ବୋଲି ଜୟଶଙ୍କର କହିଛନ୍ତି। ଏହାସହ ଓଡ଼ିଶାର ଲୋକମାନେ ବହୁ ଜ୍ଞାନୀ। ବହୁ ଲୋକ ଓଡ଼ିଶାରୁ ଯାଇ ବାହାରେ କାମ କରୁଛନ୍ତି ବୋଲି ଜୟଶଙ୍କର କହିଛନ୍ତି।

## କଂଗ୍ରେସରେ ଯୋଗଦେଲେ ଦେବାଶିଷ ନାୟକ

ଭୁବନେଶ୍ୱର,୪।୫(ସୁନିତ୍ ମିଶ୍ର)

କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଶନିବାର କଂଗ୍ରେସରେ ଯୋଗଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ଏବଂ ପିସିସି ମିଡିଆ ସେଲ୍ ପ୍ରଭାରୀ ବବିତା ଶର୍ମାଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ଅଜୟ କୁମାର ଏହି ଅବସରରେ ଦେବାଶିଷଙ୍କୁ ଦଳକୁ ସ୍ୱାଗତକରି କହିଛନ୍ତି, ଦେବାଶିଷଙ୍କ ଯୋଗଦାନ କଂଗ୍ରେସକୁ ଯାଜପୁର ତଥା ସମଗ୍ର ଓଡ଼ିଶାରେ ସୁଦୃଢ଼ କରିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କଠାରୁ ଆରମ୍ଭକରି ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାମ କରିଛନ୍ତି। ଏହି ଅବସରରେ ଦେବାଶିଷ କହିଛନ୍ତି, ଦେଶର ଗଣତନ୍ତ୍ର, ସମ୍ବିଧାନକୁ ସୁରକ୍ଷା ଦେବା ତଥା ଓଡ଼ିଆ ଅସ୍ମିତା ପାଇଁ କଂଗ୍ରେସର ଲଢ଼େଇରେ ସେ ସାମିଲ ହୋଇ ବହୁ ଖୁସି ଅନୁଭବ କରୁଛନ୍ତି। ତେବେ ୨ ମାସ ତଳେ ଦେବାଶିଷ ଭାଜପାରେ ଯୋଗଦେଇଥିଲେ। ସେ ବରୀ ଆସନରୁ ଟିକେଟ ଆଶାୟୀ ଥିଲେ। ହେଲେ ଭାଜପା ତାଙ୍କୁ ସେଠାରୁ ଟିକେଟ ଦେଲା ନାହିଁ। ସେଥିଲାଗି ସେ ଭାଜପା ଛାଡ଼ି ପୁଣି କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି। ଏହାସହ ଭାଜପା ଭିତରେ ମଧ୍ୟ ଆଭ୍ୟନ୍ତରୀଣ ସମସ୍ୟା ଥିବା କାରଣରୁ ସେ ଦଳ ଛାଡ଼ିଥିବା କହିଛନ୍ତି।



ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଶନିବାର ଉପାସନା ମହାପାତ୍ର ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

## ପ୍ରଥମ ପର୍ଯ୍ୟାୟ ନିର୍ବାଚନ

# ଘରୁ ମତଦାନ କରିବେ ବରିଷ୍ଠ ମତଦାତା

ଭୁବନେଶ୍ୱର,୪।୫(ଅନିଲ ଦାସ)

ପ୍ରତିଟି ଭୋଟ ମୂଲ୍ୟବାନ। ଭାରତୀୟ ଗଣତନ୍ତ୍ରକୁ ପରିପୁଷ୍ଟ କରିବାରେ ପ୍ରତି ଭୋଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯେଉଁ ମତଦାତାମାନେ ମତଦାନ କେନ୍ଦ୍ରକୁ ଆସିବାରେ ଅସମର୍ଥ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଘରୁ ମତଦାନ(ହୋମ୍ ଭୋଟିଂ)ର ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଚାରୋଟି ସଂସଦୀୟ କ୍ଷେତ୍ର କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ଅନ୍ତର୍ଗତ ୨୮ ବିଧାନସଭା ନିର୍ବାଚନମଣ୍ଡଳୀରେ ଘରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏକ ଐତିହାସିକ ନିଷ୍ପତ୍ତି କ୍ରମରେ ପ୍ରଥମ ଥର ପାଇଁ ଦେଶରେ ସାଧାରଣ ନିର୍ବାଚନରେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ମତଦାତା ଏବଂ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ (ବେଞ୍ଚମାର୍କ ଡିଜାବିଲିଟି) ମତଦାତାଙ୍କ ପାଇଁ ଭାରତ ନିର୍ବାଚନ ଆୟୋଗ ଘରୁ ମତଦାନ(ହୋମ୍ ଭୋଟିଂ)ର ବ୍ୟବସ୍ଥା କରିଛନ୍ତି। ଏଭଳି ମତଦାତାମାନେ ଚାହିଁଲେ ସେମାନଙ୍କୁ ମତଦାନ କେନ୍ଦ୍ରକୁ ଆସି ମତଦାନ କରିବା ପାଇଁ ପ୍ରଶାସନ ତରଫରୁ ଗାଡ଼ି ମଧ୍ୟ ଯୋଗାଇ ଦିଆଯିବ। ଅନ୍ୟଥା ସେମାନେ ଘରୁ ମତଦାନ କରିବାର ବିକଳ୍ପକୁ ମଧ୍ୟ ବାଛିପାରିବେ। ଏହି କ୍ରମରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ୪୧୫୮ ଜଣ ମତଦାତା ଘରୁ ମତଦାନ ବିକଳ୍ପକୁ ବାଛିଛନ୍ତି। ଏହା ମଧ୍ୟରେ ୨୧୯୬ ଜଣ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତି ହୋଇଥିବାବେଳେ ୧୯୬୨ ଜଣ ୪୦%ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ମତଦାତା ଅଛନ୍ତି। କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ମତଦାତାଙ୍କ ଭୋଟ ଗ୍ରହଣ କରାଯାଇଛି। ଅନ୍ୟ ନିର୍ବାଚନମଣ୍ଡଳୀରେ ମଧ୍ୟ ରିଟର୍ନିଂ ଅଫିସରଙ୍କ ଦ୍ୱାରା ସ୍ଥିରୀକୃତ ତାରିଖ ଓ ସମୟ ଅବଧିରେ ଘରୁ ମତଦାନ ବ୍ୟବସ୍ଥା କରାଯିବ। ପ୍ରଥମ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୪ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ଟି ଯାକ ବିଧାନସଭା କ୍ଷେତ୍ରରେ ଯୋଗ୍ୟ ମତଦାତାମାନେ ଘରୁ ମତଦାନ ବିକଳ୍ପକୁ ବାଛିଛନ୍ତି।

ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଘରୁ ମତଦାନ କରିଥିବା ସମସ୍ତ ମତଦାତାଙ୍କୁ ଭାରତୀୟ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଥିବାରୁ ଅଭିନନ୍ଦନ ଜଣାଇବା ସହ ଘରୁ ମତଦାନ ବ୍ୟବସ୍ଥାକୁ ଏକ ଐତିହାସିକ ତଥା ପ୍ରଗତିଶୀଳ ବ୍ୟବସ୍ଥା ରୂପେ ବର୍ଣ୍ଣନା କରିଛନ୍ତି। କୌଣସି ବାଧାବିଘ୍ନ ଯେପରି ଜଣେ ନାଗରିକଙ୍କୁ ନିଜର ବହୁମୂଲ୍ୟ ମତଦାନ କରିବାରେ ବାଧକ ନ ହୁଏ, ତାହାକୁ ଦୃଷ୍ଟିରେ ରଖି ଘରୁ ମତଦାନର ବିକଳ୍ପ ଦିଆଯାଉଛି।

# କଂଗ୍ରେସ ଟିକେଟ ଫେରାଇଲେ ସୁଚରିତା | କହିଲେ ପ୍ରଚାର ପାଇଁ ପାଣ୍ଠି ମିଳିଲାନି

ଭୁବନେଶ୍ୱର, ୪।୫(ସୁନିତ୍ ମିଶ୍ର)

## ତାଙ୍କ ଟିକେଟ କଟିଥା'ନ୍ତା: ପ୍ରଭାରୀ

ପୁରୀ ଲୋକ ସଭା ପ୍ରାର୍ଥୀ ଭାବେ କଂଗ୍ରେସ ଟିକେଟ ପାଇଥିବା ସୁଚରିତା ମହାନ୍ତି ଏଥର ନିର୍ବାଚନ ଲଢ଼ିବେ ନାହିଁ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)କୁ ସୁଚରିତା ଚିଠି ଲେଖି ଜଣାଇବା ପରେ ଏନେଇ ରାଜନୀତି ଜୋର୍ ଧରିଛି। ପ୍ରଚାର ପାଇଁ ଦଳ ପାଣ୍ଠି ନ ଦେବାରୁ ଟିକେଟ ଫେରାଇଦେବା କଥା ସୁଚରିତା କହିବା ପରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହି ପ୍ରସଙ୍ଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର ସୁଚରିତାଙ୍କ କଥାକୁ ଖଣ୍ଡନ କରିଛନ୍ତି।

ସେ କହିଛନ୍ତି, ଦଳ ପାଣ୍ଠି ଦେଇଥାଆନ୍ତା। ପାଣ୍ଠିର କୌଣସି ସମସ୍ୟା ନ ଥିଲା। ମୁଖ୍ୟ କଥା ହେଲା, ପୁରୀରେ ଦଳ ପ୍ରାର୍ଥୀ ବଦଳାଇଥାଆନ୍ତା। ଗତ ୨ ତାରିଖରୁ ଦଳ କିଛି ସ୍ଥାନରେ ପ୍ରାର୍ଥୀ ବଦଳାଇବା ପାଇଁ ଚିଠି ପଠାଇ ସାରିଛି। ଦିନେ କିମ୍ବା ୨ଦିନ ଭିତରେ ଏହା ଘୋଷଣା ହୋଇଥାଆନ୍ତା। ସୁଚରିତା ଏହି କଥା ଜାଣି ସାରିଥିଲେ। ସେଥିପାଇଁ ଟିକେଟ ଫେରାଇ ଦେଇଛନ୍ତି ଓ ନିଜେ ନିଜର ଚିଠିକୁ ଭାଇରାଲ କରିଥିବା ଅଜୟ କହିଛନ୍ତି।

ସୁଚରିତା କହିଛନ୍ତି, ନିର୍ବାଚନ ଲଢ଼ିବା ପାଇଁ ଦଳ ପାଣ୍ଠି ନ ଦେବାରୁ ସେ ଟିକେଟ ଫେରାଇଥିବା କଥା ଇ-ମେଲ୍ ଜରିଆରେ ଏଆଇସିସିକୁ ଜଣାଇଥିଲେ। ଇ-ମେଲ୍‌ରେ ସେ ଉଲ୍ଲେଖ କରିଛନ୍ତି ଯେ, ନିର୍ବାଚନ ପାଇଁ ପାର୍ଟି ଫଣ୍ଡିଂ କଲା ନାହିଁ। ବିନା ଫଣ୍ଡରେ ପୁରୀ ଭଳି ସଂସଦୀୟ କ୍ଷେତ୍ରରେ କ୍ୟାମ୍ପେନ କରିବା ଓ ନିର୍ବାଚନ ଲଢ଼ିବା ସହଜ ନୁହେଁ। ଦଳ ପକ୍ଷରୁ ତାଙ୍କୁ ନିଜସ୍ୱ ଟଙ୍କାରେ ନିର୍ବାଚନ ଲଢ଼ିବା ପାଇଁ କୁହାଯାଇଥିଲା। ସେ ନିଜର ସାମର୍ଥ୍ୟ ଅନୁସାରେ ପ୍ରଚାର କରିବା ସହ ଫଣ୍ଡ ଯୋଗାଡ଼ କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ତାହା ସମ୍ଭବପର ହେଲା ନାହିଁ। ଏଥିପାଇଁ ସେ ଟିକେଟ ଫେରାଇ ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ, ସୁଚରିତା ମହାନ୍ତି ୨୦୧୪ ନିର୍ବାଚନରେ ପୁରୀ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିଥିଲେ। ସେ ୨ ଲକ୍ଷ ୫୯ ହଜାର ୮୦୦ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ରେ ଦଳ ତାଙ୍କୁ ଏଠାରୁ ପ୍ରାର୍ଥୀ କରି ନ ଥିବାବେଳେ ଏଥର ପୁଣି ଭରସା କରିଥିଲା।

# ସରକାର ପରିବର୍ତ୍ତନ ପାଇଁ ମନ ବଳାଇଲେଣି ଲୋକେ: ଧର୍ମେନ୍ଦ୍ର

ଖଡ଼ିଆଳ,୪।୫(ସୁଜିତ କୁମାର ପ୍ରଧାନ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଗସ୍ତକରି ପରିବର୍ତ୍ତନ ସମାବେଶରେ ବିଶାଳ ଜନସମାବେଶକୁ ସମ୍ବୋଧିତ କରିଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ ଧର୍ମେନ୍ଦ୍ର। ସେ କହିଥିଲେ, ୨୪ବର୍ଷର ରାଜ୍ୟ ସରକାରଙ୍କ କାର୍ଯ୍ୟ ଲୋକଙ୍କୁ କଷ୍ଟ ଦେଇଛି। ଯେଉଁ ସରକାର ଲୋକଙ୍କୁ ବିଶୁଦ୍ଧ ପାଣି, କ୍ଷେତକୁ ଜଳସେଚନ, ଡାକ୍ତରଖାନାରେ





ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ।

ଡାକ୍ତର, ବିଦ୍ୟାଳୟରେ ଶିକ୍ଷକ, ଲୋକଙ୍କୁ ରୋଜଗାର ଦେଇପାରିଲା ନାହିଁ ସେହି ସରକାର ରାଜ୍ୟରେ ରହିବା ଦରକାର ନାହିଁ। ଏଥର ନରେନ୍ଦ୍ର ମୋଦିଙ୍କୁ ଓଡ଼ିଶାବାସୀ ଆଶୀର୍ବାଦ କରି ସରକାର ପରିବର୍ତ୍ତନ କରିବା ପାଇଁ ମନ ବଳାଇଲେଣି। ଖଡ଼ିଆଳବାସୀ କଳାହାଣ୍ଡି ସାଂସଦ ପ୍ରାର୍ଥୀ ମାଳବିକା କେଶରୀ ସିଂଦେଓ, ଖଡ଼ିଆଳ ବିଧାୟକ ପ୍ରାର୍ଥୀ ହିତେଶ କୁମାର ବର୍ଗଡ଼ିଙ୍କୁ ବିଜୟୀ କରି ସରକାର ପରିବର୍ତ୍ତନ କରିବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପ୍ରତିଫଳିତ ହୋଇଛି। ଏଥର ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେବ ବୋଲି ଉଭୟେ ମାଳବିକା କେଶରୀ ସିଂ ଦେଓ, ହିତେଶ କୁମାର ବର୍ଗଡ଼ି ପ୍ରକାଶ କରିଛନ୍ତି। ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବରିଷ୍ଠ ଭାଜପା ନେତା ଶିବପ୍ରସାଦ ମୁଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ଆଦିବାସୀ ନେତା ବିକ୍ରମ ମାଝି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଯୁବ ନେତା ପ୍ରିୟ ରଞ୍ଜନ ମେହେର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ବଲିଉଡ୍ ପ୍ରଭାବରେ ଦେଶର ନିର୍ବାଚନ

**ନୂଆଦିଲ୍ଲୀ,୪।୫**

ଭାରତୀୟ ହିନ୍ଦୀ ସିନେମା ଶିଳ୍ପ ନିକଟ ଅତୀତରେ ଅନେକ ଚଳଚ୍ଚିତ୍ର ନିର୍ମାଣ କରିଛି, ଯେଉଁଥିରେ ନିର୍ବାଚନକୁ ପ୍ରଭାବିତ କଲା ଭଳି ଜାତୀୟତାବାଦ, ଇସ୍‌ଲାମ ବିରୋଧୀ ଚିନ୍ତାଧାରା ଆଦିର ବର୍ଣ୍ଣନା ଦେଖିବାକୁ ମିଳେ। ସେଗୁଡ଼ିକ ମଧ୍ୟରୁ 'ଦି କେରଳା ଷ୍ଟୋରି', 'ବୀର ସଭରକର' ଏବଂ 'ଆର୍ଟିକିଲ୍ ୩୭୦' ଅନ୍ୟତମ। କଶ୍ମୀରକୁ ଆଧାର କରି ନିର୍ମିତ ଏହି ଚଳଚ୍ଚିତ୍ରଗୁଡ଼ିକ ବହୁଚର୍ଚ୍ଚିତ ପ୍ରସଙ୍ଗ ହୋଇଥିଲା। କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପାଇଁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କ ୨୦୧୯ର ନିଷ୍ପତ୍ତିକୁ ଆଧାର କରି ଚଳଚ୍ଚିତ୍ର 'ଆର୍ଟିକିଲ୍ ୩୭୦' ନିର୍ମାଣ ହୋଇଥିଲା। ଫେବୃଆରୀରେ ଏହି ଚଳଚ୍ଚିତ୍ର ପରଦାକୁ ଆସିବା ବେଳେ ଏହା ପଛରେ ସରକାରଙ୍କ ପ୍ରଚାର ଉଦ୍ଦେଶ୍ୟ ରହିଥିବା ଅନେକେ ସମାଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ସେଗୁଡ଼ିକୁ ଯଥାର୍ଥ ଦର୍ଶାଇବାକୁ ଚଳଚ୍ଚିତ୍ରରେ ଉଦ୍ୟମ ହୋଇଥିଲା। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଶୀର୍ଷ ଭାଜପା ନେତାମାନେ ଉକ୍ତ ଚଳଚ୍ଚିତ୍ରକୁ ପ୍ରଶଂସା କରିଥିଲେ। ୨୦ କୋଟି ଟଙ୍କାରେ ନିର୍ମିତ ଏହି ଚଳଚ୍ଚିତ୍ର ବିଭିନ୍ନ ଦେଶରେ ପ୍ରଦର୍ଶିତ ହୋଇଥିଲା।

କେବଳ ଏହି ଚଳଚ୍ଚିତ୍ର ନୁହେଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ କ୍ଷମତାକୁ ଆସିବା ପରେ ସରକାରଙ୍କ ନୀତିକୁ ଆଧାର କରି ଅନେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ତେବେ ଗତ ୪ ବର୍ଷ ମଧ୍ୟରେ ନିର୍ମିତ କେତେକ ଚଳଚ୍ଚିତ୍ର ସ୍ପଷ୍ଟ ଭାବେ ପ୍ରଚାରଧର୍ମୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୧୯ରେ ମୋଦିଙ୍କ ଜୀବନୀ ଆଧାରରେ 'ମୋଦି ବାୟୋପିକ୍' ନିର୍ମାଣ ହୋଇଥିଲା। ଭାଜପା ହିନ୍ଦୁ ଜାତୀୟତାବାଦ ବିଚାରଧାରାକୁ ନିର୍ବାଚନର ମୁଖ୍ୟ ପ୍ରସଙ୍ଗ କରିଛି। ବିଂଶ ଶତାବ୍ଦୀର ବିବାଦୀୟ ହିନ୍ଦୁ ଜାତୀୟତାବାଦୀ ନେତା ବୀର ସଭରକରଙ୍କ ଜୀବନୀ ଉପରେ ନିର୍ମିତ ବାୟୋପିକ୍‌ରେ ମଧ୍ୟ ପ୍ରଚାରଧର୍ମୀ ଥିଲା। ଯଦି ମହାତ୍ମା ଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ନ ଥାନ୍ତେ, ତେବେ ଯଥେଷ୍ଟ ପୂର୍ବରୁ ଦେଶ ବ୍ରିଟିଶ ଶାସନରୁ ସ୍ୱାଧୀନ ହୋଇଥାନ୍ତା ବୋଲି ସଭରକରଙ୍କ ଦାବିକୁ ଏଥିରେ ସଂଳାପ ଭାବେ ଉପସ୍ଥାପନ କରାଯାଇଥିଲା। ସେହିପରି କଶ୍ମୀରୀ ପଣ୍ଡିତମାନଙ୍କ ଗଣହତ୍ୟା ଉପରେ ନିର୍ମିତ 'ଦି କଶ୍ମୀର ଫାଇଲ୍' ଚଳଚ୍ଚିତ୍ର ମୁସଲମାନଙ୍କ ପ୍ରତି ତୀବ୍ର ଘୃଣାଭାବ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଅଭିଯୋଗ ହୋଇଥିଲା। ବିଚାରଧାରାକୁ ପ୍ରଭାବିତ କରିବା ପାଇଁ ସିନେମାକୁ ଅସ୍ତ୍ର କରାଯାଉଛି, ଯାହା ପୂର୍ବରୁ କେବେ ଦେଖାଯାଇ ନ ଥିଲା ବୋଲି ସିନେ କ୍ରିଟିକ୍ ନନ୍ଦିନୀ ରାମନାଥ କହିଛନ୍ତି।

ଭାଜପା ତୃତୀୟ ଥର ପାଇଁ କ୍ଷମତା ଦଖଲ ଲକ୍ଷ୍ୟ ରଖିଥିବାବେଳେ ସିନେମା ହଲ୍‌ଗୁଡ଼ିକ ଏହି ଦଳ ପାଇଁ ର୍ୟାଲି ପଏଣ୍ଟରେ ପରିଣତ ହୋଇଛି, ଯାହା ଏହା ସପକ୍ଷରେ ରାଜନୈତିକ ମାହୋଲ ସୃଷ୍ଟି କରୁଛି। ଚଳିତ ବର୍ଷ ଜାନୁଆରୀରେ ମୁକ୍ତିଲାଭ କରିଥିବା 'ଫାଇଟର'ରେ ଅଖଣ୍ଡ ଭାରତର ପ୍ରତିଶ୍ରୁତି ଦିଆଯାଇଥିବାବେଳେ ସେଥିରେ ପୁଲ୍‌ୱାମା ଆକ୍ରମଣ ଓ ଏହାର ପରିଣାମରେ ବାଲାକୋଟ୍ ଷ୍ଟ୍ରାଇକ୍ ବିଷୟ ମଧ୍ୟ ରହିଥିଲା। ଗତ ମାର୍ଚ୍ଚରେ ମାଓବାଦୀ ହିଂସାକୁ ନେଇ 'ନକ୍ସଲ ଷ୍ଟୋରି' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା।







୩ୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପୂର୍ବରୁ ସୁରଟରେ ମତଦାନ ସଚେତନତା କାର୍ଯ୍ୟକ୍ରମରେ ଲୋକେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ୧୭ ରୋଗୀଙ୍କୁ ମାରିଥିବା ନର୍ସଙ୍କୁ ୭୦୦ ବର୍ଷ ଜେଲ



ହିଥର ପ୍ରେସ୍‌ଦି

**ୱାଶିଂଟନ,୪।୫**

୧୭ ଜଣ ରୋଗୀଙ୍କୁ ମାରିଥିବା ଆମେରିକା ପେନ୍‌ସିଲଭାନିଆର ଜଣେ ନର୍ସଙ୍କୁ ଶନିବାର ୩୮୦ରୁ ୭୦୦ ବର୍ଷ ଜେଲଦଣ୍ଡ ହୋଇଛି। ହିଥର ପ୍ରେସ୍‌ଦି (୪୧) ନାମ୍ନୀ ଏହି ନର୍ସ ୨୦୨୦ରୁ ୨୦୨୩ ତିନି ବର୍ଷ ମଧ୍ୟରେ ୫ଟି ହସ୍ପିଟାଲରେ ୧୭ ଜଣ ରୋଗୀଙ୍କୁ ମାରିବା ସହ ଅନେକଙ୍କୁ ଇନ୍‌ସୁଲିନ୍‌ର ମାରାତ୍ମକ ଡୋଜ୍ ଦେଇ ସେମାନଙ୍କୁ ମାରିବା ପାଇଁ ଉଦ୍ୟମ କରିଥିଲେ। ମଧୁମେହରେ ପୀଡ଼ିତ ନ ଥିବା ୨୨ ଜଣ ରୋଗୀଙ୍କୁ ସେ ରାତି ଶିଫ୍ଟ ଡ୍ୟୁଟି ବେଳେ ଇନ୍‌ସୁଲିନ୍ ଇଞ୍ଜେକ୍‌ଶନ ଅତ୍ୟଧିକ ମାତ୍ରାରେ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ମରିଯାଇଥିଲେ। ରୋଗୀଙ୍କୁ ମାରିବା ନେଇ ଗତବର୍ଷ ମେ'ରେ ତାଙ୍କ ବିରୋଧରେ ମାମଲାର ତଦନ୍ତ ଆରମ୍ଭ ହୋଇଥିଲା।

### ବ୍ରାଜିଲରେ ବର୍ଷା ବିପ୍ଳାତ, ୩୯ ମୃତ

**ବ୍ରାସିଲିଆ, ୪।୫**

ଦକ୍ଷିଣ ବ୍ରାଜିଲର 'ରିଓ ଗ୍ରାଣ୍ଡେ ଦୋ ସୁଲ୍' ରାଜ୍ୟରେ ଗତ କିଛି ଦିନ ଧରି ଭୀଷଣ ବର୍ଷା ଲାଗି ରହିଥିବାରୁ ବର୍ତ୍ତମାନ ସୁଦ୍ଧା ୩୯ ଜଣ ଜନସାଧାରଣଙ୍କର ମୃତ୍ୟୁ ଘଟିଥିବାବେଳେ ୭୪ ଜଣ ନିଖୋଜ ରହିଛନ୍ତି। ଗତ ସୋମବାରଠାରୁ ଏଠାରେ ଲଗାଣ ବର୍ଷା ଆରମ୍ଭ ହୋଇଥିଲା। ଏହାର ପ୍ରଭାବରେ ଅନେକ ରାସ୍ତା ଓ ବ୍ରିଜ୍ ନଷ୍ଟ ହୋଇପଡ଼ିଛି। ସେହିପରି ଏହି ବିପର୍ଯ୍ୟୟରେ ୨୪ ହଜାର ଜନସାଧାରଣଙ୍କୁ ବିସ୍ଥାପିତ କରାଯାଇଛି। ବିସ୍ଥାପିତ ଲୋକଙ୍କ ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି 'ରିଓ ଗ୍ରାଣ୍ଡେ ଦୋ ସୁଲ୍'ର ଗଭର୍ନର ଏଡୁଆର୍ଡୋ ଲେଇଟ ସୂଚନା ଦେଇଛନ୍ତି। ଉରୁଗୁଏ ଓ ଆର୍ଜେଣ୍ଟିନାର ସୀମା ନିକଟବର୍ତ୍ତି ହୋଇଥିବା ଏହି ରାଜ୍ୟର ୪୯୭ ସହର ଓ ଅଧାରୁ ଅଧିକ ଜନସାଧାରଣ ଏହି ବିପର୍ଯ୍ୟୟରେ ପ୍ରଭାବିତ ହୋଇଥିବା ସେ କହିଛନ୍ତି। ରାଜ୍ୟର ୧୪ ଲକ୍ଷରୁ ଅଧିକ ଜନସାଧାରଣ ଥିବା ପୋର୍ଟୋ ଏଲେଗ୍ରେ ସହରକୁ ଆଲର୍ଟ ମୋଡରେ ରଖାଯାଇଥିବାବେଳେ, ଲୋକଙ୍କ ଜୀବନ ବଞ୍ଚାଇବା ସରକାରଙ୍କ ମୁଖ୍ୟ ପ୍ରାଥମିକତା ହୋଇଥିବା ସେ କହିଛନ୍ତି।

## ନିଜ୍ଜର ହତ୍ୟା ମାମଲା

### ୩ ଭାରତୀୟଙ୍କୁ ଗିରଫ କଲା କାନାଡା

**ଓଟାୱା,୪।୫**

କାନାଡାରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂ ନିଜ୍ଜର ହତ୍ୟା ମାମଲାରେ ସମ୍ପୃକ୍ତି ନେଇ ସ୍ଥାନୀୟ କର୍ତ୍ତୃପକ୍ଷ ୩ ଭାରତୀୟଙ୍କୁ ଗିରଫ କରିଛନ୍ତି। ଏହି ହତ୍ୟାକାଣ୍ଡରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବାରୁ ତଦନ୍ତ ଜାରି ରହିଥିବା କାନାଡା କର୍ତ୍ତୃପକ୍ଷ କହିଛନ୍ତି। ଏଡମୋଣ୍ଟନ୍‌ରେ ରହୁଥିବା ଭାରତୀୟ କରନ ବ୍ରାର(୨୨), କମଲପ୍ରୀତ୍ ସିଂ(୨୨) ଏବଂ କରନପ୍ରୀତ୍ ସିଂ(୨୮)ଙ୍କ ନାଁରେ ହତ୍ୟା ଏବଂ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର ଅଭିଯୋଗରେ ମାମଲା ରୁଜୁ ହୋଇଛି। ୨୦୨୩ ଜୁନ୍ ୧୮ରେ କାନାଡାର ସୁରୀସ୍ଥିତ ଏକ ଗୁରୁଦ୍ୱାର ବାହାରେ ନିଜ୍ଜରଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପାଇଁ ଭାରତ ସରକାର ଏକ ହିଟ୍ ସ୍କ୍ୱାଡ୍‌କୁ ନିୟୋଜିତ କରିଥିବା ଅଭିଯୋଗ ହୋଇଥିଲା। ଗିରଫ ୩ ଜଣ ଉକ୍ତ ହିଟ୍ ସ୍କ୍ୱାଡ୍‌ର ସଦସ୍ୟ ବୋଲି ତଦନ୍ତକାରୀ ଅଫିସରମାନେ ବିଶ୍ୱାସ କରୁଛନ୍ତି।

## ଆଫଗାନ କନ୍‌ସଲ ଜେନେରାଲଙ୍କ ଇସ୍ତଫା

### ସୁନା ଚୋରାଚାଲାଣ ବେଳେ ଧରାପଡ଼ିଲେ

**ନୂଆଦିଲ୍ଲୀ,୪।୫**

ଦୁବାଇରୁ ୨୫ କିଲୋଗ୍ରାମ ସୁନା ଭାରତକୁ ଚୋରାଚାଲାଣ ପାଇଁ ଉଦ୍ୟମ ବେଳେ ମୁମ୍ବାଇରେ ଅବସ୍ଥାପିତ ଆଫଗାନିସ୍ତାନର କନ୍‌ସଲ ଜେନେରାଲ ଜାକିଆ ୱାର୍ଡାକ ଧରାପଡ଼ିଥିଲେ। ଏହି ଘଟଣା ପଦାକୁ ଆସିବା ପରେ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଜବତ ସୁନାର ଦାମ୍ ୧୮ କୋଟି ଟଙ୍କା ହେବ। କେବଳ ମହିଳା ପ୍ରତିନିଧିଙ୍କୁ ଟାର୍ଗେଟ କରାଯାଉଥିବା ଆଫଗାନିସ୍ତାନର ବରିଷ୍ଠତମ କୂଟନୀତିଜ୍ଞ ଜାକିଆ ଅଭିଯୋଗ କରିବା ସହ ତାଙ୍କ ନିଷ୍ପତ୍ତି ପାଇଁ ସେ ବ୍ୟକ୍ତିଗତ ଆକ୍ରୋଶ ଓ ମର୍ଯ୍ୟାଦାହାନିକୁ ଦାୟୀ କରିଛନ୍ତି। ଗତ ମାସ ଶେଷ ସପ୍ତାହରେ ମୁମ୍ବାଇ ବିମାନବନ୍ଦରରେ ଜାକିଆଙ୍କୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ଅଧିକାରୀମାନେ ସୁନା ସହ ଧରିଥିଲେ। ସୁନା ଜବତ ହେବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ କନ୍‌ସଲ ଜେନେରାଲ ଭାବେ କୂଟନୈତିକ ସୁରକ୍ଷା ଉପଭୋଗ କରୁଥିବାରୁ ତାଙ୍କୁ ଗିରଫ କରାଯାଇ ନ ଥିଲା। ଆଫଗାନିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଅଶ୍ରଫ୍ ଘନିଙ୍କ ସରକାର ଜାକିଆଙ୍କୁ ନିଯୁକ୍ତି ଦେଇଥିଲେ।



ଜାକିଆ ୱାର୍ଡାକ

## ଦୁର୍ଘଟଣାରେ ୫ ଇଞ୍ଜିନିୟରିଂ ଛାତ୍ର ମୃତ

**ଡେରାଡୁନ୍, ୪।୫**

ଉତ୍ତରଖଣ୍ଡର ଡେରାଡୁନ୍‌ରେ ଶନିବାର ସଡ଼କ ଦୁର୍ଘଟଣାରେ ୫ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କର ମୃତ୍ୟୁ ଘଟିଛି। ଦ୍ରୁତ ଗତିରେ ଯାଉଥିବା କାର୍ ଭାରସାମ୍ୟ ହରାଇ ମସୁରୀ-ଡେରାଡୁନ୍ ମାର୍ଗର ଝଡ଼ିପାଣି ନିକଟସ୍ଥ ଏକ ଗଭୀର ଖାଇରେ ଖସି ପଡ଼ିଥିଲା। ଏହି କାରରେ ଥିବା ଜଣେ ଛାତ୍ରୀ ଓ ୪ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ମସୁରୀ ଜିଲା ଉପଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛାତ୍ରୀଛାତ୍ର ଡେରାଡୁନ୍ ଆଇଏମ୍ଏସ୍ କଲେଜରେ ପଢୁଥିବାବେଳେ ମସୁରୀକୁ ଭ୍ରମଣ ପାଇଁ ଯାଇଥିଲେ। ଫେରିବା ସମୟରେ ଦୁର୍ଘଟଣା ଘଟିଥିବା ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ଦିଲ୍ଲୀର ପୂର୍ବତନ ପିସିସି ସଭାପତି ଭାଜପାରେ

**ନୂଆଦିଲ୍ଲୀ,୪।୫(ପି.ଟି.)**

ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ପୂର୍ବତନ ସଭାପତି ଅରବିନ୍ଦର ସିଂ ଲଭ୍‌ଲି ଶନିବାର ଭାଜପାରେ ଯୋଗଦେଇଛନ୍ତି। ତାଙ୍କ ସହ ପୂର୍ବତନ ମନ୍ତ୍ରୀ ରାଜକୁମାର ଚୌହାନ, ପୂର୍ବତନ ବିଧାୟକ ନୀରଜ ବାସୋୟା ଏବଂ ନସିବ ସିଂଙ୍କ ସମେତ କେତେଜଣ ନେତା ଭାଜପାରେ ସାମିଲ ହୋଇଛନ୍ତି। ଲୋକ ସଭା ନିର୍ବାଚନ ପାଇଁ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ସହ କଂଗ୍ରେସର ମେଣ୍ଟକୁ ସେମାନେ ସମାଲୋଚନା କରିଛନ୍ତି। ଏହି ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି ଏବଂ ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେ ଉପସ୍ଥିତ ଥିଲେ। ନିକଟରେ ଦିଲ୍ଲୀ ପିସିସି ସଭାପତି ପଦ ଛାଡ଼ିଥିବା ଲଭ୍‌ଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ଆଗାମୀ ନିର୍ବାଚନରେ ମୋଦି ବହୁ ସଂଖ୍ୟାଗରିଷ୍ଠତାର ସହ ପୁନର୍ବାର କ୍ଷମତା ବଜାୟ ରଖିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଅରବିନ୍ଦର ସିଂ ଲଭ୍‌ଲି

## ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ବଳାତ୍କାର ନୁହେଁ: ହାଇକୋର୍ଟ

**ନୂଆଦିଲ୍ଲୀ,୪।୫**

ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କକୁ ବଳାତ୍କାର କୁହାଯାଇପାରିବ ନାହିଁ ବୋଲି ମଧ୍ୟପ୍ରଦେଶ ହାଇକୋର୍ଟ ଏକ ରାୟରେ କହିଛନ୍ତି। ଏପରିକି ସ୍ତ୍ରୀଙ୍କର ସହମତି ନ ଥିଲେ ମଧ୍ୟ ଏଭଳି ସମ୍ପର୍କ ବଳାତ୍କାର ନୁହେଁ। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ଦାଏର କରିଥିବା ଏତଲାକୁ ଖାରଜ କରିଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇପିସି ଅନୁଯାୟୀ ବୈବାହିକ ବଳାତ୍କାର ଅପରାଧ ନୁହେଁ ବୋଲି ବିଚାରପତି ଜି.ଏସ୍. ଆଲୁୱାଲିଆଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି।

## ପାକ୍ ନାବିକଙ୍କୁ ଚିକିତ୍ସା ଯୋଗାଇଲା ନୌସେନା

**ନୂଆଦିଲ୍ଲୀ, ୪।୫**

ଆରବ ସାଗରରେ ଭାରତୀୟ ନୌସେନା ଲଗାତର ଭାବେ ଅନ୍ୟ ଦେଶଗୁଡ଼ିକର ଜାହାଜ ଓ ଏହାର କର୍ମଚାରୀମାନଙ୍କୁ ସାହାଯ୍ୟ ଯୋଗାଇ ଆସୁଛି। ଜଳଦସ୍ୟୁଙ୍କ କବଳରୁ ହେଉ ଅଥବା ଜରୁରିକାଳୀନ ପରିସ୍ଥିତି, ସୂଚନା ମିଳିବା ମାତ୍ରେ ଭାରତୀୟ ନୌସେନା ନିଜର ଟିମ୍ ପଠାଇ ସହାୟତା ପହଞ୍ଚାଉଛି। ଗତ ମାସ ୩୦ରେ ଏକ ଜରୁରିକାଳୀନ କଲ୍ ମିଳିବା ମାତ୍ରେ ୨୦ ଜଣ ପାକିସ୍ତାନୀ କ୍ରିଉ ସଦସ୍ୟ ଥିବା ଇରାନୀୟ ଜାହାଜକୁ ଭାରତୀୟ ନୌସେନା ଜଳଦସ୍ୟୁଙ୍କ କବଳରୁ ମୁକ୍ତ କରିଥିଲା। ଏଥିସହିତ ବୁଡ଼ିଯାଉଥିବା ଜଣେ ପାକିସ୍ତାନୀ ନାବିକଙ୍କୁ ନୌସେନାର ଡାକ୍ତରୀ ଟିମ୍ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲା।



## ଫୁର୍‌ସତ୍

### ଆଜି ବିଶ୍ୱ ହସ ଦିବସ

# ହସ ଖୋଜୁଛି ମଣିଷ




**ଶିଶୁଟିର କଅଁଳ ମୁହଁର ହସ କେବଳ ମା'ବାପାଙ୍କୁ ନୁହେଁ, ସମସ୍ତଙ୍କୁ ଖୁସି ଦିଏ। ହେଲେ ସେହି ଶିଶୁ ବଡ଼ ହେଲେ ତା' ମୁହଁରୁ ହସ ଉଭେଇ ଯାଏ। ସତେଯେମିତି ବୟସ ବଢ଼ିଲେ ଅବସାଦପୂର୍ଣ୍ଣ ହୋଇପଡୁଛି ଜୀବନ। ବ୍ୟସ୍ତତାପୂର୍ଣ୍ଣ ଜୀବନ ଭିତରେ କାହା ମୁହଁରୁ ହୃଦୟର ହସ ଟିକେ ଦେଖିବା କଷ୍ଟକର ହୋଇପଡୁଛି। ମାନସିକ ଚାପ ଏତେ ବଢ଼ି ଯାଉଛି ଯେ ସବୁ ବର୍ଗର ମଣିଷ ଆଜି ଦୁଃଖ, କଷ୍ଟ, ଯନ୍ତ୍ରଣାର ଶିକାର। ପାଠପଢ଼ାଠୁ ନେଇ ଚାକିରି, ପାରିବାରିକ ଅଶାନ୍ତି ଭଳି ଅନେକ ସମସ୍ୟାର ଆଜି ସମସ୍ତେ ଛନ୍ଦି ହୋଇପଡ଼ିଛନ୍ତି। ବିଶେଷକରି ଆଜିର ସୋସିଆଲ ମିଡିଆ ଯୁଗରେ ପରସ୍ପର ହସିବା, ସମୟ ବିତାଇବା ବହୁତ କମିଯାଇଛି। ମଣିଷ ମେଳରେ ଥାଇ ବି ହସ ଖୋଜୁଛି ମଣିଷ। ରବିବାର ହେଉଛି ବିଶ୍ୱ ହାସ୍ୟ ଦିବସ। ଏହିପରିପ୍ରେକ୍ଷୀରେ ଆଜିର ଏହି ବ୍ୟସ୍ତବହୁଳ ଜୀବନ ଭିତରେ ନିଜ ପାଇଁ ସମୟ କାଢ଼ି କିଭଳି ଖୁସିରେ ରହିବା ଓ ଅନ୍ୟ କାହା ମୁହଁରେ ଖୁସି ଭରିଦେବା ତାହାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।**

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ

### ଏକକ ପରିବାର ଯୋଗୁ ହସ କମିଯାଉଛି

ଆଗରୁ ଯୌଥ ପରିବାର ଥିଲା। ସମସ୍ତେ ଗୋଟିଏ ଗହଳଚହଳ ପରିବେଶ ଭିତରେ ବଡ଼ ହେଉଥିଲେ। ପିଲାଟିଏ ମଧ୍ୟ ସମସ୍ତଙ୍କ ସହ ମିଶିବାର ସୁଯୋଗ ପାଉଥିଲା। ମାତ୍ର ଏବେ ମା'ବାପାଙ୍କର ଗୋଟିଏ ଛୁଆକୁ ନେଇ ପରିବାର। ମା'ବାପା ସହଜେ ପିଲାଙ୍କୁ ଆଜିକାଲି ସମୟ ଦେଇପାରୁ ନାହାନ୍ତି। ପୁଣି ପିଲା ଟିକେ ବଡ଼ ହେଉ ହେଉ ପାଠପଢ଼ାର ଚାପ। ପରେ ଚାକିରି। ଏଭଳି ଭାବେ ପିଲାଟିଏ ଆଜିର ଦିନରେ ହସିବା ଭୁଲିଗଲାଣି। ତେଣୁ ଯୌଥ ପରିବାର କମିବା ମୁହଁରୁ ହସ ଛଡ଼ାଇ ନେବାର ମୁଖ୍ୟ କାରଣ। ୨୪ ଘଣ୍ଟାରେ ୧ଘଣ୍ଟା ମଧ୍ୟ ନିଜ ପାଇଁ ସମୟ କାଢ଼ିପାରୁନେ କି ହସି ପାରୁନେ।



**-ମିହିର ରଞ୍ଜନ ନାୟକ, ପ୍ରାଧ୍ୟାପକ, ଏସ୍‌ସିବି ମେଡିକାଲ କଲେଜ**

### ହସାଇବାଠାରୁ କଷ୍ଟ କାମ ଆଉ କିଛି ନାହିଁ

ହସେଇଲେ ପୁଣ୍ୟ ମିଳେ। ଆଉ ଯିଏ ହସେ, ତା'ର ତ୍ୱଚା ସୁନ୍ଦର ଦିଶେ ଓ ରୋଗ ବି ଭଲ ହୁଏ। ଆଉ ହାପି ହରମୋନ ମଧ୍ୟ କ୍ଷରଣ ହୁଏ। ଏହା ତ ବୈଜ୍ଞାନିକ କାରଣ। କିନ୍ତୁ ହସାଇବାଠାରୁ କଷ୍ଟ କାମ କିଛି ନାହିଁ। ଗୋଟିଏ ଗୋଟିଏ କଣ୍ଟେଣ୍ଟ ବନାଇବାକୁ ସପ୍ତାହେ ଚିନ୍ତା କରିବାକୁ ପଡ଼େ। କ'ଣ କହିଲେ ଲୋକେ ହସିବେ। ଲୋକ ହସିବା ପାଇଁ କଳାକାର କିଛି ବି କରିବାକୁ ପ୍ରସ୍ତୁତ ହୁଏ। ମାତ୍ର ଏହା ଭଲ ଦିଗରେ ହେବା ଦରକାର।



**-ଟୁକୁନା, କମେଡିଆନ**

### କିଛିବା କାରଣ ଖୋଜନ୍ତୁ, ଆଉ ହସନ୍ତୁ

ହସିବା ଜୀବନରେ ବହୁତ ଆବଶ୍ୟକ। କିଛି କାରଣ ନ ମିଳିଲେ ବି କିଛି ଗୋଟେ ଭାବି ନିହାତି ହସିବା ଦରକାର। ନ ହେଲେ ଏ ଯେଉଁ ଚିନ୍ତା ରହୁଛି, ରୋଗରେ ପଡ଼ିଯିବ। ମୋତେ ଲାଗେ ବିଶେଷ କରି ଆମ ଭଳି ଛାତ୍ରାବସ୍ଥାରେ ଥିବା ପିଲାଙ୍କର ଅଧିକ ଚିନ୍ତା। ପାଠପଢ଼ା ଚିନ୍ତାକୁ ଚାକିରି ଚିନ୍ତା ପ୍ରତି ମୁହୂର୍ତ୍ତରେ ରହୁଛି। କାହା ଛୁଆ ଚାକିରି ପାଇଲା, କିଏ ଭଲ ମାର୍କ ରଖିଲା, କିଏ ୧୨ଘଣ୍ଟା ପଢ଼ିଲା - ଏହି ସବୁ ଶୁଣି ଶୁଣି ଦିନ ପଳେଇଯାଉଛି। ମାନସିକ ଅବସାଦ ଆଜିର ଦିନରେ ବଡ଼ ସମସ୍ୟା। ତେଣୁ ସମସ୍ତେ କିଛି ନା କିଛି କାରଣ ଖୋଜନ୍ତୁ ହସିବା ପାଇଁ। ହସନ୍ତୁ ଓ ସମସ୍ତଙ୍କୁ ହସାନ୍ତୁ।



**-ଭକ୍ତିସୁଧା ସାହୁ, ଛାତ୍ରୀ**

### ଲୋକପ୍ରିୟ ହେଉଛି ଷ୍ଟାଣ୍ଡଅପ୍ କମେଡି ଶୋ'

ସମସ୍ତେ ଚାହାନ୍ତି ହସିବା ପାଇଁ। ଆଜି ଯେତେବେଳେ ହସିବା କମି ଯାଉଛି, ଲୋକଙ୍କୁ ହସାଇବା ପାଇଁ ବିଭିନ୍ନ କମେଡି ପ୍ଲାଟ୍‌ଫର୍ମ ଦିନକୁ ଦିନ ବୃଦ୍ଧି ପାଉଛି। ୟୁଟ୍ୟୁବ୍‌ରେ ମଧ୍ୟ ଅନେକ ଯୁବ କମେଡ଼ିଆନ ବିଭିନ୍ନ ହାସ୍ୟାତ୍ମକ ବିଷୟବସ୍ତୁ ପୋଷ୍ଟ କରୁଛନ୍ତି। ଏହି ସମୟରେ ଷ୍ଟାଣ୍ଡ ଅପ୍ କମେଡି ଶୋ'ର ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ରାଜଧାନୀରେ ଅନେକ ସମୟରେ ଷ୍ଟାଣ୍ଡଅପ୍ କମେଡି ଶୋ' ହେଉଛି, ଯାହାକୁ ଦେଖିବାକୁ ଯୁବପିଢ଼ିଙ୍କର ପ୍ରବଳ ଆଗ୍ରହ ବଢୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସିଧାସଳଖ ସମସ୍ତେ ଯୋଡ଼ି ହୋଇପାରୁଛନ୍ତି। ସାଙ୍ଗସାଥୀଙ୍କ ସହ ହସିବା ଓ ହସି ହସି ସମୟକୁ ଉପଭୋଗ ମଧ୍ୟ କରିପାରୁଛନ୍ତି।

## ହୃତିକ୍‌ଙ୍କ ଆଗାମୀ ପ୍ରୋଜେକ୍ଟ

**ମୁମ୍ବାଇ**



ଅଭିନେତା ହୃତିକ୍ ରୋଶନ ଗତ ୨ ଦଶନ୍ଧିରୁ ଅଧିକ ସମୟ ଧରି ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ଅଭିନୟର ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି। ହୃତିକ୍‌ଙ୍କ ପ୍ରତ୍ୟେକ ଫିଲ୍ମକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଲାଗି ରହିଥାଏ। ଆଗାମୀ ଦିନରେ ଏହି ଅଭିନେତାଙ୍କ ନିକଟରେ କିଛି ପ୍ରୋଜେକ୍ଟ ରହିଛି, ଯାହା ଖୁବଶୀଘ୍ର ମୁକ୍ତିଲାଭ କରିବ। ଖୁବ୍‌ଶୀଘ୍ର ସେ 'ୱାର୍ ୨', 'ଫାଇଟର ୨', 'କ୍ରିଶ୍ ୪' ଆଦି ଚଳଚ୍ଚିତ୍ରରେ ନଜର ଆସିବେ। ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ୱାର୍ ୨' ଫିଲ୍ମରେ ହୃତିକଙ୍କ ସହ ସାଉଥ ସୁପରଷ୍ଟାର ଜୁନିଅର ଏନ୍‌ଟିଆର୍ ଓ ଅଭିନେତ୍ରୀ କିଆରା ଆଡଭାନୀ ମଧ୍ୟ ନଜର ଆସିବେ। ଏହି ଫିଲ୍ମ ଆସନ୍ତା ବର୍ଷ ଅଗଷ୍ଟରେ ରିଲିଜ୍ ହେବ। ସେହିପରି ଚଳିତ ବର୍ଷ ଜାନୁଆରୀରେ ରିଲିଜ୍ ହୋଇଥିବା ହୃତିକ୍ ରୋଶନଙ୍କ ସୁପରହିଟ୍ ଚଳଚ୍ଚିତ୍ର 'ଫାଇଟର'ର ସ୍ୱିକେଲ 'ଫାଇଟର ୨'କୁ ମଧ୍ୟ ଆଗାମୀ ଦିନରେ ବଡ଼ ପରଦାରେ ଦେଖିବାକୁ ମିଳିବା ବୋଲି ଅନେକ ରିପୋର୍ଟ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ୨୦୦୩ରେ ରିଲିଜ୍ ହୋଇଥିବା ହୃତିକ୍‌ଙ୍କ ଅଭିନୀତ 'କୋଇ ମିଲ୍ ଗୟା' ଫିଲ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ 'କ୍ରିଶ୍' ୨୦୦୬ ଓ ତୃତୀୟ ଭାଗ 'କ୍ରିଶ୍ ୩' ୨୦୧୩ରେ ରିଲିଜ୍ ହୋଇଥିଲା। ଏବେ ଏହି ଫିଲ୍ମର ଚତୁର୍ଥ ଭାଗ 'କ୍ରିଶ୍ ୪' ଆସିବାକୁ ଯାଉଛି। କରନ୍ ମାଲହୋତ୍ରାଙ୍କ ନିର୍ଦ୍ଦେଶିତ 'କ୍ରିଶ୍ ୪' ଚଳଚ୍ଚିତ୍ରରେ ହୃତିକଙ୍କ ସହ ଅଭିନେତ୍ରୀ ନୋରା ଫତେହି ଓ ପ୍ରୀତି ଜିଣ୍ଟା ମଧ୍ୟ ନଜର ଆସିବେ। ଏହି ଫିଲ୍ମ ଆସନ୍ତା ବର୍ଷ ମାର୍ଚ୍ଚ ୧ରେ ରିଲିଜ୍ ହେବା ନେଇ ରିପୋର୍ଟ ପ୍ରକାଶ ପାଇଛି।

# ପିଆଜ ରପ୍ତାନି ଉପରୁ ହଟିଲା କଟକଣା

## ୪୦ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)



ଘରୋଇ ବଜାରରେ ପିଆଜ ଦରବୃଦ୍ଧିରେ ଲଗାମ ଲଗାଇବା ପାଇଁ କେନ୍ଦ୍ର ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୂର୍ବରୁ ପିଆଜ ରପ୍ତାନି ଉପରେ ସରକାର କଟକଣା ଜାରି କରିଥିବାବେଳେ ବର୍ତ୍ତମାନ ଏହି କଟକଣା ପ୍ରତ୍ୟାହାର କରାଯାଇଛି। ମାତ୍ର ପିଆଜ ରପ୍ତାନି ଉପରେ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଏକ ସରକାରୀ ବିବୃତିରେ କୁହାଯାଇଛି, ପିଆଜ ରପ୍ତାନି ଉପରେ ସରକାର ୪୦ ପ୍ରତିଶତ ରପ୍ତାନି ଶୁଳ୍କ ବଳବତ୍ତର ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଘରୋଇ ବଜାରରେ ପିଆଜ ଦର ବଢ଼ିବା ପରେ ଗତ ବର୍ଷ ଅଗଷ୍ଟରେ ପିଆଜ ରପ୍ତାନି ଉପରେ ସରକାର ୪୦ ପ୍ରତିଶତ ରପ୍ତାନି ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ରପ୍ତାନି ଶୁଳ୍କ ଲାଗୁ କରାଯାଇଥିଲା। ତେବେ ଏହା ପରେ ମଧ୍ୟ ଘରୋଇ ବଜାରରେ ଯୋଗାଣରେ କୌଣସି ଉନ୍ନତି ନ ହେବାରୁ ସରକାର ପିଆଜ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲେ। ପରବର୍ତ୍ତୀ ସମୟରେ ପିଆଜ ରପ୍ତାନି ଉପରେ କଟକଣା ମଧ୍ୟରେ କିଛି ପଡ଼ୋଶୀ ଦେଶକୁ ପିଆଜ ପଠାଇବାକୁ ଭାରତ ସରକାର ନିକଟରେ ଅନୁମୋଦନ ଦେଇଛନ୍ତି। ଗତ ମାସରେ କେନ୍ଦ୍ର ସରକାର ସୂଚନା ଦେଇଥିଲେ ଯେ ୬ ଦେଶକୁ ପ୍ରାୟ ୧ ଲକ୍ଷ ଟନ ପିଆଜ ରପ୍ତାନି ପାଇଁ ଅନୁମୋଦନ ଦିଆଯାଇଛି। ପିଆଜ ରପ୍ତାନି ପାଇଁ ଅନୁମତି ପାଇଥିବା ଦେଶ ମଧ୍ୟରେ ବାଂଲାଦେଶ, ସଂଯୁକ୍ତ ଆରବ ଏମିରେଟ୍ସ, ଭୁଟାନ, ବାହାରିନ୍, ମରିସସ୍ ଏବଂ ଶ୍ରୀଲଙ୍କା ରହିଛି। ଏହି ସମସ୍ତ ୬ ପଡ଼ୋଶୀ ଦେଶକୁ ୯୯ ହଜାର ୧୫୦ଟନ ପିଆଜ ରପ୍ତାନି ହେବ। ତେବେ ପିଆଜ ଏବଂ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ କ୍ଷେତ୍ରରେ ସରକାର ବାଣିଜ୍ୟ ସମ୍ବନ୍ଧୀୟ ନୀତିରେ କିଛି ପରିବର୍ତ୍ତନ କରିଛନ୍ତି। ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଦେଶୀ ଚଣା ଉପରୁ ସରକାର ଆମଦାନୀ ଶୁଳ୍କ ଛାଡ଼ କରିଛନ୍ତି। ସେହିଭଳି ହଳଦିଆ ମଟର ଉପରେ ଆମଦାନୀ ଶୁଳ୍କ ଛାଡ଼କୁ ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ ପରିବର୍ତ୍ତନ ଶନିବାରଠାରୁ କାର୍ଯ୍ୟକାରୀ ହୋଇଛି।

## ଓଡ଼ିଶାରେ ଜିଓ ୧ ନମ୍ବର

ଭୁବନେଶ୍ୱର,୪।୫

ରିଲାଏନ୍ସ ଜିଓ ଓଡ଼ିଶାରେ ୧ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଯାତ୍ରା ଜାରି ରଖିଛି। ୨୦୨୪ ମାର୍ଚ୍ଚରେ ଜିଓ ସର୍ବାଧିକ ୧.୨୫ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଘରୋଇ ବଜାରରେ ଯୋଡ଼ି ଥିବା ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ଟ୍ରାଇର ସୂଚନା ଅନୁଯାୟୀ ୨୦୨୪ ମାର୍ଚ୍ଚରେ ଜିଓ ସର୍ବାଧିକ ୧,୨୫,୨୬୭ ନୂଆ ମୋବାଇଲ୍ ଉପଭୋକ୍ତା ଓଡ଼ିଶାରେ ଯୋଡ଼ିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ୍ ଏହି ସମୟରେ ମାତ୍ର ୭୪,୨୭୦ ଯୋଡ଼ିଛି। ଭୋଡାଫୋନ୍ ଆଇଡିଆ (ୱି) ଓ ବିଏସ୍ଏନ୍ଏଲ୍ ଚଳିତ ବର୍ଷ ମାର୍ଚ୍ଚରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରେ ଉଲ୍ଲେଖ କରାଯାଇଛି।

## ବେଦାନ୍ତରେ ଉନ୍ନତ ଶକ୍ତି ପରିଚାଳନା ବ୍ୟବସ୍ଥା

ଭୁବନେଶ୍ୱର,୪।୫



ବେଦାନ୍ତ ଲିମିଟେଡ୍‌ର ପ୍ରମୁଖ ୟୁନିଟ୍ ତଥା ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦକ 'ବେଦାନ୍ତ ଲାଞ୍ଜିଗଡ଼' ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଏକ ଉନ୍ନତ ଶକ୍ତି ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏପରିକି ଏହା ୧୨୦ଟି ଜଟିଳ ବୈଦ୍ୟୁତିକ ସମ୍ପତ୍ତିର କାର୍ଯ୍ୟଦକ୍ଷତା ମାପଦଣ୍ଡ ଉପରେ ନଜର ରଖିବାରେ ସାହାଯ୍ୟ ସହିତ ପ୍ଲାଣ୍ଟରେ ଶକ୍ତି ଦକ୍ଷତାର ବିକାଶ ହୋଇପାରିବ। ବିଶେଷକରି କମ୍ପାନୀର ଏହା ଏକ ଉନ୍ନତ ଡିଜିଟାଲାଇଜେଶନ ପ୍ରୟାସ ହୋଇଥିଲାବେଳେ ବର୍ଦ୍ଧିତ କାର୍ଯ୍ୟକ୍ଷମ ଅପ୍ଟିମାଇଜେଶନ୍ ଓ ରିଫାଇନେରି କାର୍ଯ୍ୟର ସ୍ୱୟଂଚାଳିତ ବୃଦ୍ଧି ଘଟାଇବ।
ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବିଜ୍‌ନେସ୍) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଶକ୍ତି ପରିଚାଳନା ପ୍ରଣାଳୀ ପରି ପଦକ୍ଷେପ ମାଧ୍ୟମରେ ଆମେ ଶକ୍ତି ଦକ୍ଷତା ବୃଦ୍ଧି ଦିଗରେ ଆଗେଇବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଯେକୌଣସି ଶିଳ୍ପ ପାଇଁ ଶକ୍ତି ଦକ୍ଷତା ପ୍ରୟୋଜନ ଥିଲାବେଳେ ଆମେ କାର୍ବନ ପଦଚିହ୍ନକୁ ହ୍ରାସ କରିବା ଲାଗି ସ୍ୱଚ୍ଛ ଓ ଅଧିକ ସ୍ଥାୟୀ ଶକ୍ତି ପ୍ରଣାଳୀକୁ ଏକତ୍ର କରୁଛୁ। ଏହାଦ୍ୱାରା ସମସ୍ତଙ୍କ ଲାଗି ଏକ ସମୃଦ୍ଧ ଓ ସ୍ଥାୟୀ ଭବିଷ୍ୟତ ଗଠନ ହୋଇପାରିବ।

## ସ୍ଥାୟୀ ବ୍ୟବସାୟ ଅଭିବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୪।୫

ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ)ର ଭୁବନେଶ୍ୱର ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏପରିକି ସଂଘର ସାଧାରଣ ସମ୍ପାଦକ ବୈଲୋଚନ ସାହୁଙ୍କ ନେତୃତ୍ୱରେ ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ପ୍ରବନ୍ଧକ ତଥା ମହାପ୍ରବନ୍ଧକ ରାଜେଶ କୁମାର ଏବଂ ଉପ-ଆଞ୍ଚଳିକ ପ୍ରବନ୍ଧକ ତଥା ଉପ-ମହାପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଜେଶ କୁମାର କହିଥିଲେ, ରାଜ୍ୟ ଅର୍ଥନୀତିରେ ଉଲ୍ଲେଖନୀୟ ଅବଦାନ ପାଇଁ ପିଏନ୍‌ବି ବିସ୍ତୃତ ନିର୍ଦ୍ଦେଶାବଳୀ ସହ ସାଲିସ ନ କରି ସ୍ଥାୟୀ ବ୍ୟବସାୟ ଅଭିବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଉପ-ଆଞ୍ଚଳିକ ମୁଖ୍ୟ କ୍ଷେତ୍ରବାସୀ ମଧ୍ୟ ସମାନ ଭାବେ ବ୍ୟାଙ୍କର ଅବଦାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପିଏନ୍‌ବିର ସହାୟକ ମହାପ୍ରବନ୍ଧକ ଏନ୍. ଖଟାଇ ଏବଂ ସଂଘର ସଭାପତି ପି.କେ. ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।
ଅପରପକ୍ଷରେ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।
ସେହିପରି ସଂଘର ନୂତନ ସଭାପତି ରୋଶନ କୁମାର ରାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲାବେଳେ ଦୀପକ ପ୍ରଧାନ, ସର୍କଲ ସେକ୍ରେଟାରି କଟକ ଏବଂ ଗୌର କିଶୋର ମିଶ୍ର ସର୍କଲ ପ୍ରେସିଡେଣ୍ଟ କଟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରିଶେଷରେ ସଂଯୋଗ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଏଆଇପିଏନ୍‌ବିଓଏର ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଉତ୍କଳ ହସ୍ପିଟାଲରେ ପ୍ରଥମ କ୍ୟାଡେଭେରିକ୍ ଲିଭର ଟ୍ରାନ୍ସପ୍ଲାଣ୍ଟ




ଭୁବନେଶ୍ୱର,୪।୫
(ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ନୀଳାଦ୍ରି ବିହାରସ୍ଥିତ ଉତ୍କଳ ହସ୍ପିଟାଲରେ ରାଜ୍ୟର ପ୍ରଥମ କ୍ୟାଡେଭେରିକ୍ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜରି ସଫଳତାର ସହ ଶେଷ ହୋଇଛି।
ଉଲ୍ଲେଖଯୋଗ୍ୟ, ଓଡ଼ିଶା (ଭୁବନେଶ୍ୱର)ର ଉତ୍କଳ ହସ୍ପିଟାଲ ଏବଂ ତେଲଙ୍ଗାନା (ହାଇଦ୍ରାବାଦ)ର ଏଆଇଜି ହସ୍ପିଟାଲର ମିଳିତ ସହଯୋଗରେ ରାଜ୍ୟର ପ୍ରଥମ କ୍ୟାଡେଭେରିକ୍ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜରି ବା ଯକୃତ ପ୍ରତିରୋପଣ ସଫଳତାର ସହ ଶେଷ ହୋଇଛି।
ଏହି ପରିପ୍ରେକ୍ଷୀରେ ଶନିବାର ଉତ୍କଳ ହସ୍ପିଟାଲ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଉତ୍କଳ ହସ୍ପିଟାଲର ସିଇଓ ଡା. ଆଶିଷ ଚନ୍ଦ୍ରା ହସ୍ପିଟାଲର ଏହି ସଫଳତା ଓ ଖବରଦାତା ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ବିସ୍ତୃତ ମତପ୍ରକାଶ କରିଥିଲେ।
ଅନ୍ୟମାନଙ୍କ ମଧ୍ୟରେ ଡା. ସତ୍ୟପ୍ରକାଶ ରାୟ ଚୌଧୁରୀ, ଡା. ଆର୍.କେ. ମହାପାତ୍ର, ଡା. ସଲିଳ ପରିଡ଼ା, ଡା. ପି ବାଲଚନ୍ଦ୍ରନ ମେନନ୍, ଡା.ଶକ୍ତିସ୍ୱରୂପ ଏବଂ ଏଆଇଜିର ଉପସଭାପତି ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ।
ସୂଚନାଯୋଗ୍ୟ, ଲିଭର ସିରୋସିସ୍ ରୋଗରେ ପୀଡ଼ିତ ସୋନପୁରର ୪୧ ବର୍ଷୀୟ ଶରତ ପ୍ରଧାନ ନିକଟରେ ଉତ୍କଳ ହସ୍ପିଟାଲରେ ଆଡ୍‌ମିଶନ ହୋଇଥିଲେ। ଏପରିକି ହସ୍ପିଟାଲର ଅଭିଜ୍ଞ ଚିକିତ୍ସକ ଡା. ସତ୍ୟପ୍ରକାଶ ରାୟ ଚୌଧୁରୀ ଏବଂ ଡା. ସଲିଳ କୁମାର ପରିଡ଼ାଙ୍କ ନେତୃତ୍ୱରେ କିଛିଦିନ ଚିକିତ୍ସିତ ହେଲା ପରେ ସମସ୍ତ ପରୀକ୍ଷା ନିରୀକ୍ଷା ସହ ଅସ୍ତ୍ରୋପଚାର ପାଇଁ ସମୟ ନିର୍ଘଣ୍ଟ ହୋଇଥିଲା। ବିଶେଷକରି ଏଆଇଜି ହସ୍ପିଟାଲର ବରିଷ୍ଠ ଚିକିତ୍ସକ ତଥା ଲିଭା ଟ୍ରାନ୍ସପ୍ଲାଣ୍ଟ ସର୍ଜରି ନିର୍ଦ୍ଦେଶକ ଡା. ପି. ବାଲଚନ୍ଦ୍ରନ ମେନନ୍ ଏବଂ ଡା. ଶକ୍ତିସ୍ୱରୂପଙ୍କ ସମେତ ଉତ୍କଳ ହସ୍ପିଟାଲର ଏକ ସ୍ୱତନ୍ତ୍ର ଚିକିତ୍ସକ ଟିମ୍ ଜରିଆରେ ଏହି ଅସ୍ତ୍ରୋପଚାର ବା ଯକୃତ ପ୍ରତିରୋପଣ ସଫଳତାର ସହ କରାଯାଇଥିଲା। ବର୍ତ୍ତମାନ ରୋଗୀ ସୁସ୍ଥ ଥିଲାବେଳେ ଖୁବ୍‌ଶୀଘ୍ର ରୋଗୀ ଜଣକ ଘରକୁ ଯାଉଛନ୍ତି ବୋଲି ଉତ୍କଳ ହସ୍ପିଟାଲ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି।

## ଟିଏସ୍ଏସ୍ଇଜେଡ୍ଏଲ୍‌ରେ ନୂତନ ପ୍ରକଳ୍ପ

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

### ଦୁଇ କମ୍ପାନୀ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଟାଟା ଷ୍ଟିଲ୍ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍ଏସ୍ଇଜେଡ୍ଏଲ୍) ଏବଂ ଏଚ୍ଏଚ୍‌ପି ଫାଇଭ ପ୍ରାଇଭେଟ୍ ଲିମିଟେଡ୍ (ହାଇଜେନ୍‌କୋ) ପକ୍ଷରୁ ଓଡ଼ିଶା ଟିଏସ୍ଏସ୍ଇଜେଡ୍‌ର ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ରେ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ଆରମ୍ଭ ହେବ। ଏନେଇ ଉଭୟ କମ୍ପାନୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ହାଇଜେନ୍‌କୋ ଗଞ୍ଜାମ ଜିଲା ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ରେ ଏହାର ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ ଆମୋନିଆ ଏବଂ ଡେରିଭେଟିଭ ୟୁନିଟ୍ ସ୍ଥାପନ କରିବ। କମ୍ପାନୀ ଡିସେମ୍ବର୨୦୨୬ ସୁଦ୍ଧା ପ୍ରକଳ୍ପର ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି । ଏହି ଅବସରରେ ଟି ଏ ସ୍ ଏ ସ୍ ଇ ଜେ ଡ୍ ଏ ଲ୍ ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି, ଏହାକୁ ମିଶାଇ ଶିଳ୍ପ ପାର୍କରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ ଆମୋନିଆ ଉତ୍ପାଦନର ସମୁଦାୟ କ୍ଷମତା ଏବେ ବାର୍ଷିକ ପ୍ରାୟ ୨.୬ ମିଲିୟନ ଟନ୍‌ରେ ପହଞ୍ଚିଛି। ହାଇଜେନ୍‌କୋର ପ୍ରତିଷ୍ଠାତା ତଥା ସିଇଓ ଅମିତ ବଂଶଲ କହିଛନ୍ତି, ଏହି କାରଖାନାରେ ଉତ୍ପାଦିତ ଗ୍ରୀନ୍ ଆମୋନିଆ ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି) ନିକଟରେ ଥିବା ବର୍ତ୍ତମାନର ଗୋପାଳପୁର ବନ୍ଦର ମାଧ୍ୟମରେ ରପ୍ତାନି କରାଯିବ। ଜିଆଇପି ଏବଂ ଗୋପାଳପୁର ବନ୍ଦର ମଧ୍ୟରେ ନିର୍ମାଣାଧୀନ ୟୁଟିଲିଟି କରିଡର ପ୍ରକଳ୍ପ ପାଇଁ ଲଜିଷ୍ଟିକ୍ସ ଏବଂ ପାଇପଲାଇନ ସଂଯୋଗକୁ ଆହୁରି ସୁଦୃଢ଼ କରିବ। ସୂଚନା ଥାଉକି, ହାଇଜେନ୍‌କୋ ପୂର୍ବରୁ ହରିୟାଣାର ହିସାରଠାରେ ଆରମ୍ଭ ହୋଇଥିବା ପ୍ରଥମ ମେଗାୱାଟ୍ ସ୍କେଲ୍ ପ୍ଲାଣ୍ଟ ମଧ୍ୟ ସାମିଲ ରହିଛି। ସେହିପରି ଟିଏସ୍ଏସ୍ଇଜେଡ୍ ପକ୍ଷରୁ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପାଇଁ ଉତ୍ପାଦନକାରୀଙ୍କ ସହ ବାର୍ଷିକ ୧.୬ ମିଲିୟନ ଟନ୍ ପ୍ରକଳ୍ପ ପାଇଁ ବୁଝାମଣା ସ୍ୱାକ୍ଷର କରାଯାଇଛି ।

ରାଜ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଲି ଚାଲି ଭାତ ଖାଉଥା;**
**ମୋର ହୋଇ ପଡ଼ିଥା।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶୀଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେଜଣ ମହିଳା ପରକୀୟା ପ୍ରୀତି ପ୍ରତି ମନ ବଳାଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବେହେଲା ବାଜେ କେଁ,**
**କବାଟ ଡାକେ କେଁ,**
**କବାଟ କଣରେ ଡାକଇ ଗୋରୀ**
**ପାନ ଖଣ୍ଡେ ନେ ନେ।**

ବ୍ୟକ୍ତି ନିଜ ମନର ଭାବ ବ୍ୟକ୍ତ କରିବାକୁ ଭିନ୍ନ ଭିନ୍ନ ତରିକା ଆପଣେଇ ନେଉଥିବା ଦେଖିବାକୁ ମିଳିଥାଏ। ଏପରିସ୍ଥଳେ ଗୌରବର୍ଣ୍ଣା ତରୁଣୀ କବାଟ କଣରେ ମୁହଁ ଲୁଚାଇ ପାନ ଜରିଆରେ ନିଜ ମନର ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭିଆଇଟିଇଇ ଫଳ ପ୍ରକାଶିତ



ରୁପିନ୍ଦର ସିଂହ (ପ୍ରଥମ ର୍‍ୟାଙ୍କ)



ଭାନୁ ମହେଶ ଚେକୁରୀ (ଦ୍ୱିତୀୟ)



ଏ. ବେଦାନ୍ତ (ତୃତୀୟ)



ଆୟୁଷି ବୈଦ (ଚତୁର୍ଥ ର୍‍ୟାଙ୍କ)



ସାନଭି ସିଂହ (ପଞ୍ଚମ ର୍‍ୟାଙ୍କ)



ଅଭିରାଜ ରମାକାନ୍ତ ଯାଦବ (୬ଷ୍ଠ)



ଚୈତନ୍ୟ ରମେଶ ବୋଛଡେ (୭ମ)



ବିକି କୁମାର ସିଂହ (୮ମ)



ସୋହନ ହାଜରା (୯ମ)



ସାହିଲ (୧୦ତମ)

## ପ୍ରଥମ ସ୍ଥାନରେ ହରିୟାଣାର ରୁପିନ୍ଦର ସିଂହ

ଭୁବନେଶ୍ୱର,୪।୫
(ଅନୁରାଧା ମହାରଣା)

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଇଞ୍ଜିନିୟରିଂର ପ୍ରବେଶିକା ପରୀକ୍ଷା(ଭିଆଇଟିଇଇ) ଫଳ ପ୍ରକାଶ ପାଇଛି। ଭିଆଇଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍, ଭିଆଇଟି- ଭେଲୋର, ଭିଆଇଟି- ଚେନ୍ନାଇ, ଭିଆଇଟି ଆନ୍ଧ୍ରପ୍ରଦେଶ ଏବଂ ଭିଆଇଟି ଭୋପାଳରେ ବିଟେକ୍ ଫାର୍ମାରେ ନାମ ଲେଖାଇବା ପାଇଁ ହୋଇଥିବା ଏହି ପ୍ରବେଶିକା ପରୀକ୍ଷାରେ ହରିୟାଣାର ରୁପିନ୍ଦର ସିଂହ ପ୍ରଥମ ର୍‍ୟାଙ୍କ ହାସଲ କରିଛନ୍ତି। ଦ୍ୱିତୀୟରେ ରାଜସ୍ଥାନର ଭାନୁ ମହେଶ ଚେକୁରୀ ଓ ତୃତୀୟରେ ଆନ୍ଧ୍ରପ୍ରଦେଶର ଏ. ବେଦାନ୍ତ ରହିଛନ୍ତି। ସେହିପରି ଚତୁର୍ଥ ସ୍ଥାନରେ ଆସାମର ଆୟୁଷୀ ବୈଦ, ପଞ୍ଚମରେ ଉତ୍ତର ପ୍ରଦେଶର ସାନଭି ସିଂହ, ୬ଷ୍ଠରେ ମହାରାଷ୍ଟ୍ରର ଅଭିରାଜ ରମାକାନ୍ତ ଯାଦବ, ୭ମ ସ୍ଥାନରେ ଉତ୍ତରାଖଣ୍ଡର ଚୈତନ୍ୟ ରମେଶ ବୋଛଡେ, ୮ମ ର୍‍ୟାଙ୍କ୍‌ରେ ଉତ୍ତରପ୍ରଦେଶର ବିକି କୁମାର ସିଂହ ଓ ୯ମ ର୍‍ୟାଙ୍କ୍‌ରେ ହିମାଚଳ ପ୍ରଦେଶ ସୋହନ ହାଜରା ଏବଂ ୧୦ତମ ର୍‍ୟାଙ୍କ୍‌ରେ ବିହାରର ସାହିଲ ରହିଛନ୍ତି। https://ugresults.vit.ac.in/viteeeରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ୧ଲକ୍ଷ ମଧ୍ୟରେ ର୍‍ୟାଙ୍କ ହାସଲ କରିଥିବା ପରୀକ୍ଷାର୍ଥୀଙ୍କ ପାଇଁ ୪ଟି ପର୍ଯ୍ୟାୟରେ କାଉନ୍‌ସେଲିଂ ଅନୁଷ୍ଠିତ ହେବ। ୧ରୁ ୨୦,୦୦୦ ର୍‍ୟାଙ୍କ ମଧ୍ୟରେ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ମେ ୭ରୁ ୧୦ ତାରିଖ ଯାଏ, ୨୦୦୦୧ରୁ ୪୫୦୦୦ ମଧ୍ୟରେ ର୍‍ୟାଙ୍କ ପାଇଥିବା ପରୀକ୍ଷାର୍ଥୀଙ୍କ ପାଇଁ ମେ ୧୮ରୁ ୨୧ ତାରିଖ ଯାଏ, ୪୫୦୦୧ରୁ ୭୦୦୦୦ ମଧ୍ୟରେ ର୍‍ୟାଙ୍କ ପାଇଥିବା ପରୀକ୍ଷାର୍ଥୀ ମେ ୨୯ରୁ ଜୁନ୍ ୧ ଏବଂ ୭୦୦୦୧ରୁ ୧୦୦୦୦୦ ମଧ୍ୟରେ ର୍‍ୟାଙ୍କ ପାଇଥିବା ପରୀକ୍ଷାର୍ଥୀଙ୍କ ପାଇଁ ଜୁନ୍ ୯ରୁ ୧୨ ପର୍ଯ୍ୟନ୍ତ କାଉନସେଲିଂ ଅନୁଷ୍ଠିତ ହେବ। ତେବେ ୧ଲକ୍ଷରୁ ଅଧିକ ର୍‍ୟାଙ୍କଧାରୀଙ୍କ ପାଇଁ ପଞ୍ଚମ ପର୍ଯ୍ୟାୟ କାଉନ୍‌ସେଲିଂ ଜୁନ୍ ୨୦ରୁ ୨୩ ମଧ୍ୟରେ କରାଯିବ। କେବଳ ଭିଆଇଟି ଆନ୍ଧ୍ରପ୍ରଦେଶ ଏବଂ ଭିଆଇଟି ଭୋପାଳରେ ନାମ ଲେଖାପାଇଁ ଏହି କାଉନ୍‌ସେଲିଂ ହେବ। ପରୀକ୍ଷାରେ ର୍‍ୟାଙ୍କ-୧ରୁ ୧୦ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଶତପ୍ରତିଶତ ଟ୍ୟୁଶନ ଫି' ଛାଡ଼ କରାଯିବ। ସେହିପରି ର୍‍ୟାଙ୍କ-୧୧ରୁ ୫୦ ହାସଲ କରିଥିବା ବିଦ୍ୟାର୍ଥୀଙ୍କ ପାଇଁ ୭୬ ପ୍ରତିଶତ, ୫୧ରୁ ୧୦୦ ର୍‍ୟାଙ୍କଧାରୀଙ୍କୁ ୫୦ ପ୍ରତିଶତ ଏବଂ ୧୦୧ରୁ ୫୦୦ ର୍‍ୟାଙ୍କଧାରୀଙ୍କୁ ୨୫ ପ୍ରତିଶତ ଫି' ଛାଡ଼ କରାଯିବ। ଏହାସହ ଅନ୍ୟାନ୍ୟ ମେଧାବୃତ୍ତି ଓ ସୁବିଧା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ଏପ୍ରିଲ ୧୯ରୁ ୩୦ ପର୍ଯ୍ୟନ୍ତ ଦେଶର ୧୨୫ଟି ସହର ସମେତ ବିଦେଶରେ ୬ଟି ସ୍ଥାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ରାଜଧାନୀରୁ ନକଲି ଏନ୍‌ସିଇଆର୍‌ଟି ବହି ଜବତ

ଭୁବନେଶ୍ୱର,୪।୫(ସୂର୍ଯ୍ୟକାନ୍ତ ବେହେରା)

### ଏକାଧିକ ବୁକ୍ ଷ୍ଟୋରରେ ମିଳିତ ଚଢ଼ାଉ

ରାଜଧାନୀ ଭୁବନେଶ୍ୱରରେ ନକଲି ଏନ୍‌ସିଇଆରଟି ବହି ବିକ୍ରି କରୁଥିବା ବୁକ୍ ଷ୍ଟୋର ଠାବ ହୋଇଛି। ଏନ୍‌ସିଇଆର୍‌ଟିର ୨ଜଣିଆ ଟିମ୍ ଭୁବନେଶ୍ୱର ପୋଲିସ ସହାୟତାରେ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୦୦ରୁ ଅଧିକ ନକଲି ବହି, ଗୋଟିଏ ଅଟୋରିକ୍ସା ଜବତ କରିଛି। ଏଥିସହ ୪ଜଣଙ୍କୁ ଅଟକ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ଜବତ ବହିଗୁଡ଼ିକର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଜବତ ବହିରେ ୱାଟର ମାର୍କ ନ ଥିବା ସହ ପେପର କ୍ୱାଲିଟି ଖରାପ ଥିବା ମଧ୍ୟ ଜଣାପଡ଼ିଛି। ତେବେ ଏହି ବହି କେଉଁଠି ଛପା ଯାଉଥିଲା ତାହା ଏଯାବତ୍ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ସୂଚନାନୁସାରେ ଓଡ଼ିଶା ବଜାରରେ ଏନ୍‌ସିଇଆର୍‌ଟି ବହି କମ୍ ବିକ୍ରି ହେଉଥିଲା। ଏହାର କାରଣ ଜାଣିବା ପାଇଁ କୋଲ୍‌କାତାରୁ ଏନ୍‌ସିଇଆର୍‌ଟିର ଏକ ଟିମ୍ ଭୁବନେଶ୍ୱର ଆସି ବିଭିନ୍ନ ବୁକ୍ ଷ୍ଟୋରରେ ଗ୍ରାହକ ହିସାବରେ ପଚାରି ବୁଝିବା ସହ ବହି ଦେଖିଥିଲେ। ହେଲେ ବହିରେ ୱାର୍ଟର ମାର୍କ ନ ଥିବା ସହ ପେପର କ୍ୱାଲଟି କମ୍ ଥିବା ଜାଣିବାକୁ ପାଇଥିଲେ। ଏହାପରେ ଏନ୍‌ସିଇଆର୍‌ଟି ଟିମ୍‌ର ଅଧିକାରୀ କମିଶନରେଟ ପୋଲିସକୁ ଖବର ଦେଇଥିଲେ। ଘଟଣାକୁ ଗୁରୁତର ସହ ନେଇ ଡିସିପି ପ୍ରତୀକ ସିଂ ଓ ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର, କେତେଜଣ ପୋଲିସ ଅଧିକାରୀ ଏବଂ ଏନ୍‌ସିଇଆର୍‌ଟି ମିଳିତ ଭାବେ ଖାରବେଳନଗର ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନଠାରେ ଥିବା ବିଦ୍ୟାର୍ଥୀ ବୁକ୍ ଷ୍ଟୋରରେ ପ୍ରଥମେ ଚଢ଼ାଉ କରିଥିଲେ। ସେଠାରେ ଯାଞ୍ଚବେଳେ ସ୍ୱଳ୍ପ ପରିମାଣ ନକଲି ବହି ଜବତ ହୋଇଥିଲା। ତେବେ ଉକ୍ତ ବହି ଦୋକାନରେ ନିଯୁକ୍ତ ଥିବା କର୍ମଚାରୀଙ୍କୁ ପଚରାଉଚରା କରିବାରୁ ଏହି ବହିଗୁଡ଼ିକ ସେମାନେ ୟୁନିଟ-୯ ଠାରେ ଥିବା ମା' ମଙ୍ଗଳା ବୁକ ଷ୍ଟୋରରୁ ଆଣିଥିବା ଦର୍ଶାଇଥିଲେ। ଉକ୍ତ ତଥ୍ୟ ଆଧାରରେ ପୋଲିସ ଟିମ୍ ମା' ମଙ୍ଗଳା ବୁକ୍ ଷ୍ଟୋରରେ ଚଢ଼ାଉ କରିଥିଲେ। ସେଠାରୁ ଯାଞ୍ଚବେଳେ ୩୦୦ ନକଲି ବହି, ଗୋଟିଏ ଅଟୋରିକ୍ସା ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ରବି ଟକିଜ୍ ଛକ ଶୁଭମ ବୁକ୍ ଷ୍ଟୋରରେ ନକଲି ବହି ଥିବା ଟିମ୍ ଜାଣିବାକୁ ପାଇ ଚଢ଼ାଉ କରି ବିପୁଳ ପରିମାଣର ଏନ୍‌ସିଇଆର୍‌ଟି ପରିଚାଳିତ ନକଲି ବହିଗୁଡ଼ିକୁ ଜବତ କରାଯିବା ସହ ଆଉ ୨ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ ଚଳାଇଛି।

## ଏପଟେ ଧମକ, ...

ପ୍ରଥମ ପୃଷ୍ଠାରୁ...

ଆତଙ୍କବାଦୀମାନେ ଭାରତରେ ପଶି ରାଜୌରି ଜିଲାର ଚାମ୍‌ରେର ଆକ୍ରମଣ କରିଥିଲେ। ସେତେବେଳେ ସେନା ପକ୍ଷରୁ ଏହାକୁ ଏକ ମାମୁଲି ଆକ୍ରମଣ ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଯବାନଙ୍କ ମୃତ୍ୟୁସଂଖ୍ୟା ବଢ଼ି ୮ରେ ପହଞ୍ଚିଥିଲା। ସେହିପରି ୨୦୨୩ ଡିସେମ୍ବରରେ ରାଜୌରିର ବାଜିମାଲ ଜଙ୍ଗଲରେ ଆତଙ୍କବାଦୀଙ୍କ ଗୁଳିରେ ୨ କ୍ୟାପ୍ଟେନଙ୍କ ସମେତ ୫ ଯବାନ ଶହୀଦ ହୋଇଥିଲେ। ଗତ ଏପ୍ରିଲ ୨୨ ଓ ୨୮ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବା (ଏଲ୍ଇଟି) ଆତଙ୍କବାଦୀମାନେ ରାଜୌରି ଓ ଉଧମପୁରରେ ୨ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେମାନଙ୍କୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୋଲିସ ଘୋଷଣା କରିଛି। ପାକିସ୍ତାନୀ ଆତଙ୍କବାଦୀମାନଙ୍କୁ ସୁରକ୍ଷା ବଳ ଏଯାଏ ଧରିପାରି ନ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ରାଜନୈତିକ ବୟାନ ସେମାନଙ୍କୁ ପୁନଃ ଆକ୍ରମଣ ପାଇଁ ଉସୁକାଇଥାଇପାରେ।

# ଝାଞ୍ଜି ପବନରେ କଲବଲ ଲୋକେ



ଶୂନଶାନ ହୋଇପଡିଥିବା ରାସ୍ତା।

**ନୂଆପଡ଼ା,୪।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି। ଜିଲାରେ ଦିନ ତାପମାତ୍ରା ୪୦ରୁ ୪୪ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ତା' ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍‌କାଟ ଯୋଗୁ ଲୋକେ ଝାଞ୍ଜି ପବନରେ କଲବଲ ହେଉଛନ୍ତି। ଗ୍ରାମାଞ୍ଚଳରେ ଅଧିକ ସମୟ ବିଦ୍ୟୁତ୍ କାଟ ହେଉଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରାର ପ୍ରକୋପ ବୃଦ୍ଧି ପାଉଥିବାରୁ ସକାଳ ୧୦ଟାରୁ ରାସ୍ତା ଶୂନ୍‌ଶାନ୍ ହୋଇପଡୁଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ବନ୍ଧ, ମୁଡା, ଚହଲା, କୂଅ ଆଦି ଜଳାଶୟର ପାଣି ଶୁଖିବାକୁ ବସିଲାଣି। ନଳକୂଅରେ ଜଳସ୍ତର କମିଯାଉଥିବାରୁ ବହୁ କଷ୍ଟରେ ପାଣି ବାହାରୁଛି। ପାଣି ପାଇଁ ସାଧାରଣ ଜନତାଠାରୁ ଆରମ୍ଭ କରି ଗୃହପାଳିତ ପ୍ରାଣୀ ଡହଳବିକଳ ହେଉଛନ୍ତି। ଏପରି ସମୟରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ଜଳଛତ୍ର ଖୋଲାଯାଇ ନାହିଁ। ଯେଉଁ ସ୍ଥାନରେ ଜଳଛତ୍ର ଅଛି ନିୟମିତ ପାଣି ଦିଆଯାଉ ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସେମାନେ କହନ୍ତି...



" ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଘରୁ ବାହାରିବା କଷ୍ଟକର। ଏଥିପାଇଁ ବେପାର ମାନ୍ଦା ପଡିଛି। ଦିନକର ମଜୁରି ମଧ୍ୟ ହୋଇପାରୁ ନ ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡିଛି।

**ଅକ୍ଷୟ କୁମାର ବେହେରା, ଆଖୁରସ ବେପାରୀ, ନୂଆପଡ଼ା।**



" ଗ୍ରାମାଞ୍ଚଳରେ ବିଭିନ୍ନ ଜଳାଶୟ ଶୁଖିବାକୁ ବସିଲାଣି। ଫଳରେ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ସରକାର କରିଥିବା ବସୁଧା ଯୋଜନା ନାମକୁ ମାତ୍ର। ପାଇପ୍ ବିଛାଇ ଘର ପାଖେ ସିମେଣ୍ଟ ଖୁଣ୍ଟ ପୋତିଦେଇଛନ୍ତି। ପାଇପ୍ ପାଣି ମଧ୍ୟ ଆସୁ ନାହିଁ।

**ଶୋଭାଚନ ଶଗରିଆ, ୱାର୍ଡ ସଭ୍ୟ, ବେଲଗାଁ।**



" ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ସାଧାରଣ ଜନତାଙ୍କୁ ଅସ୍ତବ୍ୟସ୍ତ କରିଦେଲାଣି। ଦିନରେ ଅଧିକାଂଶ ଲୋକ ଗଛମୂଳେ ବିତାଉଛନ୍ତି। ରାତ୍ରିରେ ଶୋଇଥିବା ସମୟରେ ବିଦ୍ୟୁତ କାଟ ଯୋଗୁ ଗରମରେ ଛଟପଟ ହେବାକୁ ପଡୁଛି। ଏଥିରେ ସୁଧାର ନ ହେଲେ ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ।

**ପ୍ରସନ୍ନ କୁମାର ପାଢୀ, ପୂର୍ବତନ ଜିଲା ଓକିଲ ସଂଘ ସଭାପତି।**



" ଦିନମଜୁରିଆ ବର୍ଗର ଲୋକ ଖରାତାତିରେ କାମଧନ୍ଦା କରିବାକୁ ଯାଇପାରୁ ନ ଥିବାରୁ ତେଲଲୁଣର ସଂସାର ଚଳାଇବା କଷ୍ଟକର ହୋଇପଡୁଛି। ସାମାନ୍ୟ ବର୍ଷା ହେଲେ ଲୋକେ ଆଶ୍ୱସ୍ତି ହେବା ସହ କାମଧନ୍ଦା କରି ଦୁଇପଇସା ରୋଜଗାର କରିପାରନ୍ତେ।

**ବ୍ରହ୍ମାନନ୍ଦ ସୁନାନୀ, ତରବୋଡ।**

# କଳାହାଣ୍ଡିରେ ଆରମ୍ଭ ହେଲା ହୋମ୍ ଭୋଟିଂ



ଜୁନାଗଡ଼ ବିଧାନସଭା କ୍ଷେତ୍ରର ନୂଆଗୁଡା ଗ୍ରାମରେ ହୋମ ଭୋଟିଂ ଚାଲିଛି।

**ଭବାନୀପାଟଣା,୪।୫ (ଉତ୍ତମ କୁମାର ଦାଶ)**

### ଘରେ ରହି ଭୋଟ ଦେଉଛନ୍ତି ବୟସ୍କ, ଦିବ୍ୟାଙ୍ଗ ଓ ଅସୁସ୍ଥ ଭୋଟର

ଚଳିତ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନୂଆ ବ୍ୟବସ୍ଥା କରାଯାଇଛି। ଘରେ ରହି ବୟସ୍କ, ଦିବ୍ୟାଙ୍ଗ ଓ ଅସୁସ୍ଥ ଭୋଟର ଭୋଟ ଦେବେ। ୮୫ବର୍ଷରୁ ଅଧିକ ବୟସ୍କ, ୪୦ ଶତକଡ଼ା ଅଧିକ ଶାରୀରିକ ଅକ୍ଷମ ଦିବ୍ୟାଙ୍ଗ ଓ ଅସୁସ୍ଥ ହୋଇ ଘରେ ରହିଥିଲେ ସେମାନଙ୍କ ପାଇଁ ହୋମ ଭୋଟିଂ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଶୁକ୍ରବାରଠାରୁ କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ହୋମ ଭୋଟିଂ ଆରମ୍ଭ ହୋଇଛି। ଜିଲାର ଭବାନୀପାଟଣା, ଜୁନାଗଡ଼ ସମେତ ବିଭିନ୍ନ ନିର୍ବଚନ ମଣ୍ଡଳୀରେ ରହୁଥିବା ପୂର୍ବ ପଞ୍ଜୀକୃତ ବୟସ୍କ, ଦିବ୍ୟାଙ୍ଗ ଓ ଅସୁସ୍ଥ ଭୋଟରଙ୍କ ଘରକୁ ଯାଇ ଅଧିକାରୀମାନେ ହୋମ ଭୋଟିଂ କରିଛନ୍ତି। ନିର୍ବାଚନ ବିଭାଗର ସୂଚନା ଅନୁଯାୟୀ ଜିଲାର ୫ ବିଧାନସଭା କ୍ଷେତ୍ରରେ ୮୫ବର୍ଷରୁ ଅଧିକ ବୟସ୍କ ମୋଟ ୨୪୮୬୯ ଭୋଟର ରହିଥିବା ବେଳେ ୨୭୧ଶତାୟୁ ଓ ୧୭୩୧୬ ଜଣ ଦିବ୍ୟାଙ୍ଗ/ଭିନ୍ନକ୍ଷମ ଭୋଟର ରହିଛନ୍ତି।

# ଭିନ୍ନକ୍ଷମ, ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ମତଦାନ ବ୍ୟବସ୍ଥା

**କର୍ଲାମୁଣ୍ଡା,୪।୫(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀର ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତି ବିଶେଷଙ୍କ ପାଇଁ ପ୍ରଶାସନ ପକ୍ଷରୁ ଘରକୁ ଘର ଯାଇ ମତଦାନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର କେସିଙ୍ଗା, ମ.ରାମପୁର, ନର୍ଲା ଓ କର୍ଲାମୁଣ୍ଡା ବ୍ଲକର ମୋଟ ୩୭୧ ଜଣ ମତଦାତାଙ୍କ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପତ୍ର ସଂଖ୍ୟା ୧୬୪୩ ଅନୁସାରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ମତଦାନ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ କର୍ଲାମୁଣ୍ଡା ବ୍ଲକରେ ବିଡିଓ ମଣ୍ଟୁ ଖମାରୀଙ୍କ ନେତୃତ୍ୱରେ ବ୍ଲକର ୧୩୬ଜଣ ମତଦାତାଙ୍କ ପାଇଁ ମତଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଶନିବାର ସୁଦ୍ଧା ଏହି ବ୍ଲକର ୭୩ଜଣ ମତଦାତା ମତଦାନ କରିଥିବା କର୍ଲାମୁଣ୍ଡା ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି।



ଗ୍ରାମରେ ପହଞ୍ଚିଥିବା ପୋଲିଂ ଅଧିକାରୀ।

## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଖପ୍ରାଖୋଲ,୪।୫(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ଆମବାହାଲି ଗାଁର ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ପରକ୍ଷୀତ ମାଝୀ ( ୧୭) । ଖବର ପାଇ ଲାଠୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଲାଠୋର ଥାନାରେ ନଂ ୩/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଆତ୍ମହତ୍ୟାର କାରଣ ଜଣା ପଡିନାହିଁ ।

### ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଲ,୪।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ରାମନାଥ ଉଚ୍ଚ ବିଦ୍ୟାପୀଠ ଚଳାନପଡାର ସଂସ୍କୃତ ଶିକ୍ଷକ ହୀରାଲାଲ ରଣା ଓ ଇଂରାଜୀ ଶିକ୍ଷକ ଫକୀର ମୋହନ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଦୁଃଖ ଭଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀରାମ ସମରେନ୍ଦ୍ର ସିଂ ବାରିକ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ଠାକୁର ଅଧକ୍ଷତା କରିଥିଲେ। ସହକାରୀ ଶିକ୍ଷକ ଗୋପାଳ ନାରାୟଣ ଯୋଶୀ, ଦିନନାଥ ସାହୁ, ବରିଷ୍ଠ କିରାଣି କମଳାକାନ୍ତ ଚଳାନଙ୍କ ସମେତ ଶତାଧିକ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ସହକାରୀ ଶିକ୍ଷକ ସନତ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟସ୍ତରୀୟ ଫୁଟ୍‌ବଲ ଖେଳାଳିଙ୍କ ବିୟୋଗ



ମୁକୁନ୍ଦ ଭୋଇ।

**ରିଷିଡ଼ା,୪।୫ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ଗ୍ରାମର ଜାତୀୟସ୍ତରୀୟ ଫୁଟ୍‌ବଲ ଖେଳାଳ ମୁକୁନ୍ଦ ଭୋଇଙ୍କ ଶୁକ୍ରବାର ରାତିରେ ନିଜ ବାସଭବନରେ ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥତା ଯୋଗୁ ଶଯ୍ୟାଶାୟୀ ଥିଲେ। ଓଡ଼ିଶା ପୋଲିସରେ ମଧ୍ୟ ସେ କାର୍ଯ୍ୟରତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟଙ୍କ ସମେତ ବନ୍ଧୁପରିଜନ ଉପସ୍ଥିତ ଥିଲେ। ବଡ଼ପୁଅ ଭବେଶ କୁମାର ଭୋଇ ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।



ହେଲୋ ପଏଣ୍ଟ ଜଙ୍ଗଲରେ ନିଆଁ ଲାଗିଛି।

# ନିଆଁ ଲାଗି ଜଙ୍ଗଲ ଧ୍ୱଂସ

**ଥୁଆମୂଳ ରାମପୁର, ୪।୫(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଏହାଦ୍ୱାରା ମୂଲ୍ୟବାନ୍ ଗଛଲତା ପୋଡ଼ି ନଷ୍ଟହେବା ସହ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହା ଜାଣି ସୁଦ୍ଧା ବନ ବିଭାଗ ଚୁପ୍ ରହିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷକରି ଏହି ବ୍ଲକ ଅନ୍ତର୍ଗତ ଦକ୍ଷିଣ ବନଖଣ୍ଡର ସିଙ୍ଗାରି ଜଙ୍ଗଲ, କୋଷାବରା ଟାଙ୍ଗେନ ଡଙ୍ଗର, ହେଲୋ ପଏଣ୍ଟ ଜଙ୍ଗଲ, କଲେଜପଡ଼ା ପାଖ ଜଙ୍ଗଲରେ ନିଆଁ ଲାଗି କ୍ରମଶଃ ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ଜଙ୍ଗଲ ନିଆଁ ତାତିକୁ ଦ୍ୱିଗୁଣିତ କରିଛି। ଏହାଦ୍ୱାରା ନିକଟ ଅଞ୍ଚଳବାସୀ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ବହୁ ଅର୍ଥ ମଧ୍ୟ ବ୍ୟୟ ହେଉଛି। ହେଲେ ଏଠାରେ ତାହାର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ। ଏ ନେଇ ସ୍ଥାନୀୟ ଫରେଷ୍ଟର ଜୟଦେବ ମାଝିଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସୀମାନ୍ତରେ ଯାଞ୍ଚ: ୨ ଲକ୍ଷ ଟଙ୍କା ଜବତ

**ଖଡ଼ିଆଲ,୪।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସୀମାନ୍ତ ଅମଲାପାଲି ଛକରେ ଖଡ଼ିଆଳ ପୋଲିସ ଯାଞ୍ଚ କରି ୨ ଲକ୍ଷ ୨୬ ହଜାର ୫ଶହ ଟଙ୍କା ଜବତ କରିଛି। ବଲାଙ୍ଗିର ଜିଲା ଲାଠୋର ଗାଁର ଅଖିଳ ଅଗ୍ରୱାଲ କାର୍‌ରେ ବଙ୍ଗୋମୁଣ୍ଡାରୁ ଖଡ଼ିଆଳ ଆସୁଥିଲେ। ଅମଲାପାଲି ଛକରେ ପୋଲିସ ଯାଞ୍ଚ କରି ତାଙ୍କଠାରୁ ୯୫ ହଜାର ୫୦୦ ଟଙ୍କା ଜବତ କରିଥିଲା। ସେହିପରି ପ୍ରିୟବ୍ରତ ଭୋଇ ବାଇକ୍‌ରେ ବଙ୍ଗୋମୁଣ୍ଡାରୁ ଖଡ଼ିଆଳ ସହରକୁ ଆସୁଥିବା ବେଳେ ପୋଲିସ ଯାଞ୍ଚ କରି ତାଙ୍କଠାରୁ ୧ ଲକ୍ଷ ୩୧ ହଜାର ଟଙ୍କା ଜବତ କରିଥିଲା। ଟଙ୍କା ଜବତ ସହ ସେମାନଙ୍କୁ ଅଟକ ରଖାଯାଇଥିବା ଖଡ଼ିଆଳ ଥାନା ଅଧକାରୀ ପ୍ରଦୀପ ଧରୁଆ ସୂଚନା ଦେଇଛନ୍ତି।

# ପ୍ରଗତି ବାର୍ତ୍ତା ଓ ସଂକଳ୍ପ ପତ୍ର ଉନ୍ମୋଚିତ

**ଲୋଇସିଂହା,୩।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରେସନ ଭବନରେ ଲୋଇସିଂହା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ମୁକେଶ ମହାଲିଙ୍ଗ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରଗତି ବାର୍ତ୍ତା ଓ ସଂକଳ୍ପପତ୍ର ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ମହାଲିଙ୍ଗଙ୍କ ସମେତ ମଣ୍ଡଳ ସଭାପତି ସରୋଜ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଲେକୁତ୍ରିପାଠୀ ଓ ସୁଲତା ପୁରୋହିତ ଉପସ୍ଥିତ ଥିଲେ। ସମ୍ମିଳନୀରେ ବିଧାୟକ କାର୍ଯ୍ୟକାଳ ମଧ୍ୟରେ ଲୋଇସିଂହା ନିର୍ବାଚନମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକରେ ହୋଇଥିବା ବିକାଶ କାମର ରିପୋର୍ଟ କାର୍ଡ ଉପସ୍ଥାପନା କରିଥିଲେ। ତାଙ୍କର ୫ ବର୍ଷ କାର୍ଯ୍ୟକାଳ ମଧ୍ୟରୁ ୨ ବର୍ଷ କରୋନା ସମୟରେ ବିତିଯାଇଥିଲା। ବାକି ୩ ବର୍ଷରେ ନିର୍ବାଚନମଣ୍ଡଳୀରେ ଅନେକ ଉନ୍ନୟନ କାମ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ, ଭିତ୍ତିଭୂମି ବିକାଶ ଆଦି ଉପରେ ଗୁରୁତ୍ୱାରୋପ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁନରୁଦ୍ଧାର କାମ ଚାଲିଛି । ଏହାବ୍ୟତୀତ ଲୋଇସିଂହା, ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜାମଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୫-ଟିରେ ରୁପାନ୍ତରଣ କରାଯାଇଛି। ୨୫୦ କିମି ରାସ୍ତାର ଉନ୍ନତୀକରଣ କରାଯାଇଛି। ରାସ୍ତା ସଂଯୋଗୀକରଣ ଲାଗି ଅନେକ ପୋଲ ନିର୍ମାଣ ହୋଇଛି। ତେବେ ଲୋୟର ସୁକତେଲ ପ୍ରକଳ୍ପରୁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକର ବୃହତ ଅଞ୍ଚଳ ଜଳସେଚନରୁ ବାଦ୍ ପଡିଯାଇଛି। ସେହି ଅଞ୍ଚଳ କ୍ଷେତକୁ ଜଳସେଚନ ପାଇଁ ଡିପିଆରରେ ସଂଶୋଧନ ଲାଗି ରାଜ୍ୟ ସରକାରକୁ ଚାପ ପକାଇବେ ବୋଲି ସେ କହିଥିଲେ । ଏହି ସମ୍ମିଳନୀରେ ଆଗାମୀ ୫ ବର୍ଷ ପାଇଁ ରଖିଥିବା ୧୦ଟି ଏଜେଣ୍ଡା ଉପସ୍ଥାପନା କରିଥିଲେ ।

# ଭୋଟ ବର୍ଜନ ନିଷ୍ପତ୍ତିରେ ଅଟଳ ସିର୍ଲିଗୁଡ଼ା ଗ୍ରାମବାସୀ

**କୋକସରା,୪।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତିରେ ଅଟଳ ଅଛନ୍ତି। ସୂଚନା ମତେ ବିଗତ କିଛିବର୍ଷରୁ ଗ୍ରାମବାସୀ ନିଜ ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଛନ୍ତି। ପୂର୍ବରୁ ସେମାନେ ଗ୍ରାମଠାରୁ ୮କି.ମି. ଦୂରରେ ଥିବା ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟ କେନ୍ଦ୍ରକୁ ମତଦାନ ପାଇଁ ଯାଉଥିଲେ। ଦାବି ପରେ ଜିଲା ପ୍ରଶାସନ ପକ୍ଷରୁ ନିକଟସ୍ଥ ଅଁଳାଗୁଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ନିର୍ବାଚନରେ ମତଦାନ କେନ୍ଦ୍ର କରାଯାଇଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଗତ ମାସରେ ଏକ ବୈଠକ କରି ଗାଁର ଆରାଧ୍ୟ ଦେବୀ ମା' ଲଙ୍କେଶ୍ୱରୀ ଓ ଶିବ ମନ୍ଦିରରେ ଶପଥ କରି ଯେଉଁଦିନ ପର୍ଯ୍ୟନ୍ତ ଗାଁରେ ମତଦାନ କେନ୍ଦ୍ର ହେବନାହିଁ କେହି ଜଣେ ମଧ୍ୟ ମତଦାନ କରିବାକୁ ଅନ୍ୟ କେନ୍ଦ୍ରକୁ ଯିବେନାହିଁ ବୋଲି ଚରମ ନିଷ୍ପତ୍ତି ନେଇଛନ୍ତି। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ପରେ କିଛିଦିନ ତଳେ ଧର୍ମଗଡ ଉପ ଜିଲାପାଳ ଧର୍ମାନ ଚକମାଙ୍କ ନେତୃତ୍ୱରେ ବିଡ଼ିଓ, ତହସିଲଦାର, ପୋଲିସ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୂଆପଡ଼ା,୪।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ଜୁନାପଡା ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ସାଲିକରାମ ମାଝିଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷକ ମାଝି ୧୯୮୨ରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବେଦେଖୋଲା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବରେ ଯୋଗଦେଇ ୨୦୨୪ ଏପ୍ରିଲ ୩୦ରେ ଜୁନାପଡା ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଛନ୍ତି। ସଭାରେ ସିଆର୍‌ସିସି ହିରାଲାଲ ପଟେଲ, ବିଦ୍ୟାଳୟ ପରିଚାଳା କମିଟି ସଭାପତି ବାଲୁନ୍ଦ୍ର ମାଝି, ଲୁକୁପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବ୍ରତ ଦାସ, ଗୋବ୍ରା ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ମନୋରଞ୍ଜନ ଶତପଥୀ, ରବି ନାରାୟଣ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷକ ମାଝିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦିନେଶ କୁମାର ପଟେଲ ସଭା ପରିଚାଳନା କରିଥିବା ବେଳେ ଅଶୋକ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।



ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ରାସ୍ତା, ବିଜୁଳି ନାହିଁ ତ ଭୋଟ ନାହିଁ

**ଭବାନୀପାଟଣା,୪।୫(ଉତ୍ତମ କୁମାର ଦାଶ)**



ଉଡ଼ରୁଙ୍ଗ ଓ କଟିଙ୍ଗକୋନା ଗ୍ରାମବାସୀ।

### ନିଷ୍ପତ୍ତି ନେଲେ ଉଡ଼ରୁଙ୍ଗ ଓ କଟିଙ୍ଗକୋନା ଗ୍ରାମବାସୀ

ନିର୍ବାଚନ ଯେତିକି ପାଖେଇ ଆସୁଛି ଭୋଟରଙ୍କ ବିଚାରଧାରା ମଧ୍ୟ ପରିବର୍ତ୍ତନ ହେଉଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଶଗଡା ପଞ୍ଚାୟତ ୬ନମ୍ବର ୱାର୍ଡ ଅନ୍ତର୍ଗତ ଉଡ଼ରୁଙ୍ଗ ଓ କଟିଙ୍ଗକୋନା ଗ୍ରାମବାସୀଙ୍କ କ୍ଷେତ୍ରରେ। ରାସ୍ତା ଓ ବିଜୁଳି ସମସ୍ୟା ରହିଥିବାରୁ ଚଳିତ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏହି ଦୁଇ ଗ୍ରାମ ସମ୍ପୂର୍ଣ୍ଣ ଆଦିବାସୀ ଅଧୁଷିତ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ଉଡ଼ରୁଙ୍ଗ ଗ୍ରାମର ଲୋକସଂଖ୍ୟା ପ୍ରାୟ ୨୦୦ ଶହ ଥିବାବେଳେ କଟିଙ୍ଗକୋନା ଗ୍ରାମରେ ୧୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଏଠାରେ ମୌଳିକ ସୁବିଧା ପହଞ୍ଚିପାରିନାହିଁ। କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଦୁଇ ଗ୍ରାମ ପାଇଁ ରାସ୍ତାଘାଟ, ବିଜୁଳି, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ବ୍ୟବସ୍ଥା ସାତଶପନ ହୋଇ ରହିଛି। ବର୍ଷା ଦିନ ଆସିଲେ ଏହି ଦୁଇ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡେ। ନିର୍ବାଚନ ଆସିଲେ ଅନେକ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ଆଗମନ ସମୟରେ ଦୁଇ ଗ୍ରାମବାସୀ ମୌଳିକ ସମସ୍ୟା ନେଇ ସେମାନଙ୍କୁ ଗୁହାରି କରିଥାନ୍ତି। ସେ ସମୟରେ ଅତି ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ସେମାଙ୍କରଠାରୁ ପ୍ରତିଶ୍ରୁତି ମଧ୍ୟ ମିଳେ। ହେଲେ ନିର୍ବାଚନ ସରିଗଲେ କାହାର ଦେଖା ମିଳି ନ ଥାଏ। ଏହି ଗ୍ରାମବାସୀଙ୍କ ମୌଳିକ ସମସ୍ୟା ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀ ଧୈର୍ଯ୍ୟଚ୍ୟୁତ ହୋଇ କାହା ଉପରେ ଭରସା କରିପାରୁନାହାନ୍ତି। ଏଣୁ ଗ୍ରାମବାସୀ କ୍ଷୋଭପ୍ରକାଶ କରି ରାସ୍ତା, ବିଦ୍ୟୁତ୍ ଭଳି ସମସ୍ୟା ସମାଧାନ ନାହିଁ ତ ଭୋଟ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି।




# ମୁମ୍ବାଇ ସିଟି ଏଫ୍‌ସି ଚାମ୍ପିୟନ

## ଇଣ୍ଡିଆନ୍ ସୁପର ଲିଗ୍

### ଡିଆମାଣ୍ଟାକୋସ ହାଇଏଷ୍ଟ ସ୍କୋରର
### ପୂର୍ବା ଲାଚେମ୍ପାଙ୍କ ସର୍ବାଧିକ କ୍ଲିନ୍‌ଶିଟ୍

**ସର୍ବାଧିକ ଗୋଲ୍**

| ଖେଳାଳି | ଦଳ | ମ୍ୟାଚ୍ | ଗୋଲ୍ |
|---|---|---|---|
| ଦିମିତ୍ରୋସ ଡିଆମାଣ୍ଟାକୋସ | କେରଳ ବ୍ଲାଷ୍ଟର୍ସ | ୧୭ | ୧୩ |
| ରୟ କ୍ରିଷ୍ଣା | ଓଡ଼ିଶା ଏଫ୍‌ସି | ୨୫ | ୧୩ |
| ଜାସନ୍ କମିଙ୍ଗ୍ସ | ମୋହନ ବାଗାନ | ୨୨ | ୧୧ |
| ଡିଏଗୋ ମରିସିଓ | ଓଡ଼ିଶା ଏଫ୍‌ସି | ୨୩ | ୧୧ |
| ନୋଆ ସାଦୋଇ | ଏଫ୍‌ସି ଗୋଆ | ୨୩ | ୧୧ |

**ସର୍ବାଧିକ ଆସିଷ୍ଟ**

| ଖେଳାଳି | ଦଳ | ମ୍ୟାଚ୍ | ଆସିଷ୍ଟ |
|---|---|---|---|
| ମାଦିହ ତଲାଲ | ପଞ୍ଜାବ ଏଫ୍‌ସି | ୨୨ | ୧୦ |
| ରାଫେଲ କ୍ରିଭେରାଲୋ | ଚେନ୍ନାଇନ୍ ଏଫ୍‌ସି | ୨୨ | ୭ |
| ମନବୀର ସିଂ | ମୋହନ ବାଗାନ | ୨୨ | ୭ |
| ଦିମିତ୍ରୋସ ପେଟ୍ରାଟୋସ | ମୋହନ ବାଗାନ | ୨୨ | ୭ |
| ଲାଲିଆଞ୍ଜୁଲା ଛାଙ୍ଗଟେ | ମୁମ୍ବାଇ ସିଟି ଏଫ୍‌ସି | ୨୪ | ୬ |

**ସର୍ବାଧିକ କ୍ଲିନ୍‌ଶିଟ୍**

| ଖେଳାଳି | ଦଳ | ମ୍ୟାଚ୍ | କ୍ଲିନ୍‌ଶିଟ୍ |
|---|---|---|---|
| ପୂର୍ବା ଲାଚେମ୍ପା | ମୁମ୍ବାଇ ସିଟି ଏଫ୍‌ସି | ୨୧ | ୯ |
| ବିଶାଲ କେଥ୍ | ମୋହନ ବାଗାନ | ୨୪ | ୯ |
| ଅମରିନ୍ଦର ସିଂ | ଓଡ଼ିଶା ଏଫ୍‌ସି | ୨୪ | ୯ |
| ଅର୍ଶଦୀପ ସାଇନି | ଏଫ୍‌ସି ଗୋଆ | ୧୫ | ୭ |
| ପ୍ରଭସୁଖରନ ଗିଲ୍ | ଇଷ୍ଟବେଙ୍ଗଲ | ୨୧ | ୭ |

**ସର୍ବାଧିକ ସେଭ୍**

| ଖେଳାଳି | ଦଳ | ମ୍ୟାଚ୍ | ସେଭ୍ |
|---|---|---|---|
| ଅମରିନ୍ଦର ସିଂ | ଓଡ଼ିଶା ଏଫ୍‌ସି | ୨୪ | ୮୧ |
| ଗୁରପ୍ରୀତ ସିଂ ସାନ୍ଧୁ | ବେଙ୍ଗାଲୁରୁ ଏଫ୍‌ସି | ୨୨ | ୭୦ |
| ଦେବଜିତ୍ ମଜୁମଦାର | ଚେନ୍ନାଇନ୍ | ୧୯ | ୬୬ |
| ଟି. ପି. ରେନେଶ | ଜାମସେଦପୁର | ୨୦ | ୬୧ |
| ପ୍ରଭସୁଖରନ ଗିଲ୍ | ଇଷ୍ଟବେଙ୍ଗଲ | ୨୧ | ୫୪ |


ଗୋଲ ସ୍କୋର କରିବା ପରେ ଉଲ୍ଲସିତ ବିପିନ ସିଂ(ଡାହାଣ)।

**କୋଲକାତା,୪।୫**

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଦଶମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିୟନ ମୋହନ ବାଗାନ ସୁପର ଜାଏଣ୍ଟ୍‌ସ୍‌କୁ ୩-୧ରେ ହରାଇ ଟାଇଟଲ ହାସଲ କରିଛି ମୁମ୍ବାଇ ସିଟି ଏଫ୍‌ସି। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳା ଯାଇଥିବା ଫାଇନାଲରେ ମୋହନ ବାଗାନ ପ୍ରଥମେ ୧-୦ରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ୩ ଗୋଲ ଦେଇ ମୁମ୍ବାଇ ବିଜୟୀ ହୋଇଥିଲା। ମୁମ୍ବାଇ ପକ୍ଷରୁ ଜର୍ଜ ପେରେରା ଡିଆଜ(୫୩), ବିପିନ୍ ସିଂ(୮୧) ଓ ଜାକବ ଭୋଜଟୁସ୍(୯୦+୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ମୋହନ ବାଗାନ ପକ୍ଷରୁ ଜାସନ କମିଙ୍ଗ୍ସ ୪୪ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଆଇଏସଏଲରେ ମୁମ୍ବାଇ ଦ୍ୱିତୀୟ ଥର ପାଇଁ ଟ୍ରଫି ହାସଲରେ ସମର୍ଥ ହୋଇଛି। ପୂର୍ବରୁ ୨୦୨୦-୨୧ ସିଜନରେ ମଧ୍ୟ ମୁମ୍ବାଇ ଟ୍ରଫି ହାତେଇଥିଲା।

ମୁମ୍ବାଇ ଆକ୍ରମଣାତ୍ମକ ଫୁଟବଲ ଖେଳିବା ସହ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଦଳ ୫୮ ପ୍ରତିଶତ ସମୟ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ମୁମ୍ବାଇର ୨୦ଟି ଶଟ୍ ଟାର୍ଗେଟରେ ରହିଥିବା ବେଳେ ମୋହନବାଗାନ ୮ଟି ଶଟ୍ ଟାର୍ଗେଟରେ ଥିଲା। ପ୍ରଥମାର୍ଦ୍ଧରେ ମୁମ୍ବାଇ ମ୍ୟାଚ୍‌ର ଅଧିକାଂଶ ସମୟ ଖେଳକୁ ନିୟନ୍ତ୍ରଣରେ ରଖିଥିଲା। ତେବେ ୪୪ ତମ ମିନିଟରେ ଗୋଲ କିପର ପୂର୍ବା ଲାଚେମ୍ପାଙ୍କ ସାମାନ୍ୟ ତ୍ରୁଟିରୁ ଫାଇଦା ଉଠାଇ ସ୍କୋର କରିଥିଲେ ଜାସନ କମିଙ୍ଗ୍ସ। ପ୍ରଥମାର୍ଦ୍ଧରେ ୧-୦ରେ ପଛୁଆ ରହିବା ପରେ ମୁମ୍ବାଇ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା। ୫୩ ତମ ମିନିଟରେ ଏକ ଚମତ୍କାର ଷ୍ଟ୍ରିଷ୍ଟରୁ ଗୋଲ ସ୍କୋର କରିଥିଲେ ଜର୍ଜ ପେରେରା ଡିଆଜ୍। ୩ ଜଣ ଡିଫେଣ୍ଡରଙ୍କୁ ଚକ୍‌ମା ଦେଇ ସେ ଗୋଲ ସ୍କୋର କରିଥିଲେ। ୮୧ ତମ ମିନିଟରେ ବିପିନ ସିଂ ଏକ ଗୋଲ ଦେଇ ମୁମ୍ବାଇକୁ ୨-୦ରେ ଆଗୁଆ କରିଥିଲେ। ଇଞ୍ଜୁରୀ ଟାଇମ୍‌ର ୯୦+୭ ମିନିଟରେ ଜାକବ ଭୋଜଟୁସ୍ ଏକ ଗୋଲ ଦେଇ ମୁମ୍ବାଇକୁ ୩-୧ରେ ବିଜୟୀ କରିଥିଲେ।

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୪।୫ (ବିଜୟ ରଣା)**

କୋଲକାତାରେ ଚାଲିଥିବା ୨୮ତମ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ରାଜମାତା ଜିଜାବାଇ ଟ୍ରଫି ୨୦୨୩-୨୪ (ଫାଇନାଲ ରାଉଣ୍ଡ)ରେ ଶନିବାର ଖେଳଯାଇଥିବା ଏକ ମ୍ୟାଚରେ ଓଡ଼ିଶା ୪-୧ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏଆଇଏଫ୍‌ଏଫ୍ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଓଡ଼ିଶା ତରଫରୁ ମାଳତୀ ମୁଣ୍ଡା (୮୪ତମ ଓ ୮୨ତମ ମିନିଟ)ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଜୁଲି କିଶାନ (୮୧ତମ) ଓ ଏସ୍. ଲିଣ୍ଡା କମ୍ (୫୨ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ମହାରାଷ୍ଟ୍ର ପକ୍ଷରୁ ଏକମାତ୍ର ଗୋଲ୍ ଐଶ୍ୱର୍ଯ୍ୟା ଜଗତାପ (୨୫ତମ ମିନିଟ, ପେନାଲ୍ଟି) ସ୍କୋର କରିଥିଲେ।

## ଭାରତୀୟ ଦଳରେ ଡେଭିଡ, ଲାଲରିନ୍‌ଜୁଆଲା

**ନୂଆଦିଲ୍ଲୀ, ୪।୫(ପି.ଟି.)**

### ବିଶ୍ୱକପ୍ ଫୁଟ୍‌ବଲ କ୍ୱାଲିଫାୟର୍ସ

ଫିଫା ବିଶ୍ୱକପ୍ ୨୦୨୬ ପ୍ରିଲିମିନାରି ଜଏଣ୍ଟ କ୍ୱାଲିଫିକେଶନ ରାଉଣ୍ଡ ଅନ୍ତର୍ଗତ କୁଏଟ ଓ କାତାର ବିପକ୍ଷ ମ୍ୟାଚ ପାଇଁ କୋଚ୍ ଇଗୋର ଷ୍ଟିମାକ୍ ୨୬ ଜଣିଆ ସମ୍ଭାବ୍ୟ ଭାରତୀୟ ଖେଳାଳି ତାଲିକା ଘୋଷଣା କରିଛନ୍ତି। ଏଥିରେ ଆଇ-ଲିଗ୍‌ର ୪ ଖେଳାଳି ସ୍ଥାନ ପାଇଛନ୍ତି। ମିଜୋରାମର ୨୩ ବର୍ଷୀୟ ଫରୱାର୍ଡ ଡେଭିଡ୍ ଲାଲହ୍ଲାନସାଙ୍ଗାଙ୍କୁ ଦଳରେ ସ୍ଥାନ ମିଳିଛି। ମହମ୍ମଡାନ ସ୍ପୋର୍ଟିଂ ଆଇ-ଲିଗ୍ ସଫଳତାରେ ଏହି ଖେଳାଳିଙ୍କର ବଡ଼ ଭୂମିକା ରହିଥିଲା। ଯାହାଫଳରେ ଦଳ ଟପ୍-ଟିଅର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)କୁ ଉନ୍ନୀତ ହୋଇପାରିଥିଲା। ମେ' ୧୦ରୁ ଭାରତର ଟ୍ରେନିଂ କ୍ୟାମ୍ପ ଆରମ୍ଭ ହେବ। ବ୍ଲୁ ଟାଇଗର୍ସ ଦଳ ଗ୍ରୁପ୍ 'ଏ'ରେ ଏହାର ଦୁଇ ଅନ୍ତିମ ମ୍ୟାଚ ମଧ୍ୟରୁ ଗୋଟିଏ ଜୁନ୍ ୬ରେ କୋଲକାତାଠାରେ କୁଏଟକୁ ଭେଟିବାକୁ ଥିବା ବେଳେ ଅନ୍ୟଟିରେ ଜୁନ୍ ୧୧ରେ ଦୋହାଠାରେ କାତାରକୁ ଭେଟିବ। ଭାରତ ବର୍ତ୍ତମାନ ୪ଟି ମ୍ୟାଚରୁ ୪ ପଏଣ୍ଟ ପାଇଁ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସର ରାଉଣ୍ଡ ଥ୍ରି'କୁ କ୍ୱାଲିଫାଏ କରିବା ବ୍ୟତୀତ ଏଏଫ୍‌ସି ଏସିଆନ କପ୍ ସୌଦି ଆରବିୟା ୨୦୨୭ ପାଇଁ ଯୋଗ୍ୟତା ହାସଲ କରିବେ।

**ଭାରତୀୟ ସମ୍ଭାବ୍ୟ ଦଳ**

ଗୋଲକିପର: ଅମରିନ୍ଦର ସିଂ, ଗୁରପ୍ରୀତ ସିଂ ସାନ୍ଧୁ। ଡିଫେଣ୍ଡର: ଆମେ ଗଣେଶ ରାନାୱାଡ଼େ, ଜୟ ଗୁପ୍ତା, ଲାଲ୍‌ଚୁଙ୍ଗ୍‌ନୁଙ୍ଗା, ମହମ୍ମଦ ହମ୍ମାଦ, ନରେନ୍ଦର, ନିଖିଲ ପୂଜାରୀ, ରେଶାନ ସିଂ ନାଓରେମ୍। ମିଡ୍‌ଫିଲ୍ଡର: ବ୍ରାଣ୍ଡନ ଫର୍ନାଣ୍ଡିଜ, ଏଡ୍‌ମଣ୍ଡ ଲାଲ୍‌ରିଣ୍ଡିକା, ଇମ୍ରାନ ଖାନ୍, ଇସାକ୍ ଭାନଲାଲରୁଆଟେଲା, ଜିକସନ ସିଂ ଥୋଙ୍ଗାଓଜାମ, ମହେଶ ସିଂ ନାଓରେମ୍, ମହମ୍ମଦ ୟାସିର ନନ୍ଦାକୁମାର ସେକର, ରାହୁଲ କାନୋଲି ପ୍ରବୀନ, ସୁରେଶ ସିଂ ୱାଙ୍ଗଜାମ୍, ଭିବିନ ମହାନାନ୍। ଫରୱାର୍ଡ: ଡେଭିଡ ଲାଲହ୍ଲାନସାଙ୍ଗା, ଜିଥିନ ମାଦାଥିଲ ସୁବରାନ, ଲାଲରିଙ୍ଗଜୁଆଲା ଲାଲ୍‌ବାଏକିନା, ପାର୍ଥିବ ଗୋଗୋଇ, ରହିମ ଅଲି ଓ ସୁନୀଲ ଛେତ୍ରୀ।

## 'ଦଳ ଚୟନରେ ଏଆଇ ବ୍ୟବହାର କରୁଛି ଇଂଲଣ୍ଡ'

**ଲଣ୍ଡନ,୪।୫(ପି.ଟି.)**

ମହିଳା କ୍ରିକେଟ ଦଳ ଚୟନରେ ଇଂଲଣ୍ଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରୁଛି ବୋଲି କହିଛନ୍ତି କୋଚ୍ ଜନ୍ ଲୁଇସ୍। ଚୂଡାନ୍ତ ଏକାଦଶ ଚୟନ କରିବା ତଥା ମ୍ୟାଚ୍ ଅପ୍ କରିବାରେ ଏଆଇ ଟେକ୍ନୋଲୋଜି ସହାୟତା କରିଥିବା କହିଛନ୍ତି ଜନ୍। ଏହି କୌଶଳ ସହାୟତାରେ ହିଁ ଇଂଲଣ୍ଡ ମହିଳା ଦଳ ଗତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜରେ ବିଜୟୀ ହୋଇଥିଲା ବୋଲି ସେ କହିଛନ୍ତି। ଲଣ୍ଡନସ୍ଥିତ କମ୍ପାନୀ ପିଏସ୍‌ଆଇ ପକ୍ଷରୁ ଏହି ବୈଷୟିକ କୌଶଳ ପ୍ରଦାନ କରାଯାଉଛି। ଓମେନ୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ୟୁପି ୱାରିୟର୍ଜର କୋଚ୍ ରହିଥିବା ସମୟରେ ସେ ଏହି କୌଶଳ ବିଷୟରେ ଜାଣିବାକୁ ପାଇଥିଲେ। ତେବେ କ୍ରୀଡାରେ ଏଆଇ ବ୍ୟବହାର କରିବାରେ ଜନ୍ ପ୍ରଥମ ବ୍ୟକ୍ତି ନୁହନ୍ତି, ଇଂଲଣ୍ଡ ରଗ୍‌ବୀ ୟୁନିୟନର କୋଚ୍ ଷ୍ଟିଭ୍ ବର୍ଥୱିକ ପୂର୍ବରୁ ଏହି କୌଶଳର ବ୍ୟବହାର କରିଛନ୍ତି। ସେ ମ୍ୟାନେଜର ଥିବା ରଗ୍‌ବୀ କ୍ଲବ ୱିଗାନ୍ ୱାରିୟର୍ସ ଓ ଫୁଟବଲ କ୍ଲବ୍ ୱିଗାନ୍ ଆଥ୍‌ଲେଟିକ୍ସରେ ଏହି କୌଶଳର ବ୍ୟବହାର କରିଛନ୍ତି।

ଯେତେବେଳେ ସମାନ ଦକ୍ଷତା ବିଶିଷ୍ଟ ଦୁଇ ଜଣ ଖେଳାଳିଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରିବାକୁ ପଡିଥାଏ ସେତେବେଳେ ଏଆଇ ବେଶ୍ ସହାୟକ ହୋଇଥାଏ। ପ୍ରତି ମ୍ୟାଚ୍ ପୂର୍ବରୁ ୨ ଲକ୍ଷ ୫୦ ହଜାର ସିମୁଲେସନ୍ କମ୍ପାନୀ ନିକଟକୁ ପଠାଯାଇଥାଏ।

## ଚାମ୍ପିୟନ୍ସ ଟ୍ରଫି ଯୋଗୁ ଘୁଞ୍ଚିପାରେ ପିଏସ୍‌ଏଲ୍

**ଲାହୋର, ୪।୫ (ପି.ଟି.)**

ଦେଶରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫କୁ ଦୃଷ୍ଟିରେ ରଖି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)କୁ ସ୍ୱାଭାବିକ ଫେବୃଆରୀ ପରିବର୍ତ୍ତେ ମେ ମାସରେ ଆୟୋଜନ କରିବା ଲାଗି ଯୋଜନା କରୁଛି। ପିସିବି ଏହି ପ୍ରସଙ୍ଗରେ ଶନିବାର ପିଏସ୍‌ଏଲ୍‌ର ୬ଟି ଫ୍ରାଞ୍ଚାଇଜ ସହ ଆଲୋଚନା କରିଛି। ପିଏସଏଲ୍‌ର ଆୟୋଜନ ଯଦି ମେ ମାସରେ କରାଯାଏ ତେବେ ସେତେବେଳେ ଭାରତରେ ହାଇପ୍ରୋଫାଇଲ ଆଇପିଏଲ ଚାଲିଥିବ। ହେଲେ ଚାମ୍ପିୟନ୍ସ ଟ୍ରଫି ପରେ ଅଗଷ୍ଟରୁ ଜାନୁଆରୀ ପର୍ଯ୍ୟନ୍ତ ପାକିସ୍ତାନର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହଥିବାରୁ ପିଏସ୍‌ଏଲ୍ ଆଗରେ ମେ ମାସ ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ।

## କେସିସି ଦିବାରାତ୍ର କ୍ରିକେଟ ୧୦ରୁ


କେସିସି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ।

**ଭୁବନେଶ୍ୱର, ୪।୫ (ବିଜୟ ରଣା)**

କ୍ରିଷ୍ଣା କ୍ରିକେଟ କ୍ଲବ (କେସିସି) ଆନୁକୂଲ୍ୟରେ ୩ ଦିନିଆ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୧୦ରୁ ଖେଳାଯିବ। ଏହା ଝାରପଡ଼ାସ୍ଥିତ କେସିସି ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଭାଗ ନେଉଛନ୍ତି। ଏଥିରେ ଚାମ୍ପିୟନ ଦଳ ପାଇଁ ଟ୍ରଫି ସହ ୫୦,୦୦୦ ଟଙ୍କା ଏବଂ ରନରଅପ୍ ଦଳ ପାଇଁ ଟ୍ରଫି ଓ ୩୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ପ୍ରତିଦିନ ପ୍ଲେୟର ଅଫ୍ ଦି ମ୍ୟାଚ ପାଇଁ ଆକର୍ଷଣୀୟ ଉପହାର ସହ ଟ୍ରଫିର ବ୍ୟବସ୍ଥା ରହିଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଲବର ସଭାପତି ପ୍ରକାଶ କୁମାର ଜେନା, ଉପ-ସଭାପତି ଗୌରୀଶଙ୍କର ଏବଂ ଅନ୍ୟ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

## ଲାଲୁଙ୍କୁ ରୌପ୍ୟ, ସୁସ୍ମିତା ବ୍ରୋଞ୍ଜ

**ଭୁବନେଶ୍ୱର, ୪।୫ (ବିଜୟ ରଣା)**

ନିକଟରେ ବେଙ୍ଗାଲୁରୁରେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଇଣ୍ଡିଆନ ଗ୍ରାଁ ପ୍ରିରେ କିଟ୍‌ର ଦୁଇ ଆଥଲେଟ ପଦକ ଜିତିଛନ୍ତି। ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ମିଟର ରେସ୍‌ରେ ରୌପ୍ୟ ଜିତିଥିବା ବେଳେ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ପେରୁର ଲିମାଠାରେ ଚଳିତବର୍ଷ ଅଗଷ୍ଟ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଜୁନିୟର ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୪ ଲାଗି କିଟ୍‌ର ଡିଏମ୍ ଜୟରାମ ଏବଂ କିସ୍‌ର ମହେନ୍ଦ୍ର ସାନ୍ତା ୪X୧୦୦ମିଟର ରିଲେ ଇଭେଣ୍ଟ ଏବଂ କିସ୍‌ର ସବିତା ଟପ୍ପୋ ମହିଳା ୧୦୦ ମିଟର ରେସ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଜୟରାମ, ମହେନ୍ଦ୍ର, ସବିତା, ଲାଲୁ ଓ ସୁସ୍ମିତା ବର୍ତ୍ତମାନ କୋଚ୍ ରୋହିତଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ରିଲାଏନ୍ସ ଏଚ୍‌ପିସି ଅଧୀନରେ ଟ୍ରେନିଂ ନେଉଛନ୍ତି।


ଲାଲୁ ପ୍ରସାଦ ଭୋଇ
ସୁସ୍ମିତା ଟିଗା




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା-୧୬+୪
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୫/୨୦୨୪ (୧୬+୪=୨୦ ପୃଷ୍ଠା) Bhubaneswar, Sunday, May 5/2024 Page 20 ₹ 7.00 | SAMBALPUR


ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢଳ ଗ୍ରାମର ୩ଟି ୱାର୍ଡର ଶହେରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳରୁ ବଞ୍ଚିତ ହୋଇଥିବାରୁ ଶନିବାର ମହିଳାମାନେ ଗରା, ବାଲ୍‌ଟି ଧରି ପ୍ରତିବାଦ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି।

# ଦେବେଗୌଡ଼ାଙ୍କ ପୁଅ ଏଚ୍‌.ଡି. ରେଭନ୍ନା ଗିରଫ

ବେଙ୍ଗାଲୁରୁ,୪।୫


ଏଚ୍‌.ଡି. ରେଭନ୍ନା

ଅପହରଣ ମାମଲାରେ କର୍ନାଟକର ପୂର୍ବତନ ମନ୍ତ୍ରୀ ତଥା ଜେଡିଏସ୍ ବିଧାୟକ ଏଚ୍‌.ଡି. ରେଭନ୍ନାଙ୍କୁ ପୋଲିସ ଶନିବାର ଗିରଫ କରିଛି। ରେଭନ୍ନାଙ୍କ ଘରେ କାମ କରୁଥିବା ଜଣେ ମହିଳାଙ୍କୁ ବିଧାୟକଙ୍କ ସମ୍ପର୍କୀୟ ଅପହରଣ କରିଥିବା ତାଙ୍କ ପୁଅ ଅଭିଯୋଗ କରିଥିଲେ। କର୍ନାଟକ ପୋଲିସ ଶନିବାର ସକାଳେ ମହିଳାଙ୍କୁ ଉଦ୍ଧାର କରିବା ସହ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମାମଲା ରୁଜୁ କରିଥିଲା। ରେଭନ୍ନା ଆଗୁଆ ଜାମିନ ପାଇଁ କରିଥିବା ଆବେଦନକୁ ସ୍ଥାନୀୟ ଅଦାଲତ ଖାରଜ କରିଦେବା ପରେ ପୋଲିସ ତାଙ୍କୁ ତାଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌.ଡି. ଦେବେଗୌଡ଼ାଙ୍କ ବାସଭବନରୁ ଗିରଫ କରିଛି।

ରେଭନ୍ନାଙ୍କ ପୁଅ ତଥା ହାସନ ଏମ୍‌ପି ପ୍ରଜ୍ୱଳ ରେଭନ୍ନା ସମ୍ପୃକ୍ତ ଥିବା ଅନେକ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ତାଙ୍କ ବିରୋଧରେ ବଳାତ୍କାର ଓ ଅସଦାଚରଣ ମାମଲାର ତଦନ୍ତ ଚାଲିଛି। ଲୋକ ସଭା ନିର୍ବାଚନରେ ହାସନ ଆସନରୁ ଭାଜପା ଏବଂ ଜେଡିଏସ୍‌ର ମିଳିତ ପ୍ରାର୍ଥୀ ହୋଇଥିବା ପ୍ରଜ୍ୱଳ ଦେଶ ଛାଡ଼ି ପଳାଇଯାଇଥିବାବେଳେ ତାଙ୍କୁ ଗିରଫ କରିବା ପାଇଁ ଜୋର୍‌ଦାର ଉଦ୍ୟମ ଜାରି ରହିଛି। ନିର୍ବାଚନ ସମୟରେ ଏହି ମାମଲାକୁ ନେଇ କର୍ନାଟକ ରାଜନୀତି ଜୋର୍ ଧରିଛି। ପ୍ରଜ୍ୱଳଙ୍କ ବିରୋଧରେ ସିବିଆଇ ବ୍ଲୁ କର୍ନର ନୋଟିସ୍ ଜାରି କରିପାରେ। ଏସ୍‌ଆଇଟି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ଏହା ଜଣାଇଛି। ଜଣେ ବ୍ୟକ୍ତିଙ୍କ ପରିଚୟ, ସେ ରହୁଥିବା ଠିକଣା ଏବଂ ଅପରାଧ ସହ ସମ୍ପୃକ୍ତି ସମ୍ପର୍କରେ ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ଅତିରିକ୍ତ ତଥ୍ୟ ସଂଗ୍ରହ ପାଇଁ ଇଣ୍ଟରନ୍ୟାଶନାଲ ପୋଲିସ କର୍ପୋରେଶନ ବ୍ଲୁ କର୍ନର ନୋଟିସ୍ ଜାରି କରିଥାଏ। ପ୍ରଜ୍ୱଳଙ୍କ ବିରୋଧରେ ବ୍ଲୁ କର୍ନର ନୋଟିସ ଜାରି ପାଇଁ ଏସ୍‌ଆଇଟି ସିବିଆଇକୁ ନିବେଦନ କରିଥିଲା। ଗତ ମାସ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଲଢ଼ିଥିବା ପୂର୍ବତନ ଭାଜପା-ଜେଡିଏସ୍‌ର ମିଳିତ ପ୍ରାର୍ଥୀ ପ୍ରଜ୍ୱଳ ସମ୍ପୃକ୍ତ ଥିବା କେତେକ ଅଶ୍ଳୀଳ ଭିଡିଓ ଏବଂ ଫଟୋର ପର୍ଦ୍ଦାଫାଶ ହୋଇଥିଲା। ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ ଚାଲିଥିବାବେଳେ ସେ ଗତ ୨୭ ତାରିଖରୁ ଜର୍ମାନୀ ପଳାଇଥିବା କୁହାଯାଉଥିବାବେଳେ ତାଙ୍କ ନାଁରେ ୨ ଥର ଲୁକ୍‌ଆଉଟ୍ ନୋଟିସେ ଜାରି ହେଲାଣି।

# ପାନୀୟଜଳ ଦାବିରେ ଆନ୍ଦୋଳନ

**କଣ୍ଢଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ମହିଳା**

- ଗରା ବାଲ୍‌ଟି ଧରି ପ୍ରତିବାଦ କଲେ ୩ ୱାର୍ଡର ବାସିନ୍ଦା
- ପାନୀୟଜଳ ଯୋଗାଇ ନ ଦେଲେ ଭୋଟ ବର୍ଜନ ଚେତାବନୀ

ଦେବଗଡ଼,୪।୫ (ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢଳ ଗ୍ରାମର ୩ଟି ୱାର୍ଡର ଶହେରୁ ଊର୍ଦ୍ଧ୍ୱ ପରିବାର ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ଫଳରେ ଶନିବାର ପାନୀୟଜଳ ଯୋଗାଇ ଦେବା ଦାବିରେ ଗ୍ରାମର ମହିଳାମାନେ ଆନ୍ଦୋଳନ କରିଛନ୍ତି। ଖୋଲା ଗରା ବାଲ୍‌ଟି ଧରି ଏହାର ପ୍ରତିବାଦ କରିବା ସହ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ପାନୀୟ ଜଳ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଫାଟକରୁ ତାଲା ଖୋଲିବେ ନାହିଁ ଓ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

କଣ୍ଢଳ ୮, ୯ ଓ ୧୦ ନମ୍ବର ୱାର୍ଡର ଲୋକଙ୍କ ଅଭିଯୋଗ ଅନୁଯାୟୀ କଣ୍ଢଳ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ରାଜ୍ୟ ସରକାର ପ୍ରାୟ ୫ ବର୍ଷ ପୂର୍ବେ ଏକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରିଥିଲେ। କୌଣସି କାରଣରୁ ସେଥିରୁ ଜଳଯୋଗାଣ ସମ୍ଭବ ହେଉନାହିଁ। ସେହିପରି ବୋରୱେଲରୁ ପାଇପ୍ ଯୋଗେ କେତେକ ଅଞ୍ଚଳକୁ ସିଧାସଳଖ ଜଳ ଯୋଗାଣ ହେଉଥିଲେ ହେଁ ଆଦିବାସୀ ପରିବାର ଥିବା ଉପରୋକ୍ତ ୱାର୍ଡଗୁଡ଼ିକୁ ଜଳ ଯୋଗଣ କରାଯାଉନାହିଁ। ଅନ୍ୟପକ୍ଷରେ ଉକ୍ତ ୩ଟି ୱାର୍ଡରେ ଏକଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ପାନୀୟ ଜଳ ପାଇଁ ରହିଛି ମାତ୍ର ତିନୋଟି ନଳକୂପ। ତନ୍ମଧ୍ୟରୁ ୨ଟିରୁ ଦୂଷିତ ଏବଂ ବ୍ୟବହାର ଅନୁପଯୋଗୀ ପାଣି ବାହାରୁଥିବାରୁ ଗୋଟିଏ ନଳକୂପ ଉପରେ ସମସ୍ତେ ନିର୍ଭର କରୁଛନ୍ତି। ଏଭଳି ପରିସ୍ଥିତିରେ ଗରାଏ କିମ୍ବା ବାଲ୍‌ଟିଏ ପାଣି ସଂଗ୍ରହ କରିବାକୁ ହେଲେ ଉକ୍ତ ନଳକୂପ ନିକଟରେ ଲମ୍ବା ଲାଇନ ଲାଗିବା ସହ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏନେଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଅଧକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଏକାଧିକ ବାର ଅଭିଯୋଗ କରିବା ସହ ସମସ୍ୟାର ସମାଧାନ ପାଇଁ ଗୁହାରି କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଫଳରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ଗ୍ରାମର କୈଳାସ ସେଠୀ, ଦିବ୍ୟକାନ୍ତି ଲୁହରା, ହେମନ୍ତ ସାହୁ କହିଛନ୍ତି। ସମସ୍ୟା ସମାଧାନ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରହିଛି ଓ ସମ୍ପୃକ୍ତ ୱାର୍ଡବାସିନ୍ଦାଙ୍କୁ ଖୁବ୍‌ଶୀଘ୍ର ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି କଣ୍ଢଳ ଗ୍ରାମପଞ୍ଚାୟତର ସରପଞ୍ଚ ସବିତା ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

# ଓଡ଼ିଶାର ନାଇମା ଏଏମ୍ୟୁର ପ୍ରଥମ ମହିଳା କୁଳପତି

ଭୁବନେଶ୍ୱର,୪।୫(ଅସମାପିକା ସାହୁ)


ନାଇମା ଖାତୁନ ଗୁଲ୍‌ରେଜ

ଉତ୍ତରପ୍ରଦେଶର ବହୁ ପ୍ରତିଷ୍ଠିତ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ (ଏଏମ୍ୟୁ)ର ପ୍ରଥମ ମହିଳା କୁଳପତି ଭାବେ ନାଇମା ଖାତୁନ ଗୁଲ୍‌ରେଜ ନିଯୁକ୍ତି ପାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ନିର୍ବାଚନ କମିଶନ ତାଙ୍କ ନିଯୁକ୍ତିରେ ମୋହର ଲଗାଇଛନ୍ତି। ନାଇମା ଖାତୁନ୍ ଗୁଲ୍‌ରେଜ ଓଡ଼ିଆ ଝିଅ। ଯାଜପୁର ଜିଲାରେ ତାଙ୍କ ଘର। ଏଏମ୍ୟୁର ୧୦୦ବର୍ଷ ଇତିହାସରେ ସେ ପ୍ରଥମ ମହିଳା କୁଳପତି ହୋଇଛନ୍ତି। ଗତ ନଭେମ୍ବରରେ ନୂଆ କୁଳପତି ନିଯୁକ୍ତି ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ତିନୋଟି ନାମ ସୁପାରିସ କରାଯାଇଥିଲା। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ବାଚନ କମିଶନଙ୍କ ଅନୁମୋଦନ ପରେ ନାଇମା ଖାତୁନଙ୍କୁ କୁଳପତି ଭାବେ ନିଯୁକ୍ତି ମିଳିଛି। ସେ ଏହି ପଦରେ ୫ବର୍ଷ ରହିବେ। ସ୍ୱାମୀ ତଥା ପ୍ରୋ ଭାଇସ-ଚାନ୍‌ସେଲର ପ୍ରଫେସର ମହମ୍ମଦ ଗୁଲ୍‌ରେଜଙ୍କଠାରୁ ନାଇମା ଖାତୁନ କାର୍ଯ୍ୟଭାର ସମ୍ଭାଳିଛନ୍ତି। ସୂଚନାଯୋଗ୍ୟ, ନାଇମା ଖାତୁନ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ ରାଜନୀତି ମନୋବିଜ୍ଞାନରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ। ୧୯୮୮ରେ ସେହି ବିଭାଗରେ ଅଧ୍ୟାପକ ଭାବରେ ଚାକିରି ଆରମ୍ଭ କରିଥିଲେ। ୨୦୦୬ରେ ପ୍ରଫେସର ପଦକୁ ପଦୋନ୍ନତି ପାଇଥିଲେ। ଗୋଟିଏ ଶିକ୍ଷାବର୍ଷ ପାଇଁ ରୱାଣ୍ଡା ନ୍ୟାଶନାଲ ୟୁନିଭରସିଟିରେ ନାଇମା ଖାତୁନ ଅଧ୍ୟାପକ ଥିଲେ। ଆଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟରେ ବହୁ ପ୍ରଶାସନିକ ପଦବୀରେ ସେ କାର୍ଯ୍ୟ କରିଛନ୍ତି। ୨୦୧୪ ଜୁଲାଇରୁ ସେ ବିଶ୍ୱବିଦ୍ୟାଳୟର ମହିଳା କଲେଜର ପ୍ରିନ୍ସିପାଲ ରହିଥିଲେ। ଗତବର୍ଷ ଏପ୍ରିଲ ମାସରେ ପୂର୍ବତନ କୁଳପତି ତାରିକ ମନ୍‌ସୁର ଇସ୍ତଫା ଦେଇଥିଲେ। ସେବେଠୁ ସ୍ଥାୟୀ କୁଳପତି ପଦବୀ ଖାଲି ରହିଥିଲା।

# ବାଇକ୍‌ରୁ ୨୮ ଲକ୍ଷ ଜବତ

ଲୋଇସିଂହା,୪।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ପୋଲିସ ଯାନବାହନ ଯାଞ୍ଚ ବେଳେ ଏକ ବାଇକ୍‌ରୁ ୨୮ ଲକ୍ଷ ୪୦ ହଜାର ୭୦ ଟଙ୍କା ଜବତ କରିଛି। ଜବତ ଟଙ୍କାକୁ ଟ୍ରେଜେରିରେ ଜମା କରାଯିବା ନେଇ ପୋଲିସ ସୂଚନା ଦେଇଛି। ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ଆଗଲପୁର ମହଖଣ୍ଡଠାରେ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ବରଗଡ ଜିଲାର ଛବିଳ ଦୁଆଁନ(୨୫) ଓ କୈଳାସ ଗହୀର(୨୯) ଏକ ବାଇକ୍‌ରେ ଯାଉଥିଲେ। ସେମାନଙ୍କ ବାଇକ୍ ଡିକି ଯାଞ୍ଚ ବେଳେ ଏହି ଟଙ୍କା ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ସେମାନଙ୍କୁ ପଚରାଉଚରା କରାଯିବା ବେଳେ ସେମାନେ ଟଙ୍କା ଚାଲାଣ ନେଇ ଠିକ ପ୍ରମାଣ ଦେଇ ପାରି ନ ଥିଲେ। ଟଙ୍କା କେଉଁ ସ୍ଥାନକୁ ଓ କାହିଁକି ଚାଲାଣ ହେଉଥିଲା ଜଣାପଡିନାହିଁ।

# ୪ ଲୋକ ସଭା: ୧୭ କୋଟିପତି, ୭ ଅଭିଯୁକ୍ତ

ନୂଆଦିଲ୍ଲୀ,୪।୫


ମାଳବିକା ଦେବୀ

**କଳାହାଣ୍ଡି ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ମାଳବିକା ଦେବୀ ସବୁଠୁ ଧନୀ**

ଆସନ୍ତା ୧୩ ତାରିଖରେ ଓଡ଼ିଶାର ନବରଙ୍ଗପୁର, ବ୍ରହ୍ମପୁର, କୋରାପୁଟ ଏବଂ କଳାହାଣ୍ଡି ଲୋକ ସଭା ଆସନ ଲାଗି ମତଦାନ ହେବାକୁ ଯାଉଛି। ଏହି ୪ ଆସନରେ ମୋଟ ୩୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୭ ଜଣ କୋଟିପତି ଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟ ଅନୁଯାୟୀ, ୪୬ ପ୍ରତିଶତ (୧୭ ଜଣ) ପ୍ରାର୍ଥୀ ସେମାନଙ୍କ ସମ୍ପତ୍ତି ପରିମାଣ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ଦର୍ଶାଇଛନ୍ତି। ଭାଜପା ଏବଂ ବିଜେଡି ୪ ଆସନରେ ଦେଇଥିବା ସମସ୍ତ ପ୍ରାର୍ଥୀ କୋଟିପତି ହୋଇଥିବାବେଳେ କଂଗ୍ରେସର ୩ ପ୍ରାର୍ଥୀ, ୪ ସ୍ୱାଧୀନ ପ୍ରାର୍ଥୀ, ଭାରତୀୟ ବିକାଶ ପରିଷଦର ଜଣେ ଏବଂ ନବଭାରତ ନିର୍ମାଣ ସେବା ପାର୍ଟିର ଜଣେ ପ୍ରାର୍ଥୀଙ୍କ ସମ୍ପତ୍ତି ୧ କୋଟି ଟଙ୍କାରୁ ଅଧିକ।

କଳାହାଣ୍ଡି ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ମାଳବିକା ଦେବୀ ଏମାନଙ୍କ ମଧ୍ୟରେ ସବୁଠୁ ଧନୀ ବୋଲି ଜଣାପଡ଼ିଛି। ତାଙ୍କ ସମ୍ପତ୍ତି ପରିମାଣ ୪୧.୮୯ କୋଟି ଟଙ୍କା। ବ୍ରହ୍ମପୁରର ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଭି. ଚନ୍ଦ୍ରଶେଖରଙ୍କ ସମ୍ପତ୍ତି ୨୮.୭୦ କୋଟି ହୋଇଥିବାବେଳେ ଭାରତୀୟ ବିକାଶ ପରିଷଦର ବ୍ରହ୍ମପୁର ପ୍ରାର୍ଥୀ ରାଜେନ୍ଦ୍ର ଦଳବେହେରାଙ୍କ ସମ୍ପତ୍ତି ୧୦.୩୦ କୋଟି ଟଙ୍କା। ରିପୋର୍ଟ ଅନୁଯାୟୀ କୋରାପୁଟର ଏସ୍‌ୟୁସିଆଇ(ସି) ପ୍ରାର୍ଥୀ ପ୍ରମିଳା ପୂଜାରୀ ସବୁଠୁ ଗରିବ। ତାଙ୍କ ସମ୍ପତ୍ତି ପରିମାଣ ମାତ୍ର ୨୦,୬୨୫ ଟଙ୍କା। ବ୍ରହ୍ମପୁରର ଭାଜପା ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନାଁରେ ସର୍ବାଧିକ ୩.୮୨ କୋଟି ଟଙ୍କା ଋଣ ରହିଥିବା ରିପୋର୍ଟରୁ ଜଣାପଡ଼ିଛି।

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟର ୩୭ ପ୍ରାର୍ଥୀଙ୍କ ମଧ୍ୟରୁ ୧୯ ପ୍ରତିଶତ ବା ୭ ଜଣଙ୍କ ନାଁରେ ଅପରାଧିକ ମାମଲା ବିଚାରାଧୀନ ରହିଛି। ସେଥିରୁ ଅପରାଧିକ ଷଡ଼ଯନ୍ତ୍ର, ହତ୍ୟା, ହତ୍ୟା ଉଦ୍ୟମ, ଠକେଇ, ମହିଳା ବିରୋଧୀ ଅପରାଧ ଏବଂ ଲାଞ୍ଚ କାରବାର ମାମଲା ୬ଟି ରହିଛି। ସେହିପରି ୧୪ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ମଧ୍ୟରେ ହୋଇଥିବାବେଳେ ୨୨ ଜଣ ସ୍ନାତକ ଡିଗ୍ରୀ କରିଛନ୍ତି। ଜଣେ ପ୍ରାର୍ଥୀ ଆଦୌ ସ୍କୁଲ୍ ମାଟି ମାଡ଼ିନାହାନ୍ତି। ସେହିପରି ୧୦ ପ୍ରାର୍ଥୀଙ୍କ ବୟସ ୨୫ରୁ ୪୦ ବର୍ଷ ମଧ୍ୟରେ ହୋଇଥିବାବେଳେ ୪୧ରୁ ୬୦ ବର୍ଷ ବୟସ ବର୍ଗରେ ୨୩ ପ୍ରାର୍ଥୀ ରହିଛନ୍ତି। ୪ ପ୍ରାର୍ଥୀଙ୍କ ବୟସ ୬୧ରୁ ୭୦ ବର୍ଷ ମଧ୍ୟରେ ବୋଲି ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି।

# ଡ୍ୟାମ୍‌ରେ ବୁଡ଼ି ୨ ମୃତ



ରାଉରକେଲା,୪।୫(ସଙ୍ଗୀତା ଜେନା)

ରାଉରକେଲା ରଘୁନାଥପାଲି ଥାନା ଜଲଦା ଫାଣ୍ଡି ଅନ୍ତର୍ଗତ ତର୍କରା ଡ୍ୟାମରେ ବୁଡ଼ି ଶନିବାର ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରାଜକୁମାର ମହତୋ(୨୦) ଓ ଛେଣ୍ଡ କଲୋନୀର ଜରଯୁବ୍ ଖାନ୍(୨୦)। ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଛେଣ୍ଡ ଅଞ୍ଚଳର ଭବେଶ ପ୍ରସାଦ(୧୯)। ପୋଲିସ ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଏନେଇ ରଘୁନାଥପାଲି ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜରଯୁବଙ୍କ ପାଇଁ ମାମଲା ନଂ.୪୬/୨୪ ଓ ରାଜକୁମାରଙ୍କ ପାଇଁ ମାମଲା ନଂ.୪୭/୨୪ ରୁଜୁ ହୋଇଛି। ପରିବାର ପକ୍ଷରୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅପରାହ୍ନରେ ୩ ଜଣ ଛାତ୍ର ଡ୍ୟାମକୁ ଗାଧୋଇବାକୁ ଆସିଥିଲେ। ସେମାନେ ଗଭୀର ଜଳ ମଧ୍ୟକୁ ଯାଇଥିଲେ। ହଠାତ୍ ଜଳରେ ବୁଡିବାକୁ ଲାଗିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଜଣଙ୍କୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଅନ୍ୟ ୨ ଜଣ ନିଖୋଜ ହୋଇଯାଇଥିଲେ। ଘଟଣା ସ୍ଥଳରେ ପୋଲିସ, ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ପହଞ୍ଚି ଯୁବକଙ୍କୁ ଖୋଜିଥିଲେ। ୨ ଘଣ୍ଟାରେ ଯୁବକ ଦ୍ୱୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# କେନାଲ ପାଣି ଦାବି, ରାସ୍ତାରେ ଚାଷୀ

**ଗୋଡ଼ଭଗା-ସୋନପୁର ରାସ୍ତା ଅବରୋଧ କଲେ**

ଭେଡେନ,୪।୫(ସୁଦନ ମହାକୁର)


କେନାଲ ପାଣି ଦାବିରେ ଗୋଡ଼ଭଗା-ସୋନପୁର ରାଜପଥର ଗର୍ଭଣା ଛକରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

ବରଗଡ଼ ମୁଖ୍ୟ କେନାଲରେ ଆଗୁଆ ପାଣି ଯୋଗାଣ ବନ୍ଦକୁ ନେଇ ଦେଖାଯାଇଥିବା ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି। ଏହି କ୍ରମରେ ଶନିବାର ସକାଳ ୬ଟାରୁ ଜିଲାର ଭେଡେନ ବ୍ଲକ ଅନ୍ତର୍ଗତ ଗର୍ଭନା ଛକରେ ଚାଷୀମାନେ ଗୋଡ଼ଭଗା-ସୋନପୁର ୫୪ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଖବରପାଇ ବରଗଡ଼ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ସାମଲ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। କେନାଲ ପାଣି ଆସନ୍ତା ୧୫ତାରିଖ ସୁଦ୍ଧା ଛାଡ଼ିବାକୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚାଷୀମାନେ ତାଙ୍କୁ ରୋକଠୋକ୍ ଶୁଣାଇ ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ସାମଲ ସେ ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଏବଂ ଦିନ ୧ଟାରେ ଚାଷୀମାନେ ରାଜପଥ ଉପରୁ ଉଠିଥିଲେ। ଏହାପରେ ରାଜପଥରେ ଗାଡ଼ିଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଜଳସେଚନ ବିଭାଗ ପ୍ରଥମେ ଗତ ୧ ତାରିଖରୁ ବରଗଡ଼ ମୁଖ୍ୟ କେନାଲରେ ପାଣି ଯୋଗାଣ ବନ୍ଦ ନିଷ୍ପତ୍ତି ନେଇଥିଲା। ତେବେ ବିଭିନ୍ନ ଚାଷୀ ସଂଗଠନ ଅସନ୍ତୋଷ ପ୍ରକାଶ କରି କେନାଲ ପାଣି ଛାଡ଼ିବା ଅବଧି ବୃଦ୍ଧି ଦାବିରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଏହା ପରେ ଜଳସେଚନ ବିଭାଗ କେନାଲ ପାଣି ଛାଡ଼ିବା ଅବଧିକୁ ୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ମାତ୍ର କେନାଲର ତଳମୁଣ୍ଡରେ ରହିଥିବା ଚାଷୀଙ୍କ ଧାନ ଫସଲ ଅମଳକ୍ଷମ ହୋଇ ନ ଥିବା ଏବଂ ତଳମୁଣ୍ଡକୁ କେନାଲ ପାଣି ପହଞ୍ଚିବାରେ ବିଳମ୍ବ ହେଉଥିବା ଯୋଗୁ ଏହି ଅବଧିକୁ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ଚାଷୀମାନେ ଦାବି କରିଥିଲେ।

ମାତ୍ର ଜଳସେଚନ ବିଭାଗ ସେଥିପ୍ରତି ନିରବ ରହିଥିଲା । ତେବେ ଚାଷୀ ଅସନ୍ତୋଷ ତେଜି ଉଠୁଥିବା ଜାଣିବା ପରେ ଆସନ୍ତା ୧୦ତାରିଖ ମଧ୍ୟାହ୍ନ ୧୨ଟାରେ ମୁଖ୍ୟ କେନାଲରେ ପାଣି ଯୋଗାଣ ବନ୍ଦ ପାଇଁ ଜଳସେଚନ ବିଭାଗ ନିଷ୍ପତ୍ତି ନେଇଥିଲା। ବରଗଡ଼ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା- ୧୭୮୧-୮୨ ତା୪।୫।୨୦୨୪ରିଖରେ ଏହା ଉଲ୍ଲେଖ ରହିଛି। ତେବେ ତଳମୁଣ୍ଡକୁ ପାଣିପହଞ୍ଚିବା ବିଳମ୍ବ ହେଉଥିବା ଯୋଗୁ ଚାଷୀମାନେ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ କେନାଲ ପାଣି ଛାଡ଼ିବାକୁ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଆନ୍ଦୋଳନରେ ଡାଲବ, ଦେଶଭଟଲି, ମାନପୁର, ମହୁଲପାଲି, ଅର୍ଜୁଣ୍ଡା, ପପଙ୍ଗା, ରୁଖୁଡ଼ା ଆଦି ପଞ୍ଚାୟତର ଚାଷୀମାନେ ସାମିଲ ଥିଲେ। ଆନ୍ଦୋଳନସ୍ଥଳକୁ ପୂର୍ବତନ ବିଧାୟକ ନୀହାର ରଞ୍ଜନ ମହାନନ୍ଦ ମଧ୍ୟ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

## ସଂକ୍ଷେପରେ

### ନିର୍ବାଚନ ସମ୍ପର୍କିତ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୪।୫(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲାରେ ନିର୍ବାଚନ ସମ୍ପର୍କିତ କୌଣସି ଅଭିଯୋଗ ରହିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଜନସାଧାରଣ ଅଭିଯୋଗ କରିପାରିବେ। ତଲସରା, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ନିମନ୍ତେ ଦିଲୀପ ବାଲାକୃଷ୍ଣ ଗାଓଡେ, ଆଇଏଏସ୍ ଅଧିକାରୀଙ୍କୁସାଧାରଣପର୍ଯ୍ୟବେକ୍ଷକନିଯୁକ୍ତ କରାଯାଇଛି। କୌଣସି ଅଭିଯୋଗ ରହିଲେ ଜନସାଧାରଣ ମୋବାଇଲ/ହ୍ୱାଟ୍ସଆପ୍ ୭୯୭୮୩୨୭୮୩ରେ ଯୋଗାଯୋଗ କରି ପାରିବେ। ଏହାଛଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଅପରାହ୍ନ ୧୨ରୁ ୧ଟା ପର୍ଯ୍ୟନ୍ତ ସାକ୍ଷାତକରି ପ୍ରତ୍ୟକ୍ଷ ଅଭିଯୋଗ କରିପାରିବେ। ସେହିପରି ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇଁ ନିର୍ବାଚନମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ବିକାଶ ନରୱାଲଙ୍କୁ ୭୩୨୭୮୭୨୧୪୦ ନମ୍ବରରେ ଯୋଗାଯୋଗ କରିପାରିବେ। ଏହା ବ୍ୟତୀତ ରାଉରକେଲା ହାଉସରେ ଅପରାହ୍ନ ୨ରୁ ୪ଟା ଯାଏଁ ସାକ୍ଷାତ କରିପାରିବେ ।

### ବିଜେଡିରେ ସାମିଲ ହେଲେ କଂଗ୍ରେସ କର୍ମୀ

କୁତ୍ରା,୪।୫(ଦେବାଶିଷ ସାହୁ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ବିରିଙ୍ଗାଟୋଲି ପଞ୍ଚାୟତ ବୁଢ଼ାକଟା ଗ୍ରାମରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଢ଼ାକଟା ଓ ଗଙ୍ଗାଜଳ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ, ଯୁବକ,ବୟସ୍କ ଓ ମହିଳା ବିଜେଡିରେ ସାମିଲ ହୋଇଥିଲେ। ଗତ ୩୦ ବର୍ଷ ଧରି କଂଗ୍ରେସରେ ରହି କାମ କରୁଥିବା ବଳବନ୍ତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଗଙ୍ଗାଧର ସାହୁ, ଦିବାକର ସାହୁ, କୁନ୍ଦନ ସାହୁ,ଗଣେଶ ସାହୁ,ତୁଳ ବାରବିଆ,କିଶୋର କଣ୍ଡା,ଗୋକୁଳାନନ୍ଦ ସାହୁ,ଲକ୍ଷ୍ମୀ ସାହୁ,ରତ୍ନି ବାରବିଆ,କାମିଲ ନାଗ,ରିତୁ ରାଏ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ସେମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଉପ ସଭାପତି ମଙ୍ଗଳା କିଷାନ,ବିଜେଡି ବିଧାୟକ ପ୍ରାର୍ଥୀ ଅନିଲ ବରୁଆ,ବ୍ଲକ ସଭାପତି ଅର୍ଜୁନ ଜୟପୁରିଆ,ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ଜିତୁ ଦାସ, ଅମରେଶ ପଣ୍ଡା,ପ୍ରସନ୍ନ ବାଗ, ଆଲେକ୍‌ଜାଣ୍ଡାର ଡୁଙ୍ଗ୍‌ଡୁଙ୍ଗ୍, ପୀତାମ୍ବର ନାଏକ,ଭୋଜରାଜ ଦାନୀ, ଫକିର ବରିହା, ଦେବାନନ୍ଦ ଲାକଡା ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୪।୫(ମହେନ୍ଦ୍ର କୁମାର ସାହୁ): କୁଆଁରମୁଣ୍ଡାର ଗାୟତ୍ରୀ ଶକ୍ତିପୀଠରୁ କାର୍ଯ୍ୟସାରି ନିଜ ଘରକୁ ଫେରୁଥିବାବେଳେ ହଠାତ୍ ମୁଣ୍ଡ ବୁଲାଇବାରୁ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ତୁରନ୍ତ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ କୁଆଁରମୁଣ୍ଡାର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଅବସରପ୍ରାପ୍ତ ଶିକ୍ଷକ ସାହୁ କୁଆଁରମୁଣ୍ଡା ଶିଶୁ ମନ୍ଦିରର ସମ୍ପାଦକ ଥିବା ବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷଭାବେ ଜଡ଼ିତ ଥିଲେ। ଶନିବାର କୁଆଁରମୁଣ୍ଡା ଶିଶୁ ମନ୍ଦିରରେ ସ୍ୱର୍ଗତ ଶିକ୍ଷକ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।



ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ସଦର ବନାଞ୍ଚଳର ବିରତୋଲା ସଂରକ୍ଷିତ ଓ ରାଜସ୍ୱ ଜଙ୍ଗଲ ନିକଟରେ ଜବତ ହୋଇଥିବା ବେଆଇନ ଇଟାଭାଟି।

# ବେଆଇନ ଇଟାଭାଟିରେ ଚଢ଼ାଉ, ମୂଲ୍ୟବାନ କାଠ ଜବତ

ସୁନ୍ଦରଗଡ,୪।୫ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ସଦର ବନାଞ୍ଚଳର ବିରତୋଲା ସଂରକ୍ଷିତ ଓ ରାଜସ୍ୱ ଜଙ୍ଗଲ ନିକଟରେ ବେଆଇନ ଇଟାଭାଟିରେ ଶନିବାର ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଜଙ୍ଗଲ ବିଭାଗ ଟିମ୍ ୪ ଟ୍ରକରୁ ଊର୍ଦ୍ଧ୍ୱ ମୂଲ୍ୟବାନ କାଠ ଜବତ କରିଛି। ଏହି ଘଟଣାରେ ବିରତୋଲା ଗ୍ରାମର ଯୋଗେଶ୍ୱର ଧୁରୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ହମିରପୁର ଗ୍ରାମର ନିରାକାର ସାହୁଙ୍କୁ ଜଙ୍ଗଲରେ ନିଆଁ ଲଗାଇବା ଓ ବେଆଇନ ଭାବେ ଜଙ୍ଗଲ କାଟି ଜମି ପ୍ରସ୍ତୁତ କରିବା ମାମଲାରେ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗଛ କାଟି ସେଠାରେ ଇଟାଭାଟି କରି ବ୍ୟବହାର କରାଯାଉଥିଲା। ଏ ସମ୍ପର୍କରେ ଖବର ପାଇ ଶନିବାର ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସୁନ୍ଦରଗଡ ଡିଏଫଓ ପ୍ରଦୀପ ମିରାସେଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉରେ ସଦର ବନାଞ୍ଚଳ ଅଧିକାରୀ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ବନପାଳ ଅଦନା ଗଡତିଆ,ବନରକ୍ଷୀ ସରୋଜ ନାଗରିକ,ଖଳିନ୍ଦ୍ର ଭିତ୍ରିଆ,ସତ ପ୍ରଜ୍ଞା ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ସାନପତ୍ରାପାଲିରେ କୁସୁମଙ୍କ ନିର୍ବାଚନୀ ସଭା

ସୁନ୍ଦରଗଡ଼,୪।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ବିଧାୟିକା ତଥା ଭାଜପା ପ୍ରାର୍ଥୀ କୁସୁମ ଟେଟେ ଶନିବାର ଟାଙ୍ଗରପାଲି ବ୍ଲକ ସାନପତ୍ରାପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିର୍ବାଚନୀ ସଭାରେ ଯୋଗଦେଇଛନ୍ତି। ସାନପତ୍ରାପାଲି ସଭାରେ ଉପସ୍ଥିତ ଜନତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାର ସୁଫଳ କିପରି ହିତାଧିକାରୀ ପାଉଛନ୍ତି ଏବଂ ସେ ବିଧାୟିକା ସମୟରେ କିପରି ଜିଲାବାସୀଙ୍କୁ ସେବା ଦେଇଛନ୍ତି ସେନେଇ ବ୍ୟାଖ୍ୟା କରିଥିଲେ। ଏଥିସହ ଉପସ୍ଥିତ ଜନତାଙ୍କୁ ଭୋଟ ଭିକ୍ଷା



ସଭାରେ ବିଧାୟିକା ପ୍ରାର୍ଥୀ କୁସୁମ ଟେଟେ ଉପସ୍ଥିତ ଲୋକଙ୍କୁ ବ୍ୟକ୍ତବ୍ୟ ଦେଉଛନ୍ତି।

କରିଥିଲେ। ଏଥିରେ ସନ୍ତୋଷ ଅମାତ, ଜିଲା ଭାଜପା ଉପସଭାପତି ସୁରେନ୍ଦ୍ର ଭିତିରିଆ, ସଞ୍ଜୀବ ସିଂ, ପରୀକ୍ଷିତ ସାହୁ ଉପସ୍ଥିତ ଥିଲେ। ଅଲେଇକେରା ଠାରେ ଆୟୋଜିତ ସଭାରେ କୁସୁମ ମଧ ଯୋଗଦେଇଥିଲେ।

### ପୌର ଉପାଧ୍ୟକ୍ଷଙ୍କ ବାସଭବନରେ ଅଜଣା ଯୁବକ

ସୁନ୍ଦରଗଡ,୪।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ପୌର ଉପାଧ୍ୟକ୍ଷ ତଥା ଟାଉନ ବିଜେଡି ସଭାପତି ଲଲାଟେନ୍ଦୁ ପରିଡାଙ୍କ ବାସଭବନକୁ ଶୁକ୍ରବାର ବିଳମ୍ବିତ ରାତିରେ ୨ଜଣ ଅଜଣା ଯୁବକ ଆସିଥିବା ନେଇ ଟାଉନଥାନାରେ ରିପୋର୍ଟ ହୋଇଛି। ସନ୍ଦିଗ୍ଧ ୨ଯୁବକ ଏକ ବାଇକରେ ଆସି ରାଜେଶ ନାମକ ଜଣେ ଯୁବକ ସେମାନଙ୍କୁ ଏଠାକୁ ପଠାଇଥିବା କହିଥିଲେ। ଏଥିସହ ୨ବୋତଲ ମଦ ମାଗିବା ଓ ଏହା ଲଲାଟ ପରିଡାଙ୍କ ଘର ବୋଲି ପଚାରିଥିଲେ। ହେଲେ ପୌରା ଉପାଧ୍ୟକ୍ଷ ସେମାନଙ୍କୁ ଓ ରାଜେଶ ନାମଧାରୀ କାହାକୁ ଜାଣି ନ ଥିବା କହିଥିଲେ। ବର୍ତ୍ତମାନ ନିର୍ବାଚନ ସମୟ ଥିବାରୁ କେହି ତାଙ୍କୁ ଧମକ କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ଆସିଥିବା ନେଇ ଉପାଧ୍ୟକ୍ଷ ପରିଡା ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ସେମାନଙ୍କ ନମ୍ବର ପ୍ଲେଟରେ ଝାରସୁଗୁଡା ଜିଲା ଓଡି-୨୩ ଲେଖାଥିଲା। ପୋଲିସ ତାଙ୍କ ଘରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ କରି ତାଙ୍କୁ ଓ ତାଙ୍କ ପରିବାରକୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି।

### ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତିଙ୍କ ଇସ୍ତଫା

ବଣାଇଁ,୪।୫(ପ୍ରଦୀପ ତ୍ରିପାଠୀ)

ଭାଜପା ବଣାଇଁ ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ସଭାପତି ଶାନ୍ତନୁ କୁମାର ଦାସ ଦଳରୁ ଇସ୍ତଫା ଦେଇଥିବା ଜଣାପଡିଛି। ତାଙ୍କୁ ଦଳର ବରିଷ୍ଠ କର୍ମକର୍ତ୍ତା ବାରମ୍ବାର ଅସମ୍ମାନ କରିବା ସହ ନିର୍ଯ୍ୟାତନା ଦେଉଥିବା ଦର୍ଶାଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ମାନସ କୁମାର ମହାନ୍ତି ଓ ବଣାଇଁ ସାଙ୍ଗଠନିକ ଜିଲା ସଭାପତି ମନୋଜ ପ୍ରଧାନଙ୍କୁ ନିଜର ଇସ୍ତଫା ପତ୍ର ପଠାଇଛନ୍ତି।

# ଲହୁଣୀପଡ଼ା ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ




ଲହୁଣୀପଡା,୪।୫(ଦାଶରଥି ପଣ୍ଡା)

ଲହୁଣୀପଡା ପୋଲିସ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଅବାଧ ଓ ଚାପମୁକ୍ତ ନିର୍ବାଚନ ପାଇଁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝଙ୍କାରଙ୍କ ନେତୃତ୍ୱରେ ସବ୍ ଇନ୍ସପେକ୍ଟର ପ୍ରିୟବ୍ରତ ବେହେରା, ପ୍ରସନ୍ନ କୁମାର ଜେନା, ରଶ୍ମି ରଞ୍ଜନ ପରିଜାଙ୍କ ସହଯୋଗରେ ପୋଲିସ, ଆଇଆରବି ୨ ପ୍ଲାଟୁନ, ବିଏସଏଫ ଏକ ପ୍ଲାଟୁନ ମିଳିତ ଭାବେ ଫ୍ଲାଗ ମାର୍ଚ୍ଚ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚ ଲହୁଣୀପଡା ଥାନା ଅନ୍ତର୍ଗତ, ଖୁଣ୍ଟଗାଁ,କୁଲିପୋଷ, ଜାଙ୍ଗଲା, ରୁଗୁଡା, ଅଞ୍ଚଳରେ ପରିକ୍ରମା କରିଥିବା ଜଣାପଡିଛି। ଅବାଧ, ଭୟମୁକ୍ତ, ଏବଂ ଚାପ ମୁକ୍ତ ହୋଇ କିପରି ଜନ ସାଧାରଣ ନିର୍ବାଚନ ପରିଚାଳନାରେ ଭାଗ ନେବେ ସେଥିପାଇଁ ଜନସାଧାରଣଙ୍କ ମନରେ ବିଶ୍ୱାସ ଏବଂ ଭରଷା ସୃଷ୍ଟି କରିବା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏହି ଫ୍ଲାଗ ମାର୍ଚ୍ଚର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଲହୁଣୀପଡା ଥାନା ଅଧିକାରୀ ସୂଚନା ଦେଇଥିଲେ।

# କଲିକେଶଙ୍କ ନାମାଙ୍କନପତ୍ରକୁ ନେଇ କଂଗ୍ରେସର ଆପତ୍ତି

ବଲାଙ୍ଗୀର, ୪।୫ (ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ମେ ୨୦ରେ ହେବାକୁ ଥିବା ସାଧାରଣ ନିର୍ବାଚନ ସକାଶେ ଶନିବାର ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଗତ ୩ ତାରିଖ ସୁଦ୍ଧା ଯେଉଁ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ ସେନେଇ ଶନିବାର ଯାଞ୍ଚ କରାଯିବା ପରେ ବୈଧ ନାମାଙ୍କନ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଶନିବାର ଯାଞ୍ଚ ଚାଲିଥିବା ବେଳେ ବଲାଙ୍ଗୀର ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ୪ଟି ସେଟ୍ ନାମାଙ୍କନରୁ ଗୋଟିଏ ସେଟ୍ ନାକଚ ହୋଇଥିବା ଜଣାପଡିଛି। ଉକ୍ତ ସେଟ୍‌ରେ ଆଫିଡେଭିଟ୍‌ରେ ତ୍ରୁଟି ଥିବା ଦେଖାଯିବା ପରେ ଏହା ନାକଚ ହୋଇଥିବା ଜଣାପଡିଛି। ତେବେ ତାଙ୍କର ଅନ୍ୟ ୩ଟି ସେଟ୍ ନାମାଙ୍କନ ପତ୍ର ଠିକ୍ ଥିବାରୁ ତାଙ୍କ ପ୍ରାର୍ଥୀତ୍ୱ କାଏମ ରହିଛି। ଆଜି ଯାଞ୍ଚ ବେଳେ କଲିକେଶଙ୍କ ଏକ ନାମାଙ୍କନ ସେଟରେ୍ ତ୍ରୁଟି ଥିବା ଜଣାପଡିବା ପରେ ପ୍ରତିପକ୍ଷ କଂଗ୍ରେସ ପକ୍ଷରୁ ଏହାକୁ ଆପତ୍ତି କରାଯାଇଥିଲା। କଂଗ୍ରେସ ପକ୍ଷରୁ ବିଧାୟକ ତଥା ବରିଷ୍ଠ ଆଡଭୋକେଟ ନରସିଂହ ମିଶ୍ର, ବରିଷ୍ଠ ଆଡଭୋକେଟ ପ୍ରହ୍ଲାଦ ଅଗ୍ରୱାଲ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନଙ୍କ ଠାରେ ଆପତ୍ତି ଉଠାଇଥିଲେ। ବିଜେଡି ପ୍ରାର୍ଥୀ କଲିକେଶଙ୍କ ଆଡଭୋକେଟ ଅଶୋକ କୁମାର ମହାନ୍ତି ଏବଂ ଆଡଭୋକେଟ ପ୍ରଫୁଲ୍ଲ ପ୍ରଧାନ ଏହାର

#### ନାମାଙ୍କନ ବୈଧ ତାଲିକା ପ୍ରକାଶ ପାଇଲା

ଉତ୍ତର ରଖିଥିଲେ। ଆଫିଡେଭିଟ୍‌ରେ କିଛି ତ୍ରୁଟି ପାଇଁ କଲିକେଶଙ୍କ ଗୋଟିଏ ସେଟ୍ ନାମାଙ୍କନ ନାକଚ ହୋଇଯାଇଥିଲା। ତେବେ ଅନ୍ୟ ତିନିଟି ସେଟ୍ ନାମାଙ୍କନ କାଏମ ଥିବା ଉପଜିଲାପାଳ ପ୍ରଧାନ ସୂଚନା ଦେଇଛନ୍ତି। ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ଭାବେ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାର ସିଂଦେଓ, ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, କଂଗ୍ରେସ ପ୍ରାର୍ଥୀ ମନୋଜ ମିଶ୍ର, ବହୁଜନ ସମାଜ ପାର୍ଟିର ଜଗଦୀଶ ଚନ୍ଦ୍ର ବିଭାର, ନ୍ୟାଶନାଲ ଅପନୀ ପାର୍ଟିର ଅକ୍ଷୟ ଦିଗ୍ରୀ, ଏପିଆଇର ମଧୁସୂଦନ ବାରିକ, ଏକମ୍ ସନାତନ ଭାରତ ଦଳ ପ୍ରାର୍ଥୀ ରାଜେଶ କୁମାର ପଣ୍ଡା, ଏସୟୁସିଆଇ (ସି) ପ୍ରାର୍ଥୀ ସୁନୀଲ କୁମାର ଭୋଇ, ସ୍ୱାଧୀନ ପ୍ରାର୍ଥୀ ବଳରାମ ସା ଓ ବଳରାମ ସିଂ ଯାଦବଙ୍କ ନାମାଙ୍କନ କାଏମ ରହିଛି। ବଲାଙ୍ଗୀର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ, କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର, ଭାଜପା ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ, ଆମ ଆଦମୀ ପାର୍ଟି ପ୍ରାର୍ଥୀ ଆଶିଷ ପାଣ୍ଡେ, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ରଣ ନାଗ, ଏପିଆଇର ସମାରୁ ନାଗଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜଣାପଡିଛି। ସେହିପରି ଲୋଇସିଂହା, କଣ୍ଟାବାଞ୍ଜି, ପାଟଣାଗଡ ଓ ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ତାଲିକା ପ୍ରକାଶ କରାଯାଇଛି।

# ଟାଙ୍ଗରପାଲିରେ ଯୋଗେଶଙ୍କ ନିର୍ବାଚନୀ ପ୍ରଚାର



ସମର୍ଥକଙ୍କ ସହ ଯୋଗେଶ ପ୍ରଚାର କରୁଛନ୍ତି।

ସୁନ୍ଦରଗଡ,୪।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ଶନିବାର ଟାଙ୍ଗରପାଲି ବ୍ଲକ ଉଜଳପୁର ପଞ୍ଚାୟତର ନୂଆମୁଣ୍ଡା, ଟାଙ୍ଗରପାଲି ବସ୍ତି, ମହୁଲପାଲି ପଞ୍ଚାୟତ କେନାପାଲିର ମୁଣ୍ଡାପଡ଼ା, ମହୁଲପାଲି ପଞ୍ଚାୟତର ବନ୍ଧପାଲି ମଝିପଡ଼ା, ସଦର ଛକ, ତସଲାଡିହି ପଞ୍ଚାୟତର କାଲୋବାହାଲ, ରତନପୁର ପଞ୍ଚାୟତର ଢବାଖୋଳ, ଲାଲଢିପା, ଫଗୁଅପଡା,ସାନପତ୍ରାପାଲି ପଞ୍ଚାୟତର ସୁନାଜୋର, ଲଇକେରାଠାରେ ପ୍ରଚାର କାର୍ଯ୍ୟ କରିଛନ୍ତି। ବିଜେଡିର ଲୋକସଭା ପ୍ରାର୍ଥୀ ଏବଂ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ସେ ଅନୁରୋଧ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ପୂର୍ବତନ ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝି, ବରିଷ୍ଠ ନେତା ପ୍ରଫୁଲ୍ଲ ସୁନ୍ୟାନୀ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ବ୍ଲକ ସଭାପତି ଶୋଭନ ଦାସ, ସୀତାକାନ୍ତ ପଟେଲ, ପ୍ରଫୁଲ୍ଲ ମାଝି, କୃଷ୍ଣ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଯୋଗେଶ ଏବଂ ଦିଲୀପଙ୍କ ପାଇଁ ପ୍ରଚାର କରିଥିଲେ।

# ସୁନ୍ଦରଗଡ଼ରେ ଦିଲୀପଙ୍କ ପ୍ରଚାର




ସୁନ୍ଦରଗଡ,୪।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଲୋକସଭା ଆସନର ବିଜୁ ଜନତାଦଳ ପ୍ରାର୍ଥୀ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ତାଙ୍କର ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଶନିବାର ସୁନ୍ଦରଗଡ ସହରର ୱାର୍ଡ ନଂ ୨ରେ ଘରକୁ ଘର ବୁଲି ଭୋଟ ପ୍ରଚାର କରିଛନ୍ତି। ଏହି ପ୍ରଚାର ବେଳେ ତାଙ୍କର ସହିତ ବିଧାୟକ ପ୍ରାର୍ଥୀ ଯୋଗେଶ ସିଂହଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ସିଂହ, ଉପନଗରପାଳ ଲଲାଟେନ୍ଦୁ ପରିଡା,ଡ. କୁମୁଦିନୁ ରାଉତରାୟ,ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, କାଉନସିଲର ସୁମନ୍ତ ସାହୁ,ପୂର୍ବତନ କାଉନସିଲର ବୀଣାସାହୁ, ମହମ୍ମଦ କଲିମ,ସେହେବାଜ ହୁସେନଙ୍କ ସହ ଦଳୀୟ ନେତୃମଣ୍ଡଳୀ ସାମିଲ ଥିଲେ।

# ଗାଁ ଲୋକଙ୍କ ଅର୍ଥନୀତି ସୁଦୃଢ଼ କରିବା ପ୍ରାଥମିକତା: ସମରେନ୍ଦ୍ର

ବଲାଙ୍ଗୀର,୪।୫ (ବୀରେନ୍ଦ୍ର କୁମାର ଝାଙ୍କର)

ଗାଁ ଲୋକଙ୍କ ଅର୍ଥନୀତି ସୁଦୃଢ଼ କରିବା ଆମର ପ୍ରାଥମିକତା ବୋଲି କଂଗ୍ରେସ ଦଳର ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଶନିବାର ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଅନୁଷ୍ଠିତ ନିର୍ବାଚନୀ ପ୍ରଚାର ସଭାଗୁଡିକରେ କହିଛନ୍ତି। ସେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ମା'ଙ୍କୁ ସମ୍ମାନ, ଗାଁକୁ କାମ ନାରାର ସମ୍ପୂର୍ଣ୍ଣ ଓଲଟା ପ୍ରତିଫଳନ ଦେଖାଯାଇଛି। ଦୀର୍ଘବର୍ଷର ଶାସନରେ ଗାଁ ଯୁବକ, ଯୁବତୀ ଓ ମା'ମାନଙ୍କ ଆର୍ଥିକ ବିକାଶ ଦିଗରେ ସରକାର କୌଣସି




ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିର୍ବାଚନୀ ସଭାରେ ବକ୍ତବ୍ୟ ରଖୁଛନ୍ତି।

ବି କାମ କରିନାହାନ୍ତି । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନର ବିକାଶ ହେଲେ ହିଁ ଗାଁ ଲୋକଙ୍କ ଅର୍ଥନୈତିକ ବିକାଶ ହୋଇଥାଏ। ଗତ ୧୦ ବର୍ଷରେ ବଲାଙ୍ଗୀର ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନର ବିକାଶ ପାଇଁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ। ଗାଁ ଅର୍ଥନୀତିକୁ ସୁଦୃଢ଼ କରିବା ଆମର ପ୍ରାଥମିକ ଲକ୍ଷ୍ୟ ହେବ ବୋଲି ସମରେନ୍ଦ୍ର କହିଥିଲେ। ସମରେନ୍ଦ୍ର ଡୁମେରପିଟା, ରାମଚନ୍ଦ୍ରପୁର ଓ ସିଙ୍ଗାମୁଣ୍ଡା ଗ୍ରାମ ପଞ୍ଚାୟତର ଗାଁଗୁଡିକରେ କଂଗ୍ରେସ ଦଳ ତରଫରୁ ଆୟୋଜିତ ଜନ ଆଶୀର୍ବାଦ ସଭା କରି ରାଜ୍ୟ ସରକାରଙ୍କ ବିଫଳତା ଏବଂ ତାଙ୍କ ନିଜସ୍ୱ ସଂକଳ୍ପ ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମରେନ୍ଦ୍ର ରାଜ୍ୟ ସରକାର କଂଗ୍ରେସ ସରକାର ଅମଳରେ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନାର ନାଁ ପରିବର୍ତ୍ତନ କରି ଲୋକଙ୍କୁ ଭୁଆଁ ବୁଲାଉଛି କହିଥିଲେ। ସଭାରେ ବିଧାୟକ ମିଶ୍ର ଆଗାମୀ ନିର୍ବାଚନରେ ବିଧାୟକ ଭାବେ ସମରେନ୍ଦ୍ର ମିଶ୍ରଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏହି ନିର୍ବାଚନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ ଓ କଂଗ୍ରେସ ନେତା ବିପିନ କୁଶଳିଆ ମଞ୍ଚାସୀନ ଥିଲେ ।

## ସଂକ୍ଷେପରେ

### ଗାଡି ଧକ୍କାରେ ଯୁବକ ମୃତ

**ଦେବଗଡ଼, ୪।୩(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଥାନା ଅନ୍ତର୍ଗତ ବେଞ୍ଜାତି ନାଳୀ ନିକଟସ୍ଥ ତିୱାରୀ ଢାବା ସମ୍ମୁଖ ୪୯ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତଙ୍କର ପରିଚୟ ମିଳିନାହିଁ। ତାଙ୍କର ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି । ଯୁବକ ଜଣକ ରାସ୍ତା ପାରି ହେଉଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେବା ପରେ ଡ୍ରାଇଭର ଗଡି ନେଇ କୁଆଡେ ଫେରାର ହୋଇଯାଇଥିଲା । ସୂଚନା ପାଇ ଦେବଗଡ ଆଦର୍ଶ ଥାନା ପୋଲିସ ଯୁବକଙ୍କର ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ମୃତକଙ୍କ ପରିଚୟ ମିଳିନାହିଁ।

### ଚୋରି ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୪।୫(ବିରଞ୍ଚି ଦର୍ଶୀ):** ଲୁହା ଫ୍ରେମ ଚୋରି ଅଭିଯୋଗରେ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ପୋଲିସ ଗୋବିନ୍ଦପୁର ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେପଣ୍ଡରିପଥର ଗ୍ରାମର ସୁମନ ମାଝି(୧୯)। ପୋଲିସ ତାଙ୍କଠାରୁ ଚୋରି ହୋଇଥିବା ୧୨ଟି ଲୁହାଫ୍ରେମ ଜବତ କରିଛି। ଦିଲୀପ ଚୌଧୁରୀଙ୍କ ରିପୋର୍ଟ ଆଧାରରେ ପୋଲିସ ଗୋବିନ୍ଦପୁର ଥାନାରେ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ଦିଲୀପ ଚୌଧୁରୀ ନିଜ ଜମିରେ ବଗିଚା କରି ଲୁହା ଫ୍ରେମରେ ବାଡ ଦେଇଥିଲେ ଗତ ୨୦୨୩ ଅକ୍ଟୋବର ରାତିରେ ବଗିଚାରୁ ବାଡ ଦିଆଯାଇଥିବା ୧୨ଗୋଟି ଲୁହାଫ୍ରେମ ଚୋରି ହୋଇଥିଲା। ଏ ନେଇ ସେ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ।

### ପୌର ଉପାଧ୍ୟକ୍ଷଙ୍କ ବାସଭବନରେ ଅଜଣା ଯୁବକ

**ସୁନ୍ଦରଗଡ,୪।୫(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ପୌର ଉପାଧ୍ୟକ୍ଷ ତଥା ଟାଉନ ବିଜେଡି ସଭାପତି ଲଲାଟେନ୍ଦୁ ପରିଡାଙ୍କ ବାସଭବନକୁ ଶୁକ୍ରବାର ବିଳମ୍ବିତ ରାତିରେ ୨ଜଣ ଅଜଣା ଯୁବକ ଆସିଥିବା ନେଇ ଟାଉନଥାନାରେ ରିପୋର୍ଟ ହୋଇଛି। ସନ୍ଦିଗ୍ଧ ୨ଯୁବକ ଏକ ବାଇକରେ ଆସି ରାଜେଶ ନାମକ ଜଣେ ଯୁବକ ସେମାନଙ୍କୁ ଏଠାକୁ ପଠାଇଥିବା କହିଥିଲେ। ଏଥିସହ ୨ବୋତଲ ମଦ ମାଗିବା ଓ ଏହା ଲଲାଟ ପରିଡାଙ୍କ ଘର ବୋଲି ପଚାରିଥିଲେ। ହେଲେ ପୌରା ଉପାଧ୍ୟକ୍ଷ ସେମାନଙ୍କୁ ଓ ରାଜେଶ ନାମଧାରୀ କାହାକୁ ଜାଣି ନ ଥିବା କହିଥିଲେ। ବର୍ତ୍ତମାନ ନିର୍ବାଚନ ସମୟ ଥିବାରୁ କେହି ତାଙ୍କୁ ଧମକ କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ଆସିଥିବା ନେଇ ଉପାଧ୍ୟକ୍ଷ ପରିଡା ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।



ଜିଲା ପରିଷଦ କାର୍ଯ୍ୟାଳୟରୁ ବାହାରିଥିବା ସଚେତନତା ବାଇକ ଶୋଭାଯାତ୍ରା ।

# ଶତ ପ୍ରତିଶତ ମତଦାନ ପାଇଁ ସଚେତନତା ଶୋଭାଯାତ୍ରା

**ଦେବଗଡ଼, ୪।୫(ଶଶାଙ୍କ ଶେଖର ଝାଙ୍କର)**

ଆଗାମୀ ନିର୍ବାଚନରେ ଶତ ପ୍ରତିଶତ ମତଦାନ ନିମନ୍ତେ ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ଏକ ଭୋଟର ସଚେତନତା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜିଲା ପରିଷଦ କାର୍ଯ୍ୟାଳୟରୁ ଏହି ବାଇକ ଶୋଭାଯାତ୍ରା ବାହାରିଥିଲା। ଏହାକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ବାଇକ ଶୋଭାଯାତ୍ରାରେ ଦେବଗଡ ଜିଲା ପରିଷଦ କାର୍ଯ୍ୟାଳୟ ଏବଂ ଦେବଗଡ ପୌର ପରିଷଦର ବହୁ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରି ପୌରାଞ୍ଚଳର ସମସ୍ତ ୧୧ଟି ଯାକ ୱାର୍ଡ ପରିକ୍ରମା କରିଥିଲେ। ଆଗାମୀ ୨୫ ତାରିଖ ହେବାକୁ ଥିବା ନିର୍ବାଚନରେ ନିଶ୍ଚିତ ମତଦାନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଫାଇନାନ୍ସ) ଆଶିଷ ରଞ୍ଜନ ବାରିକି ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ସୈନିକଙ୍କୁ ଭେଟିଲେ ପ୍ରଣବ ପ୍ରକାଶ



ଅବସରପ୍ରାପ୍ତ ସୈନିକ କର୍ମଚାରୀ, ଅଧିକାରୀଙ୍କ ସହ ପ୍ରଣବ ପ୍ରକାଶ ଦାସ ଓ ରୋହିତ ପୂଜାରୀ ।

**ସମ୍ବଲପୁର,୪।୫(ବି.ଶଙ୍କର)**

ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଶନିବାର ବୀର ସୁରେନ୍ଦ୍ର ଷ୍ଟାଡିୟମ ନିକଟସ୍ଥ ଅବସରପ୍ରାପ୍ତ ସୈନିକ କର୍ମଚାରୀ, ଅଧିକାରୀଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାକାଳରେ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀ, ଯବାନ ଏବଂ ଅଗ୍ନିବୀର ତାଲିମ ନେଉଥିବା ପ୍ରଶିକ୍ଷାର୍ଥୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ସମ୍ବଲପୁର ଲୋକ ସଭା ପ୍ରାର୍ଥୀଭାବେ ପ୍ରଣବ ପ୍ରକାଶଙ୍କୁ ପାଇବା ଆମର ସୌଭାଗ୍ୟ ଏବଂ ତାଙ୍କ ଜରିଆରେ ସେମାନେ ରାଜ୍ୟ ସରକାରଙ୍କ ସହଯୋଗ କାମନା କରିଥିଲେ। ସମ୍ବଲପୁରର ସେନା କର୍ମଚାରୀମାନେ ଏକ ଟ୍ରେନିଂ ଇନଷ୍ଟିଚ୍ୟୁଟ କରିଥିବାବେଳେ ଯୁବତୀଯୁବକମାନଙ୍କୁ ସେନାରେ ଭର୍ତ୍ତି କରିବା ପାଇଁ ତାଲିମ ଦେଉଛନ୍ତି । ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଘର ସହିତ ମୌଳିକ ସୁବିଧା ଯୋଗାଇଦେବା, ଅବସରପ୍ରାପ୍ତ ସୈନିକ ଗେଷ୍ଟ ହାଉସ ଦାବି କରିଥିଲେ । ଏହି ଅବସରରେ ପ୍ରଣବ ପ୍ରକାଶ କହିଥିଲେ ଯବାନମାନେ ଆମ ଦେଶର ଗର୍ବ ଓ ଗୌରବ। ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗଭୀର ସମ୍ମାନ ରହିଛି। ସେମାନଙ୍କୁ ଯାହା ଦରକାର ମୁଖ୍ୟମନ୍ତ୍ରୀ ତାଠାରୁ ଅଧିକ ଚିନ୍ତା କରିଛନ୍ତି ବୋଲି ସେ କହିଥିଲେ। ଭୁବନେଶ୍ୱର ଏବଂ ସମ୍ବଲପୁରରେ ଅବସରପ୍ରାପ୍ତ ସେନା ଅଧିକାରୀମାନଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପୂର୍ବରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପ୍ରଣବ ପ୍ରକାଶ ପ୍ରତିଶ୍ରୁତି ଦେଇଥିଲେ। ଭିଏସ୍‌ଏସ ଆର୍ମି ଏକାଡେମୀ ସମ୍ବଲପୁରର ଯୁବପିଢିଙ୍କୁ ନିଶା କବଳରୁ ରକ୍ଷା କରି ମୁଖ୍ୟସ୍ରୋତକୁ ଫେରାଇ ଆଣୁଛି। ସେମାନଙ୍କ ପ୍ରତି ସବୁବେଳେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଶିବନାରାୟଣ ବେହେରା, ସୁବୋଧ ପାଣିଗ୍ରାହୀ, ସଞ୍ଜୟ ବାକୁ, ସିଦ୍ଧାର୍ଥ ଦାସ ପ୍ରମୁଖ ସାମିଲ ଥିଲେ ।

## ଟାଙ୍ଗରପାଲିରେ ଯୋଗେଶଙ୍କ ନିର୍ବାଚନୀ ପ୍ରଚାର

**ସୁନ୍ଦରଗଡ,୪।୫(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ଶନିବାର ଟାଙ୍ଗରପାଲି ବ୍ଲକ ଉଜ୍ଜଳପୁର ପଞ୍ଚାୟତର ନୂଆମୁଣ୍ଡା, ଟାଙ୍ଗରପାଲି ବସ୍ତି, ମହୁଲପାଲି ପଞ୍ଚାୟତ କେନାପାଲିର ମୁଣ୍ଡାପଡ଼ା, ମହୁଲପାଲି ପଞ୍ଚାୟତର ବନ୍ଧପାଲି ମଝିପଡ଼ା, ସଦର ଛକ, ତସଲାଡିହି ପଞ୍ଚାୟତର କାଲୋବାହାଲ, ରତନପୁର ପଞ୍ଚାୟତର ଢବାଖୋଲ, ଲାଲଢିପା, ଫଗୁଅପଡା,ସାନପତ୍ରାପାଲି ପଞ୍ଚାୟତର ସୁନାଜୋର, ଲଇକେରାଠାରେ ପ୍ରଚାର କାର୍ଯ୍ୟ କରିଛନ୍ତି। ବିଜେଡିର ଲୋକସଭା ପ୍ରାର୍ଥୀ ଏବଂ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ସେ ଅନୁରୋଧ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ପୂର୍ବତନ ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝି, ବରିଷ୍ଠ ନେତା ପ୍ରଫୁଲ୍ଲ ସୁନ୍ୟାନୀ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ବ୍ଲକ ସଭାପତି ଶୋଭନ ଦାସ, ସୀତାକାନ୍ତ ପଟେଲ, ପ୍ରଫୁଲ୍ଲ ମାଝି, କୃଷ୍ଣ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଯୋଗେଶ ଏବଂ ଦିଲୀପଙ୍କ ପାଇଁ ପ୍ରଚାର କରିଥିଲେ।

## ଆଜି ସମ୍ବଲପୁର ଆସୁଛନ୍ତି ବହିଃର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର

**ସମ୍ବଲପୁର,୪।୫ (ଭବାନୀ ଶଙ୍କର ଭୋଇ)**

**ବୁଦ୍ଧିଜୀବୀ ସମାବେଶରେ ଯୋଗଦେବେ**

ବହିଃର୍ବ୍ୟାପାର ଏସ.ଜୟଶଙ୍କର ରବିବାର ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଜୟଶଙ୍କର ସମ୍ବଲପୁର ମନ୍ଦଲିଆ ସ୍ଥିତ ଏକ ଘରୋଇ ହୋଟେଲରେ ମିଶନ ଫର୍ ନେଶନ ବୁଦ୍ଧିଜୀବୀ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ନାଗରିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଓଡିଶା ବିଧାନସଭାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ ଉପସ୍ଥିତ ରହିବେ। ସମ୍ବଲପୁରର ବିଭିନ୍ନ ବୁଦ୍ଧିଜୀବୀ ଏବଂ ସାମାଜିକ ସାଂସ୍କୃତିକ ସଙ୍ଗଠନମାନେ ଏହି ସମାବେଶରେ ସାମିଲ ହେବାର କାର୍ଯ୍ୟକ୍ରମ ରହଥିବା ସମ୍ବଲପୁର ନାଗରିକ ପରିଷଦ ଆବାହକ ଡ ଶ୍ୟାମସୁନ୍ଦର ଧର ସୂଚନା ଦେଇଛନ୍ତି ।

## ମୃତକଙ୍କ ପରିବାରକୁ ଭେଟିଲା ବିଜେଡି ପ୍ରତିନିଧି ଦଳ



ମୃତ କଳାକାରଙ୍କ ପରିଜନଙ୍କୁ ସାକ୍ଷାତ କରୁଛନ୍ତି ବିଜେଡି ପ୍ରତିନିଧି ଦଳ।

**ସମ୍ବଲପୁର,୪।୫(ପ୍ରମୋଦ ବହିଦାର)**

**ନାମାଙ୍କନ ଶୋଭାଯାତ୍ରାରେ ବାଦ୍ୟ କଳାକାରଙ୍କ ମୃତ୍ୟୁ ଘଟଣା**

ଭାଜପାର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଗତ ବୁଧବାର ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳ ତଥା ରିଟର୍ନିଂ ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରାରେ ସାମିଲ ଦୁଲଦୁଲି ବାଜା ଦଳର ଜଣେ ସଦସ୍ୟ ବାମରା ବ୍ଲକ ପିଣ୍ଡାପଥର ଗ୍ରାମ ବାଘପଡ଼ାର କୁମର ମାଝିଙ୍କ ଏଥିରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସମ୍ବଲପୁରରେ ୪୩ ଡିଗ୍ରୀରୁ ଊର୍ଦ୍ଧ୍ୱ ଉତ୍ତାପ ଜନିତ ପ୍ରଖର ଗ୍ରୀଷ୍ମ ପ୍ରବାହକୁ ଅଣଦେଖା କରି ଧର୍ମେନ୍ଦ୍ର ତାଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସହିତ ୪୦ଟି ସାଂସ୍କୃତିକ ଦଳକୁ ଡାକିଥିଲେ। ଶୋଭାଯାତ୍ରାରେ ଏକ ସାଂସ୍କୃତିକ ଦଳର ପ୍ରତିନିଧିଭାବେ କୁମର ମାଝି ସାମିଲ ହୋଇଥିଲେ। ତେବେ ଶୋଭଯାତ୍ରାରେ ପାଣି ମୁନ୍ଦିଏ ନପାଇ ଶେଷରେ ଅଂଶୁଘାତରେ କୁମର ମାଝିଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ କୁମରଙ୍କ ମୃତ୍ୟୁକୁ ୭୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ଧର୍ମେନ୍ଦ୍ର କିମ୍ବା ତାଙ୍କ ଦଳର କୌଣସି ନେତା ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିନାହାନ୍ତି। ଶନିବାର ସକାଳେ ବିଜେଡି କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆଙ୍କ ନେତୃତ୍ୱରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ପ୍ରମୁଖଙ୍କ ସହ ବିଜେଡିର ଏକ ପ୍ରତିନିଧି ଦଳ କୁମରଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ମୃତ କଳାକାରଙ୍କ ପରିବାରକୁ ବିଜେଡି ପୋଷ୍ୟ ପରିବାର ଭାବେ ଗ୍ରହଣ କରିଛି ବୋଲି ବିଜେଡି ମୁଖପାତ୍ର ମହାନ୍ତି ସୂଚନା ଦେଇଛନ୍ତି।

## ୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ




**ସମ୍ବଲପୁର, ୪।୫(ପ୍ରମୋଦ ବହିଦାର)**

ବେଆଇନ୍ ଗଞ୍ଜେଇ ଗଚ୍ଛିତ ଓ ଚୋରା ଚାଲାଣ ବେଳେ ସମ୍ବଲପୁର ସଦର ଥାନା ପୋଲିସ ୬କୁଇଣ୍ଟାଲରୁ ଅଧିକ ପରିମାଣର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଗିରଫ କରିଛି ପୋଲିସ। ଶନିବାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରିଶ ପାଣ୍ଡେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ବେଆଇନ ଗଞ୍ଜେଇ ଗଚ୍ଛିତ ଓ ଚୋରା ଚାଲାଣ ସମ୍ପର୍କରେ ସଦର ଥାନା ପୋଲିସକୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ପୋଲିସ କୁଟୁରାଜୁରି ଅଞ୍ଚଳରେ ଚଢ଼ାଉ କରି ୧୨ଟି ବଡ଼ ଧଳା ଜରି ବସ୍ତାରେ ବେଆଇନ ଭାବେ ଗଚ୍ଛିତ ୬କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଏହାସହ ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ କବରାପାଲିର ଲଳିତ ଭୋଇ(୫୪), ସମ୍ବଲପୁର ସହର କୁଞ୍ଜେଲପଡ଼ାର ସତିଶ କୁମାର ପ୍ରଧାନ(୩୮) ଓ ସୋନାପାଲିର ମହମ୍ମଦ ଇସାର(୪୯)ଙ୍କୁ ପୋଲିସ ଗିରଫ କରିଛି। ଚଢ଼ାଉ ସମୟରେ ଅଭିଯୁକ୍ତମାନେ ଚାଲାଣରେ ବ୍ୟବହୃତ କାର(ଓଡି-୧୭-କେ-୦୪୫୨)କୁ ଜବତ କରାଯାଇଛି। ଅଭିଯୁକ୍ତମାନେ ଏଠାରେ ଗଞ୍ଜେଇ ଗଚ୍ଛିତ ରଖି ସହର ତଥା ଆଖପାଖ ଅଞ୍ଚଳ ଓ ପଡ଼ୋଶୀ ଜିଲାର ଗଞ୍ଜେଇ ବେପାରୀମାନଙ୍କ ନିକଟକୁ ଚୋରାରେ ଚାଲାଣ କରୁଥିଲେ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପାଣ୍ଡେ କହିଛନ୍ତି। ଏହାକୁ ନେଇ ଏକ ମାମଲା (ନଂ.୧୦୭/୨୪)ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ରାସ୍ତା ମରାମତି କଲେ ଗ୍ରାମବାସୀ

**ଦେବଗଡ଼, ୪।୫(ଶଶାଙ୍କଶେଖର ଝାଙ୍କର)**

ଖାଲଖମାରେ ଭର୍ତ୍ତି ତଥା ବ୍ୟବହାର ଅନୁପଯୋଗୀ ହୋଇପଡିଥିବା ଦେବଗଡ଼ ଜିଲା ତିଲେଇବଣି ବ୍ଲକ କେନ୍ଦେଇଜୁରୀ ଗ୍ରାମପଞ୍ଚାୟତର ଠେଲକୋଗୁଡି-ବଲିତା ମାଟି ରାସ୍ତାର ମରାମତି ପାଇଁ ଦୀର୍ଘ ତିନି ଚାରି ବର୍ଷ ହେଲା ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଗୁହାରୀ କରି ଆସୁଥିଲେ ଅନୁନ୍ନତ ତଥା ଆଦିବାସୀ ଅଧ୍ୟୁଷିତ ଠେଲକୋଗୁଡି ଓ ବଲିତା ଗ୍ରାମର ଗ୍ରାମବାସୀ। ମାତ୍ର କେହି ନ ଶୁଣିବାରୁ ପ୍ରବଳ ଖରା ଓ ଗ୍ରୀଷ୍ମତାପ ସତ୍ତ୍ୱେ ଶନିବାର ଉଭୟ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ମିଳି ମିଶି ଉକ୍ତ ରାସ୍ତାର ମରାମତି କରିଥିବା ଜଣାପଡିଛି। ସେହିପରି ରାସ୍ତା ମରାମତି କାର୍ଯ୍ୟରେ ସମ୍ପୃକ୍ତ ଅଞ୍ଚଳର ଶ୍ରୀରାମ ସେନା ମଧ୍ୟ ସହଯୋଗ କରିଥିବା ଜଣାପଡିଛି। ଶନିବାର ସକାଳ ୭ଟାରେ ଠେଲକୋଗୁଡି ଓ ବଲିତା ଗ୍ରାମର ଗ୍ରାମବାସୀଙ୍କ ସହିତ ଶ୍ରୀରାମ ସେନାର କର୍ମକର୍ତ୍ତା ହାତରେ କୁଡି, ଗାମଲା ଓ ଗାଣ୍ଡୁଆ ଧରି ଏକତ୍ରିତ ହୋଇଥିଲେ। ଏଥି ସହ ଟ୍ରାକ୍ଟର ଯୋଗେ ସଂଗ୍ରହ କରାଯାଇଥିବା ମୋରମ ଗୁଡିକୁ ପ୍ରାୟ ୨ କି.ମି. ଦୈର୍ଘ୍ୟ ବିଶିଷ୍ଟ ଠେଲକୋଗୁଡି-ବଲିତା ମାଟି ରାସ୍ତାରେ ପକାଇ ରାସ୍ତାରେ ରହିଥିବା ଖାଲଖମା ଗୁଡିକୁ ମରାମତି କରିଥିଲେ। ପ୍ରଚଣ୍ଡ ଖରାକୁ ସେମାନେ ଖାତିର ନ କରି ମଧ୍ୟାହ୍ନ ପ୍ରାୟ ୧୨ଟା ପର୍ଯ୍ୟନ୍ତ ଏହି ଶ୍ରମ କାର୍ଯ୍ୟ କରିବାସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିଲେ। ଅଞ୍ଚଳବାସୀଙ୍କ ମଧ୍ୟରେ ରହିଥିବା ଏକତା ଓ କିଛି କରି ଦେଖାଇବାର ସଂକଳ୍ପକୁ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ଠେଲକୋଗୁଡି-ବଲିତା ମାଟି ରାସ୍ତାଟି ପ୍ରାୟ ଚାରି ବର୍ଷ ପୂର୍ବେ ବର୍ଷା ପାଣିରେ ଧୋଇନେବା ସହ ଖାଲଖମା ସୃଷ୍ଟି ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଥିଲା। ଏନେଇ ଉଭୟ ଗ୍ରାମର ଗ୍ରାମବାସୀ ଗ୍ରାମ ପଂଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଗୁହାରୀ କରି ଆସୁଥିଲେ ହେଁ ସେମାନଙ୍କ ଗୁହାରୀ ଅରଣ୍ୟ ରୋଦନରେ ପରିଣତ ହୋଇଥିଲା।



ରାସ୍ତା ମରାମତିରେ ସାମିଲ ହୋଇଥିବା ଗ୍ରାମବାସୀ।

## ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତିଙ୍କ ଇସ୍ତଫା

**ବଣାଇଁ,୪।୫(ପ୍ରଦୀପ ତ୍ରିପାଠୀ)**

ଭାଜପା ବଣାଇଁ ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ସଭାପତି ଶାନ୍ତନୁ କୁମାର ଦାସ ଦଳରୁ ଇସ୍ତଫା ଦେଇଥିବା ଜଣାପଡିଛି। ତାଙ୍କୁ ଦଳର ବରିଷ୍ଠ କର୍ମକର୍ତ୍ତା ବାରମ୍ବାର ଅସମ୍ମାନ କରିବା ସହ ନିର୍ଯ୍ୟାତନା ଦେଉଥିବା ଦର୍ଶାଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ମାନସ କୁମାର ମହାନ୍ତି ଓ ବଣାଇଁ ସାଙ୍ଗଠନିକ ଜିଲା ସଭାପତି ମନୋଜ ପ୍ରଧାନଙ୍କୁ ନିଜର ଇସ୍ତଫା ପତ୍ର ପଠାଇଛନ୍ତି।

# ୨୪ବର୍ଷ ଶାସନରେ ସ୍ୱଚ୍ଛ ପାଣି ଯୋଗାଣ ହେଲାନି

**ସମ୍ବଲପୁର,୪।୫ (ଭବାନୀ ଶଙ୍କର ଭୋଇ)**

ହୀରାକୁଦ ବନ୍ଧ ତଳେ ଥିବା ସମ୍ବଲପୁର ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସେହିପରି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ବିଜେଡି ୨୪ବର୍ଷର ଶାସନ କାଳରେ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ନଦେଇ କେବଳ ଚିଠି ଲେଖାରେ ସୀମିତ ରହିଛି। ଶନିବାର ସମ୍ବଲପୁରରେ ଏକ ଖବରଦାତା ସମ୍ମିଳନୀ କରି ଏହିଭଳି ଅଭିଯୋଗ ଆଣିଛି ଭାଜପା।

ଭାଜପା ନେତାମାନେ ଅଭିଯୋଗ କରିଛନ୍ତି ରାଜ୍ୟ ସରକାର ହୀରାକୁଦ ବନ୍ଧର ନିୟନ୍ତ୍ରଣ ହୀରାକୁଦରୁ ନକରି ଭୁବନେଶ୍ୱରରେ କରୁଛନ୍ତି। କେନ୍ଦ୍ର ସରକାର ପ୍ରତି ଘରକୁ ସ୍ୱଚ୍ଛ ଓ ନିରନ୍ତର ଜଳ ଯୋଗାଇ ଦେବାକୁ ପ୍ରଭୂତ ଟଙ୍କା ଯୋଗାଇ ଦେଉଥିବା ସତ୍ତ୍ୱେ ସମ୍ବଲପୁରରେ ଲୋକେ ପ୍ରଦୂଷିତ ପାଣି ପିଉଛନ୍ତି। ଏଥିଯୋଗୁ ସେମାନେ ନାନାଦି ରୋଗରେ ପଡି ମୃତ୍ୟୁବରଣ କରୁଛନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରସଙ୍ଗ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ଭାଜପାର ବରିଷ୍ଠ ନେତା ଡ ପ୍ରମୋଦ ରଥ। ସ୍ଥାୟୀ ବେଞ୍ଚ ପଶ୍ଚିମ ଓଡିଶା ବାସୀଙ୍କ ଅଧିକାରର ଲଢେଇ। ଏହି ଲଢେଇ ପାଇଁ ମୁହଁ ଖୋଲି ନ ଥିବା ନେତା କେନ୍ଦ୍ର ସରକାରଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟ ସରକାର ଷଡଯନ୍ତ୍ର କରି ଜନଆନ୍ଦୋଳନକୁ ଭଣ୍ଡୁର କରି ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱରକୁ ଚପେଇ ଦେବାର ଚକ୍ରାନ୍ତ କରିଛନ୍ତି। ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରି ସାଧାରଣ ଜନତାଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାର ଅପଚେଷ୍ଟା କରାଯାଇଥିବା ଭାଜପା ପକ୍ଷରୁ କୁହାଯାଇଛି। ବାରମ୍ବାର କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯାଇ ଅନୁରୋଧ କରାଗଲା ପରେ ମଧ୍ୟ ଏଠିକାର ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପ୍ରେରଣ କରି ନାହାନ୍ତି। ବାରମ୍ବାର କେନ୍ଦ୍ର ସରକାର ଅନୁରୋଧ କରିବା ସତ୍ତ୍ୱେ ରାଜ୍ୟ ସରକାର କାହିଁକି ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେଲେନାହିଁ। ତାସହ ମୁଖ୍ୟମନ୍ତ୍ରୀ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହିତ ଆଲୋଚନା କରି ମତାମତ ମଧ୍ୟ ମାଗି ନ ଥିବା ନେଇ ଭାଜପା ପ୍ରଶ୍ନ କରିଛି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ କୁମାର ଷଡ଼ଙ୍ଗୀ, ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ। ସକ୍ରିୟ କାର୍ଯ୍ୟକର୍ତ୍ତା ମୁକେଶ ଜରିୱାଲ ଓ ରଞ୍ଜିତ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଖବରଦାତା ସମ୍ମିଳନୀରେ ଡ ପ୍ରମୋଦ ରଥ ଏବଂ ମାନସ ରଞ୍ଜନ ବକ୍ସୀ।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗରେ ବି ବିଜେଡିକୁ ଘେରିଲା ଭାଜପା**

# ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ରାଉରକେଲା,୪।୫,(ଦିନେଶ ମିଶ୍ର): ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲର ଗ୍ରୀଷ୍ମକାଳୀନ ଶିବିର ଅଧ୍ୟକ୍ଷ ଜଳଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ କୁଞ୍ଜ ବିହାରୀ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଉତ୍ସବ ଆରମ୍ଭରେ ଗୌତମ ରାୟ ଓ ଜୁଲି କାରୁଆ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ୧୦ ଦିନ ଧରି ଚାଲିଥିବା ଏହି ଶିବିରରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୩ ଜଣ ଛାତ୍ରୀଛାତ୍ର ଯୋଗଦେଇ ତାଇକୋଣ୍ଡୋ, ପଟ୍ଟଚିତ୍ର ଅଙ୍କନ, ବୈଦିକ ଗଣିତ ଭଳି ବିଭିନ୍ନ ବର୍ଗରେ କ୍ରୀଡା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୋଗଗୁରୁ କଳ୍ପନା କୁମ୍ଭାର, ତାଇକୋଣ୍ଡୋ ପ୍ରଶିକ୍ଷକ ମୁକେଶ କୁମାର ସାହୁ, ରଶ୍ମିତା ସାହୁ, ଅଜୟ ତାଣ୍ଡିଆ, ସୁନିତା ମାହାତୋ ପ୍ରମୁଖ ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିରକୁ ସୁଜିତ ତନ୍ତୀ ଓ ଦେବୀପ୍ରସାଦ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଶୁଭ୍ରା ମିଶ୍ର ଶିବିରକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ସୁଜିତ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।


ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲର ଗ୍ରୀଷ୍ମକାଳୀନ ଶିବିରରେ ଉପସ୍ଥିତ କୁନି କୁନି ଛାତ୍ରମାନେ।

## ସଂକ୍ଷେପରେ

### ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ ରଦ୍ଦ କରିବା ଏକ ଷଡ଼ଯନ୍ତ୍ର: ଜୟନ୍ତ

**ରାଉରକେଲା,୪।୫,(ଦିନେଶ ମିଶ୍ର):** ଭାଜପା ହାରିବା ଭୟରେ ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ରଦ୍ଦ କରିବା ପାଇଁ କଟକ ବରିଷ୍ଠ ଆଇନଜୀବୀଙ୍କ ଏହା ଏକ ଷଡ଼ଯନ୍ତ୍ର ବୋଲି ବିଜେଡିର ମୁଖ୍ୟପାତ୍ର ଜୟନ୍ତ ମିଶ୍ର ଏକ ପ୍ରେସ୍ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି। ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିଜ କାର୍ଯ୍ୟାଳୟ ଠାରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ପ୍ରାର୍ଥୀମାନଙ୍କର ପ୍ରାର୍ଥୀପତ୍ର ଯାଞ୍ଚ ଦିବସର ପ୍ରଥମ ରାଉଣ୍ଡ ଆଲୋଚନାରେ ଭାଜପା ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀଙ୍କୁ ଅଣାଯାଇ ଯେଉଁଭଳି ଭାବେ ବିଜେଡି ପ୍ରାର୍ଥୀଙ୍କ ସତ୍ୟପାଠକୁ ମିଥ୍ୟା କହି ପ୍ରାର୍ଥୀତ୍ୱକୁ ରଦ୍ଦ କରିବାପାଇଁ କହିଥିଲେ ତାହାକୁ ବିଜେଡିର ଆଇନଜୀବୀମାନେ ବିରୋଧ କରି ସତ୍ୟପାଠ ସଠିକ ଅଛି ବୋଲି ଯୁକ୍ତି ବାଢିଥିଲେ। ପରେ ଦ୍ୱିତୀୟ ରାଉଣ୍ଡ ଆଲୋଚନାରେ ବିଜେଡି ପ୍ରାର୍ଥୀଙ୍କ ସମର୍ଥକ ଉପସ୍ଥିତ ଥିଲାବେଳେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଯୁକ୍ତି ବାଢୁଥିବା ଆଇନଜୀବୀ ଓ ବ୍ୟକ୍ତିବିଶେଷମାନେ କେହି ଉପସ୍ଥିତ ନ ଥିଲେ। ରାଉରକେଲା ଭାଜପା ହାରିବା ଭୟରେ ଯେଉଁଭଳି ଭାବେ ଚକ୍ରାନ୍ତକରି ବିଭିନ୍ନ ଗଣମାଧ୍ୟମ ଦ୍ୱାରା ମିଥ୍ୟା ପ୍ରଚାର କରି ରାଉରକେଲା ଜନମାନସକୁ ବିଭ୍ରାନ୍ତ କରୁଛନ୍ତି ତାହା ଦଳ ପକ୍ଷରୁ ଘୋରନିନ୍ଦା କରାଯାଇଥିବା ବିଜେଡ ମୁଖପାତ୍ର ମିଶ୍ର ଜଣାଇଛନ୍ତି।

### ନିର୍ବାଚନକୁ ନେଇ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି

**ରାଉରକେଲା,୪।୫,(ଦିନେଶ ମିଶ୍ର):** ଆଗକୁ ନିର୍ବାଚନ ଥିବାରୁ ରାଉରକେଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଏନେଇ ଶନିବାର ରାଉରକେଲା ପୋଲିସ ପକ୍ଷରୁ ରେଲୱେ କଲୋନୀ ବାଇପାସ୍ ରୋଡ ଓ ହନୁମାନ ବାଟିକା ଛକରେ ଯାତାୟତ କରୁଥିବା ବିଭିନ୍ନ ଗାଡିକୁ ଯାଞ୍ଚ କରାଯାଇଥିଲା। ଚଳିତ ବର୍ଷ ନିର୍ବାଚନକୁ କିଭଳି ଶାନ୍ତି ଶୃଙ୍ଖଳାରେ ସମ୍ପାଦନ କରାଯାଇ ପାରିବ ସେନେଇ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଫ୍ଲାଗମାର୍ଚ ସାଙ୍ଗକୁ ଚଢାଉ ଜାରି ରହିଛି। ଏହି ଚଢାଉ ସମୟରେ ବର୍ତ୍ତମାନ ସୁଦ୍ଧା ରାଉରକେଲା ପୋଲିସକୁ ସେହିଭଳି କୌଣସି ଆଖି ଦୃଷ୍ଟିଆ ସୁରାଗ ମିଳି ନ ଥିବା ଟ୍ରାଫିକ ଡିଏସ୍‌ପି ପୁରୁଷୋତ୍ତମ ଭୋଇ ସୂଚନା ଦେଇଛନ୍ତି। ଆଗକୁ ଏହିଭଳି ସହରରେ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିବ। ଏହି ଚଢାଉ ସମୟରେ ଯଦି ନିର୍ବାଚନ ଆଇନକୁ କେହି ଉଲଙ୍ଘନ କରିନ୍ତି ତେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୋଇ ଅବଗତ କରିଛନ୍ତି।

### ଝିରପାଣିରେ ପୋଲିସର ଫ୍ଲାଗମାର୍ଚ୍ଚ

**ରାଉରକେଲା,୪।୫(ସଙ୍ଗୀତା ଜେନା):** ଝିରପାଣି ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଡିଏସ୍‌ପି ଜୋନ୍-୧ ପୁଷ୍ପରାଣୀ ନିମ୍ବ୍ରୀଙ୍କ ନେତୃତ୍ୱରେ ଏସ୍‌ଆଇ ମନୋହର ପ୍ରଧାନ ଓ ଅନ୍ୟ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ରେଳଷ୍ଟେଶନ ଦ୍ୱିତୀୟ ପ୍ରବେଶ ପଥ ଲିଫ୍ଟ ଅଚଳ

- ଶିଡି ଚଢ଼ିବାରେ ଅସମର୍ଥ ଦିବ୍ୟାଙ୍ଗ, କୋମଳମତି ଶିଶୁ
- ୨ମାସ ଭିତରେ ସମାଧାନ ପ୍ରତିଶ୍ରୁତି

ରାଉରକେଲା,୪।୫(ଦିନେଶ ମିଶ୍ର)

ରାଉରକେଲା ରେଳଷ୍ଟେଶନକୁ ସ୍ମାର୍ଟ ରେଳଷ୍ଟେଶନରେ ପରିଣତ କରିବା ପାଇଁ ଚାଲିଛି ବହୁ ଉନ୍ନତିମୂଳକ କାର୍ଯ୍ୟ। ହେଲେ ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥରେ ଯାତ୍ରୀଙ୍କ ପାଇଁ ଲାଗିଥିବା ଲିଫ୍ଟ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଯାତ୍ରୀମାନେ ଶିଡି ଚଢ଼ି ପ୍ଲାଟଫର୍ମକୁ ଯା' ଆସ କରୁଛନ୍ତି। ବିଦ୍ୟାଙ୍ଗ ଓ କୋମଳମତି ଶିଶୁଙ୍କ ପାଇଁ ଏହା ସମସ୍ୟା ହେଉଛି। ଏନେଇ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଉରକେଲା ରେଳଷ୍ଟେଶନ ଦେଇ ଦିଲ୍ଲୀ, କୋଲକାତା, ବମ୍ବେ, ବିହାର, ଛତିଶଗଡ, ଝାଡଖଣ୍ଡ ଭଳି ବିଭିନ୍ନ ରାଜ୍ୟକୁ ପ୍ରତିଦିନ ୨୨ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଟ୍ରେନ ଯାତାୟାତ କରୁଛି। ଏହି ରେଳ ଷ୍ଟେଶନ ଦକ୍ଷିଣ-ପୂର୍ବ ରେଳପଥ ଡିଭିଜନରେ ଯାଉଥିବା ବେଳେ ପ୍ରତିଦିନ ଏଠାରେ ବହୁ ଯାତ୍ରୀଙ୍କ ଭିଡ ଦେଖିବାକୁ ମିଳିଥାଏ। ଯାତ୍ରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ୨୦୧୯ରେ ଏହି ରେଳ ଷ୍ଟେଶନକୁ


ଲୋକମାନେ ଶିଡି ଚଢ଼ି ଯାଉଛନ୍ତି।

ରେଳ ବିଭାଗ ପକ୍ଷରୁ ସ୍ମାର୍ଟ ରେଳଷ୍ଟେଶନ ଭାବେ ଘୋଷଣା କରାଯାଇ ବହୁ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଷ୍ଟେଶନ ପରିସରରେ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଏସ୍କାଲେଟର ଓ ଲିଫ୍ଟର ବ୍ୟବସ୍ଥା ସାଙ୍ଗକୁ ପ୍ରତ୍ୟେକ ସ୍ଥାନରେ ସିସି କ୍ୟାମେରା, ପାନୀୟ ଜଳ ସହ ଇ-ଟିକେଟ ବ୍ୟବସ୍ଥା ଭଳି ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିଲା। ସେହିଭଳି ଷ୍ଟେଶନରେ ଅଧିକ ଭିଡ ନ ହେବା ପାଇଁ ଗୋପବନ୍ଧୁପାଲି ଅଞ୍ଚଳ ମୁଖ୍ୟ ରାସ୍ତାଦେଇ ଦ୍ୱିତୀୟ ପ୍ରବେଶ ପଥ ମଧ୍ୟ ନିର୍ମାଣ କରାଯାଇଥିଲା। ଏଠାରେ ମଧ୍ୟ ସ୍ୱତନ୍ତ୍ର ଟିକେଟ ବୁକିଂ କାଉଣ୍ଟର ସହ ଲିଫ୍ଟର ବ୍ୟବସ୍ଥା କରାଯାଇଥିଲା। ମାତ୍ର କରୋନା ମହାମାରୀ ପରଠାରୁ ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏଠାରେ ଟିକେଟ କାଉଣ୍ଟର ବନ୍ଦ ପଡିଥିବାବେଳେ ବର୍ତ୍ତମାନ ଏହାର ଲିଫ୍ଟ ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ଦ୍ୱିତୀୟ ପ୍ରବେଶ ପଥ ଦେଇ ଷ୍ଟେଶନକୁ ଆସୁଥିବା ବହୁ ବୃଦ୍ଧା, ଦିବ୍ୟାଙ୍ଗ ବ୍ୟକ୍ତି ପ୍ଲାଟଫର୍ମକୁ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲିଫ୍ଟ ଅଚଳ ଯୋଗୁ ଶିଡିକୁ ଚଢିବାରେ ବହୁ ମହିଳା ଓ ବରିଷ୍ଠ ନାଗରିକ ସମସ୍ୟା ଭୋଗୁଛନ୍ତି। ଅଚଳ ହୋଇ ପଡିଥିବା ଲିଫ୍ଟକୁ ରେଲୱେ କର୍ତ୍ତୃପକ୍ଷ ତୁରନ୍ତ ଚାଲୁ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ରାଉରକେଲା ରେଳ ଷ୍ଟେଶନମାଷ୍ଟର ପ୍ରଭାସ ରଞ୍ଜନ ଦାସଙ୍କୁ ପଚାରିବାରୁ, ଷ୍ଟେଶନରେ ଲାଗିଥିବା ଲିଫ୍ଟ ଘରୋଇ ଟିପିଡବ୍ଲ୍ୟୁଡିଏଲ ବିଦ୍ୟୁତ୍ ସଂଯୋଗୀକରଣ ସାହାଯ୍ୟରେ ଚାଲୁଛି। ବିଦ୍ୟୁତ୍ କଟ୍ ହେଲେ ଲିଫ୍ଟ ଅଚଳ ହୋଇଯାଉଛି। ରେଲୱେ ପକ୍ଷରୁ ଜେନେରେଟର କି ଅନ୍ୟ କୌଣସି ବିଦ୍ୟୁତ୍ ସେବାର ବ୍ୟବସ୍ଥା କରାଯାଇ ନାହିଁ। ଏନେଇ ଆମେ ଦକ୍ଷିଣ-ପୂର୍ବ ରେଲୱେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଆସନ୍ତା ୨ମାସ ଭିତରେ ଏହି ସମସ୍ୟା ଦୂର ହୋଇଯିବ ବୋଲ ଦାସ କହିଥିଲେ।

# ୫ ଜଣଙ୍କ ପ୍ରାର୍ଥିପତ୍ର ନାକଚ

ରାଉରକେଲା, ୪।୫(ସଙ୍ଗୀତା ଜେନା)

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟରେ ବିଧାନସଭା ଓ ଲୋକସଭା ମତଦାନ ହେବାକୁ ଯାଉଛି। ଏ ନେଇ ଏପ୍ରିଲ ୨୬ରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଉରକେଲା ନିର୍ବାଚନ ମଣ୍ଡଳୀ ପାଇଁ ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ, ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ପାଇଁ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଓ ବିରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ଆଇଟିଡିଏ କାର୍ଯ୍ୟାଳୟରେ ନାମାଙ୍କନ ପ୍ରକ୍ରିୟା କରାଯାଇଥିଲା। ମୋଟ ୩୮ଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ। ଶନିବାର ପ୍ରାର୍ଥୀପତ୍ରି ଯାଞ୍ଚ କରାଯାଇଥିଲା। ଏଥିରେ ୫ଜଣ ପ୍ରାର୍ଥୀଙ୍କ ନାମାଙ୍କନରେ ତ୍ରୁଟିଦର୍ଶାଇ ନାକଚ କରାଯାଇଥିବା ଜଣାପଡ଼ିଛି। ରାଉରକେଲା ବିଧାନସଭା ଆସନ ପାଇଁ ମୋଟ ୧୨ ଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ। ଏଥିରେ ୨ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ସେହିପରି ରଘୁନାଥପାଲି ବିଧାନସଭାରେ ମୋଟ ୧୦ ଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ। ସେହିମଧ୍ୟରୁ ଅର୍ଚ୍ଚନା ରେଖା ବେହେରା ଓ ଗୋପାଳ ଦାସ (୨ ପ୍ରାର୍ଥୀ ) ଏକାଧିକ ଥର ନାମାଙ୍କନ କରିଥିବାରୁ ଉଭୟଙ୍କ ଗୋଟିଏ ଲେଖାଏଁ ନାମାଙ୍କନ ନାକଚ କରାଯାଇଥିଲା। ଅନୁରୂପ ଭାବେ ବିରମିତ୍ରପୁର ନିର୍ବାଚନମଣ୍ଡଳୀରେ ମୋଟ ୧୪ ଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ। ସେଥିରୁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ନୀହାର ସୁରୀନଙ୍କ ପ୍ରାର୍ଥୀପତ୍ର ନାକଚ କରାଯାଇଥିଲା।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ପଦଯାତ୍ରା


ଶୋଭାଯାତ୍ରାରେ ଦିଲୀପ ଓ ଦୁର୍ଗା ତନ୍ତୀ ସାମିଲ ହୋଇଛନ୍ତି।

ରାଉରକେଲା,୪।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଓ ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଦିଲ୍ଲୀପ ରାୟ ଓ ଦୁର୍ଗା ତନ୍ତୀ କର୍ମୀ ଓ ସମର୍ଥକଙ୍କ ସହିତ ଶିଳ୍ପନଗରୀ ଗୋଲଘର ଅଞ୍ଚଳର ପ୍ରତ୍ୟେକ ବସ୍ତିରେ ନିର୍ବାଚନୀ ପଦଯାତ୍ରା କରିଥିଲେ। ଭାଜପାକୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ମତଦାତାଙ୍କୁ କହିଥିଲେ। ଏହି ପଦଯାତ୍ରା ଗାମପଲ୍ଲୀ, ଲକ୍ଷ୍ମୀ ପଲ୍ଲୀ,ଚାଳିଶ କ୍ୱାଟର, ନୂଆଁ ବସ୍ତି,ଦସ କ୍ୱାଟର,ଗୋଲଘର ବାରାକ୍, ଆମ୍ବେଦକର ବସ୍ତି ଓ ମହୁଲପାଲି ବସ୍ତିରେ ହୋଇଥିଲା। ପଦଯାତ୍ରାରେ ବିଧାନସଭା କ୍ଷେତ୍ରର ସଂଯୋଜକ ଅଶୋକ ଲେଙ୍କା, ବରିଷ୍ଠ ଭାଜପା ନେତା ଗଙ୍ଗାଧର ଦାଶ, ହରି ରାଉତରାୟ, ମଳୟ ମହାପାତ୍ର, ଅଜୟ କଂସାରିଙ୍କ ସହିତ ମହିଳା ପୁରୁଷ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସାମିଲ ହୋଇଥିଲେ।

# ୮ ବସ୍ତିକୁ ମହାନଗର ନିଗମରେ ସାମିଲ କରାଯିବ: ଦିଲୀପ


ଦିଲୀପଙ୍କ ସହ ଅନ୍ୟମାନେ।

ରାଉରକେଲା,୪।୫,(ଦିନେଶ ମିଶ୍ର)

ସୁନ୍ଦରଗଡର ବିଜେଡି ଏମ୍‌ପି ପ୍ରାର୍ଥୀ ଦିଲୀପ ତିର୍କୀଙ୍କ ୨ ଦିନଆ ରାଉରକେଲା ଗସ୍ତରେ ବନ୍ଧମୁଣ୍ଡା ବସ୍ତି ସୁରକ୍ଷା ମଞ୍ଚର ଅଧ୍ୟକ୍ଷ ଜାହାଙ୍ଗୀର ହକ୍ ତାଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ବସ୍ତି ସୁରକ୍ଷା ମଞ୍ଚର ଅଧ୍ୟକ୍ଷ ହକ୍ ବନ୍ଧମୁଣ୍ଡା ଅଞ୍ଚଳର ବିଶେଷ କରି କୋଇଲାଗେଟ୍, ଫଟାପାଇପ୍, ରହମତ ନଗର, ଉତ୍ତମ ବସ୍ତି, କୁମ୍ଭାର ବସ୍ତି, ଶିବ ଶଙ୍କର ନଗର, ଖଟାଲ ବସ୍ତି ଓ ରାମଟୋଲି ବସ୍ତି ରାଉରକେଲା ମହାନଗର ନିଗମ ଅନ୍ତର୍ଗତରେ ନ ଥିବା ଅବଗତ କରିଥିଲେ। ଏହି ୮ଟି ବସ୍ତି ଆର୍‌ଏମ୍‌ସି ଅନ୍ତର୍ଗତରେ ନ ଥିବାରୁ ଏଠାକାର ବସ୍ତିବାସୀ ସାଧାରଣତଃ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ବସ୍ତି ଗୁଡିକରେ ଅଧିକାଂଶ ଦିନ ମଜୁରିଆ ବସବାସ କରୁଛନ୍ତି। ତେଣୁ ବସ୍ତି ଗୁଡିକୁ କିଭଳି ଆଗାମୀ ଦିନରେ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ କରିହେବ ସେନେଇ ଅଧକ୍ଷ ହକ୍ ଦିଲୀପଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବନ୍ଧମୁଣ୍ଡାର ୮ଟି ବସ୍ତି କିଭଳି ଆଗାମୀ ଦିନରେ ଆରଏମ୍‌ସି ଅନ୍ତର୍ଗତରେ ମିଶିବ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେବା ପାଇଁ ଦିଲୀପ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ମେହମୁଦ ଅହମ୍ମଦ, ଅଞ୍ଜୁମ ଖାନଙ୍କ ସହ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା



ବିଶ୍ରା,୪।୪(ବଟ କୃଷ୍ଣ ସ୍ୱାଇଁ)

ଟାଉନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସର ଗ୍ରହଣ କରିଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଣୁଧର ସ୍ୱାଇଁ ଏବଂ ୫ ଜଣ ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ଶୁକ୍ରା ଓରାମ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୁକ୍ତାମଣି ଗିରି ପାରମ୍ଭିକ ସୂଚନା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ସୁକ୍ରା ଓରାମ ଧନ୍ୟବାଦ ପ୍ରଦାନ କରିଥିଲେ।

# ଖୁବ୍ ଶୀଘ୍ର ଆର୍‌ଏସ୍‌ପି ଶ୍ରମିକ ସଂଘ ନିର୍ବାଚନ

ରାଉରକେଲା,୪।୫
(ବିପ୍ଳବ ରଞ୍ଜନ ଦାସ/ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ଖୁବ୍ ଶୀଘ୍ର ହେବାକୁ ଯାଉଛି। ଏନେଇ ଶନିବାର ଭୁବନେଶ୍ୱର ସ୍ଥିତ ଡେପୁଟି ଚିଫ୍ ଲେବର କମିଶନରଙ୍କ କାର୍ଯ୍ୟାଳୟରୁ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକ ସଂଗଠନଙ୍କୁ ଚିଠି ମାଧ୍ୟମରେ ସୂଚନା ମିଳିଛି। ଉକ୍ତ ଚିଠି ଅନୁଯାୟୀ, ସମସ୍ତ ଶ୍ରମିକ ସଂଘ ନିଜର ସଭାପତି, ସାଧାରଣ ସମ୍ପାଦକଙ୍କ ନାମ ୟୁନିଅନ୍‌ର ବାଇଲ(ସମ୍ବିଧାନଖାତା), ଚଳିତ ବର୍ଷର ବାର୍ଷିକ ବିବରଣୀ ଏବଂ ନିର୍ବାଚନ ପାଇଁ ସହମତି ପତ୍ର ଆଦି ମେ ୧୫ ତାରିଖ ସୁଦ୍ଧା ସ୍ଥାନୀୟ ଆର୍‌ଏଲ୍‌ସି(ସି) କାର୍ଯ୍ୟାଳୟରେ ଦାଖଲ କରିବେ। ଆର୍‌ଏସ୍‌ପି ନିର୍ବାଚନ ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ( ଆରଆଇକେକେଏସ୍) ଫେବୃଆରୀ ୮ରେ ଏକ ପତ୍ର ଦିଲ୍ଲୀ ସିଏଲ୍‌ସି(ସି)ଙ୍କୁ ଦେଇଥିଲେ। ମାର୍ଚ୍ଚ ୧୧ରେ ଆର୍‌ଏସ୍‌ପି ସ୍ୱୀକୃତି ପ୍ରାପ୍ତ ଶ୍ରମିକ ସଂଘର କାର୍ଯ୍ୟକାଳ ଅବଧୀଶେଷ ହୋଇଯାଇଛି। ଆର୍‌ଆଇକେକେଏସ୍ ପକ୍ଷରୁ ମାର୍ଚ୍ଚ ୧୧ରେ ଏକ ଶୋଭାଯାତ୍ରା କରାଯାଇ ଶ୍ରମ କାର୍ଯ୍ୟାଳୟ ପହଞ୍ଚି ସେଠାରେ ନିର୍ବାଚନ ସମ୍ବନ୍ଧୀୟ ପତ୍ର ପ୍ରଦାନ କରାଯାଇଥିଲା। ଏହି ସମସ୍ତ ପତ୍ରର ବିଚାର ପରେ ଡିସିଏଲ୍‌ସି କାର୍ଯ୍ୟାଳୟରୁ ଶନିବାର ଚିଠି ଆସି ପହଞ୍ଚିଛି। ଏ ସମ୍ପର୍କରେ ଆର୍‌ଆଇକେକେଏସ୍ ପକ୍ଷରୁ ପ୍ରେସ ବିବୃତ୍ତିରେ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଇସ୍ପାତ କାରଖାନାରେ ପ୍ରତ୍ୟେକ ୪ ବର୍ଷରେ ଏହି ନିର୍ବାଚନ ହୋଇଥାଏ। ଗତ ନିର୍ବାଚନ ୨୦୨୧ ନଭେମ୍ବର ୧୫ରେ ହୋଇଥିଲା। ଏଥିରେ ରାଉରକେଲା ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ(ମେଣ୍ଟ)କୁ ସ୍ୱୀକୃତି ମିଳିଥିଲା। ସେତେବେଳେ ଭୋଟର ସଂଖ୍ୟା ୧୧୦୫୩ ଥିବାବେଳେ ସମ୍ପ୍ରତି ୯୮୫୦ ଶ୍ରମିକ କର୍ମଚାରୀ ଆର୍‌ଏସ୍‌ପିରେ କାର୍ଯ୍ୟରତ ଅଛନ୍ତି। ସେହିପରି ୨୦୧୪ ଓ ୨୦୧୮ରେ ହୋଇଥିବା ଶ୍ରମିକ ସଂଘ ନିର୍ବାଚନରେ ଆର୍‌ଆଇକେକେଏସ୍ କ୍ରମାଗତ ବିଜୟୀ ହୋଇଥିଲା।

# ୨୪ ଘଣ୍ଟା ବିତିଲା,ଫେରାର ଟ୍ରକ୍ ପତ୍ତା ମିଳୁନି

## ଟେଷ୍ଟ ହାଉସ କର୍ମଚାରୀଙ୍କ ମୃତ୍ୟୁ ଘଟଣା

ରାଉରକେଲା,୪।୫(ସଙ୍ଗୀତା ଜେନା)

ସେକ୍ଟର -୩ ଥାନା ଅନ୍ତର୍ଗତ ସେକ୍ଟର -୨ ଏନ୍‌ଏସି ମାର୍କେଟରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଲାଇଟ୍ ଓ ସାଉଣ୍ଡ ଟେଷ୍ଟ ହାଉସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଧରି ପାରିନାହିଁ। ଅପରପକ୍ଷରେ ମୃତକ ମୃତ୍ୟୁଞ୍ଜୟ ପ୍ରଧାନ(୩୩)ଙ୍କ ମା' ରତ୍ନମାଳା ପ୍ରଧାନଙ୍କ ଲିଖିତ ଏତଲାକୁ ଆଧାର କରି ପୋଲିସ ମାମଲା ନଂ.୮୭/୨୪ ରୁଜୁ କରି ତଦନ୍ତ କରୁଛି। ଥାନାଧୀକାରୀ ପ୍ରତିଭା ମଞ୍ଜରୀ ସାହୁଙ୍କ କହିବା ଅନୁସାରେ, ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅନ୍ୟକିଛି ସହାୟତା ପ୍ରଦାନ କରାଯିବ।



ଟ୍ରକକୁ ଖୋଜା ଚାଲିଛି ବୋଲି ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

# କୁକୁଡ଼ାଫାର୍ମ ଗନ୍ଧରେ ଅତିଷ୍ଠ ବସ୍ତିବାସିନ୍ଦା

- ଅଭିଯୋଗ ପରେ ବି ହେଉନି ସମାଧାନ
- ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ରାଉରକେଲା,୪।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ୱାର୍ଡ ନଂ. ୪ରେ ଥିବା ପ୍ରଧାନପାଲି ବସ୍ତି ନିକଟରେ କୁକୁଡ଼ାଫାର୍ମ ରହିଛି। ଫଳରେ ବସ୍ତି ପରିବେଶ ପ୍ରଦୂଷିତ ହେଉଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଜନବସତି ଅଞ୍ଚଳରେ କୁକୁଡ଼ା ଫାର୍ମ ଚାଲିବା ବିଧେୟ ନୁହେଁ। ଏନେଇ ତତ୍କାଳୀନ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ କମିଟି ଲିଖିତ ପତ୍ର ପ୍ରଦାନ କରିଥିଲେ। ଆର୍‌ଏମ୍‌ସିର ପାନପୋଷ ପରିବେଶ ସୁରକ୍ଷା ବିଭାଗ ପକ୍ଷରୁ କୁକୁଡ଼ାଫାର୍ମଗୁଡିକର ତଦନ୍ତ ମଧ୍ୟ ହୋଇଥିଲା। ଫାର୍ମର ମାଲିକଙ୍କୁ ଟ୍ରେଡ୍ ୟୁନିୟନ ଲାଇସେନ୍ସ ଓ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଆବେଦନ କରିବାକୁ ପରିବେଶ ବିଭାଗ ନିର୍ଦ୍ଦେଶ ଦେଇଥିଲା। ଏହାସହ ଫାର୍ମର ଦୁର୍ଗନ୍ଧ ଯେଉଁଭଳି ବସ୍ତି ଆଡ଼କୁ ନ ବ୍ୟାପେ ସେଥିପ୍ରତି ଯତ୍ନଶୀଳ ହେବାକୁ କୁହାଗଲା। ମାତ୍ର


ବସ୍ତି ଅଞ୍ଚଳରେ ଥିବା କୁକୁଡ଼ା ଫାର୍ମ।

ପରିତାପର ବିଷୟ ବିଭାଗ ନିର୍ଦ୍ଦେଶ ସତ୍ତ୍ୱେ ଏହା କାର୍ଯ୍ୟକାରୀ କରାଗଲା ନାହିଁ। ଲୋକମାନେ ଫାର୍ମ ଦୁର୍ଗନ୍ଧରେ ଅତିଷ୍ଠ ହେବା ସହ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହେଉଛନ୍ତି। ଏନେଇ ବାରମ୍ବାର ବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ ତାହା ସମାଧାନ ହୋଇପାରୁନାହିଁ। ଫଳରେ ବସ୍ତିବାସୀ ନିରୁପାୟ ହୋଇ ଦୁର୍ଗନ୍ଧମୟ ପରିବେଶରେ ରହିବାକୁ ବାଧ ହେଉଛନ୍ତି। ଏଥିସହ ପ୍ରଧାନପାଲି ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ତାହା ପୂରଣ ହେଉନାହିଁ। ତୁରନ୍ତ ଉପରୋକ୍ତ ସମସ୍ୟା ସମାଧାନ ନ ହେଲେ ଆଗକୁ ବସ୍ତିବାସୀ ରାଜରାସ୍ତାକୁ ଓହ୍ଲାଇବା ସୁନିଶ୍ଚିତ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସ୍ଥାନୀୟ ବସ୍ତିର ବରିଷ୍ଠ ନାଗରିକ କମିଟିର ପ୍ରମୁଖ ସଦସ୍ୟ ପ୍ରମୋଦ ଭୋଇ ଓ ଅଭିରାମ ସାହୁ କହିଛନ୍ତି, ମତଦାନକୁ ଆଉ କିଛିଦିନ ବାକି ରହିଛି। ବସ୍ତି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ନ ମିଳିଲେ ଏହାର ଜବାବ ବାଲଟ ପେପରରେ ଦିଆଯିବ ବୋଲି କହିଥିଲେ। ଏନେଇ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଯୋଗାଯୋଗ କରିଥିଲେ ହେଁ କୌଣସି ପ୍ରକାର ପ୍ରତିକ୍ରିୟା ମିଳିପାରି ନାହିଁ।

# ଚାଷୀ ବିରୋଧୀ ଦଳକୁ ପ୍ରତ୍ୟାଖ୍ୟାନ କର

## ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନିର୍ବାଚନୀ ଲିଫ୍‌ଲେଟ ଉନ୍ମୋଚିତ

ସମ୍ବଲପୁର,୪।୫(ବି.ଶଙ୍କର)

ଭାରତରେ ସଂସଦୀୟ ନିର୍ବାଚନ ସହ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ପ୍ରଚାର ଜାରି ରହିଛି । ଦଳୀୟ ରାଜନୀତି ପ୍ରତି ଆମର ରହିଥିବା ଦୁର୍ବଳତାର ଉପରକୁ ଉଠି ଜଣେ ଚାଷୀ ଓ ସଚେତନ ନାଗରିକ ଚଳିତ ନିର୍ବାଚନରେ ନିଜର ଭୂମିକା ସ୍ଥିର କରିବା। ଝଣ୍ଡାଚିହ୍ନ/ବାନାର ପାଗଳାମିରୁ ମୁକ୍ତ ହୋଇ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଚିନ୍ତା କରିବା । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ସାରା ଦେଶ ବୁଲି ସ୍ୱାମୀନାଥନ କମିଶନର ସୁପାରିସ କାର୍ଯ୍ୟକାରୀ କରି ଚାଷୀଙ୍କୁ ତାଙ୍କ ଉତ୍ପାଦନ ଖର୍ଚ୍ଚର ଦୁଇଗୁଣ ଦିଆଯିବ ବୋଲି କହିଥିଲେ। ହେଲେ ଓଲଟା କମ୍ପାନୀ ଦ୍ୱାରା ଚାଷୀ ଶୋଷଣର ବାଟ ଫିଟେଇବା ଲାଗି ତିନିକଳା କୃଷି ଆଇନ ଆସିଲା। ସ୍ୱାମୀନାଥନ କମିଶନର ସୁପାରିଶ କାର୍ଯ୍ୟକାରୀ ସହ ତିନି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଷୀ ଆନ୍ଦୋଳନ ହୋଇଥିଲା । ଶେଷରେ ଚାଷୀଙ୍କ ବିଜୟ ସହ ତାହା ପ୍ରତ୍ୟାହାର ହୋଇଥିଲା । କିନ୍ତୁ କେନ୍ଦ୍ର ସରକାର ଏମ୍‌ଏସ୍‌ପିକୁ ନେଇ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ହେଲା ନାହିଁ। ଓଡ଼ିଶାରେ ଚାଷୀ ପରିବାର କେବଳ ଚାଷରୁ ମାସିକ ୨ହଜାର ଟଙ୍କା ରୋଜଗାର କରିପାରୁନାହିଁ। ଚାଷୀ ଆତ୍ମହତ୍ୟା ଥମିବାର ନାଁ ଧରୁନାହିଁ । ଗାଁ ଛାଡ଼ି ଲୋକ ଦାଦନ ମୁହାଁ ଓ ସହର ମୁହାଁ। ଗାଁରେ ଶିକ୍ଷା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ରହିଛି । ଏଥି ସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଓ ଅବହେଳା ଦାୟୀ। ତେଣୁ ଚଳିତ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶନିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଏହା କହିଛନ୍ତି। ସେମାନେ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଘରୋଇ କମ୍ପାନୀମାନେ ମାଲେମାଲ ଅଥଚ ଚାଷୀ କ୍ଷତିପୂରଣ ପାଉ ନାହିଁ । ଜଳସେଚନରେ ପୁଞ୍ଜି ନିବେଶ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନାଗ୍ରହୀ । ଓଡ଼ିଶା ସରକାରଙ୍କ ପ୍ରତି ବ୍ଲକରେ ୩୫ ଶତକଡ଼ା ଜଳସେଚନର କେବଳ ପ୍ରତିଶ୍ରୁତି ରହିଛି । ଧାନ କ୍ରୟରେ ଗୋଟିଏ ଟଙ୍କାର ବୋନସ ଦେବାକୁ ନାରାଜ । ଗଲା ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଛତିଶଗଡ଼ର ସରକାରମାନେ ଧାନ କୁଇଣ୍ଟାଲ ପିଛା ୫୦୦ ଟଙ୍କା ଉପରେ ବୋନସ ଦେଉଥିବା ବେଳେ ରାଜ୍ୟ ସରକାର ବିଧାନସଭାରେ ୨୯୩୦ ଟଙ୍କାର ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିଦେଇ ଚୁପ୍ ବସିଛି। ଏପରିକି ଜିଲ୍ଲାସ୍ତରୀୟ କ୍ରୟ ସମିତିମାନଙ୍କୁ କ୍ଷମତାହୀନ କରି ଦେଇ ଜଟିଳ ଟୋକନ ବ୍ୟବସ୍ଥା ମାଧ୍ୟମରେ ଚାଷୀଙ୍କୁ ନାକେଦମ କରି ରଖିଛି ସରକାର । କେବଳ ଧାନ ଚାଷୀ ନୁହେଁ ଅସଲରେ ବଲାଙ୍ଗୀର ଓ କଳାହାଣ୍ଡିର କପା ଚାଷୀ, ନବରଙ୍ଗପୁରର ମକା ଚାଷୀ, କୋରାପୁଟର ମାଣ୍ଡିଆ ଚାଷୀ, କନ୍ଧମାଳର ହଳଦୀ ଚାଷୀ, ରାଜ୍ୟର କ୍ଷୀର, ମହୁଲ, ଚାର, ତେନ୍ତୁଳି ଓ ଶାଳମଞ୍ଜି ସଂଗ୍ରହକାରୀ ଆଦିବାସୀ ସଭିଏ ଅଭାବୀ ବିକ୍ରିର ଦୁଃଖ ଭୋଗୁଛନ୍ତି । ଅପରପକ୍ଷେ ଅର୍ଥ ବଳରେ ଆଡ଼ମ୍ବରମୂଳକ ପ୍ରଚାରପ୍ରସାର କରି ଆମର ଚିନ୍ତା ଶକ୍ତିକୁ ମାରିଦେବାକୁ ସେମାନେ ଚାହାନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିବେଶ, ଜାତି, ଧର୍ମ ନାଁରେ ହିଂସା, ମହିଳା ପ୍ରତି ହିଂସା, ବିସ୍ଥାପନ, କମ୍ପାନୀ ଶୋଷଣ, ଦରଦାମ ଓ ରୋଜଗାର, ପାଣି, ବିଜୁଳି ସଡ଼କକୁ ନେଇ ରହିଥିବା ମୌଳିକ ପ୍ରଶ୍ନକୁ ଚାଷୀମାନେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ଜବାବ ମାଗିବାର ସମୟ ଆସିଛି । ତେଣୁ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଦେଶ ଓ ରାଜ୍ୟରୁ ଲୋକ ବିରୋଧୀ, ଗଣତନ୍ତ୍ର ବିରୋଧୀ, ସମ୍ବିଧାନ ଓ ରାଷ୍ଟ୍ରବିରୋଧୀ ଦଳଗୁଡିକୁ ହଟାଇବାକୁ ଅଭିଯାନ କରାଯିବାକୁ ସ୍ଥିର ହୋଇଛି। ଜୟ ଜବାନ, ଜୟ କିସାନର ନାରାକୁ ସାର୍ଥକ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯିବ । ଘରକୁ ଘର ବୁଲି ଚାଷୀ ବିରୋଧି ଦଳକୁ ପ୍ରତ୍ୟାଖାନ କରିବାକୁ ଲିଫଲେଟ ବଣ୍ଟନ କରାଯିବ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଓ ଅଶୋକ ପ୍ରଧାନ, ପ୍ରବକ୍ତା ସରୋଜ ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ଅବସରରେ ସମିତିର ଏକ ଲିଫଲେଟ ଉନ୍ମୋଚିତ ହୋଇଥିଲା ।


ଶନିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ନିର୍ବାଚନୀ ଲିଫ୍‌ଲେଟ ଉନ୍ମୋଚିତ କରାଯାଉଛି।

# ବିଜେଡିରେ ସାମିଲ ହେଲେ ଆପ୍ କର୍ମୀ


ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିବା ଆପ୍‌ର କର୍ମକର୍ତ୍ତା।

ସମ୍ବଲପୁର,୪।୫(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଜିଲା ଯୁଜୁମୁରାରେ ଆମ୍ ଆଦ୍‌ମି ପାର୍ଟି(ଆପ)ର ବହୁକର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଆୟୋଜିତ ଏକ ମିଶ୍ରଣ ପର୍ବରେ ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଆପ୍‌ର ସମ୍ବଲପୁର ଜିଲା ଯୁବ ସଭାପତି ଲୁଲୁ ନାଏକ, ଯୁଜୁମୁରା ବ୍ଲକ ସଭାପତି ନନ୍ଦଲାଲ ପ୍ରଧାନ, ଉଦ୍ଧବ ଭୋଇ ପ୍ରମୁଖଙ୍କ ନେତୃତ୍ୱରେ ଆପ୍‌ର ବହୁ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ନବାଗତମାନେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁଜୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ବିଜେଡି ଯୁଜୁମୁରା ପର୍ଯ୍ୟବେକ୍ଷକ ରାଜେଶ ପଣ୍ଡା, ଯୁବ ଓ ଛାତ୍ର ପର୍ଯ୍ୟବେକ୍ଷକ ଦିପଙ୍କର ବିଶ୍ୱାସ, ସୁଶୀଲ ବେହେରା, ହୀରାଲାଲ ବେହେରା, କୈଳାସ ବିଶ୍ୱାଳ, ରାଜକୁମାର ସାହୁ, ସାଲେଗ୍ରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଉଦିଆଁ ସମ୍ବଲପୁରୀ ଭାଷାର ଏକ ନିରବଚ୍ଛିନ୍ନ ଆନ୍ଦୋଳନ’


ସମ୍ବଲପୁର ସମଲେଇ ମନ୍ଦିରରେ ଉଦିଆଁର ଉନ୍ମୋଚନ ଅବସରରେ ଅତିଥି ବୃନ୍ଦ।

ସମ୍ବଲପୁର,୪।୫(ଭବାନୀ ଶଙ୍କର ଭୋଇ)

ସମଲେଇ ମନ୍ଦିର ପ୍ରାଙ୍ଗଣରେ ଶନିବାର ସମ୍ବଲପୁରୀ ପତ୍ରିକା ଉଦିଆଁର ୨୧ ତମ ସଂଖ୍ୟା ଉନ୍ମୋଚିତ ହୋଇଛି। ସାହିତ୍ୟକ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟକ ଡ. ମଙ୍ଗଲୁ ବିଶ୍ୱାଳଙ୍କ ସହଯୋଗୀ କୈଳାସ ବାରିକ ମୁଖ୍ୟ ଅତିଥି, ଡ ଦ୍ୱାରିକା ନାୟକ, ଗବେଷକ ଶଶାଙ୍କ ଶେଖର ପଣ୍ଡା, ଡ ଗୌରୀଦାସ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ମନ୍ଦାକିନୀ ଶତପଥୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଉଦିଆଁ କେବଳ ଏକ ପତ୍ରିକା ନୁହେଁ ବରଂ ସମ୍ବଲପୁରୀ ଭାଷାର ଏକ ନିରବଚ୍ଛିନ ଆନ୍ଦୋଳନ ବୋଲି କହିଥିଲେ। ଉଦିଆଁର ୨୧ ତମ ସଂଖ୍ୟା ଉନ୍ମୋଚନ ଅବସରରେ ବକ୍ତାମାନେ ନିରବଚ୍ଛିନ ଭାବେ ଉଦିଆଁ ପ୍ରକାଶ ପାଇବା ଦ୍ୱାରା ସମ୍ବଲପୁରୀ ସାହିତ୍ୟ ଜଗତକୁ ବୁଦ୍ଧିମନ୍ତ କରି ପାରିଥିବା କହିଥିଲେ । ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପତ୍ରିକା ସମ୍ପାଦକ ଶୁଶିଲ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟକ ସୌଭାଗ୍ୟବନ୍ତ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟକ ତେଜରୁ ବାରିକ, କ୍ଷେତ୍ରମଣି ବିଭାର, ନରେନ୍ଦ୍ର ମହାନ୍ତି, ଉମେଶ ପ୍ରଧାନ, ସରୋଜ ସାହୁ, ସ୍ନିଗଧା ମିଶ୍ର, ଡ.ସତ୍ୟନାରାୟଣ ଠାକୁର, ମାନସ ଷଡଙ୍ଗୀ, ପଙ୍କଜିନୀ ମେହେର, ଅଶୋକ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ବକ୍ତାମାନେ ଡ ମଙ୍ଗଲୁ ବିଶ୍ୱାଳଙ୍କ ତୈଳଚିତ୍ରକୁ ଝାରସୁଗୁଡାସ୍ଥିତ ବିମାନବନ୍ଦରରେ ସ୍ଥାନିତ କରିବାକୁ ଦାବି କରିଥିଲେ। ଶେଷରେ ଉଦିଆଁର ସହସମ୍ପାଦକ କାଳିନ୍ଦୀ ପ୍ରତାପ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ମାଙ୍କଡ଼ ଆକ୍ରମଣ, ଯନ୍ତ୍ରୀ ଆହତ

ଦେବଗଡ଼,୪।୩(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନପାଟ ପର୍ଯ୍ୟଟନସ୍ଥଳୀରେ ମାଙ୍କଡ ଆକ୍ରମଣରେ ଜଣେ ଇଞ୍ଜିନିୟର ଆହତ ହୋଇଛନ୍ତି। ଆହତ ହେଲେ ଦେବଗଡ ଟିପିଡବ୍ଲ୍ୟୁଓଡିଏଲରେ କାର୍ଯ୍ୟରତ ଇଞ୍ଜିନିୟର ଅମିତ କୁମାର ମହାନ୍ତି। ଅମିତ ଶନିବାର ସନ୍ଧ୍ୟାରେ ପ୍ରଧାନପାଟକୁ ବୁଲିବାକୁ ଯାଇଥିବା ବେଳେ ଏକ ମାଙ୍କଡ ତାଙ୍କୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ମାଙ୍କଡ ସେଠାରୁ ପଳାଇଥିଲା। ତାଙ୍କର ସାଥୀ କର୍ମଚାରୀମାନେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ। ସୂଚନା ଥାଉ କି ଯେ, ଦେବଗଡ ସହରରେ ମାଙ୍କଡ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ପାଇଁ କିଛିମାସ ପୂର୍ବେ ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସହରର ବିଭିନ୍ନ ସାହି ଓ ଗଳିମାନଙ୍କରେ ଲୁହା ଯନ୍ତା ବସାଯିବା ସହ ତହିଁରେ ଫଳ ଓ ଖାଦ୍ୟ ଦ୍ରବ୍ୟ ରଖି ପ୍ରଲୋଭନ କରାଯାଇ ମାଙ୍କଡଙ୍କୁ କାବୁ କରାଯାଇ ସ୍ଥାନରେ ଥିବା ଘଞ୍ଚ ଜଙ୍ଗଲରେ ଛଡା ଯାଉଥିଲା। ଫଳରେ ମାଙ୍କଡ ଉପଦ୍ରବ ସାମାନ୍ୟ ହ୍ରାଶ ପାଇଥିଲା । ମାତ୍ର ସଂପ୍ରତି ଏହା ବନ୍ଦ ରହିଥିବାରୁ ମାଙ୍କଡ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହ ଉପଦ୍ରବ ଅଣାୟତ ହୋଇପଡିଛି। ଏଣୁ ଦେବଗଡ ବନଖଣ୍ଡ ଅଧିକାରୀ ମାଙ୍କଡ ଉପଦ୍ରବ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ସହରବାସୀ ଦାବି ଜଣାଇଛନ୍ତି ।

# ପ୍ରାର୍ଥିପତ୍ର ଦାଖଲକଲେ କଂଗ୍ରେସ ପ୍ରାର୍ଥୀ


କଂଗ୍ରେସ ପ୍ରାର୍ଥୀ କେଦାରନାଥ ବରିହା ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

କୁଚିଣ୍ଡା,୪।୫(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ କେଦାରନାଥ ବରିହା କର୍ମୀ ଓ ସମର୍ଥକ ଗହଣରେ ଶନିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ସମଲେଇ ମନ୍ଦିରରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆସି ସେ ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବରିହା ୨ସେଟ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ରରେ ଯୁବ କଂଗ୍ରେସ ନେତା ଭକ୍ତରାମ କୁମୁରା ଓ ଜଗଦାନନ୍ଦ କୁମାର ପ୍ରସ୍ତାବକ ରହିଛନ୍ତି। ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ହେମସାଗର ଭୋଇ ନାମାଙ୍କନ ପତ୍ର ଗ୍ରହଣ କରି ବରିହାଙ୍କୁ ଶପଥପଠ କରାଇଥିଲେ। ନାମାଙ୍କନ ଦାଖଲ ସମୟରେ ସମ୍ବଲପୁର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟ ଶଙ୍କର ମିଶ୍ର, କୁଚିଣ୍ଡା ପର୍ଯ୍ୟବେକ୍ଷକ ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସଞ୍ଜିତ ଶର୍ମା, ଅଶୋକ ଦାନୀ, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ପୂଜାରୀ, ନଗର କଂଗ୍ରେସ ସଭାପତି ଅଖିଳ ପ୍ରତାପ ସିଂ, ଜିଲ୍ଲା ସମ୍ପାଦକ କିଶୋର କୁମାର ନାୟକ, ରବିନ୍ଦ୍ର ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଖତୁନାଥ ପିଙ୍ଗ, ଧୁରନ୍ଧର ପ୍ରଧାନ, ଦିଲୀପ ପଟେଲ, ସରୋଜ ସାହୁ, ସଞ୍ଜୟ ମହାନନ୍ଦ, କିଶୋର ନାଏକ, ବରିଷ୍ଠ ନେତା ଡ଼ା. ଶରତ ଚନ୍ଦ୍ର ଗୌନ୍ତିଆ, ଆରତୀ ନାୟକ, ଜୟନ୍ତ ପ୍ରଧାନ, ଇଣ୍ଡିଆ ମେଣ୍ଟ ସମର୍ଥିତ ଆମ ଆଦମୀ ପାର୍ଟି କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସଭାପତି ବିନୟ ଟିର୍କୀ, ବ୍ଲକ ସଭାପତି ଇରାତ ନାଏକ, ମହିଳା ସଭାନେତ୍ରୀ ସନ୍ଧ୍ୟାରାଣୀ ମନ୍ଦାର, ଯୁବ ସଭାପତି ଦେବାଶିଷ ଗଡ଼ନାୟକ ଓ ରାଜକିଶୋର ଦେବତା ଉପସ୍ଥିତ ଥିଲେ।

# ବିଏସ୍‌ପି, କଳିଙ୍ଗ ସେନା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ରେଢାଖୋଲ,୪।୫(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବିଧାନସଭା ପାଇଁ ଶନିବାର ବିଏସ୍‌ପି ଓ କଳିଙ୍ଗ ସେନା ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଏସ୍‌ପିରୁ ପ୍ରଭାକର ରଞ୍ଜିତ ଓ କଳିଙ୍ଗ ସେନା ପକ୍ଷରୁ ମନୋଜ ମିଶ୍ର ନିଜ ସମର୍ଥକଙ୍କ ସହ ରେଢାଖୋଲ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବିଏସ୍‌ପିର ପ୍ରଭାକର ରଞ୍ଜିତ ସମ୍ବଲପୁର ଧନୁପାଲିର ବାସିନ୍ଦା ହୋଇଥିବା ବେଳେ କଳିଙ୍ଗ ସେନାର ମନୋଜ ମିଶ୍ର ରେଢାଖୋଲ ସହର ଶୁଣ୍ଠିମୁଣ୍ଡାର ବାସିନ୍ଦା ବୋଲି ଜଣାପଡିଛି।





# ୨ ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ

## ରେଙ୍ଗାଲି, ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ

ସମ୍ବଲପୁର,୪।୫(ଭବାନୀ ଶଙ୍କର ଭୋଇ)

ରେଙ୍ଗାଲି ବିଧାନସଭା ଆସନ ପଇଁ ଶନିବାର ସ୍ୱାଧୀନ ପ୍ରାର୍ଥୀ ଭାବେ ଲଙ୍କେଶ ରାବଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ସମ୍ବଲପୁର ମୁନିସିପାଲିଟି ଛକଠାରୁ ଏକ ଶୋଭାଯାତ୍ରାରେ ନିଜ ସମର୍ଥକଙ୍କ ସହ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅତିରିକ୍ତ ଜିଲାପାଳ ତଥା ରେଙ୍ଗାଲି ବିଧାନସଭାର ନିର୍ବାଚନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ନିକଟରେ ସେ ୧୦ ସେଟ ପ୍ରାର୍ଥୀପତ୍ର ଦାଖଲ କରିବା ସହ ଶପଥ ପାଠ କରିଥିଲେ। ଲଙ୍କେଶ ରାବଣଙ୍କ ପ୍ରାର୍ଥିତ୍ୱକୁ ଭୀମ ଆର୍ମୀ ପକ୍ଷରୁ ସମର୍ଥନ କରାଯାଇଛି। ଭୁବନ ବାଗ, ଇଶ୍ୱର ରୋହିଦାସ, ଲାଲବାହାଦୁର ମହାନନ୍ଦ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

ସେହିପରି ସମ୍ବଲପୁର ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ମହେଶ ଶର୍ମା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସମ୍ବଲପୁର ହାଟପଡାସ୍ଥିତ ରାମ ମନ୍ଦିରରୁ ପୂଜାର୍ଚ୍ଚନା କରିବା ପରେ ସମର୍ଥକ ଏବଂ ଶୁଭେଚ୍ଛୁମାନଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ସମ୍ବଲପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସେଟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସମ୍ବଲପୁର ହାଟପଡା ନିବାସୀ ମହେଶ ଶର୍ମା ପୂର୍ବରୁ ବିଜେଡିର ଜିଲା ସାଧାରଣ ସମ୍ପାଦକ ଥିଲେ। ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ଭାଜପା ଓ ବିଜେଡିର ଅବହେଳାକୁ ସେ ପ୍ରମୁଖ ପ୍ରସଙ୍ଗ କରିବେ ବୋଲି ନାମାଙ୍କନ ପରେ ଶର୍ମା କହିଛନ୍ତି।


ସ୍ୱାଧୀନ ପ୍ରାର୍ଥୀ ଲଙ୍କେଶ ରାବଣ ପ୍ରାର୍ଥିପତ୍ର ଦାଖଲ ପାଇଁ ଯାଉଛନ୍ତି।


ସମ୍ବଲପୁର ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ମହେଶ ଶର୍ମାଙ୍କ ନାମାଙ୍କନ ଦାଖଲ।

# ‘ହସ୍ତତନ୍ତ ଶିଳ୍ପକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପ୍ରୟାସ କରୁଛି ଆଇଆଇଏମ୍’

ସମ୍ବଲପୁର, ୪।୫(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଶିଳ୍ପ ଓ ଏଠାକାର ବୁଣାକାର ସମଗ୍ର ରାଜ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି। ସମ୍ବଲପୁରସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ(ଆଇଆଇଏମ୍)ଏହି ଶିଳ୍ପକୁ ଆହୁରି ଆଗେଇ ନେବାରେ ସହାୟକ ହୋଇଛି। ଶନିବାର ଏହା କହିଛନ୍ତି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈୟଶ୍ୱାଲ।

ପ୍ରଫେସର ଜୟଶ୍ୱାଲ କହିଛନ୍ତି, ସ୍ଥାନୀୟ ବୁଣାକାର ସୀମିତ ବଜାର ପ୍ରବେଶଠାରୁ ଆର୍ଥିକ ସାକ୍ଷରତାର ଅଭାବ ଜନିତ ସମସ୍ୟାକୁ ନେଇ ସଂଘର୍ଷରତ। ଆଇଆଇଏମ୍ ସମ୍ବଲପୁର ଗବେଷଣା ମାଧ୍ୟମରେ ସହଯୋଗ ଓ ସଶକ୍ତିକରଣର ବହୁମୁଖୀ ଯାତ୍ରା ବୁଣାକାରଙ୍କ ସହ ତନ୍ତଶିଳ୍ପର ସମସ୍ୟାକୁ ଦୂରୀଭୂତ କରି ଏହାକୁ ପୁନର୍ଜୀବିତ କରିବାରେ ସହାୟକ ହୋଇଛି। ଅନୁଷ୍ଠାନ ପକ୍ଷରୁ ବୁଣାକାରଙ୍କ ସାମାଜିକ ଓ ଅର୍ଥନୈତିକ ବାସ୍ତବତାକୁ ଅନୁଧ୍ୟାନ କରି ସେମାନଙ୍କ ଉନ୍ନତି ସାଧନ ଲକ୍ଷ୍ୟରେ କ୍ଷେତ୍ର ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରେ ଦକ୍ଷତା ବୃଦ୍ଧି, ବୈଷୟିକ ଜ୍ଞାନକୌଶଳ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ଯୋଜନାର ଅନ୍ତର୍ଭୁକ୍ତିକରଣ ଓ ବଜାର ପ୍ରଦାନ ଆଦି ଅତ୍ୟାବଶ୍ୟକ ସୁବିଧା ପ୍ରଦାନ ଦିଗରେ ଯୋଜନା ପ୍ରସ୍ତୁତ କରି ଏକାଡେମୀର ସହଯୋଗରେ ତିନୋଟି ପ୍ରମୁଖ ପର୍ଯ୍ୟାୟରେ ବିଶ୍ୱ ବଜାର ପ୍ରବେଶ ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ରୋଡମ୍ୟାପ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଡିଜିଟାଲ ଲଜିଷ୍ଟିକ୍ସ ପ୍ରତିଷ୍ଠା, ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି ଓ ଦେଶବ୍ୟାପୀ ଏହାର ବିସ୍ତାରକୁ ଧ୍ୟାନ ଦିଆଯାଇଛି। ସେହିପରି ଶେଷ ଶେଷ ପର୍ଯ୍ୟାୟରେ ହସ୍ତତନ୍ତ ଉତ୍ପାଦଗୁଡ଼ିକୁ ବିଶ୍ୱ ବଜାର ସହିତ ସଂଯୋଗକଣ ଏବଂ ହ୍ୟାଣ୍ଡଲୁମ୍ ଉତ୍ପାଦଗୁଡିକୁ ବ୍ୟବସାୟିକରଣ କରିବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଆଇଆଇଏମ ସମ୍ବଲପୁର ଫ୍ଲିପକାର୍ଟ ଓ ଏସଆଇଡିଭିଆଇ ସହିତ ଭାଗିଦାରୀ ମାଧ୍ୟମରେ ସ୍ୱଦେଶୀ ହସ୍ତତନ୍ତ ଶିଳ୍ପକୁ ଚିହ୍ନିବା ତଥା ପ୍ରୋତ୍ସାହିତ କରିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିଛି। ଯଦ୍ୱାରା ଅନୁଷ୍ଠାନ ଅଂଶୀଦାର ସେବା ମଡେଲ ଅନ୍ତର୍ଗତ ମାଷ୍ଟର ବୁଣାକାର ଓ କାରିଗରମାନଙ୍କୁ ତାଲିମ ଦେଇ ଓଡ଼ିଶାରେ ହ୍ୟାଣ୍ଡଲୁମ୍ ବ୍ୟବସାୟର ଅଭିବୃଦ୍ଧି ପାଇଁ ଯୋଜନା କରାଯାଇଛି। ଫ୍ଲିପକାର୍ଟ ସହିତ ‘ସମର୍ଥ ପ୍ରୋଗ୍ରାମ’ ବୁଣାକାରମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ପ୍ରବେଶର ସୁଯୋଗ ପ୍ରଦାନ କରି ବୁଣାକାରଙ୍କୁ ନିଜସ୍ୱ ଉତ୍ପାଦ ବିକ୍ରୟ ଦିଗରେ ସକ୍ଷମ କରିଛି। ସେହିପରି ଓଡ଼ିଶା ସରକାରଙ୍କ ରାଜ୍ୟ ଇନଷ୍ଟିଚ୍ୟୁଟ୍ ଫର୍ ଡେଭଲପମେଣ୍ଟ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍(ଏସଆଇଡ଼ିଏସି) ସହଭାଗିତାରେ ଆଇଆଇଏମ୍ ସମ୍ବଲପୁର ଫ୍ଲିପକାର୍ଟ ଓ ପାନ-ଇଣ୍ଡିଆ ମାର୍କେଟ ଜରିଆରେ ଏହାର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରିପାରିଛି ବୋଲି ପ୍ରଫେସର ଜୟଶ୍ୱାଲ କହିଛନ୍ତି।

ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଆୟୋଜିତ ‘ତାନା-ବାନା ଜିଲା ହ୍ୟାଣ୍ଡଲୁମ୍ ଏକ୍ସପୋ ୨୦୨୩ରେ ୨୧ ଜଣ ବୁଣାକାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏ ସମ୍ପର୍କରେ ପ୍ରଫେସର ଜୟଶ୍ୱାଲ କହିଛନ୍ତିଯେ, ଆର୍ଥିକ ସହାୟତାକୁ ସୁଗମ କରିବା ସହିତ, ଆଇଆଇଏମ୍ ସମ୍ବଲପୁର ମାଷ୍ଟର ବୁଣାକାରଙ୍କ ଅସାଧାରଣ ଡିଜାଇନ୍‌କୁ ବିଶ୍ୱସ୍ତରରେ ପରିଚିତ କରିବାର ପ୍ରତିବଦ୍ଧତାକୁ ପୂରଣ କରିବାକୁ ଯାଇ, ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ୟୁନିଭର୍ସିଟି କନଭ୍ରେର୍ଗିୟମ୍, ପ୍ୟାରିସ୍, ଫ୍ରାନ୍ସ ସହିତ ଏକ ଏମଓୟୁ ମାଧ୍ୟମରେ ହ୍ୟାଣ୍ଡଲୁମ୍ ଉତ୍ପାଦଗୁଡିକ ପ୍ୟାରିସ୍ ଏବଂ ମିଲାନ୍ ଭଳି ପ୍ରତିଷ୍ଠିତ ସ୍ଥାନରେ ପ୍ରଦର୍ଶିତ ହୋଇପାରିଛି। ଯାହା ବିଶ୍ୱସ୍ତରରେ ଭାରତୀୟ ହ୍ୟାଣ୍ଡଲୁମର ଉତ୍କର୍ଷତା ପ୍ରଦର୍ଶିତ ହୋଇପାରିଛି। ସ୍ଥାନୀୟ ବୁଣାକାରଙ୍କ ସଶକ୍ତିକରଣ ପାଇଁ ଆଇଆଇଏମ୍ ସମ୍ବଲପୁର ପରିସରରେ ଆୟୋଜିତ ପ୍ରଦର୍ଶନୀ ମେଳାରେ ବୁଣାକାରମାନଙ୍କ କଳା ପ୍ରଦର୍ଶନ ଓ ‘ଭୋକାଲ୍ ଫର୍ ଲୋକାଲ୍’କୁ ପ୍ରୋତ୍ସାହିତ କରିଛି। ଆଇଆଇଏମ୍ ସମ୍ବଲପୁର ମୁଖ୍ୟତଃ ବିଶ୍ୱ ଦରବାରରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଏବଂ କଳାର ବିକାଶ ପାଇଁ ସର୍ବଦା ଉତ୍ସର୍ଗୀକୃତ। ଏହା ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ନିରନ୍ତର ବିକାଶରେ ସହାୟକ ହୋଇ ପାରିବ ବୋଲି ପ୍ରଫେସର ଜୟଶ୍ୱାଲ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ଅଲ୍ ଇଣ୍ଡିଆ ରେଡିଓର ଅନ୍ୟ ନାମ ............... ?
୨– ସି ହ୍ୟାରିଅର ମ୍ୟୁଜିୟମ .......... ରାଜ୍ୟରେ ଉଦ୍‌ଘାଟିତ ହୋଇଛି ?
୩– ଆଇଏଚ୍‌ଆର୍‌ସିର ଫୁଲ୍‌ଫର୍ମ ............... ?
୪– ନିକଟରେ ........... ଦେଶରେ ସିଟ୍ୱି ପୋର୍ଟ ଉଦ୍‌ଘାଟିତ ହୋଇଛି ?
୫– ଲିଟୋରିଆ ଗ୍ରାସିଲି ଏକ ପ୍ରକାରର ......... ପ୍ରଜାତି ?

## ଗତ ଥରର ଉତ୍ତର

୧ ସେଣ୍ଟ୍ରାଲ ମେରାଇନ୍ ଫିଶରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍
୨ ୱାର୍ଲ୍ଡ ଇମ୍ୟୁନାଇଜେଶନ ଫର୍ ଅଲ୍
୩ ଆମେରିକା
୪ ଦିଲ୍ଲୀ
୫ ଡ୍ରାଗନ୍ସ ଡଗ୍ମା ୨

## ଉତ୍ତରଦାତା

୧– ଦେବାଶିଷ କର, ଅଙ୍କପଦା, ଭଦ୍ରକ
୨– ଶେଖ୍ ୟାକୁବ୍, ଗୋପ, ପୁରୀ
୩– ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର
୪– ନୀଳକଣ୍ଠ ମହାନ୍ତ, ଢେଙ୍କାନାଳ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ହନ୍ଟେଡ୍ ପ୍ଲେସ୍



୧. ଟାୱାର ଅଫ୍ ଲଣ୍ଡନ ........ ଲଣ୍ଡନ
୨. ମିର୍‌ଟେଲ୍ସ ପ୍ଲାଣ୍ଟେଶନ........ ଲୌଇସିଆନା
୩. ଇଷ୍ଟର୍ନ ଷ୍ଟେଟ୍ ପେନିଟେନ୍ସିଆରୀ........ ପେନ୍‌ସିଲ୍‌ଭାନିଆ
୪. ଅଓକିଗାହାରା ଫରେଷ୍ଟ........ ମାଉଣ୍ଟ ଫୁଜି
୫. ଚାଟେଉ ଡି ବ୍ରିଜାକ୍........ କାଷ୍ଟଲ୍ ଅଫ୍ ବ୍ରିଜାକ୍
୬. ପୋଭେଗ୍ଲିଆ ଆଇସ୍‌ଲାଣ୍ଡ........ ଇଟାଲୀ
୭. ଆନ୍‌ସିଏଣ୍ଟ ରାମ୍ ଇନ୍........ ଇଂଲଣ୍ଡ
୮. ଭାନ୍‌ଗଡ୍ ଫୋର୍ଟ........ ଭାରତ
୯. ହ୍ୱାଲେ ହାଉସ୍........ ସ୍ୟାନ୍ ଡିଆଗୋ
୧୦. ଏଡେନ୍‌ବର୍ଗ କ୍ୟାଷ୍ଟେଲ୍........ ସ୍କଟ୍‌ଲାଣ୍ଡ

### ୟୁଥ୍ ଆଲର୍ଟ

# ଘରୋଇ ଉପଚାରରେ କମିବ କାଶ

ଅତ୍ୟଧିକ ଗରମ ଯୋଗୁ ବର୍ତ୍ତମାନ ଅନେକେ ଫ୍ରିଜ୍ ପାଣି, କୋଲ୍ଡ୍ରିଙ୍କ୍ସ ଆଦି ଥଣ୍ଡା ପାନୀୟ ପିଇବା ସହ ଏକାଧିକବାର ଗାଧେଇବାର ମଜା ନେଉଛନ୍ତି। ସେହିପରି ଗରମରୁ ରକ୍ଷା ପାଇବା ଲାଗି ଅଧିକ ସମୟ କୁଲର, ଏୟାର କଣ୍ଡିଶନର ଲଗାଇ ରହୁଛନ୍ତି। ହେଲେ ଏଥିପାଇଁ ଅଧିକାଂଶଙ୍କଠାରେ ଥଣ୍ଡା ହେବା ସହ ପ୍ରବଳ କାଶ ହେଉଛି। ବାରମ୍ବାର ଔଷଧ ସେବନ କରିବା ପରେ ମଧ୍ୟ ସହଜେ କମୁନି ସମସ୍ୟା । ଏମିତିରେ କେତେକ ଘରୋଇ



ଉପଚାର ଆପଣାଇଲେ ଉପକୃତ ହୋଇପାରିବେ...

**ତୁଳସୀ ପତ୍ର, ଅଦା ଓ ମହୁ:** କାଶ ବିଶେଷକରି ଶୁଖିଲା କାଶ ବା ଡ୍ରାଏ କଫ୍ କମାଇବା ଲାଗି ତୁଳସୀପତ୍ର ଓ ଅଦା ରସରେ ମହୁ ମିଶାଇ ଖାଇଲେ ବେଶ୍ ଭଲ କାମ କରିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ।

**ଗରମ ଲୁଣପାଣି:** ଏହା କାଶ କମାଇବା ଓ କଫ ବାହାର କରିବା ପାଇଁ ସବୁଠୁ ଭଲ ଉପାୟ। ଦିନକୁ ଅତି କମ୍‌ରେ ୪–୫ଥର ଗରମ ଲୁଣପାଣିରେ ଗାର୍ଗେଲିଂ କରନ୍ତୁ। ଏହାଦ୍ୱାରା କଫ ତରଳିଯିବା ସହ କାଶ ମଧ୍ୟ ଧୀରେ ଧୀରେ କମିଯିବ।

**ହର୍ବାଲ୍ ଜୁସ୍ ଏବଂ ହର୍ବାଲ୍ ଟି:** ଏହା କାଶ ରୋକିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିରେ ଥିବା ବିଭିନ୍ନ ଔଷଧୀୟ ଗୁଣ ଗଳାରେ ହେଉଥିବା କୁଣ୍ଡେଇ ଦୂର କରି ଗଳାକୁ ଆରାମ ଦେଇଥାଏ।

**ମହୁ:** କାଶ ହେଉଥିଲେ ଥଣ୍ଡା ପାଣି କିମ୍ବା ଆଇସ୍‌କ୍ରିମ୍ ଭଳି ଥଣ୍ଡାଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ମଝିରେ ମଝିରେ ଉଷୁମ ପାଣିରେ ଅଳ୍ପ ମହୁ ମିଶାଇ ପିଅନ୍ତୁ, ଗଳାକୁ ଆରାମ ମିଳିବ।

**ଅଦା ଓ ଲୁଣ:** ଅଧିକ କାଶ ହେଉଥିଲେ ଖଣ୍ଡେ ଅଦାରେ ଅଳ୍ପ ଲୁଣ ଲଗାଇ କଳରେ ଜାକନ୍ତୁ। ଏହାକୁ ଅଳ୍ପ ଅଳ୍ପ ଚୋବାନ୍ତୁ ଯେପରି ରସ ବାହାରି ଗଳାକୁ ଆରାମ ଦେବ।

**ସପୁରି:** ଜାଣିଲେ ଆଶ୍ଚର୍ଯ୍ୟ ହେବେ ସପୁରି କାଶ ରୋକିବାରେ ବହୁତ ସାହାଯ୍ୟ କରିଥାଏ। କାରଣ ବ୍ରୋମେଲେନ୍ ଏନ୍‌ଜାଇମ୍ କାଶ କମାଇଥାଏ। ତେଣୁ ସପୁରି ଖାଆନ୍ତୁ କିମ୍ବା ଏହାକୁ ଜୁସ୍ କରି ପିଅନ୍ତୁ।

**କ୍ଷୀର ଓ ହଳଦୀ:** ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ। ହଳଦୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ୍ ତତ୍ତ୍ୱ କାଶ ଓ କଫ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

# ହ୍ୱାଟ୍ସଆପ୍ ସୁରକ୍ଷା

**ଆଜିର ଦିନରେ ମୋବାଇଲରେ ସବୁଠୁ ଅଧିକ ଲୋକପ୍ରିୟ ଆପ୍ଲିକେସନ୍ ହ୍ୱାଟ୍ସଆପ୍ କହିଲେ ଅତ୍ୟୁକ୍ତି ହେବନାହିଁ ହେଲେ ଏହାକୁ ବ୍ୟବହାର କରି ଅନେକଙ୍କୁ ଠକିବାର ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି, ଯେଉଁଥିରୁ ସୁରକ୍ଷିତ ରହିବା ଲାଗି କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**



ବର୍ତ୍ତମାନ ଯୋଗାଯୋଗର ସବୁଠୁ ବଳିଷ୍ଠ ମାଧ୍ୟମ ହେଉଛି ମୋବାଇଲ୍ ଫୋନ, ଯେଉଁଥିରେ ହ୍ୱାଟ୍ସଆପ୍ ମେସେଞ୍ଜରର ଲୋକପ୍ରିୟତା ସର୍ବାଧିକ। କିନ୍ତୁ ଏହାର ସୁରକ୍ଷାକୁ ନେଇ ଏବେ ଅନେକେ ଚିନ୍ତାରେ। କାରଣ ଏଭଳି ମେସେଞ୍ଜିଙ୍ଗ୍ ପ୍ଲାଟ୍‌ଫର୍ମ ଏବେ ସାଇବର ଠକଙ୍କ ପାଇଁ ଜନସାଧାରଣଙ୍କୁ ଠକିବାର ଏକ ସହଜ ଟାର୍ଗେଟ୍ ପାଲଟିଛି। ତେଣୁ ଏଭଳି ଫ୍ରଡ୍‌ରୁ ରକ୍ଷା ପାଇବା ଲାଗି ପ୍ରତ୍ୟେକ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କୁ ବିଭିନ୍ନ ଦିଗ ପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ...

**ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ସନ୍:** ଉପଭୋକ୍ତାଙ୍କ ମେସେଜ୍‌ର ପ୍ରାଇଭେସି ରକ୍ଷା କରିବା ଲାଗି ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ସନ ଅପ୍ସନ ହ୍ୱାଟ୍ସଆପ୍ ପକ୍ଷରୁ ଦିଆଯାଇଛି। ଏହାକୁ ଏନାବଲ୍ କରିବା ଦ୍ୱାରା ଜଣେ ଅନ୍ୟ ଜଣଙ୍କୁ କୌଣସି ମେସେଜ୍ କିମ୍ବା ଡାଟା ଶେୟାର କଲେ ମଝିରେ ଏହାକୁ ଆଉ କେହି ଦେଖିପାରିବେ ନାହିଁ କିମ୍ବା କୌଣସି ପ୍ରକାରର ଡାଟା ଚୋରି କରିପାରିବେ ନାହିଁ। ଏଥିରେ ପଠାଯାଉଥିବା ଡାଟା କେବଳ ରିସିଭର ବ୍ୟକ୍ତି କିମ୍ବା ଗ୍ରୁପ୍‌ରେ ହିଁ ଡିକୋଡ୍ କରିବା ପାଇଁ ଡିକ୍ରିପ୍ସନ ରହିଛି। ଏମିତିକି ମେସେଞ୍ଜର ଆପ୍‌ଠାରୁ ମଧ୍ୟ ଏହା ସୁରକ୍ଷିତ ରହିପାରିବ। ହେଲେ ଏହି କଣ୍ଟେଣ୍ଟ ଅସୁରକ୍ଷିତ ସେତେବେଳେ ହୋଇଥାଏ ଯେତେବେଳେ ଚାଟ୍‌ରେ ସାମିଲ ଥିବା କୌଣସି ମୋବାଇଲ୍‌ରେ ଡିକ୍ରିପ୍ସନ କି ଥିବ କିମ୍ବା ଏନ୍‌କ୍ରିପ୍ସନ ବ୍ୟତୀତ ଆପ୍‌ର ଚାଟ୍ ହିଷ୍ଟ୍ରି ବ୍ୟାକ୍‌ଅପ୍ ରହୁଥିବ। କେବଳ ଏତିକି ନୁହେଁ, ମୋବାଇଲ କିମ୍ବା ଯେଉଁ ଡିଭାଇସ୍‌ରେ ହ୍ୱାଟ୍ସଆପ୍ ବ୍ୟବହାର କରୁଛନ୍ତି ଯଦି ସେଥିରେ ପୂର୍ବରୁ ମାଲ୍‌ୱେର୍ ଅବା ସ୍ପାଇ ଆକ୍ଟିଭିଟି ହେଉଥାଏ ତେବେ ଏନ୍‌କ୍ରିପ୍ଟେଡ୍ ମେସେଞ୍ଜିଙ୍ଗ୍ କଣ୍ଟେଣ୍ଟ ଲିକ୍ ହେବାର ଆଶଙ୍କା ବଢ଼ିଯାଏ। ଏଭଳି ସମସ୍ୟାର ସମାଧାନ ଲାଗି ହ୍ୱାଟ୍ସଆପ୍ ପକ୍ଷରୁ ଏକ ଭଲ ବିକଳ୍ପ ବ୍ୟବସ୍ଥା କରାଯାଇଛି। ହ୍ୱାଟ୍ସଆପ୍ ବ୍ୟାକ୍‌ଅପ୍ ପାଇଁ ଆପଲ୍ ଏବଂ ଗୁଗଲ୍ କ୍ଲାଉଡ୍‌ରେ



ବ୍ୟାକ୍‌ଅପ୍‌କୁ ଏନ୍‌କ୍ରିପ୍ଟେଡ୍ କରିବାର ସୁବିଧା କରାଯାଇଛି।

**ନୂଆ ଭର୍ସନ ଅପ୍‌ଡେଟ୍ କରନ୍ତୁ:** ହ୍ୱାଟ୍ସଆପ୍ ସିକ୍ୟୁରିଟି ଟିମ୍ ପକ୍ଷରୁ ସିକ୍ୟୁରିଟି ବଗ୍‌ର ସମାଧାନ କରାଯାଇଛି। ଯେଉଁମାନେ ଆଇଫୋନ୍ ଉପଭୋକ୍ତା ସେମାନେ ପ୍ଲେଷ୍ଟୋର୍‌କୁ ଯାଇ ଆପ୍ ଅପ୍‌ଡେଟ୍ କରିପାରିବେ ଏବଂ ଏହା ଆଇଓଏସ୍ ୧୫.୭ କିମ୍ବା ୧୬ରେ ଅପ୍‌ଡେଟ୍ କି ନୁହେଁ ଯାଞ୍ଚ କରିପାରିବେ, ଯାହା ଆଇଫୋନ୍‌କୁ ସୁରକ୍ଷିତ ରଖିଥାଏ। ଅନ୍ୟ ଆଣ୍ଡ୍ରଏଡ୍ ୟୁଜରମାନେ ପ୍ଲେଷ୍ଟୋରର ମେନ୍ୟୁରେ କ୍ଲିକ୍ କରି ମାଇଁ ଆପ୍ ଆଣ୍ଡ ଗେମ୍ ସେକ୍ସନ୍‌ରେ ହ୍ୱାଟ୍ସଆପ୍ ଅପ୍‌ଡେଟ୍ କରିପାରିବେ।

**ସତର୍କ ରହିବା ଜରୁରୀ:** ଉପଭୋକ୍ତାଙ୍କ ଡାଟା ତଥା ସମ୍ବେଦନଶୀଳ ତଥ୍ୟକୁ ସୁରକ୍ଷିତ ରଖିବା ଲାଗି ହ୍ୱାଟ୍ସଆପ୍





ବିଭିନ୍ନ ପ୍ରକାରର ବିକଳ୍ପ ବ୍ୟବସ୍ଥା ରଖିଛି। ଯେଉଁଥିରେ ନିଜେ ନିଜର ପ୍ରୋଫାଇଲ୍ ଫଟୋ, ଲାଷ୍ଟ ସିନ୍, ଅନ୍‌ଲାଇନ୍ ଷ୍ଟାଟସ୍, ଷ୍ଟାଟସ୍ କିଏ ଦେଖିପାରିବେ, କିଏ ନ ଦେଖିପାରିବେ ଆଦି ସେଟ୍ କରିପାରିବେ। ଏମିତିକି ଏଥିରେ ଜଣେ ନିଜର ଅନ୍‌ଲାଇନ୍ ଆକ୍ଟିଭିଟି ଅନ୍ୟମାନଙ୍କଠାରୁ ଗୋପନ ମଧ୍ୟ ରଖିପାରିବେ।

– ଅନ୍‌ନୋନ୍ ବା ଅଜଣା ସାଇଟ୍ କିମ୍ବା ଲିଙ୍କ୍‌ରେ ଆସୁଥିବା ମେସେଜ୍‌କୁ କ୍ଲିକ୍ କରନ୍ତୁ ନାହିଁ। ଏହାଦ୍ୱାରା ଆପଣ ଫ୍ରଡ୍‌ର ଶିକାର ହୋଇପାରନ୍ତି।

– ନିଜ ଆକାଉଣ୍ଟକୁ ସୁରକ୍ଷିତ ରଖିବା ଲାଗି ହ୍ୱାଟ୍ସଆପ୍ ପକ୍ଷରୁ ଦିଆଯାଉଥିବା ଟୁ ଷ୍ଟେପ୍ ଭେରିଫିକେଶନ୍ ଫିଚର ଉପଯୋଗ କରନ୍ତୁ।

– କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ, ବ୍ୟାଙ୍କ୍ ଆକାଉଣ୍ଟ, ପାସ୍‌ୱାର୍ଡ, ଫୋନ୍ ନମ୍ବର ଭଳି ବ୍ୟକ୍ତିଗତ ତଥା ସମ୍ବେଦନଶୀଳ ତଥ୍ୟ ହ୍ୱାଟ୍ସଆପ୍‌ରେ ଶେୟାର କରନ୍ତୁ ନାହିଁ।

– ଆଣ୍ଡ୍ରଏଡ୍ ଫୋନ୍‌ରେ ନୂଆ ହ୍ୱାଟ୍ସଆପ୍ ଆପ୍ ଡାଉନ୍‌ଲୋଡ୍ କରିବା କିମ୍ବା ଅପ୍‌ଡେଟ୍ କରିବା ଲାଗି କେବଳ ପ୍ଲେଷ୍ଟୋର୍ ବ୍ୟବହାର କରନ୍ତୁ। ଆଇଫୋନ୍ ପାଇଁ ଆପଲ୍ ଆପ୍ ଷ୍ଟୋର୍ ବ୍ୟବହାର କରନ୍ତୁ।

– କୌଣସି ପବ୍ଲିକ୍ ଓ ଫ୍ରି ୱାଇଫାଇରେ କନେକ୍ଟ କରି ହ୍ୱାଟ୍ସଆପ୍ ଆଦୌ ବ୍ୟବହାର କରନ୍ତୁ ନାହିଁ।

### କ'ଣ କୁହନ୍ତି ଏମାନେ...



**ସ୍ୱସ୍ତି ଦୀପନ୍ ଦାଶ** (ଇଞ୍ଜିନିୟରିଂ ଛାତ୍ର, ପୁରୀ)– ହ୍ୱାଟ୍ସଆପ୍‌ରେ ମୋବାଇଲ୍ ଡାଟା ଶେୟାର କରିବା ବେଳେ ଗୋପନୀୟତା ରହୁ ନ ଥିବାରୁ ଏହାକୁ ବ୍ୟବହାର କରିବା ବେଳେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ଆପ୍ ଜରିଆରେ ଆଜିକାଲି ଲୋକେ ଅନ୍‌ଲାଇନ୍ ଠକେଇର ଶିକାର ହେଉଥିବା ଘଟଣା ନଜରକୁ ଆସୁଥିବାରୁ ଏଥିରେ ବ୍ୟାଙ୍କ କିମ୍ବା ଅନ୍ୟ ପର୍ସନାଲ ଡାଟା ଶେୟାର ନ କରିବା ଦିଗରେ ସତର୍କ ରୁହେ।



**ସୋନାଲିନ୍ ସେନାପତି** (କର୍ମଜୀବୀ, ଫୁଲନଖରା, କଟକ)– ବର୍ତ୍ତମାନ ବିଭିନ୍ନ ପ୍ରକାରର ମେସେଞ୍ଜର ଆପ୍ ଉପଲବ୍ଧ ହେଲାଣି। ସେସବୁ ମଧ୍ୟରୁ ବ୍ୟବହାର କରିବା ସବୁଠୁ ସହଜ ହେଉଥିବାରୁ ହ୍ୱାଟ୍ସଆପ୍ ଅଧିକ ଲୋକପ୍ରିୟତା ହାସଲ କରିପାରିଛି। ଏଥିରେ ସିଙ୍ଗଲ୍ ହେଉ କି ଗ୍ରୁପ୍ ଚାଟ୍, କଲ୍, ଭିଡିଓ କଲ୍‌ର ସୁବିଧା ପାଇଁ ପରିବାର, ସାଙ୍ଗସାଥି ଏବଂ ଅଫିସ୍ କାମ ପାଇଁ ସମସ୍ତଙ୍କ ସହ କନେକ୍ଟେଡ୍ ରହି ହେଉଛି। ହେଲେ ଏଥିରେ ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ସନ୍‌ରେ ତ୍ରୁଟି କିମ୍ବା ଅନ୍ୟ କାରଣରୁ ଅନେକେ ଠକାମିର ଶିକାର ହେଉଥିବା ଜାଣି ଭୟ ଲାଗୁଛି। ସତର୍କତା ଦୃଷ୍ଟିରୁ ଯଥାସମ୍ଭବ ପର୍ସନାଲ ଡାଟା ଶେୟାର ନ କରିବା, ଅନ୍‌ନୋନ୍ ନମ୍ବରରୁ ଆସୁଥିବା ମେସେଜ୍ ନ ପଢ଼ିବା କିମ୍ବା ସେଥିରେ ଆସୁଥିବା ଏଣୁତେଣୁ ଲିଙ୍କ୍‌କୁ ଓପନ୍ ନ କରିବା ପ୍ରତି ସଜାଗ ରହୁଛି।

### ଜାଣନ୍ତୁ ଦୁନିଆ

# ପାରାଚ୍ୟୁଟ୍

**ଆକାଶ ଛତା ବା ପାରାଚ୍ୟୁଟ୍ ବିଷୟରେ ସମସ୍ତେ ଶୁଣିଥିବେ। କେହି କେହି ଏଥିରେ ଉଡ଼ିବାର ଆନନ୍ଦ ବି ନେଇଥିବେ। ହେଲେ ଏହା ବିଷୟରେ ଅନେକ ତଥ୍ୟ ରହିଛି, ଯାହା ବିଷୟରେ ହୁଏତ ସମସ୍ତେ ଜାଣି ନ ଥିବେ। ଜାଣନ୍ତୁ ଏହି ସମ୍ପର୍କରେ...**



⏭ ୧୫ଶ ଶତାବ୍ଦୀରେ ଲିଓନାର୍ଡୋ ଦା ଭିନ୍ସି ସର୍ବପ୍ରଥମେ ପାରାଚ୍ୟୁଟ୍ ଉଦ୍ଭାବନ କରିଥିଲେ।

⏭ ଉପରୁ କିଛି ଜିନିଷ ପଡ଼ିଲେ ତାହା ତୁରନ୍ତ ଆସି ଭୂମିରେ ପଡ଼ିଥାଏ, ଯାହା ମାଧ୍ୟାକର୍ଷଣ ଶକ୍ତିର ଉପସ୍ଥିତି ଯୋଗୁ ସମ୍ଭବ ହୋଇଥାଏ। ତେବେ ମାଧ୍ୟାକର୍ଷଣ ଶକ୍ତିକୁ ବାଧା ପହଞ୍ଚାଇ ବା ରୋକି ଅଧିକ ଉଚ୍ଚତାରୁ ଖସି ପଡୁଥିବା ମଣିଷଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବା ଲାଗି ଏହାକୁ ଏପରି ଡିଜାଇନ୍ କରାଯାଇଛି।

⏭ ୧୭୯୭ ମସିହାରେ ପ୍ରଥମଥର ପାଇଁ ଆଣ୍ଡ୍ରେ ଜାକ୍ୱିସ୍ ଗାର୍ନେରିନ୍ ନାମକ ଜଣେ ବ୍ୟକ୍ତି ସଫଳତାର ସହ ଏକ ହଟ୍ ଏୟାର ବେଲୁନ୍ ଉପରୁ କାନ୍‌ଭାସ୍ ପାରାଚ୍ୟୁଟ୍‌କୁ ଜମ୍ପ ମାରିଥିଲେ।

⏭ ଏହାକୁ ସ୍କାଏ ଡାଇଭିଙ୍ଗ୍, ମିଲିଟାରୀ ଅପରେଶନ୍ ଏବଂ ଅନ୍ୟ ଜରୁରିକାଳୀନ ପରିସ୍ଥିତିରେ ବିଭିନ୍ନ କାର୍ଯ୍ୟ ଲାଗି ବ୍ୟବହାର କରାଯାଇଥାଏ।

⏭ ପାରାଚ୍ୟୁଟ୍ ଛତାର ଆକାର ଯେତେ ବଡ଼ ହୋଇଥାଏ ତାହା ସେତେ ସୁରକ୍ଷିତ ଏବଂ ଅଧିକ ଧୀରେ ଧୀରେ ତଳକୁ ଖସିଥାଏ।

⏭ ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ଉଚ୍ଚତାରୁ ପାରାଚ୍ୟୁଟ୍ ଜମ୍ପ କରିବାରେ ଫେଲିକ୍ସ ବୌମ୍‌ଗାର୍ଟନେର୍ ରେକର୍ଡ କରିଛନ୍ତି। ସେ ୨୦୧୨ ମସିହାରେ ଭୂପୃଷ୍ଠରୁ ୨୪ ମାଇଲ ବା ୩୯ କିଲୋମିଟର ଉଚ୍ଚତାରୁ ତଳକୁ ଡେଇଁଥିଲେ।



⏭ ପାରାଚ୍ୟୁଟ୍ ଯୋଗୁ ବର୍ତ୍ତମାନ ସୁଦ୍ଧା ଅନେକ ମୂଲ୍ୟବାନ୍ ଜୀବନ ରକ୍ଷା ହୋଇପାରିଛି। ଏହାକୁ ଉଦ୍ଧାର କାର୍ଯ୍ୟରେ ଅଧିକ ବ୍ୟବହାର କରାଯାଇଥାଏ।

⏭ ମହାକାଶଚାରୀଙ୍କ ସ୍ପେଶ୍ କ୍ରାଫ୍ଟକୁ ପୃଥିବୀରେ ନିରାପଦ ଭାବେ ସଫ୍ଟ ଲ୍ୟାଣ୍ଡିଙ୍ଗ୍ ପାଇଁ ପାରାଚ୍ୟୁଟ୍ ବ୍ୟବହାର କରାଯାଇଥାଏ।

⏭ କେତେକ ଦେଶରେ ପାରାଚ୍ୟୁଟ୍ ଜମ୍ପକୁ ଏକ ରୋମାଞ୍ଚପୂର୍ଣ୍ଣ ଓ ଦୁଃସାହସିକ କ୍ରୀଡ଼ା ଭାବେ ଗ୍ରହଣ କରାଯାଇଥାଏ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ